DHARITRI

ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୪/୨୦୨୧ (୧୬ ପୃଷ୍ଠା) | Sambalpur, Tuesday, August 24/2021 ★★

୧୭ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-



**ହିନାଙ୍କ ଗ୍ୟାଙ୍ଗଷ୍ଟର ଲୁକ୍**

ବଡ ପରଦାରେ ଦର୍ଶକଙ୍କ ନିକଟତର ହେବାକୁ ଯାଉଥିବା ଅଭିନେତ୍ରୀ ହିନା ଖାନ୍ ଗ୍ୟାଙ୍ଗଷ୍ଟର ଲୁକ୍‌ରେ ଏକ ଫଟୋ ଶେୟାର କରିଛନ୍ତି।

୧୪

୧୬

**ବାର୍ଟି ଜିତିଲେ ସିନ୍‌ସିନାଟି ଓପନ ଟେନିସ**

ଅଷ୍ଟ୍ରେଲିଆର ଆଶଲେ ବାର୍ଟି ସିନ୍‌ସିନାଟି ଓପନ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି।





ଦୀର୍ଘ ୪ ମାସର ଅପେକ୍ଷା ପରେ ସୋମବାର ସର୍ବସାଧାରଣ ମହାପ୍ରଭୁଙ୍କ ଦର୍ଶନ ଲଭିଛନ୍ତି।

# ପିଏମ୍‌ଏଫ୍‌ବିୱାଇ ରାଶି ମିଳୁନି

ଭୁବନେଶ୍ୱର,୨୩।୮(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍‌ଏଫ୍‌ବିୱାଇ)ର ସୁଫଳ ରାଜ୍ୟର ଚାଷୀଙ୍କୁ ମିଳୁନାହିଁ। ବୀମା କମ୍ପାନୀଗୁଡ଼ିକ ଚାଷୀଙ୍କ ପ୍ରିମିୟମ ପଇସା ନେଇ ମାଲାମାଲ ହେଉଛନ୍ତି। ବନ୍ୟା, ବାତ୍ୟା, ମରୁଡ଼ିରେ ଚାଷୀଙ୍କ ଫସଲ ଉଜୁଡ଼ିଯାଉଛି। ଏଭଳି ଦୟନୀୟ ସ୍ଥିତିରେ ବୀମା ହିଁ ଚାଷୀଙ୍କ ଏକମାତ୍ର ଭରସା। କିନ୍ତୁ ବୀମା ରାଶି ମିଳୁ ନ ଥିବାରୁ ଚାଷୀଙ୍କ ଆର୍ଥିକ ଅବସ୍ଥା ବେଳକୁ ବେଳ ଦୁର୍ବଳ ହେବାରେ ଲାଗିଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଦେଖା ଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। କରୋନା ମହାମାରୀରେ ଘାଣ୍ଟିଚକଟି ହେଉଥିବା ଚାଷୀ ଫସଲ ବୀମା ନ ପାଇ ହଇରାଣ ହେଉଛନ୍ତି। ଏହି ପ୍ରସଙ୍ଗକୁ ନେଇ ଶାସକ ଦଳ ବିଜେଡି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛି। ବିଜେଡି ଏମ୍‌ପି ସସ୍ମିତ ପାତ୍ର ସୋମବାର ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଚାଷୀଙ୍କୁ ଓଡ଼ିଶା ସରକାର ୩୫୦୦ କୋଟି ଟଙ୍କା ଦେଇଛନ୍ତି। ଚାଷୀଙ୍କ ନ୍ୟାଯ୍ୟ ଦାବି ମିଳୁ ନ ଥିବାରୁ ଆନ୍ଧ୍ର, ବିହାର, ଗୁଜରାଟ, ଝାଡ଼ଖଣ୍ଡ, ତେଲଙ୍ଗାନା ଏବଂ ଛତିଶଗଡ଼ ଏହି ଫସଲ ବୀମା ଯୋଜନାରୁ ଓହରି ଗଲେଣି। ପିଏମ୍‌ଏଫ୍‌ବିୱାଇ ଦାବି ପୂରଣ ନ ହେବାରୁ ଓଡ଼ିଶାର ଅନେକ ଲକ୍ଷ କୃଷକ ଯନ୍ତ୍ରଣା ଭୋଗୁଛନ୍ତି। ପିଏମ୍‌ଏଫ୍‌ବିୱାଇ ଅଧୀନରେ ବୀମା କମ୍ପାନୀଗୁଡ଼ିକ ୧ ହଜାର କୋଟିରୁ ଅଧିକ ଟଙ୍କାର କ୍ଷତିପୂରଣ ଦେଇ ନ ଥିବା ଜଣାପଡ଼ିଛି।

ବିଶେଷ କରି ବରଗଡ଼, ସମ୍ବଲପୁର, ସୋନପୁର, ଦେବଗଡ଼, ବଲାଙ୍ଗୀର, ନୂଆପଡ଼ା ଏବଂ କଳାହାଣ୍ଡି ଜିଲାର ବହୁ କୃଷକ ପିଏମ୍‌ଏଫ୍‌ବିୱାଇ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସମଗ୍ର ଭାରତରେ ୫ ବର୍ଷ ମଧ୍ୟରେ ଫସଲ ବୀମା ପ୍ରିମିୟମ ବାବଦରେ ୧.୨୬ ଲକ୍ଷ କୋଟି ଟଙ୍କା ଦିଆଯାଇଥିବା ବେଳେ କ୍ଷତିପୂରଣ ବାବଦରେ ମାତ୍ର ୮୭,୩୨୦ କୋଟି ଟଙ୍କା ମିଳିଛି। ବୀମା କମ୍ପାନୀଗୁଡ଼ିକ ପିଏମ୍‌ଏଫ୍‌ବିୱାଇରେ ୪୦,୦୦୦ କୋଟି ଟଙ୍କା ରୋଜଗାର କରିଛନ୍ତି। ଓଡ଼ିଶାରେ ରାଜ୍ୟ ସରକାର ଏ ପର୍ଯ୍ୟନ୍ତ ପ୍ରିମିୟମ ବାବଦରେ ୩୨୫୦.୪୮ କୋଟି ଏବଂ ଓଡ଼ିଶାର କୃଷକମାନେ ୧୦୦୯.୮୪ କୋଟି ଟଙ୍କା ବୀମା କମ୍ପାନୀଗୁଡ଼ିକରେ ପଇଠ କରିଛନ୍ତି। କେନ୍ଦ୍ରର ଅଂଶ ଯୋଗ କଲେ ୨୦୨୧ ଖରିଫ ☞ପୃଷ୍ଠା–୪

**ବୀମା ପାଇଁ ଅଂଶଧନ ଓ କମ୍ପାନୀ କରିଥିବା ଲାଭ**

- ସମୁଦାୟ କୃଷକଙ୍କ ଅଂଶଧନ - ୧୦୦୯.୮୪ କୋଟି ଟଙ୍କା
- ମୋଟ ରାଜ୍ୟ ଅଂଶଧନ - ୩୨୫୦.୪୮ କୋଟି
- ମୋଟ କେନ୍ଦ୍ର ଅଂଶଧନ - ୩୨୫୦.୪୮ କୋଟି
- ମୋଟ ପ୍ରିମିୟମ୍ ପଇଠ - ୭୫୧୦.୮ କୋଟି
- ମୋଟ ବୀମା ଅର୍ଥ ପ୍ରଦାନ - ୫୦୯୮.୭୪ କୋଟି ( ୨୦୨୦ଖରିଫ ପର୍ଯ୍ୟନ୍ତ)
- ମୋଟ ପ୍ରିମିୟମ୍ ପଇଠ - ୬୧୬୩.୨୮ କୋଟି (୨୦୨୦ ଖରିଫ ପର୍ଯ୍ୟନ୍ତ)
- ବୀମା କମ୍ପାନୀଗୁଡ଼ିକ କରିଥିବା ମୋଟ ଲାଭର ପରିମାଣ -୧୦୬୪.୬୪ କୋଟି ଟଙ୍କା (ମୋଟ ପ୍ରିମିୟମ୍ ଅର୍ଥ ପଇଠ ୧୭.୨୭%)

**ପ୍ରିମିୟମ ଭରୁଛନ୍ତି ଚାଷୀ, ଫାଇଦା ଉଠାଉଛନ୍ତି କମ୍ପାନୀ: ବିଜେଡି**

**ପାଣି ଦେଇପାରିଲେନି ବୋଲି ବୀମା ଆବଶ୍ୟକତା ପଡ଼ିଲା: ଭାଜପା**

SCHOOL OF AGRICULTURE www.giet.edu
GIET UNIVERSITY, GUNUPUR



ADMISSION ENTRANCE
B.Sc. (Hons.) Ag.

Applications are invited from +2 Sc. passout students with PCB or PCM having 50% marks in aggregate including extra optional. The courses are being offered under active support of ex-stalwarts of OUAT, Bhubaneswar & ICAR, New Delhi. 70 acres of farm land is being utilized for practical purpose. Merit list shall be prepared based on marks of 10th, +2 Sc., and entrance examination, to be conducted as per the following program. All steps shall be online. Physical classes will commence after Govt. Permits.

Apply at : https://admission.giet.edu/register

| | |
|---|---|
| LAST DATE FOR APPLICATION | : 25-08-2021 |
| DATES OF EXAMINATION | : 29/30/31-08-2021 |
| PUBLICATION OF RANKS IN www.giet.edu | : 02-09-2021 |
| ADMISSION | : 4th to 9th-09-2021 |
| COMMENCEMENT OF CLASSES | : 11-09-2021 |

PARENTS, STUDENTS & PROFESSORS SPEAK THAT AFTER OUAT
GIETU IS BEST FOR Agril. STUDIES
7978190906
8118053001, 8118009999







| TO KNOW ON GIETU PLACEMENT WATCH TV TODAY | New 7 - 08.45 AM<br>News 18 - 11.45 AM | Zee Odisha - 02.30 PM<br>Nandighosh - 02.30 PM | Kanak TV - 03.30 PM<br>Prathana - 03.45 PM |
|---|---|---|---|

## ଆଜିଠାରୁ ଟୋକିଓ ପାରାଲିମ୍ପିକ୍ସ

**ଟୋକିଓ, ୨୩।୮:** କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସର ସଫଳ ଆୟୋଜନ ପରେ ମଙ୍ଗଳବାରଠାରୁ ଟୋକିଓରେ ଆରମ୍ଭ ହେବାକୁ ଯାଉଛି ପାରାଲିମ୍ପିକ୍ କ୍ରୀଡ଼ାର ୧୬ତମ ସଂସ୍କରଣ। ଅନ୍ତର୍ଜାତୀୟ ପାରାଲିମ୍ପିକ୍ କମିଟି ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୬୩ଟି ଦେଶର ୪୫୩୭ ପ୍ରତିଯୋଗୀ ଭାଗନେବେ। ୨୨ଟି କ୍ରୀଡ଼ାର ୫୪୦ଟି ଇଭେଣ୍ଟ ଏହି ସଂସ୍କରଣରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ୨୦୨୦ ଅଗଷ୍ଟ ୨୫ରୁ ସେପ୍ଟେମ୍ବର ୬ ପର୍ଯ୍ୟନ୍ତ ହେବାର ଥିଲା। ମାତ୍ର କୋଭିଡ୍-୧୯ ମହାମାରୀ ଯୋଗୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଅଲିମ୍ପିକ୍ସ ପରି ପାରାଲିମ୍ପିକ୍ସର ☞ପୃଷ୍ଠା–୪

## ଆସେଟ୍ ମନିଟାଇଜେଶନ ପ୍ଲାନ୍ ଘୋଷଣା

### ୨୦୨୫ ସୁଦ୍ଧା ୬ ଲକ୍ଷ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ

**ନୂଆଦିଲ୍ଲୀ,୨୩।୮:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୪ ବର୍ଷିଆ ଆସେଟ୍ ମନିଟାଇଜେଶନ ପ୍ଲାନ୍ ସମ୍ପର୍କରେ ସୋମବାର ଘୋଷଣା କରିଛନ୍ତି। ନ୍ୟାଶନାଲ ମନିଟାଇଜେଶନ ପାଇପଲାଇନ(ଏନ୍‌ଏମ୍‌ପି) ଅଧୀନରେ ୨୦୨୫ ସୁଦ୍ଧା ୬ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିବାକୁ ସରକାର ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି। ଚଳିତ ବର୍ଷ ଫେବ୍ରୁୟାରୀରେ ଆସିଥିବା ବଜେଟରେ ଏ ସମ୍ପର୍କରେ ସୀତାରାମନ ଉଲ୍ଲେଖ କରିଥିଲେ। ରାଷ୍ଟ୍ରାୟତ୍ତ ସମ୍ପତ୍ତି ବିକ୍ରି ଯୋଜନାରେ ଏହା ମଧ୍ୟବର୍ତ୍ତିକାଳୀନ ରୋଡ୍‌ମ୍ୟାପ ଭାବେ କାର୍ଯ୍ୟ କରିବ ବୋଲି କୁହାଯାଉଛି। ୨୦୨୨-୨୫ ମଧ୍ୟରେ ସରକାରଙ୍କ ବ୍ରାଉନ୍‌ଫିଲ୍ଡ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ମେଧାବୀ ଅପରାଧୀ

# ମହାପ୍ରଭୁଙ୍କ ଦର୍ଶନରେ ଭକ୍ତ ବିଭୋର

ପୁରୀ ଅଫିସ,୨୩।୮

ଦୀର୍ଘଦିନ ଧରି ଅପେକ୍ଷାରେ ଥିବା ରାଜ୍ୟ ତଥା ରାଜ୍ୟ ବାହାରର ଶ୍ରଦ୍ଧାଳୁଙ୍କ ପାଇଁ ସୋମବାର ଶ୍ରୀମନ୍ଦିର ଦ୍ୱାର ଖୋଲିଛି। ମହାପ୍ରଭୁଙ୍କ ଦର୍ଶନ ସର୍ବସାଧାରଣଙ୍କ ପାଇଁ ଆରମ୍ଭ ହେବା ପରେ ଖୁସି, ଆନନ୍ଦ ଓ ଉଲ୍ଲାସର ସହ ଚାହିଁ ରହିଥିବା ରାଜ୍ୟ ତଥା ରାଜ୍ୟ ବାହାରୁ ଶ୍ରଦ୍ଧାଳୁମାନେ ଶ୍ରୀକ୍ଷେତ୍ରକୁ ଦୌଡ଼ି ଆସିଛନ୍ତି। ପ୍ରାୟ ୪ ମାସର ବ୍ୟବଧାନ ପରେ ସାଧାରଣ ଦର୍ଶନ ମିଳୁଥିବା ହେତୁ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଗହଳି ଜୋର ଧରିଥିବା ଦେଖିବାକୁ ମିଳିଥିଲା। ସକାଳ ୬ଟା ୪୫ରେ ମଙ୍ଗଳ ଆଳତି ନୀତି ସମ୍ପାଦନ ହେବାଠାରୁ ହିଁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରେ ପ୍ରବେଶ କରିବା ଆରମ୍ଭ କରିଥିଲେ। ଶ୍ରୀକୃଷ୍ଣ ସିନେମା ହଲ୍‌ଛକଠାରୁ ବ୍ୟାରିକେଡିଂ ବ୍ୟବସ୍ଥା ମାଧ୍ୟମରେ ଶ୍ରଦ୍ଧାଳୁମାନେ ୫ଟି ଧାଡ଼ିରେ ପ୍ରବେଶ କରି କିଓସ୍କୋ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରେ ଶ୍ରଦ୍ଧାଳୁମାନଙ୍କ ଫଟୋ ☞ପୃଷ୍ଠା–୪

**ସର୍ବସାଧାରଣ ଦର୍ଶନ ଆରମ୍ଭ**

- ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କଲେ କ୍ରିଷନ କୁମାର
- ମହାପ୍ରସାଦ ନେଇ ଫେରିଲେ ଭକ୍ତ

# ୩୦୦ ଆତଙ୍କବାଦୀ ନିହତ

**ପଞ୍ଜଶିର ସପକ୍ଷବାଦୀ–ତାଲିବାନ୍ ସଂଘର୍ଷ**

କାବୁଲ, ୨୩।୮

ବିଦ୍ରୋହୀଙ୍କ କବଳରେ ଥିବା ଆଫଗାନିସ୍ତାନର ପଞ୍ଜଶିର ଉପତ୍ୟକାକୁ ଦଖଲ କରିବା ଲାଗି ତାଲିବାନ ଆତଙ୍କବାଦୀମାନେ ସୋମବାର ଆକ୍ରମଣ ଆରମ୍ଭ କରିଛନ୍ତି। ବାଗ୍‌ଲାନ ପ୍ରଦେଶର ଅନ୍ଦରବ୍ ଅଞ୍ଚଳରେ ସେମାନେ ପ୍ରବେଶ କରିବା ପରେ ତାଲିବାନ ବିଦ୍ରୋହୀ ନେତା ଅହମଦ ମାସୁଦଙ୍କ ବାହିନୀ ଏବଂ ଆତଙ୍କବାଦୀଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହୋଇଛି। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ତାଲିବାନ ଆତଙ୍କବାଦୀ ନିହତ ହୋଇଥିବା ମାସୁଦ୍ ଦାବି କରିଛନ୍ତି। ଆତଙ୍କବାଦୀ ସଂଗଠନ ସହ ସେ ଉଭୟ ଆଲୋଚନା ଓ ଯୁଦ୍ଧ ପାଇଁ ପ୍ରସ୍ତୁତ। ସମାଧାନର ଏକମାତ୍ର ବାଟ ଆଲୋଚନା। ଏହା ତାଲିବାନ୍‌ଙ୍କୁ ଜଣାଇଦେବାକୁ ଚାହୁଁ ବୋଲି ପଞ୍ଜଶିର ସିଂହ ଭାବେ ଜଣାଶୁଣା ଅହମଦ ଶାହା ମାସୁଦ୍‌ଙ୍କ ପୁଅ ଅହମଦ ମାସୁଦ କହିଛନ୍ତି।

ଅନ୍ୟପକ୍ଷରେ ପଞ୍ଜଶିର ସପକ୍ଷବାଦୀ ବାହିନୀ ଦଖଲ କରିଥିବା ୩ଟି ଜିଲାକୁ ତାଲିବାନ ଆତଙ୍କବାଦୀ ଫେରାଇ ଆଣିଥିବା ଦାବି କରିଛନ୍ତି। ଗତ ସପ୍ତାହରେ ସ୍ଥାନୀୟ ମିଲିସିଆ ଗୋଷ୍ଠୀ ବାଗଲାନ ପ୍ରଦେଶର ବାନୋ, ଡେହ ସାଲେହ ଏବଂ ପୁଲ୍ ଇ–ହେସାର ଜିଲାକୁ କବ୍‌ଜା କରିଥିଲେ। ସୋମବାର କାବୁଲରେ ଅଜଣା ବନ୍ଧୁକଧାରୀଙ୍କ ଆକ୍ରମଣରେ ଜଣେ ଆଫଗାନ ସୁରକ୍ଷା କର୍ମୀ ନିହତ ହେବା ସହ ଅନ୍ୟ ୩ ଜଣ ଆହତ ହୋଇଛନ୍ତି।

**୩ ଜିଲାକୁ ଫେରାଇ ନେଇଥିବା ତାଲିବାନ୍‌ର ଦାବି**

# ଶିଶୁଙ୍କ ପାଇଁ ବିପଦ ତୃତୀୟ ଲହର

ନୂଆଦିଲ୍ଲୀ, ୨୩।୮

କରୋନା ମହାମାରୀର ତୃତୀୟ ଲହର ନିଶ୍ଚିତ ଏବଂ ଅକ୍ଟୋବର ବେଳକୁ ଏହା ଶୀର୍ଷ ଛୁଇଁପାରେ ବୋଲି ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା (ଏନ୍‌ଆଇଡିଏମ୍) ଅଧୀନରେ ଗଠିତ ବିଶେଷଜ୍ଞ କମିଟି ସତର୍କ କରାଇଦେଇଛି। ତୃତୀୟ ଲହରରେ ବୟସ୍କଙ୍କ ସମେତ ପିଲାମାନେ ଅଧିକ ସଂକ୍ରମିତ ହେବା ସମ୍ଭାବନା ଥିବାରୁ ଏଥିପାଇଁ ଉପଯୁକ୍ତ ମେଡିକାଲ ପ୍ରସ୍ତୁତି କରିବାକୁ କମିଟି ପରାମର୍ଶ ଦେଇଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ନିର୍ଦ୍ଦେଶରେ ଗଠିତ ଉକ୍ତ କମିଟି ଶିଶୁରୋଗ ବିଭାଗରେ ଡାକ୍ତର, କର୍ମଚାରୀ, ଭେଣ୍ଟିଲେଟର, ଆମ୍ବୁଲାନ୍ସ ଇତ୍ୟାଦି ପ୍ରସ୍ତୁତ କରି ରଖିବାକୁ କହିଛି। କମିଟି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ରିପୋର୍ଟ ଦାଖଲ କରିଛି। ଶିଶୁ, ବିଭିନ୍ନ ରୋଗ ଥିବା ବ୍ୟକ୍ତି ଏବଂ ଭିନ୍ନକ୍ଷମଙ୍କୁ ଟିକାଦାନରେ ପ୍ରାଥମିକତା ଦେବା ଲାଗି ରିପୋର୍ଟରେ କୁହାଯାଇଛି। ଶିଶୁମାନଙ୍କୁ କୋଭିଡ୍ ଟିକା ଦିଆଯାଇ ନ ଥିବାରୁ ସେମାନଙ୍କ ପ୍ରତି ତୃତୀୟ ଲହର ଅଧିକ ବିପଦ ଆଣିପାରେ ବୋଲି ଅଧିକାଂଶ ☞ପୃଷ୍ଠା–୪

**ଅକ୍ଟୋବରରେ ଶୀର୍ଷ ଛୁଇଁବ**

ପିଏମ୍‌ଓକୁ ଅବଗତ କରାଇଲା ବିଶେଷଜ୍ଞ କମିଟି



## ଆମେ ପ୍ରସ୍ତୁତ: ଡିଏମ୍‌ଇଟି

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ବାଜିଲା ତୃତୀୟ ଲହରର ସତର୍କଘଣ୍ଟି। ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ କରୋନାର ତୃତୀୟ ଲହର ଆସିବ ଓ ପିକ୍‌ରେ ପହଞ୍ଚିବ ବୋଲି ଆକଳନ କରିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ। ସୋମବାର ଏ ସମ୍ପର୍କରେ ସୂଚନା ଦେଇ ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି, ଯଦି ତୃତୀୟ ଲହର ଆସେ, ଏଥିରେ ପିଲାମାନେ ଅଧିକ ପ୍ରଭାବିତ ହେବେ। ପିକ୍ ସମୟରେ ଦେଶରେ ଦୈନିକ ସଂକ୍ରମଣ ୪ ଲକ୍ଷ ଛୁଇଁପାରେ। ଓଡ଼ିଶାରେ ମଧ୍ୟ ଦୈନିକ ୧୪ ହଜାର ସଂକ୍ରମିତ ଚିହ୍ନଟ ☞ପୃଷ୍ଠା–୪

**ଫାଇଜର ଟିକାକୁ ପୂର୍ଣ୍ଣ ଅନୁମୋଦନ**

ଫାଇଜର-ବାୟୋଏନ୍‌ଟେକ୍ ପ୍ରସ୍ତୁତ କୋଭିଡ୍ ଟିକାକୁ ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ (ଏଫ୍‌ଡିଏ) ପୂର୍ଣ୍ଣ ଅନୁମୋଦନ ପ୍ରଦାନ କରିଛି। ପୂର୍ଣ୍ଣ ଅନୁମୋଦନ ପାଇବାରେ ଏହା ପ୍ରଥମ କୋଭିଡ୍ ଟିକା। କୋମିରନାଟି ନାମରେ ଏହି ଟିକାକୁ ୧୬ ବର୍ଷରୁ ଊର୍ଦ୍ଧ୍ୱଙ୍କୁ କୋଭିଡ୍-୧୯ ପ୍ରତିକାର ଲାଗି ବିକ୍ରି କରାଯିବ। ଏହା ବ୍ୟତୀତ ଜରୁରୀ ବ୍ୟବହାର ପ୍ରାଧିକାର (ଇୟୁଏ)ରେ ମଧ୍ୟ ଟିକା ଉପଲବ୍ଧ ହେବ।

## ସଂକ୍ଷେପରେ

### ‘ସେନା ପ୍ରତ୍ୟାହାର ବିଳମ୍ବର ପରିଣତି ଭୟଙ୍କର ହେବ’

**କାବୁଲ, ୨୩।୮:** ଅଗଷ୍ଟ ୩୧ ସୁଦ୍ଧା ସୈନ୍ୟ ପ୍ରତ୍ୟାହାର ସମ୍ପୂର୍ଣ୍ଣ କରିବାକୁ ଆମେରିକା ସମୟସୀମା ଧାର୍ଯ୍ୟ କରିଥିଲାବେଳେ ଏହାକୁ ବଢ଼ାଇବାକୁ ତାଲିବାନ୍ ରାଜି ନୁହେଁ। ସୈନ୍ୟ ପ୍ରତ୍ୟାହାରରେ ବିଳମ୍ବର ପରିଣତି ଭୟାବହ ହେବ ବୋଲି ତାଲିବାନ ମୁଖପାତ୍ର ସୁହେଲ ଶାହିନ କହିଛନ୍ତି। ସମୟସୀମା ବଢ଼ାଇବା ପାଇଁ ସେମାନଙ୍କୁ ଅନୁମତି ମିଳିବ ନାହିଁ। ଧାର୍ଯ୍ୟ ସମୟ ପରେ ଯଦି ଆଫଗାନିସ୍ତାନରେ ଆମେରିକା ଓ ବ୍ରିଟେନ ସୈନ୍ୟ ରହନ୍ତି, ତେବେ ସେମାନଙ୍କୁ ପରିଣତି ଭୋଗିବାକୁ ପଡ଼ିବ ବୋଲି ସୁହେଲ ଚେତାବନୀ ଦେଇଛନ୍ତି।

### କେନ୍ଦ୍ରମନ୍ତ୍ରୀ ପଶୁପତିଙ୍କ ଉପରକୁ କାଳିମାଡ଼



**ପାଟନା, ୨୩।୮:** କେନ୍ଦ୍ର ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବା ପରେ ପ୍ରଥମ ଥର ପାଇଁ ନିଜ ଲୋକ ସଭା ନିର୍ବାଚନମଣ୍ଡଳୀ ବିହାରର ହାଜିପୁର ଗସ୍ତ କରିଥିବା ପଶୁପତି ପାରସଙ୍କ ଉପରକୁ ସୋମବାର କାଳିମାଡ଼ ହୋଇଛି। ଲୋକ ଜନଶକ୍ତି ପାର୍ଟି(ଏଲ୍‌ଜେପି) ଏମ୍‌ପି ପଶୁପତିଙ୍କ କନ୍‌ଭୋ ହାଜିପୁରରେ ପହଞ୍ଚିବା ପରେ ପୁତୁରା ଚିରାଗ ପାଶୱାନଙ୍କ ଜଣେ ମହିଳା ସମର୍ଥକ ତାଙ୍କ ଉପରକୁ କାଳି ଫିଙ୍ଗିଥିଲେ। ପରେ ପଶୁପତି ତାଙ୍କ ପୋଷାକ ବଦଳାଇଥିଲେ। ଗତ ଜୁଲାଇ ୮ରେ ପଶୁପତିଙ୍କୁ ଖାଦ୍ୟ ପ୍ରକ୍ରିୟାକରଣ ବିଭାଗର କ୍ୟାବିନେଟ ମନ୍ତ୍ରୀ କରାଯାଇଥିଲା। ଏଲ୍‌ଜେପି ମୁଖ୍ୟ ରାମ ବିଳାସ ପାଶୱାନଙ୍କ ମୃତ୍ୟୁ ପରେ ତାଙ୍କ ପୁଅ ଚିରାଗ ଓ ଭାଇ ପଶୁପତିଙ୍କ ମଧ୍ୟରେ ବିବାଦ ଦେଖାଦେଇଥିଲା। ପରେ ଏଲ୍‌ଜେପିର ଅନ୍ୟ ଏମ୍‌ପିମାନେ ପଶୁପତିଙ୍କୁ ସମର୍ଥନ ଦେଇ ତାଙ୍କୁ ଦଳର ଅଧକ୍ଷ ଘୋଷଣା କରିଥିଲେ।

### ୫ ମହିଳାଙ୍କୁ ପ୍ରଥମ କରି କର୍ଣ୍ଣେଲ୍ ର୍ୟାଙ୍କ୍

**ନୂଆଦିଲ୍ଲୀ, ୨୩।୮:** ଭାରତୀୟ ପ୍ରତିରକ୍ଷା ସେବାରେ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା ଦିଗରେ ସେନା ପକ୍ଷରୁ ପଦକ୍ଷେପ ନିଆଯାଉଛି। ପ୍ରଥମ କରି ୫ ମହିଳା ଅଧିକାରୀଙ୍କୁ ଭାରତୀୟ ସେନାର ଏକ ଚୟନ ବୋର୍ଡ କର୍ଣ୍ଣେଲ (ଟାଇମ୍ ସ୍କେଲ) ପଦବୀକୁ ପଦୋନ୍ନତି ଦେଇଛି। କର୍ପସ ଅଫ୍ ସିଗନାଲ୍, କର୍ପସ୍ ଅଫ୍ ଇଲେକ୍ଟ୍ରୋନିକ୍ ଏବଂ ମେକାନିକାଲ୍ ଇଞ୍ଜିନିୟର୍ସ (ଇଏମ୍‌ଇ) ଏବଂ କର୍ପସ୍ ଅଫ୍ ଇଞ୍ଜିନିୟର୍ସରେ କାର୍ଯ୍ୟ କରୁଥିବା ମହିଳା ଅଧିକାରୀଙ୍କ ଏହି ପଦୋନ୍ନତି ହୋଇଛି। ଏହି ର୍ୟାଙ୍କ୍ ପାଇଁ ଯୋଗ୍ୟ ହୋଇଥିବା ଅଧିକାରୀମାନେ ହେଲେ ଲ୍ୟୁଟ୍‌ନାଣ୍ଟ କର୍ଣ୍ଣେଲ ସଙ୍ଗୀତା ସର୍ଦାନା, ସୋନିଆ ଆନନ୍ଦ, ନଭନୀତ୍ ଦୁଗ୍ଗଲ, ରେଣୁ ଖାନ୍ନା ଏବଂ ରିଚା ସାଗର। ୧୬ ବର୍ଷର ସେବା ସମାପ୍ତ ପରେ କର୍ଣ୍ଣେଲ ର୍ୟାଙ୍କ୍ ପାଇଁ ପ୍ରଥମ ଚୟନ ପ୍ରକ୍ରିୟା ହୋଇଥାଏ। ଯେଉଁମାନେ ଏଥିରୁ ବାଦ୍ ପଡ଼ିଥାନ୍ତି ସେମାନଙ୍କୁ ୨୬ ବର୍ଷ କାର୍ଯ୍ୟକାଳ ପରେ ପଦୋନ୍ନତି ମିଳିଥାଏ। ସେନାରେ ସ୍ଥାୟୀ କମିଶନ ପରେ ମହିଳା କର୍ଣ୍ଣେଲ (ଟାଇମ୍ ସ୍କେଲ) ର୍ୟାଙ୍କ୍ ପାଇଁ ଯୋଗ୍ୟ ହେଉଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶ ପରେ ଏକ ସ୍ୱତନ୍ତ୍ର ବୋର୍ଡ ଦ୍ୱାରା ସ୍ଥାୟୀ କମିଶନ ପାଇଁ ୬୧୫ ମହିଳାଙ୍କ ମଧ୍ୟରୁ ୪୨୪ ଜଣଙ୍କୁ ବିଚାରକୁ ନିଆଯାଇଥିଲା।



## ଦେଶ ଛାଡ଼ିଲେ ପପ୍ ଷ୍ଟାର୍

ଆତଙ୍କିତ ରାତିର ସ୍ମୃତି ନେଇ ଆଫଗାନିସ୍ତାନ ମାଟି ଛାଡ଼ିଛନ୍ତି ସେଠାକାର ବେଶ୍ ଜଣାଶୁଣା ଲେଡି ପପ୍‌ଷ୍ଟାର ଆର୍ଯ୍ୟାନା ସଇଦ୍। ତାଲିବାନ୍ କାବୁଲ ଦଖଲ କରିବା ପରେ ସେ ଜୀବିତ ଏବଂ ସୁସ୍ଥ ଥିବା ନେଇ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ତାଙ୍କ ୧୩ ଲକ୍ଷ ଫଲୋଅର୍ସଙ୍କୁ ସୂଚନା ଦେଇଛନ୍ତି। ଆମେରିକାର କାର୍‌ଗୋ ଜେଟ୍‌ରେ ସେ ଦେଶରୁ ପଳାଇଆସିଥିବା ନିକଟରେ ଆଫଗାନିସ୍ତାନ ଟେଲିଭିଜନରେ ଏକ ସଙ୍ଗୀତ କାର୍ଯ୍ୟକ୍ରମର ଜଜ୍ ହୋଇଥିବା ୩୬ ବର୍ଷୀୟା ସଇଦ୍ କହିଛନ୍ତି। ୨୦୧୫ରେ ସେ ତାଲିବାନୀ ନିୟମ ଭାଙ୍ଗି ଜଣେ ମହିଳା ଭାବେ ବୁର୍ଖା ନ ପିନ୍ଧି ଏକ ଷ୍ଟାଡିୟମରେ ସଙ୍ଗୀତ ପରିବେଷଣ କରିଥିଲେ। ଏବେ ତାହା ଏକ ସ୍ୱପ୍ନରେ ପରିଣତ ହୋଇଛି। ଏବେ ସେ ତୁର୍କୀରେ ତାଙ୍କ ସ୍ୱାମୀ ହାସିବ୍ ସଇଦ୍‌ଙ୍କ ସହ ଅଛନ୍ତି।

## ମହେଶ ମଞ୍ଜରେକରଙ୍କୁ କ୍ୟାନ୍ସର

ଅଭିନେତା ତଥା ଫିଲ୍ମ ନିର୍ମାତା ମହେଶ ମଞ୍ଜରେକର କ୍ୟାନ୍ସରରେ ପୀଡ଼ିତ ଅଛନ୍ତି। ୟୁରିନାରୀ ବ୍ଲାଡର ବା ମୂତ୍ରାଶୟ କ୍ୟାନ୍‌ସରରେ ଆକ୍ରାନ୍ତ ହେବା ପରେ ଗତ ସପ୍ତାହରେ ଏଚ୍ ଏନ୍ ରିଲାଏନ୍ସ ହସ୍ପିଟାଲରେ ତାଙ୍କର ଅସ୍ତ୍ରୋପଚାର କରାଯାଇଛି। ସେ ଏବେ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହୋଇଥିବା ରିପୋର୍ଟରୁ ଜଣାପଡ଼ିଛି। ସେ ଖୁବ୍‌ଶୀଘ୍ର ସୁସ୍ଥ ହୋଇଯିବେ ବୋଲି ଗଣମାଧ୍ୟମକୁ କହିଛନ୍ତି। ୧୯୯୯ ଡ୍ରାମା ‘ବାସ୍ତବ: ଦି ରିୟଲିଟି’, ଜାତୀୟ ପୁରସ୍କାର ପ୍ରାପ୍ତ ଫିଲ୍ମ ୨୦୦୦ ମସିହାର ‘ଅସ୍ତିତ୍ୱ’, ଅମିତାଭ ବଚ୍ଚନ ଅଭିନୀତ ‘ବିରୁଦ୍ଧ.. ଫ୍ୟାମିଲି କମ୍‌ସ ଫାଷ୍ଟ’ ଭଳି ଫିଲ୍ମର ସେ ନିର୍ଦ୍ଦେଶନା ଦେଇଛନ୍ତି। ଆଗକୁ ରିଲିଜ୍ ହେବାକୁ ଥିବା ସଲ୍‌ମାନ ଖାନ୍‌ଙ୍କ ଅଭିନୀତ ‘ଅନ୍ତିମ: ଦି ଫାଇନାଲ ଟ୍ରୁଥ୍’ ଚଳଚ୍ଚିତ୍ରର ମଧ୍ୟ ସେ ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଛନ୍ତି।



**ଆଫଗାନ୍ ସଙ୍କଟ**

# ୨୬ରେ ସର୍ବଦଳୀୟ ବୈଠକ

**ନୂଆଦିଲ୍ଲୀ, ୨୩।୮ (ପି.ଟି.)**

ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ଆଲୋଚନା ପାଇଁ କେନ୍ଦ୍ର ସରକାର ୨୬ ତାରିଖରେ ସର୍ବଦଳୀୟ ବୈଠକ ଡାକିଛନ୍ତି। ତାଲିବାନ୍ ନିୟନ୍ତ୍ରଣକୁ ଯାଇଥିବା ଆଫଗାନିସ୍ତାନର ସ୍ଥିତି ସମ୍ପର୍କରେ ପାର୍ଲାମେଣ୍ଟରେ ସବୁ ରାଜନୈତିକ ଦଳର ନେତାଙ୍କୁ ଅବଗତ କରାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବହିର୍ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏନେଇ ଗୃହର ନେତାମାନଙ୍କୁ ଜଣାଇବେ। ଗୁରୁବାର ପୂର୍ବାହ୍ନ ୧୧ଟାରେ ପାର୍ଲାମେଣ୍ଟ ଭବନ ଆନେକ୍ସରେ ଏହି ବୈଠକ ବସିବ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ କହିଛନ୍ତି। ଏଥିପାଇଁ ନେତାମାନଙ୍କୁ ଇ-ମେଲ୍ ଯୋଗେ ଆମନ୍ତ୍ରଣ କରାଯାଇଛି।

ମୁଖ୍ୟତଃ ଆଫଗାନିସ୍ତାନରୁ ଭାରତୀୟଙ୍କୁ ଫେରାଇ ଆଣିବା ପାଇଁ ସରକାରଙ୍କ ମିଶନ ଏବଂ ସେଠାର ସ୍ଥିତି ସମ୍ପର୍କରେ ନେତାମାନଙ୍କୁ ଅବଗତ କରାଯିବ ବୋଲି ଆଶା କରାଯାଉଛି। ଆଫଗାନିସ୍ତାନରୁ ଆମେରିକା ସୈନ୍ୟ ପ୍ରତ୍ୟାହାର ପରେ ତାଲିବାନ୍‌ମାନେ ମାତ୍ର ଅଳ୍ପ କିଛିଦିନ ମଧ୍ୟରେ ଦେଶର ରାଜଧାନୀ କାବୁଲ ସମେତ ସମସ୍ତ ମୁଖ୍ୟ ସହର ଓ ମହାନଗରୀକୁ ଦଖଲ କରିନେଇଥିଲେ। ଅଗଷ୍ଟ ୧୫ରେ

### ସ୍ଥିତି ସମ୍ପର୍କରେ ରାଜନେତାଙ୍କୁ ଅବଗତ କରାଇବେ ଜୟଶଙ୍କର

ତାଲିବାନ କାବୁଲ ଦଖଲ କରିଥିଲା। ସେଠାରେ ଭୟ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ଭାରତ ୭୩୦ ଜଣଙ୍କୁ ଫେରାଇ ଆଣିଲାଣି। ସେମାନଙ୍କ ମଧ୍ୟରେ ଆଫଗାନ ଶିଖ୍ ଏବଂ ହିନ୍ଦୁ ଅଛନ୍ତି। ରବିବାର ୩୯୨ ଜଣଙ୍କୁ ଅଣାଯାଇଥିବାବେଳେ ସୋମବାର କାତାର ରାଜଧାନୀ ଦୋହାରୁ ୪ଟି ବିମାନରେ ୧୪୬ ଭାରତୀୟ ଫେରିଛନ୍ତି। ନାଟୋ ଏବଂ ଆମେରିକା ବିମାନ ସେମାନଙ୍କୁ କାବୁଲରୁ ଦୋହା ନେଇଯାଇଥିଲା। ସେମାନଙ୍କ ମଧ୍ୟରୁ ୨ ଜଣଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହେବା ପରେ ସେମାନଙ୍କୁ ଦିଲ୍ଲୀର ଲୋକନାୟକ ଜୟପ୍ରକାଶ ନାରାୟଣ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ବାୟୁସେନା ବିମାନରେ କାବୁଲରୁ ୪୬ ଆଫଗାନ୍ ଶିଖ୍ ଏବଂ ହିନ୍ଦୁଙ୍କ ସମେତ ୭୫ ଜଣଙ୍କୁ ଅଣାଯାଇଛି। ଉକ୍ତ ବିମାନରେ ଶିଖ୍ ଧର୍ମଗ୍ରନ୍ଥ ଗୁରୁଗ୍ରନ୍ଥ ସାହିବ୍‌ର ୩ଟି ପୁସ୍ତକ ଦିଲ୍ଲୀ ଆସିଛି। ଏବେ ମଧ୍ୟ ଆଫଗାନିସ୍ତାନରେ ୨୦୦ରୁ ଊର୍ଦ୍ଧ୍ୱ ଶିଖ୍ ଓ ହିନ୍ଦୁ ଅଟକି ରହିଥିବା ଇଣ୍ଡିଆନ ୱାର୍ଲ୍ଡ ଫୋରମ ସଭାପତି ପୁନିତ୍ ସିଂ ଚନ୍ଦଲୋକ କହିଛନ୍ତି।

## ଆଫଗାନ୍ ମହିଳାଙ୍କ ସୁରକ୍ଷା ଦାବିରେ ବିକ୍ଷୋଭ




**ନୂଆଦିଲ୍ଲୀ, ୨୩।୮**

ଆଫଗାନିସ୍ତାନ ତାଲିବାନ୍ ନିୟନ୍ତ୍ରଣକୁ ଯିବା ପରେ ସେଠାରେ ମହିଳାମାନଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି। ସେମାନଙ୍କ ସୁରକ୍ଷା ଦାବିରେ ଦିଲ୍ଲୀର ମଣ୍ଡି ହାଉସ୍ ଅଞ୍ଚଳରେ ସୋମବାର ସନ୍ଧ୍ୟାରେ ଶତାଧିକ ମହିଳା ଓ ଛାତ୍ରୀ ଏକାଠି ହୋଇଥିଲେ। ସେମାନେ ଆଫଗାନ ମହିଳାଓ ଶିଶୁମାନଙ୍କ ସୁରକ୍ଷା ଦାବିରେ ସ୍ଲୋଗାନ ଦେଇଥିଲେ। ତାଲିବାନ ଶାସନରେ ମହିଳାମାନେ ସେମାନଙ୍କ କଷ୍ଟ ଅର୍ଜିତ ଅଧିକାର ହରାଇବାକୁ ଯାଉଥିବାରୁ ଏହା ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ବିକ୍ଷୋଭକାରୀମାନେ ଦାବି କରିଥିଲେ। ତାଲିବାନ ଏବେ ମିଥ୍ୟା ପ୍ରତିଶ୍ରୁତି ଦେଉଛି। ସେମାନେ ମହିଳାମାନଙ୍କୁ କାମ କରିବାକୁ କିମ୍ବା ଘର ବାହାରକୁ ଯିବାକୁ ଅନୁମତି ଦେଉନାହାନ୍ତି। ସେମାନଙ୍କୁ ଯୌନଦାସୀ ଭାବେ ରଖାଯାଉଛି ଓ ବଳପୂର୍ବକ ବିବାହ କରାଯାଉଛି ବୋଲି ଜଣେ ବିକ୍ଷୋଭକାରୀ କହିଛନ୍ତି।

## ବଳାତ୍କାର ଅଭିଯୁକ୍ତ ମେଧାବୀ ଛାତ୍ରଙ୍କୁ ଜାମିନ

### ପ୍ରତିଭାବାନ୍ ଛାତ୍ର ଭବିଷ୍ୟତର ସମ୍ପତ୍ତି: କୋର୍ଟ

**ଗୁଆହାଟୀ, ୨୩।୮**

ଏକ ବଳାତ୍କାର ମାମଲାରେ ଗୁଆହାଟୀ ଆଇଆଇଟିର ଜଣେ ଛାତ୍ରଙ୍କୁ ଗୁଆହାଟୀ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଉଭୟ ଅଭିଯୁକ୍ତ ଓ ପୀଡ଼ିତା ପ୍ରତିଭାବାନ୍ ଛାତ୍ରଛାତ୍ରୀ ଏବଂ ସେମାନେ ଭବିଷ୍ୟତର ସମ୍ପତ୍ତି ବୋଲି ଜଷ୍ଟିସ୍ ଅଜିତ୍ ବୋର୍‌ଠାକୁର ଜାମିନ ଆବେଦନର ଶୁଣାଣିବେଳେ କହିଛନ୍ତି। ଅଦାଲତ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଛାତ୍ର ଜଣକ ଅଭିଯୁକ୍ତ ବୋଲି ଜଣାପଡ଼ିଛି। ମାମଲାର ତଦନ୍ତ ଶେଷ ହୋଇଛି। ଉଭୟେ ଆଇଆଇଟିରେ ବୈଷୟିକ ପାଠ ପଢ଼ୁଥିବାବେଳେ ସେମାନେ ରାଜ୍ୟର ଭବିଷ୍ୟତ ସମ୍ପଦ। ତେଣୁ ସମ୍ପୃକ୍ତ ଛାତ୍ରଙ୍କୁ ଚାର୍ଜଶିଟ୍‌ରେ ଅଭିଯୁକ୍ତ ବୋଲି ଦର୍ଶାଯାଇଥିଲେ ମଧ୍ୟ ତାଙ୍କୁ ଗିରଫ କରି ଅଧିକ ଦିନ ଅଟକ ରଖିବା ଆବଶ୍ୟକତା ନାହିଁ। ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା କିମ୍ବା କାହାକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପ୍ରଭାବିତ କରିବାର ସମ୍ଭାବନା ନ ଥିବା ଅଦାଲତ ତାଙ୍କ ରାୟରେ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୮ ରାତିରେ ଛାତ୍ର ଜଣକ ଛାତ୍ରୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପରଦିନ ପୀଡ଼ିତାଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏପ୍ରିଲ ୩ରେ ଛାତ୍ରଙ୍କୁ ଗିରଫ କରାଯାଇଥିଲା।



ସିମ୍ଲାର ହାଥନି କି ଧର୍‌ଠାରେ ବର୍ଷାଯୋଗୁ ଭୂସ୍ଖଳନରେ ଖସିଥିବା ପଥର ଖଣ୍ଡକୁ ରାସ୍ତାରୁ ହଟାଯାଉଛି।

## ପଶ୍ଚିମବଙ୍ଗ ବିଭାଜନ ଦାବିକୁ ନେଇ ଭାଜପାରେ ମତଭେଦ

**କୋଲକାତା, ୨୩।୮ (ଆଇଏଏନ୍‌ଏସ୍)**

ଉତ୍ତର ପଶ୍ଚିମବଙ୍ଗକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବା ଲାଗି କେନ୍ଦ୍ରମନ୍ତ୍ରୀ ଜନ୍ ବାର୍ଲା ଦାବି କରିଥିବାବେଳେ ରାଜ୍ୟ ଭାଜପା ସଭାପତି ଦିଲୀପ ଘୋଷ ଏହାକୁ ସମର୍ଥନ କରିଥିଲେ। ଏହି ପ୍ରସଙ୍ଗକୁ ନେଇ ରାଜ୍ୟ ଭାଜପାରେ ମତଭେଦ ଦେଖାଦେଇଛି। ଏଭଳି ଦାବିକୁ ଦଳର କେତେଜଣ ଆଗଧାଡ଼ିର ନେତା ଖୋଲା ବିରୋଧ କରୁଛନ୍ତି। ରାଜ୍ୟକୁ ଉତ୍ତର-ଦକ୍ଷିଣ ଭାଗ କରିବା ପ୍ରସ୍ତାବକୁ ବରିଷ୍ଠ ଦଳୀୟ ନେତା ଲକେଟ ଚାଟାର୍ଜୀ ଏବଂ ରାହୁଲ ସିହ୍ନା ଜୋର୍‌ଦାର ସମାଲୋଚନା କରିଛନ୍ତି। ଆମେ ରାଜ୍ୟ ବିଭାଜନ କଦାପି ଚାହୁଁନାହୁଁ ବୋଲି ହୁଗ୍ଲି ଏମ୍‌ପି ଚାଟାର୍ଜୀ କହିଛନ୍ତି। ସୂଚନାଯୋଗ୍ୟ ଆଲିପୁରଦୁଆର ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ବାର୍ଲା ଦୀର୍ଘଦିନ ହେଲା ଉତ୍ତର ପଶ୍ଚିମବଙ୍ଗ ସ୍ୱତନ୍ତ୍ର ରାଜ୍ୟ ପାଇଁ ଦାବି କରିଆସୁଛନ୍ତି। ତେବେ ରାଜ୍ୟ ସଭାପତି ଦିଲୀପ ଘୋଷ ଏହାକୁ ସମର୍ଥନ କରିବା ପରେ ବିବାଦ ଦେଖାଦେଇଛି।

## ‘ୟୁଏପିଏରେ ଗିରଫ ଏକ ଚକ୍ରାନ୍ତ’

### ଦିଲ୍ଲୀ ଦଙ୍ଗା ମାମଲା

**ନୂଆଦିଲ୍ଲୀ, ୨୩।୮**

ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗା ଘଟଣାରେ ଷଡ଼ଯନ୍ତ୍ର କରାଯାଇ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ର ପୂର୍ବତନ ଛାତ୍ରନେତା ଉମର ଖାଲିଦ୍‌ଙ୍କୁ ଗିରଫ କରାଯାଇଥିଲା ବୋଲି ସୋମବାର ଦିଲ୍ଲୀର ଏକ ଅଦାଲତରେ ତାଙ୍କ ଓକିଲ କହିଛନ୍ତି। ବେଆଇନ କାର୍ଯ୍ୟକଳାପ ନିରୋଧୀ ଆଇନ (ୟୁଏପିଏ)ରେ ଗିରଫ ଖାଲିଦ୍‌ଙ୍କୁ ଅଭିଯୁକ୍ତ ଆଖ୍ୟା ଦେବାକୁ ଯାଇ ପୋଲିସ କରିଥିବା ଦାବିରେ ଅନେକ ବିରୋଧାଭାସ ରହିଛି। ତାଙ୍କୁ ଫସାଇବା ପାଇଁ ଏହା ଏକ ଚକ୍ରାନ୍ତ। ମିଡିଆ ମାଧ୍ୟମରେ ତାଙ୍କୁ ଅଭିଯୁକ୍ତ ଦର୍ଶାଯାଉଛି। ତାଙ୍କ ଭାଷଣର ଏକ ଏଡିଟେଡ୍ ଭିଡିଓକୁ ପ୍ରସାରିତ କରାଯାଇଛି, ଯାହାକୁ ପ୍ରଥମେ ଭାଜପା ନେତା ଅମିତ ମାଲଭିୟ ଟୁଇଟ୍ କରିଥିଲେ ବୋଲି ଖାଲିଦ୍‌ଙ୍କ ଓକିଲ କହିଛନ୍ତି।

୨୦୨୦ ଫେବୃୟାରୀରେ ଉତ୍ତର-ପୂର୍ବ ଦିଲ୍ଲୀ ଦଙ୍ଗାରେ ୫୩ ଜଣଙ୍କ ମୃତ୍ୟୁ ଘଟିବା ସହ ୭ ଶହରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଖାଲିଦ୍ ଗାନ୍ଧିଜୀ ଏବଂ ଗଣତାନ୍ତ୍ରିକ ଶକ୍ତି ବିଷୟରେ କହିଥିବାବେଳେ ମନଗଢ଼ା କାହାଣୀ ରଚାଯାଇ ଖାଲିଦ୍‌ଙ୍କୁ ଫସାଯାଇଥିବା ତାଙ୍କ ଓକିଲ ଭାଷଣର ଭିଡିଓ କ୍ଲିପ୍ ଉପସ୍ଥାପନ କରି କହିଛନ୍ତି। ଗତ ଏପ୍ରିଲରେ ଖାଲିଦ୍‌ଙ୍କ ସମେତ ଜେଏନ୍‌ୟୁ ଛାତ୍ରୀ ନତାଶା ନରୱାଲ ଏବଂ ଦେବାଙ୍ଗନା କଳିତା, ଜାମିଆ ସମନ୍ୱୟ କମିଟି ସଦସ୍ୟ ସଫୋରା ଜରଗ୍, ଏଏପିର ପୂର୍ବତନ କାଉନସିଲର ତାହିର ହୁସେନଙ୍କ ସମେତ ଅନ୍ୟ କେତେଜଣଙ୍କୁ ୟୁଏପିଏ ଅଧୀନରେ ଗିରଫ କରାଯାଇଥିଲା।



ଉମର ଖାଲିଦ୍

## ମୁସ୍‌ଲିମ୍ ଚୁଡ଼ି ବିକାଳିଙ୍କୁ ମାଡ଼

**ଭୋପାଳ, ୨୩।୮**

ମଧ୍ୟପ୍ରଦେଶର ଇନ୍ଦୋରଠାରେ ଜଣେ ମୁସଲମାନ ସମ୍ପ୍ରଦାୟର ଯୁବକ ତସ୍‌ଲିମ୍ ନିଜ ନାଁ ଲୁଚାଇ ଚୁଡ଼ି ବିକୁଥିବା କହି କିଛି ଲୋକେ ସଂଘବଦ୍ଧ ଭାବେ ରବିବାର ତାଙ୍କୁ ମାଡ଼ ମାରିଛନ୍ତି। ଅଭିଯୁକ୍ତମାନେ ତାଙ୍କଠାରୁ ୧୦ ହଜାର ଟଙ୍କା ଛଡ଼ାଇ ନେବା ସହ ବିକ୍ରି ସାମଗ୍ରୀ ଭଙ୍ଗାରୁଜା କରିଥିବା ତସ୍‌ଲିମ୍ ଅଭିଯୋଗ କରିଛନ୍ତି। ମାଡ଼ ମରାବେଳର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଘଟଣାର ୨୪ ଘଣ୍ଟା ମଧ୍ୟରେ ୩ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଇନ୍ଦୋର ପୋଲିସ କହିଛି। ଏ ନେଇ ମାମଲା ରୁଜୁ ହୋଇଛି। ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ। ତେବେ ସୋସିଆଲ ମିଡିଆରେ ଘଟଣାକୁ ନେଇ କୌଣସି ସାମ୍ପ୍ରଦାୟିକ ପୋଷ୍ଟ ନ କରିବାକୁ ପୋଲିସ ଲୋକଙ୍କୁ ନିବେଦନ କରିଛି।

### ମନ୍ତ୍ରୀ କହିଲେ ନାଁ ଲୁଚାଇଥିଲେ

ଅପରପକ୍ଷେ ମଧ୍ୟପ୍ରଦେଶ ଗୃହମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଜଣେ ବ୍ୟକ୍ତି ନିଜ ନାଁ, ଜାତି, ଧର୍ମ ଲୁଚାଇଲେ ତିକ୍ତତା ପ୍ରକାଶ ପାଇବା ସ୍ୱାଭାବିକ ବୋଲି ମନ୍ତ୍ରୀ ନରୋତ୍ତମ ମିଶ୍ର କହିଛନ୍ତି। ହେଲେ ଏହାକୁ ସାମ୍ପ୍ରଦାୟିକ ରଙ୍ଗ ଦିଆଯିବା ଉଚିତ୍ ନୁହେଁ। ଭିନ୍ନ ସମ୍ପ୍ରଦାୟର ହୋଇଥିବାବେଳେ ୨୫ ବର୍ଷୀୟ ଯୁବକ ଜଣକ ହିନ୍ଦୁ ନାଁ ରଖିଥିଲେ। ତାଙ୍କର ୨ଟି ଆଧାର କାର୍ଡ ରହିଛି। ଯୁବତୀମାନଙ୍କୁ ଚୁଡ଼ି ବିକିବା ସହ ସେ ସେମାନଙ୍କ ହାତରେ ମେହେନ୍ଦି ଲଗାଇଥାନ୍ତି। ଯୁବକଙ୍କ ପରିଚୟ ଜଣାପଡ଼ିବା ପରେ ଏହି ବିବାଦ ଦେଖାଦେଇଥିଲା ବୋଲି ମନ୍ତ୍ରୀ କହିଛନ୍ତି।

## ଆତଙ୍କ ସୃଷ୍ଟିରେ ନିୟୋଜିତ ହୋଇଥିଲେ ଜେଏନ୍‌ୟୁ ଛାତ୍ର

**ମୁମ୍ବାଇ, ୨୩।୮ (ଆଇଏଏନ୍‌ଏସ୍)**

ଭୀମା-କୋରେଗାଁଓ ଏବଂ ଏଲ୍‌ଗାର ପରିଷଦ ମାମଲାରେ ଅଭିଯୁକ୍ତମାନେ ଦୁଇଟି ପ୍ରମୁଖ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କୁ ମହାରାଷ୍ଟ୍ର ଏବ ଦେଶରେ ଆତଙ୍କବାଦୀ କାର୍ଯ୍ୟରେ ନିୟୋଜିତ କରିଥିଲେ। ଉକ୍ତ ମାମଲାର ତଦନ୍ତ କରୁଥିବା ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହା ଜାଣିବାକୁ ପାଇଛି। ୪ ବର୍ଷ ହେଲା ଭାରତୀୟ ରାଜନୀତିକୁ ପ୍ରଭାବିତ କରିଥିବା ଏହି ସମ୍ବେଦନଶୀଳ ମାମଲାରେ ୧୬ ଜଣ ଗିରଫ ହୋଇଥିବାବେଳେ ଅନ୍ୟ ୬ ଜଣ ଫେରାର ଅଛନ୍ତି। ଏନ୍‌ଆଇଏ ଚିଠା ଅଭିଯୋଗ ଫର୍ଦ୍ଦରେ ଉପରୋକ୍ତ ମନ୍ତବ୍ୟ ଦେଇଛି। ଏହି ଡ୍ରାଫ୍ଟ ଚାର୍ଜଶିଟ୍ ଏନ୍‌ଆଇଏ ସ୍ୱତନ୍ତ୍ର ଅଦାଲତର ବିଚାରପତି ଡି.ଇ. କୋଥାଲିକରଙ୍କ ନିକଟରେ ଗତ ସପ୍ତାହରେ ଦାଖଲ କରାଯାଇଛି। ଉକ୍ତ



ଚାର୍ଜଶିଟ୍ ଅନୁଯାୟୀ ଦେଶର ଦୁଇ ମର୍ଯ୍ୟାଦାସମ୍ପନ୍ନ ଶିକ୍ଷାନୁଷ୍ଠାନ ନୂଆଦିଲ୍ଲୀର ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ) ଏବଂ ମୁମ୍ବାଇର ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ (ଟିଆଇଏସ୍‌ଏସ୍) ସମେତ ଅନ୍ୟ ବିଶ୍ୱବିଦ୍ୟାଳୟରୁ ଅଭିଯୁକ୍ତମାନେ ଛାତ୍ରଙ୍କୁ ଆତଙ୍କବାଦୀ କାର୍ଯ୍ୟ ଲାଗି ନିଯୁକ୍ତ କରିଥିଲେ। ସେମାନେ ବେଆଇନ ସଂଗଠନର ନୀତି ଓ କାର୍ଯ୍ୟକ୍ରମର ପ୍ରସାର କରାଉଥିଲେ। ଭାରତ ସରକାର ଓ ମହାରାଷ୍ଟ୍ର ସରକାରରେ ଅସ୍ଥିରତା

### ଭୀମା-କୋରେଗାଁଓ ମାମଲା

**■ଚାର୍ଜଶିଟ୍ ଦାଖଲ କଲା ଏନ୍‌ଆଇଏ**

ସୃଷ୍ଟି କରିବା ଲାଗି ଅଭିଯୁକ୍ତମାନେ ବିଶ୍ୱବିଦ୍ୟାଳୟର ଛାତ୍ର ଓ ଅନ୍ୟମାନଙ୍କୁ ନିଯୁକ୍ତି ଦେଇ ସେମାନଙ୍କୁ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଏବଂ ବିସ୍ଫୋରକ ବ୍ୟବହାର ଉପରେ ତାଲିମ ଦେଉଥିଲେ। ଏହି ଲକ୍ଷ୍ୟ ହାସଲ ଲାଗି ସେମାନେ ବେଆଇନ ସଂଗଠନ ଓ ଏହାର ଏହାର ଛାମୁଆ ସଂସ୍ଥାଗୁଡ଼ିକ ମାଧ୍ୟମରେ ବର୍ଷକୁ ୮ କୋଟି ଟଙ୍କା ସଂଗ୍ରହ କରୁଥିଲେ, ଯେଉଁଥିରେ ସେମାନେ ଅତ୍ୟାଧୁନିକ ଏମ୍-୪ ଅସ୍ତ୍ର, ୪ ଲକ୍ଷ ଗୁଳି ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ମଣିପୁର ଏବଂ ନେପାଳରୁ କିଣୁଥିଲେ ବୋଲି ଏନ୍‌ଆଇଏ କହିଛି।

ଉକ୍ତ ମାମଲାରେ ଗିରଫ ଅଭିଯୁକ୍ତମାନେ ହେଲେ ସୁଧୀର ପି. ଧୱାଲେ, ବେର୍ନନ ଏସ୍. ଗୋନ୍‌ସାଲଭେସ, ଅରୁଣ ଟି. ଫେରେଇରା, ରୋନା ଜେ. ୱିଲସନ, ଗୌତମ ନଭଲଖା, ସୁରେନ୍ଦ୍ର ପି. ଗାଡଲିଙ୍ଗ, ଶୋମା କେ. ସେନ୍, ମହେଶ ଏସ୍. ରାଉତ୍, ପି. ୱାରାୱାରା ରାଓ, ସୁଧା ଭରଦ୍ୱାଜ, ଆନନ୍ଦ ବି. ତେଲତୁମ୍ବଡେ, ହନିବାବୁ ଏମ୍. ଥାରାୟିଲ, ସାଗର ଗୋରଖେ, ରମେଶ ଗୈଚୋର ଏବଂ ଷ୍ଟାନ୍ ସ୍ୱାମୀ। ହାଜତରେ ଥିବା ଷ୍ଟାନ୍ ସ୍ୱାମୀଙ୍କର ଗତ ଜୁଲାଇ ୫ରେ ମୃତ୍ୟୁ ହୋଇଯାଇଛି। ଏହାବ୍ୟତୀତ ଫେରାର ଅଭିଯୁକ୍ତଙ୍କ ମଧ୍ୟରେ ଅଛନ୍ତି ମିଲିନ୍ଦ ତେଲତୁମ୍ବଡେ, ସହ୍ୟାଦ୍ରି, ପ୍ରକାଶ ଗୋସ୍ୱାମୀ, ରିତୁପନ ଗୋସ୍ୱାମୀ, କିଷାନ ବୋଷ, ମୁପାଲ୍ଲା ଲକ୍ଷ୍ମଣ ରାଓ, ଚନ୍ଦ୍ରଶେଖର, ମଙ୍ଗଲୁ ଏବଂ ଦୀପୁ। ଏମାନେ ସମସ୍ତେ ବେଆଇନ ଘୋଷିତ ସିପିଆଇ ମାଓବାଦୀ ସଂଗଠନର ସକ୍ରିୟ ସଦସ୍ୟ ବୋଲି ଏନ୍‌ଆଇଏ କହିଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୨୮,୫୧,୧୮୫ | ୪୪,୪୮,୬୮୨ | ୧୯,୦୪,୮୭,୩୮୪ |
| ଭାରତ | ୩,୨୪,୫୯,୫୨୪ | ୪,୩୫,୦୩୮ | ୩,୧୬,୮୯,୫୩୯ |
| ଓଡ଼ିଶା | ୧୦,୦୧,୬୯୮ | ୭୪୨୬(+୫୩) | ୯,୮୬,୩୩୪ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ସବୁ ଭକ୍ତଙ୍କ ପାଇଁ ଖୋଲିଲା ଶ୍ରୀମନ୍ଦିର ।




# ସୁଯୋଗ ଦେଲେ ପିଲା ଇତିହାସ ସୃଷ୍ଟି କରିବେ: ମୁଖ୍ୟମନ୍ତ୍ରୀ

## ୫-ଟିରେ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ

- ସ୍କୁଲକୁ ନିଜ ସମ୍ପତ୍ତି ଭଳି ଯତ୍ନ ନେବାକୁ ଜନସାଧାରଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ
- ସ୍କୁଲ ରୂପାନ୍ତରୀକରଣ ଆମର ଆତ୍ମବିଶ୍ୱାସ ବଢ଼ାଇଛି: ଛାତ୍ରୀଛାତ୍ର
- ହିଞ୍ଜିଳିର ଆଉ ୧୦ ଲୋକାର୍ପିତ


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭିଡିଓ କନ୍‌ଫରେନ୍ସରେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଓ ଶେରଗଡ଼ ବ୍ଲକ୍‌ର ୧୦ ସ୍କୁଲ୍‌କୁ ଉଦ୍‌ଘାଟନ କରୁଛନ୍ତି । ନିକଟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ।

**ଭୁବନେଶ୍ୱର,୨୩।୮(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ନିର୍ବାଚନମଣ୍ଡଳୀ ହିଞ୍ଜିଳିରେ ସୋମବାର ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୦ ରୂପାନ୍ତରିତ ସ୍କୁଲକୁ ଲୋକାର୍ପିତ କରିଛନ୍ତି। ଏଥିରେ ଶେରଗଡ଼ ବ୍ଲକର ୫ ସ୍କୁଲ ଓ ହିଞ୍ଜିଳି ବ୍ଲକର ୫ ସ୍କୁଲ ଲୋକାର୍ପିତ ହୋଇଛି। ଏଗୁଡ଼ିକ ହେଉଛି, ବୃନ୍ଦାବନ ନାୟକ ସ୍ମୃତି ବିଦ୍ୟାପୀଠ, ଶାସନ ଆମ୍ବଗାଁ, କୁମାରପାଣି ହାଇସ୍କୁଲ, କୁମାରପାଣି, ସରକାରୀ ୟୁଜି ହାଇସ୍କୁଲ, ସାପୁଆପଲ୍ଲୀ,ଲାଞ୍ଜିଆପଲ୍ଲୀ ହାଇସ୍କୁଲ, ଧନତରା, ଗ୍ରାମପଞ୍ଚାୟତ ହାଇସ୍କୁଲ ଶାହାପୁର, କରଡ଼କଣା ହାଇସ୍କୁଲ, କରଡକଣା,ଭଗବତୀ ବିଦ୍ୟାପୀଠ, ବୁରୁପଦ, ସହିଦ ହାଇସ୍କୁଲ ତାକରଡା, ମା' କାଳୀ ହାଇସ୍କୁଲ କୁଲାଗଡ଼ା,ଜେ.ସି.ସି. ହାଇସ୍କୁଲ ଭାଗବନ୍ଧ।

ସୂଚନାଯୋଗ୍ୟ, ଗତ ୨୧ ତାରିଖରେ ରାଜ୍ୟ ସରକାରଙ୍କ ଉଚ୍ଚାକାଂକ୍ଷୀ ସ୍କୁଲ ରୂପାନ୍ତରଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ୫-ଟି ଉପକ୍ରମରେ ହିଞ୍ଜିଳିର ୫୦ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ୫ଟି ପର୍ଯ୍ୟାୟରେ ୫୦ଟି ସ୍କୁଲର ଲୋକାର୍ପଣ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଛନ୍ତି, ଆମ ଓଡ଼ିଶାର ପିଲାମାନେ ପ୍ରତିଭାରେ କାହାଠାରୁ କମ୍ ନୁହନ୍ତି। ସେମାନଙ୍କ ପାଖରେ ଭରପୂର ସମ୍ଭାବନା ରହିଛି। ସୁଯୋଗ ପାଇଲେ ସେମାନେ ଇତିହାସ ସୃଷ୍ଟି କରିପାରିବେ।

ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍କୁଲ ହେଉଛି ସମସ୍ତଙ୍କ ଜୀବନର ଶ୍ରେଷ୍ଠ ସମୟ। ଏହି ରୂପାନ୍ତର ତୁମମାନଙ୍କୁ ଭବିଷ୍ୟତରେ ଶ୍ରେଷ୍ଠ କରି ଗଢ଼ିବା ପାଇଁ ଏହା ଅନେକ ସୁଯୋଗ ସୃଷ୍ଟି କରିବ। ୫-ଟି କାର୍ଯ୍ୟକ୍ରମ ଏହି ରୂପାନ୍ତରୀକରଣରେ କିପରି ପ୍ରମୁଖ ଭୂମିକା ନେଇଛି ସେ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ୫-ଟିର ପ୍ରତ୍ୟେକ ନୀତିର ପ୍ରୟୋଗ ବିଦ୍ୟାଳୟ ରୂପାନ୍ତରଣକୁ ସଫଳ କରିଛି। ହିଞ୍ଜିଳିରେ ଆରମ୍ଭ ହୋଇଥିବା ଏହି ରୂପାନ୍ତରଣ କାର୍ଯ୍ୟ ସାରା ରାଜ୍ୟରେ ଆଗ୍ରହ ସୃଷ୍ଟି କରିଛି। ଅତିଥି ଭାବରେ ଯୋଗ ଦେଇଥିବା ମନ୍ତ୍ରିମଣ୍ଡଳର ସଦସ୍ୟବୃନ୍ଦ ଓ ବିଧାୟକମାନଙ୍କୁ ସମ୍ବୋଧନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ହିଞ୍ଜିଳିରୁ ଆରମ୍ଭ ହୋଇଥିବା ସ୍କୁଲଗୁଡ଼ିକର ରୂପାନ୍ତରଣ ଓଡ଼ିଶାର ଶିକ୍ଷା ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଯୋଡ଼ିପାରିଛି। ମନ୍ତ୍ରୀ ଓ ବିଧାୟକମାନେ ସେମାନଙ୍କ ଅଞ୍ଚଳରେ ଏହି ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ କିପରି ଭଲ ଭାବରେ କାର୍ଯ୍ୟକାରୀ ହେବ, ସେଥିପ୍ରତି ଧ୍ୟାନ ଦେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହିତ ସ୍ଥାନୀୟ ଜନସାଧାରଣଙ୍କୁ ସାମିଲ କରି ଗଞ୍ଜାମରେ ଯେପରି ସଫଳତା ମିଳିଛି, ଅନ୍ୟ ସବୁ ଜିଲାରେ ମଧ୍ୟ ସେହିପରି ଲୋକଙ୍କୁ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜନସାଧାରଣ ରୂପାନ୍ତରଣ ହୋଇଥିବା ସ୍କୁଲଗୁଡ଼ିକର ଯତ୍ନ ନିଜ ସମ୍ପତ୍ତି ଭଳି ନେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ୧୦ଟି ଯାକ ସ୍କୁଲରେ ଆୟୋଜିତ ହୋଇଥିଲା ସ୍ୱତନ୍ତ୍ର କାର୍ଯ୍ୟକ୍ରମ। ମନ୍ତ୍ରିମଣ୍ଡଳର ସଦସ୍ୟ, ବିଧାୟକଗଣ, ସରପଞ୍ଚ, ପଞ୍ଚାୟତ ସଦସ୍ୟ,ସ୍କୁଲର ପୁରାତନ ଛାତ୍ରଛାତ୍ରୀ, ବର୍ତ୍ତମାନର ଛାତ୍ରୀଛାତ୍ର, ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ଯୋଗଦେଇଥିଲେ। ୫-ଟି ସଚିବ ଭି. କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗଞ୍ଜାମ ଜିଲାପାଳ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଗଞ୍ଜାମର ଛାତ୍ରୀଛାତ୍ର, ଅଭିଭାବକ ଓ ସାଧାରଣ ଲୋକଙ୍କ ମନରେ ବିପୁଳ ଉତ୍ସାହ ସୃଷ୍ଟି କରିଛି।

ମୀରା ସ୍ୱାଇଁ, ତୃପ୍ତିମୟୀ ମହାରଣା, ଶଙ୍କର ଜେନା, ସ୍ମୃତିମୟୀ ପ୍ରଧାନ, ରେଶମା ଦାସ, ସୁଇଟି ତ୍ରିପାଠୀ, ପାୟଲ ଗୌଡ଼ ଓ ରୁଦ୍ର ନାରାୟଣ ଶତପଥୀ ପ୍ରମୁଖ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ରମାନେ ଏହା ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧିରେ ସହାୟକ ହେବ ବୋଲି ମତଦେଇ ଆନନ୍ଦ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ।

ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ପ୍ରତାପ ଜେନା, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅଶୋକ ପଣ୍ଡା, ରଘୁନନ୍ଦନ ଦାସ ଓ ବିଧାୟକମାନେ ଯୋଗଦେଇ ହିଞ୍ଜିଳି ବିକାଶ ସମ୍ପର୍କରେ ସେମାନଙ୍କ ଅଭିଜ୍ଞତା ବର୍ଣ୍ଣନା କରିଥିଲେ। ଲୋକସେବା ଭବନରୁ ମୋ ସ୍କୁଲର ଅଧ୍ୟକ୍ଷ ସୁସ୍ମିତା ବାଗ୍‌ଚୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇ ଥିଲେ।






## ଭିତରକନିକାରେ ପକ୍ଷୀ ଗଣନା ଆରମ୍ଭ

**ରାଜନଗର, ୨୩।୮(ଡି.ଏନ.ଏ.):** କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ବିଶ୍ୱପ୍ରସିଦ୍ଧ ଭିତରକନିକା ଜାତୀୟଉଦ୍ୟାନରେ ସୋମବାରଠାରୁ ଦେଶୀୟ ପକ୍ଷୀଙ୍କ ଗଣନା ଆରମ୍ଭ ହୋଇଛି। ଏହି ଗଣନା କାର୍ଯ୍ୟ ୭ ଦିନ ଧରି ଚାଲିବ। ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତିଙ୍କ ତତ୍ତ୍ୱାବଧାନରେ ଜାତୀୟଉଦ୍ୟାନ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ସ୍ଥାନରେ ଗଣନା କାର୍ଯ୍ୟ କରାଯାଉଛି। ଏଥିପାଇଁ ଦୁଇଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଟିମ୍‌ରେ ୮ଜଣ ଲେଖାଏ ଗଣନାକାରୀ ସାମିଲ ହୋଇଛନ୍ତି। ରେଞ୍ଜ ଅଫିସର ମାନସ କୁମାର ଦାସ, ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ, ଫରେଷ୍ଟଗାର୍ଡ ସୁନୀଲ ରାଉତରାୟ, ହେମନ୍ତ ପାଣିଗ୍ରାହୀ, ନିରାକାର ବେହେରା, ନଟବର କୁଅଁର, ସଞ୍ଜୟ ଦଳାଇ, ସାଧୁଚରଣ ବେହେରା, ଅର୍ଜୁନ ଦଳାଇ, ଫରେଷ୍ଟର ପ୍ରଶାନ୍ତ କୁମାର ସିଂ, ଫରେଷ୍ଟଗାର୍ଡ ସୁବାସ ଚନ୍ଦ୍ର ମାଝି ପ୍ରମୁଖ ସାମିଲ ହୋଇଛନ୍ତି। ଚଳିତବର୍ଷ ଜୁନ୍ ପ୍ରଥମ ସପ୍ତାହରୁ ମୌସୁମୀର ଆଗମନରେ ଦେଶୀୟ ପକ୍ଷୀମାନେ ଜାତୀୟଉଦ୍ୟାନରେ ଭିଡ଼ ଜମାଇଛନ୍ତି। ଏହି ପକ୍ଷୀମାନଙ୍କ ମଧ୍ୟରେ ୮ ପ୍ରକାରର କିଙ୍ଗ୍‌ଫିଶର, ୧୦ ପ୍ରକାର ବଗ, ଦାବେଣ୍ଡିଆ, ହଳଦୀବସନ୍ତ, ଶୁଆ, ଶାରୀ, ଶଙ୍ଖଚିଲ, ଇଗଲ ପ୍ରଭୃତି ପକ୍ଷୀଙ୍କର ଗଣନା କରାଯିବ।

## ୩ ପୋଲିସ ଅଧିକାରୀଙ୍କ ସମେତ ଡ୍ରାଇଭର ମୃତ


ଜିପ୍‌ରୁ ମୃତଦେହ ବାହାର କରାଯାଉଛି।

**ବ୍ରହ୍ମପୁର ଅଫିସ,୨୩।୮**

ଆନ୍ଧ୍ରପ୍ରଦେଶ ପଲାସା ସୁମାଦେବୀ ଜଙ୍କ୍‌ସନ ନିଟକ ଜାତୀୟ ରାଜପଥରେ ସୋମବାର ଅପରାହ୍ନ ପ୍ରାୟ ସାଢ଼େ ଗୋଟାଏରେ ଏକ ପୋଲିସ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଅଧିକାରୀ ଓ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପଲାସା ମଣ୍ଡଳ ଥାନା ସବ୍‌ଇନ୍ସପେକ୍ଟର କ୍ରିଷ୍ଟାଡୁ, ଏସ୍‌ଆଇ ଏଣ୍ଟୋନି, ବାବୁ ରାଓ ଏବଂ ଜିପ୍ ଡ୍ରାଇଭର ଜନାର୍ଦ୍ଦନ ବୋଲି ପଲାସା ମଣ୍ଡଳ ଥାନାଧିକାରୀ ଏସ୍.ଶଙ୍କର ରାଓ ସୂଚନା ଦେଇଛନ୍ତି। ଘଟଣାରୁ ପ୍ରକାଶ, ସୋମବାର ଜଣେ ସାମରିକ କର୍ମଚାରୀଙ୍କୁ ଗାର୍ଡ ଅଫ୍ ଅନର ଦେବା ପାଇଁ ଜିପ୍‌ଟି ଥାନାରୁ ୩ଜଣ ପୋଲିସ ଅଧିକାରୀଙ୍କୁ ନେଇ କୋଲକାତା ଅଭିମୁଖେ ବାହାରିଥିଲା। ସୁମାଦେବୀ ଜଙ୍କ୍‌ସନ ନିକଟରେ ଜିପ୍ ଚକା ଫାଟିଯିବାରୁ ଏହି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ସେଥିରେ ବସିଥିବା ଡ୍ରାଇଭରଙ୍କ ସମେତ ୩ ପୋଲିସ କର୍ମଚାରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

### ଦୁର୍ଘଟଣାଗ୍ରସ୍ତ ପୋଲିସ ଜିପ୍




**ଆଜିର ମନ୍ତବ୍ୟ**

“କୋଭିଡ୍ ସ୍ଥିତି ଏବେ ନିୟନ୍ତ୍ରଣାଧୀନ। ପଶ୍ଚିମବଙ୍ଗରେ ଉପନିର୍ବାଚନ ଲାଗି ନିର୍ବାଚନ କମିଶନ ତୁରନ୍ତ ତାରିଖ ଘୋଷଣା କରନ୍ତୁ।

– ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ପିଏମ୍ଏଫ୍‌ବିୱାଇ ରାଶି...

ପର୍ଯ୍ୟନ୍ତ ୭୫୧୦.୮ କୋଟି ଟଙ୍କା କମ୍ପାନୀଗୁଡ଼ିକୁ ଦିଆଯାଇଛି। ଖରିଫ ୨୦୨୦ ପର୍ଯ୍ୟନ୍ତ ବୀମା କମ୍ପାନୀଗୁଡ଼ିକୁ ପ୍ରିମିୟମ ବାବଦରେ ମୋଟ ୬୧୬୩.୨୮ କୋଟି ଦିଆଯାଇଥିବା ବେଳେ କୃଷକଙ୍କ କ୍ଷତିପୂରଣ ଦାବି ମୁତାବକ ବୀମା କମ୍ପାନୀଗୁଡ଼ିକ ୫୦୯୮.୬୪ କୋଟିଟଙ୍କା ପ୍ରଦାନ କରିଛନ୍ତି। ବୀମା କମ୍ପାନୀଗୁଡ଼ିକ ୧୦୬୪.୬୪ କୋଟି ଟଙ୍କା ଲାଭ କରିଛନ୍ତି, ଯାହାକି ସମୁଦାୟ ପ୍ରିମିୟମ୍‌ର ୧୭.୨୭%। ୨୦୧୮ରୁ ୨୦୨୦ ମଧ୍ୟରେ କୃଷକମାନେ ଫସଲ ବୀମା ଦାବି ବାବଦରେ ୨୦୯୦ କୋଟି ଟଙ୍କା ଦାଖଲ କରିଥିବା ବେଳେ ବୀମା କମ୍ପାନୀଗୁଡ଼ିକ ଦାବିର ମାତ୍ର ୫୦% ଅର୍ଥାତ୍ ୧୦୨୬ କୋଟି ଟଙ୍କା ପ୍ରଦାନ କରିଛନ୍ତି। ପିଏମ୍ଏଫ୍‌ବିୱାଇ ଅଧୀନରେ ଓଡ଼ିଶାର କୃଷକମାନେ ସେମାନଙ୍କ ବୀମା ଦାବି ଓ କ୍ଷତିପୂରଣ ପାଇବା ନେଇ ବାରମ୍ବାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆନ୍ଧ୍ରପ୍ରଦେଶ, ବିହାର, ଗୁଜରାଟ, ଝାଡ଼ଖଣ୍ଡ, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗ ପିଏମ୍ଏଫ୍‌ବିୱାଇ ଗ୍ରହଣ କରିନାହାନ୍ତି। ଏଥିଯୋଗୁ ବୀମାଭୁକ୍ତ ମୋଟ କ୍ଷେତ୍ର ୭୩ ଲକ୍ଷ ହେକ୍ଟରକୁ ହ୍ରାସ ପାଇଛି। ୨୦୧୬-୧୭ରେ ୫୬୭ ଲକ୍ଷ ହେକ୍ଟର ଜମି ବୀମାଭୁକ୍ତ ହୋଇଥିବାବେଳେ ୨୦୧୯-୨୦ରେ ୪୯୫ ଲକ୍ଷ ହେକ୍ଟର ହୋଇଛି। କେନ୍ଦ୍ର ସରକାର ତ୍ରୁଟି ସୁଧାରିବା ସହିତ ଅସୁବିଧା ସମୟରେ କୃଷକମାନଙ୍କୁ ସାହାଯ୍ୟ କରିବା ଦରକାର ବୋଲି ସସ୍ମିତ କହିଛନ୍ତି। ନୂତନ ବୈଷୟିକ ଜ୍ଞାନକୌଶଳ ଡ୍ରୋନ୍ ସହାୟତାରେ ଶୀଘ୍ର ଦାବିଗୁଡ଼ିକର ଆକଳନକୁ ନିଶ୍ଚିତ କରିବା ଏବଂ କେବଳ ସରକାରୀ ବୀମା କମ୍ପାନୀଗୁଡ଼ିକୁ ପିଏମ୍ଏଫ୍‌ବିୱାଇରେ ଅନୁମତି ଦେବାକୁ ବିଜେଡି ଏମ୍‌ପିମାନେ ପାର୍ଲାମେଣ୍ଟରେ ବାରମ୍ବାର ଏହି ପ୍ରସଙ୍ଗକୁ ଉଠାଇଛନ୍ତି। କୃଷକମାନଙ୍କର ଦାବି ସମାଧାନ ନ ହେବା ପର୍ଯ୍ୟନ୍ତ ବିଜେଡି ତାହାର ସଂଗ୍ରାମ ଜାରି ରଖିବ ବୋଲି ସସ୍ମିତ କହିଛନ୍ତି।

ଏହି ପ୍ରସଙ୍ଗରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି, ଚାଷୀଙ୍କୁ ଓଡ଼ିଶା ସରକାର ପାଣି ପହଞ୍ଚାଇ ପାରିଲେନାହିଁ ବୋଲି ବୀମାର ଆବଶ୍ୟକତା ପଡ଼ିଲା। ରାଜ୍ୟ ସରକାର ଚାଷୀଙ୍କୁ କୌଣସି ପ୍ରକାର ସୁବିଧା ଯୋଗାଇ ପାରୁନାହାନ୍ତି ବୋଲି ବୀମା କଥା ଉଠୁଛି। ପ୍ରଧାନମନ୍ତ୍ରୀ ଚାଷୀଙ୍କୁ ବୀମା ଯୋଗାଇବା ଲାଗି ଯୋଜନା କରିଛନ୍ତି। ବୀମା କମ୍ପାନୀ ଯଦି କୌଣସି ପ୍ରକାର ଭୁଲ୍ କରୁଛନ୍ତି, ତେବେ ରାଜ୍ୟ ସରକାର ଏହା ଉପରେ ଅଙ୍କୁଶ ଲଗାଇବା ଆବଶ୍ୟକ। ଯଦି କିଛି ସମସ୍ୟା ସୃଷ୍ଟି ହେଉଛି ତେବେ ଏନେଇ ରାଜ୍ୟ ସରକାର ଉକ୍ତ ପ୍ରସଙ୍ଗ ଉପରେ କେନ୍ଦ୍ର ସହ ଆଲୋଚନା କରନ୍ତୁ। ଚାଷୀ ପ୍ରିମିୟମ ଦେଉଛନ୍ତି ମାନେ ବୀମା ପାଇବାକୁ ହକ୍‌ଦାର ବୋଲି ସମୀର କହିଛନ୍ତି।

## ମହାପ୍ରଭୁଙ୍କ ଦର୍ଶନରେ...

ଉଠାଯିବା ସହ ପରିଚୟପତ୍ର ଓ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ କିମ୍ବା କୋଭିଡ୍ ଟିକାର ଡବଲ୍ ଡୋଜ୍ ପ୍ରମାଣପତ୍ରକୁ ସ୍କାନ୍ କରାଯାଇଥିଲା। ଏହାପରେ ଶ୍ରଦ୍ଧାଳୁମାନେ ହାତ ସାନିଟାଇଜ କରି ଲୌହଶେଡ୍ ମଧ୍ୟରେ ଥିବା ଧାଡ଼ିରେ ଠିଆ ହୋଇ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ପ୍ରବେଶ କରିଥିଲେ। କଡ଼ା ସୁରକ୍ଷାବଳୟ ଭିତରେ ଶ୍ରଦ୍ଧାଳୁମାନଙ୍କୁ ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ କରାଇବା ପାଇଁ ପୋଲିସ ପ୍ରଶାସନ ତତ୍ପର ଥିବା ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ମଧ୍ୟକୁ କାହାରିକୁ ପୂଜା ସାମଗ୍ରୀ ଓ ଦୀପ ଇତ୍ୟାଦି ନେବାକୁ ଅନୁମତି ନ ଥିବାବେଳେ କୋଭିଡ୍ କଟକଣାକୁ ମାନି ଦର୍ଶନ କରିବା ପାଇଁ ଶ୍ରଦ୍ଧାଳୁମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ ସାରିବା ପରେ ଅପୂର୍ବ ଆନନ୍ଦ ପାଇଥିବା ପ୍ରକାଶ କରିଛନ୍ତି।

ସକାଳ ଦର୍ଶନ ଆରମ୍ଭ ହେବା ପରେ ମୁଖ୍ୟ ପ୍ରଶାସକ କ୍ରିଷନ୍ କୁମାର ଓ ଉନ୍ନୟନ ପ୍ରଶାସକ ଅଜୟ ଜେନା ୭ଟା ୩୦ରେ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରି ଭିତରର ସୁରକ୍ଷା ବ୍ୟବସ୍ଥା ଓ କୋଭିଡ୍ କଟକଣା ସମ୍ପର୍କିତ ସ୍ଥିତି ଯାଞ୍ଚ କରିଥିଲେ। ୮ଟା ୧୫ରେ ବାହାରକୁ ଫେରି ଶ୍ରୀକୁମାର କହିଥିଲେ, ଶ୍ରୀମନ୍ଦିର ପରିସରରେ ଶ୍ରୀମନ୍ଦିର ପୋଲିସ, ପ୍ରତିହାରୀ ସେବାୟତ ଓ ଶ୍ରୀମନ୍ଦିର କର୍ମଚାରୀମାନଙ୍କୁ ଶୃଙ୍ଖଳିତ ଦର୍ଶନର ଦାୟିତ୍ୱ ଦିଆଯାଇଛି। ଆଶା କରାଯାଉଛି ଯେ, ପାଖାପାଖି ୧୫ରୁ ୨୦ହଜାର ଭକ୍ତ ଏବେ ପ୍ରତ୍ୟହ ମହାପ୍ରଭୁଙ୍କ ଦର୍ଶନ କରିପାରିବେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ନୀତିକାନ୍ତି ଶୃଙ୍ଖଳାରେ ହେଲେ ଦର୍ଶନ ମଧ୍ୟ ଶୃଙ୍ଖଳିତ ହେବ। ତେଣୁ ନୀତିକାନ୍ତିକୁ ନିର୍ଦ୍ଧାରିତ ସମୟରେ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ରହିଛି ଓ ଶ୍ରଦ୍ଧାଳୁମାନେ କୋଭିଡ୍ କଟକଣା ମାନି ଦର୍ଶନ କରନ୍ତୁ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ପକ୍ଷରୁ କାର୍ଯ୍ୟକାରୀ କରାଯାଇଥିବା ଦର୍ଶନ ପରର ଫିଡ୍‌ବ୍ୟାକ୍ ବ୍ୟବସ୍ଥା ଶ୍ରଦ୍ଧାଳୁଙ୍କ ପାଇଁ ଏକ ନୂଆ ଓ ଅଭିନବ ପ୍ରୟାସ ଥିଲା। ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିରରୁ ବାହାରିବା ପରେ ଉଭୟ ପେପର ଓ ପେପରଲେସ୍ ପ୍ରକ୍ରିୟାକୁ ଆପଣାଇ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥାକୁ ନେଇ ପ୍ରତିକ୍ରିୟା ରଖିଛନ୍ତି। ଦର୍ଶନ ଶେଷ ସୁଦ୍ଧା ପାଖାପାଖି ୧୮୭ ଶ୍ରଦ୍ଧାଳୁ ପୋଲିସ ପ୍ରଶାସନର ବ୍ୟବସ୍ଥାକୁ ନେଇ ସନ୍ତୋଷବ୍ୟକ୍ତ କରିଥିବା ଏସ୍‌ପି କନୱର ବିଶାଲ ସିଂ କହିଛନ୍ତି। ପୁରୀ ପୋଲିସ ପକ୍ଷରୁ ସୋମବାର ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ ହୋଇଥିବା ବେଳେ ସୁରକ୍ଷା ବ୍ୟବସ୍ଥା ଉପରେ କଡ଼ା ନଜର ରଖାଯାଇଥିଲା। ଦର୍ଶନ ପାଇଁ ଧାଡ଼ିରେ ଲାଗିଥିବା ଅନେକ ଭକ୍ତ ସୋମବାର ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ଓ ଡବଲ୍ ଡୋଜ୍ ଭାକ୍ସିନେସନ୍‌ର ପ୍ରମାଣପତ୍ରର ନକଲ ସାଙ୍ଗରେ ନ ଆଣି ଡିଜିଟାଲ୍ ଫର୍ମରେ ଥିବା ପ୍ରମାଣପତ୍ରକୁ ଦେଖାଇଥିଲେ। ମାତ୍ର ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ଦର୍ଶନ ପାଇଁ ଛଡ଼ାଯାଇ ନ ଥିବାବେଳେ ପ୍ରମାଣପତ୍ରର ନକଲ ଆଣିବା ପାଇଁ କୁହାଯାଇଥିଲା। ଫଳରେ ଶ୍ରଦ୍ଧାଳୁମାନେ ଧାଡ଼ିରୁ ବାହାରି ପ୍ରମାଣପତ୍ରର ନକଲ ଆଣି ଦର୍ଶନ କରିଛନ୍ତି। ହରିୟାଣାରୁ ଆସିଥିବା ସାହିଲ୍ ଆରୋରାଙ୍କ କହିବା ଅନୁଯାୟୀ, ଶ୍ରୀମନ୍ଦିର ଗାଇଡ୍‌ଲାଇନ୍‌ରେ ଏଭଳି କୌଣସି ସର୍ତ୍ତ ସମ୍ପର୍କରେ ଉଲ୍ଲେଖ ନ ଥିବା ହେତୁ ଡିଜିଟାଲ୍ ଫର୍ମରେ ରଖିଥିବା ପ୍ରମାଣପତ୍ର ସାଙ୍ଗରେ ନେଇ ଆସିଥିଲି। ମାତ୍ର ଏଠାରେ ଅନୁମତି ନ ମିଳିବାରୁ ପୁଣିଥରେ ଏହାର କାଗଜ ନକଲ ବାହାର କରି ମହାପ୍ରଭୁଙ୍କୁ ଦର୍ଶନ କଲି। ୨୩ ତାରିଖରେ ଶ୍ରୀମନ୍ଦିର ଖୋଲିବା ଜାଣିବା ପରେ ୧୯ରୁ ପୁରୀ ଚାଲିଆସିଥିଲି। ପୁରୀ ବେଳାଭୂମିରେ ସମୟ ଅତିବାହିତ କରିବା ସହ ମହାପ୍ରଭୁଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମସନ୍ତୋଷ ମିଳିଛି। ଅନ୍ୟପକ୍ଷେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ଦର୍ଶନ ବ୍ୟବସ୍ଥାକୁ ସୁରୁଖୁରୁରେ ପରିଚାଳିତ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତିକାନ୍ତି ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଥିଲା। ଦିନ ୧୧ଟାରେ ସକାଳ ଧୂପ ପୂଜା ଆରମ୍ଭ ହୋଇଥିବା ବେଳେ ୧୧ଟା ୪୫ରେ ସକାଳ ଧୂପ ଶେଷ ହୋଇଥିଲା। ସେହିପରି ଭୋଗମଣ୍ଡପ ପୂଜା ୧ଟା ୫୦ରେ ଶେଷ ହୋଇଥିବା ବେଳେ ମଧ୍ୟାହ୍ନ ଧୂପ ୩ଟା ୨୦ରେ ସରିଥିଲା। ତେବେ ସୋମବାର ଦର୍ଶନର ଶେଷ ସମୟ ମଧ୍ୟରେ ପ୍ରାୟ ୮ହଜାର ୭୦୦ଜଣ ଶ୍ରଦ୍ଧାଳୁ ମହାପ୍ରଭୁଙ୍କୁ ଦର୍ଶନ କରିଥିବା ସୂଚନା ମିଳିଛି। ଶ୍ରୀମନ୍ଦିର ପରିସରରେ ମହାପ୍ରସାଦ ସେବନ ଉପରେ କଟକଣା ଥିବା ହେତୁ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ଦର୍ଶନ ସାରି ସାଙ୍ଗରେ ଅବଢ଼ା ନେଇ ଫେରୁଥିବାର ଦେଖିବାକୁ ମିଳିଛି।

## ଶିଶୁଙ୍କ ପାଇଁ ବିପଦ...

ବିଶେଷଜ୍ଞ ମତ ଦେଇଛନ୍ତି। ତେବେ ତୃତୀୟ ଲହର ଦ୍ୱିତୀୟ ଲହର ଭଳି ମାରାତ୍ମକ ହେବନାହିଁ ବୋଲି ଅନ୍ୟ କେତେଜଣ କହିଛନ୍ତି। କମିଟି ସମ୍ପୂର୍ଣ୍ଣ ହୋମ୍ କେୟାର ମଡେଲ ଉପରେ ଗୁରୁତ୍ୱ ଦେବା ସହ ତୁରନ୍ତ ଶିଶୁରୋଗ ବିଭାଗ ସାମର୍ଥ୍ୟ ବଢ଼ାଇବା ଏବଂ ପିଲାମାନଙ୍କ ମାନସିକ ରୋଗ ପ୍ରସଙ୍ଗକୁ ପ୍ରାଥମିକତା ଦେବାକୁ ପ୍ରସ୍ତାବ ଦେଇଛି। ଶିଶୁମାନଙ୍କ ପାଇଁ ସ୍ୱତନ୍ତ୍ର କୋଭିଡ୍ ୱାର୍ଡ କରିବା ଲାଗି ପରାମର୍ଶ ଦିଆଯାଇଛି, ଯେଉଁଠି ସେମାନଙ୍କ ଆଟେଣ୍ଡାଣ୍ଟ କିମ୍ବା ମାଆାବାପା ନିରାପଦର ସହିତ ପାଖରେ ରହିପାରିବେ। ତେବେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଶିଶୁରୋଗ ବିଶେଷଜ୍ଞ ପଦବୀ ୮୨ ପ୍ରତିଶତ ପୂରଣ ହୋଇ ନ ଥିବାବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୩ ପ୍ରତିଶତ ପଦବୀ ଖାଲି ପଡ଼ିଥିବାରୁ କମିଟି ଉଦ୍‌ବେଗ ପ୍ରକାଶ କରିଛନ୍ତି। କରୋନା ନିୟମାବଳୀ ଠିକ୍‌ଭାବେ ପାଳନ କରା ନ ଗଲେ, ପର୍ଯ୍ୟାପ୍ତ ଚିକିତ୍ସା ସୁବିଧା କରା ନ ଗଲେ ଏବଂ ଟିକାକରଣ ନ ବଢ଼ାଇଲେ ସ୍ଥିତି ଅଧିକ ଖରାପ ହେବା ନେଇ ରିପୋର୍ଟରେ ସତର୍କ କରାଇ ଦିଆଯାଇଛି।

## ଆମେ ପ୍ରସ୍ତୁତ: ଡିଏମ୍ଇଟି

ହୋଇପାରନ୍ତି। ତେଣୁ ଆମକୁ ପ୍ରସ୍ତୁତ ରହିବାକୁ ପଡ଼ିବ। ତୃତୀୟ ଲହର ପାଇଁ ଯାହା ଆବଶ୍ୟକ ରହିଛି, ସେହି ତୁଳନାରେ ଆମେ ଅଧିକ ପ୍ରସ୍ତୁତ ରହିଛୁ। ପିଲାଙ୍କ ପାଇଁ ମଧ୍ୟ ସମସ୍ତ ବ୍ୟବସ୍ଥା କରାଯାଇଛି। ଓଡ଼ିଶାର ଜନସଂଖ୍ୟା ଦେଶର ୩.୬ ପ୍ରତିଶତ ହୋଇଥିବାରୁ ଅକ୍ଟୋବର ବେଳକୁ ରାଜ୍ୟରେ ଦିନକୁ ୧୪ ହଜାର ୪୦୦ ମାମଲା ଆସିପାରେ। ଏଥିମଧ୍ୟରୁ ୨.୨ ପ୍ରତିଶତଙ୍କୁ ଆଇସିୟୁ ବେଡ୍ କିମ୍ବା ଭେଣ୍ଟିଲେଟରର ଆବଶ୍ୟକତା ରହିବ। ସେଥିପାଇଁ ବିଶେଷଜ୍ଞଙ୍କ ଆକଳନ ଆଧାରରେ ରାଜ୍ୟ ସରକାର ପ୍ରସ୍ତୁତି କରିଛନ୍ତି ବୋଲି ଡିଏମ୍ଇଟି କହିଛନ୍ତି।

ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ସେପ୍ଟେମ୍ବରରେ ତୃତୀୟ ଲହର ଆରମ୍ଭ ହେଲେ ଏହା ଅକ୍ଟୋବରରେ ପିକ୍ ନେବ। ଏହି ସମୟରେ ୧୦୦ରେ ୨୩ ପିଲା ଆକ୍ରାନ୍ତ ହୋଇପାରନ୍ତି ବୋଲି ଆକଳନ କରାଯାଇଛି। କରୋନାର ଦ୍ୱିତୀୟ ଲହର ୬୪ ଦିନରେ ପିକ୍‌କୁ ଆସିଥିଲା। ଯଦି ତୃତୀୟ ଲହର ଆସୁଛି, ତା'ହେଲେ ଏହାର ପିକ୍ ପିରିୟଡ୍ ପାଇଁ ଆମକୁ ଅପେକ୍ଷା କରିବାକୁ ପଡ଼ିବ। ମାତ୍ର ଆମେ ଏବେ ବି ଦ୍ୱିତୀୟ ଲହରରେ ରହିଛୁ। ସବୁ କୋଭିଡ୍ ହସ୍ପିଟାଲରେ ଶିଶୁଙ୍କ ପାଇଁ ସ୍ୱତନ୍ତ୍ର ପ୍ରାବଧାନ କରାଯାଇଛି। ଶିଶୁ ଭବନରେ ସେଣ୍ଟ୍ରାଲ ଅଫ୍ ଏକ୍ସିଲେନ୍ସି କରାଯାଉଛି। ଏବେ ସଂକ୍ରମିତ ଶିଶୁଙ୍କ ମଧ୍ୟରୁ ସିଭିୟରିଟି ବେଶି ନାହିଁ। ତଥାପି ତୀକ୍ଷ୍ଣ ନଜର ରଖାଯାଇଛି। ଶିଶୁଙ୍କ ଦୈନିକ ସଂକ୍ରମଣ ହାରକୁ ବିଶ୍ଳେଷଣ କରାଯାଉଛି। ଗତ ୩ଦିନ ଭିତରେ କେହି ଭେଣ୍ଟିଲେଟରକୁ ଯାଇନାହାନ୍ତି। ବହୁତ କମ୍ ଶିଶୁଙ୍କୁ ଅକ୍ସିଜେନ ଦରକାର ହେଉଥିଲା ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଗତ ୨୪ ଘଣ୍ଟାରେ ରାଜ୍ୟରେ ଆଉ ୭୬୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୧୦୧ ଜଣ ଅଛନ୍ତି। ଶେଷ ୯ଦିନରେ ୧,୦୪୯ ପିଲା କରୋନାରେ ସଂକ୍ରମିତ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲାରୁ ୨୮୯ ଓ କଟକରୁ ୧୧୭ଜଣ ରହିଛନ୍ତି। ଫଳରେ ଏବେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୦,୦୧,୬୯୮କୁ ବୃଦ୍ଧି ପାଇଛି। ଅପରପକ୍ଷେ ରାଜ୍ୟରେ ଆଉ ୬୮ଜଣଙ୍କ ମୃତ୍ୟୁ ହୋଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୭,୪୨୬କୁ ବୃଦ୍ଧି ପାଇଛି। ସୋମବାର ୧,୦୩୨ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଥିବାରୁ ଆରୋଗ୍ୟଙ୍କ ସଂଖ୍ୟା ୯,୮୬,୩୩୪ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ୭,୮୮୫ଜଣ ସକ୍ରିୟ ରୋଗୀ ରହିଛନ୍ତି।

## ଆଜିଠାରୁ ଟୋକିଓ...

ଅଧିକାଂଶ ଇଭେଣ୍ଟ ବିନା ଦର୍ଶକରେ ଅନୁଷ୍ଠିତ ହେବ। ପାରାଲିମ୍ପିକ୍ସରେ ଭାରତର ୫୪ ପ୍ରତିଯୋଗୀ ୯ଟି କ୍ରୀଡ଼ା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଅଲିମ୍ପିକ୍ସ ପରି ପାରାଲିମ୍ପିକ୍ସର ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ମଧ୍ୟ କଟକଣା ମଧ୍ୟରେ ଅନୁଷ୍ଠିତ ହେବ। ଉଦ୍‌ଘାଟନୀରେ ଭାରତର ୬ ଅଫିସିଆଲ ଓ ୫ ଆଥ୍‌ଲେଟ ଯୋଗଦେବେ। ପାରା ହାଇଜମ୍ପର ମାରିୟାପ୍ପାନ ଥଙ୍ଗାଭେଲୁ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେବେ। ଉଦ୍‌ଘାଟନୀରେ ଭାଗ ନେବାକୁ ଅନୁମତି ପାଇଥିବା ଅନ୍ୟ ଭାରତୀୟ ୪ ଆଥଲେଟ୍ ହେଲେ ଡିସ୍‌କସ୍ ଥ୍ରୋୟର ବିନୋଦ କୁମାର, ଜାଭେଲିନ ଥ୍ରୋୟର ଟେକ୍ ଚାନ୍ଦ ଏବଂ ପାୱାର ଲିଫ୍ଟର ଜୟଦୀପ ଓ ସାକିନା ଖାତୁନ। ପାରାଲିମ୍ପିକ୍ସରେ ଏଥର ବ୍ୟାଡ୍‌ମିଣ୍ଟନ ଇଭେଣ୍ଟକୁ ସାମିଲ କରାଯାଇଛି। ତେଣୁ ଓଡ଼ିଶାର ପ୍ରମୋଦ ଭଗତ ପ୍ରଥମଥର ପାଇଁ ପାରାଲିମ୍ପିକ୍ସରେ ଆକ୍ସନରେ ଦେଖିବାକୁ ମିଳିବେ। ପ୍ରମୋଦ ପୁରୁଷ ସିଙ୍ଗଲ୍ସ (ଏସଏଲ-୩) ଓ ମିକ୍ସଡ ଡବଲ୍ସ ଇଭେଣ୍ଟରେ ଭାଗନେବେ। ମିକ୍ସଡ ଡବଲ୍ସରେ ତାଙ୍କର ପାର୍ଟନର ହେବେ ପଲକ କୋହଲି। ପ୍ରମୋଦ ପୂର୍ବରୁ ଏକାଧିକ ଥର ବିଶ୍ୱ ପାରାବ୍ୟାଡ୍‌ମିଣ୍ଟନ ଟାଇଟଲ ଜିତି ସାରିଥିବାରୁ ପାରାଲିମ୍ପିକ୍ସରେ ପୋଡିୟମ ମଣ୍ଡନ କରିବା ସମ୍ଭାବନା ରହିଛି। ପ୍ରମୋଦ-ପଲକ(ଏସ୍ଏଲ୩-ଏସୟୁ୫) ଯୋଡ଼ି ମଧ୍ୟ ଭଲ ପ୍ରଦର୍ଶନ କରିବା ଆଶା ରହିଛି।

## ଆସେଟ୍ ମନିଟାଇଜେଶନ...

ଭିତ୍ତିଭୂମିଗୁଡ଼ିକୁ ଏଥିରେ ସାମିଲ କରାଯିବ ବୋଲି ନୀତି ଆୟୋଗ ସିଇଓ ଅମିତାଭ କାନ୍ତ କହିଛନ୍ତି। ଏଥିରେ ରେଲୱେ, ବିମାନବନ୍ଦର ଏବଂ କୋଇଲା ଖଣି ଭଳି ୩ ପ୍ରମୁଖ କ୍ଷେତ୍ରର ସମ୍ପତ୍ତି ମନିଟାଇଜେଶନ ଲାଗି ଯୋଜନା ରଖାଯାଇଛି। ଏହା ମଧ୍ୟରେ ୧୫ ରେଳ ଷ୍ଟେଶନ, ୨୫ ବିମାନବନ୍ଦର, ୧୬୦ କୋଇଲା ଖଣି ପ୍ରକଳ୍ପ ମନିଟାଇଜେଶନ ଲାଗି ରଖାଯିବ। ଏହାବାଦ ରାଜପଥ, ଶକ୍ତି ବିତରଣ ଲାଇନ, ଗ୍ୟାସ୍ ପାଇପ୍‌ଲାଇନ ମଧ୍ୟ ଉକ୍ତ ଯୋଜନାର ଅଂଶ ଭାବେ କାମ କରିବ। ଏହି ଅବସରରେ ସୀତାରାମନ କହିଛନ୍ତି, ସମ୍ପତ୍ତିର ମାଲିକାନା ସରକାରଙ୍କ ନିକଟରେ ରହିବ। ପ୍ରସ୍ତାବିତ ପ୍ରକଳ୍ପଗୁଡିକ ମଧ୍ୟରୁ ସରକାର କୌଣସିଟିକୁ ବିକ୍ରି କରିବେ ନାହିଁ। ଅର୍ଥ ବ୍ୟବସ୍ଥାର ସୁଧାର ଲାଗି ଭିତ୍ତିଭୂମି କ୍ଷେତ୍ର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିବ। ରାଷ୍ଟ୍ରାୟତ୍ତ ସମ୍ପତ୍ତିଗୁଡିକରେ ଘରୋଇ ନିବେଶକୁ ଉତ୍ସାହିତ କରିବା ଲାଗି ଏଭଳି ଯୋଜନା ହାତକୁ ନିଆଯାଇଛି। ଉକ୍ତ ସୂତ୍ରରୁ ଯାହାବି ଆୟ ଆସିବ ତାହା ଭିତ୍ତିଭୂମି କ୍ଷେତ୍ରର ଉନ୍ନତୀକରଣ ଲାଗି ଖର୍ଚ୍ଚ କରାଯିବ। ବ୍ରାଉନଫିଲ୍ଡ ବା କାର୍ଯ୍ୟକାରୀ ରହିଥିବା ପ୍ରକଳ୍ପଗୁଡ଼ିକରେ ଘରୋଇ ନିବେଶ ଆକୃଷ୍ଟ କରାଯିବ। ଯେଉଁ ଆସେଟ ସବୁ ପ୍ରସ୍ତୁତ ହୋଇ ରହିଛି ତା'ର ହିଁ ମନିଟାଇଜ୍ କରାଯିବ। ଯେଉଁ ସମ୍ପତ୍ତି ସବୁର ବିତ୍ତୀୟ ବ୍ୟବହାର ହୋଇପାରୁନାହିଁ ଏଗୁଡିକୁ ଆହୁରି ଉନ୍ନତ କରିବା ଲାଗି ଘରୋଇ ନିବେଶକୁ ଉତ୍ସାହିତ କରାଯିବ। ଚଳିତ ଆର୍ଥିକ ବର୍ଷରେ ୮୮ ହଜାର କୋଟି ଟଙ୍କା ସଂଗ୍ରହ ଯୋଜନା ରଖାଯାଇଥିବା ସେ ସ୍ପଷ୍ଟ କରିଛନ୍ତି। ୨୬,୭୦୦ କି.ମି.ର ରାଜପଥ ଆସେଟ୍ ମନିଟାଇଜେଶନ ଦ୍ୱାରା ୧.୬୦ ଲକ୍ଷ କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ରାଜପଥ କ୍ଷେତ୍ରରେ ୧୪ ଶହ କି.ମି. ମନିଟାଇଜେଶନ ଦ୍ୱାରା ୧୭ ଶହ କୋଟି ଟଙ୍କା ଆସିଥିବା କାନ୍ତ କହିଛନ୍ତି। ସେହିଭଳି ଶକ୍ତି କ୍ଷେତ୍ରର ୫ ଆସେଟ୍ ମନିଟାଇଜେଶନ ଦ୍ୱାରା ୭,୭୦୦ କୋଟି ଟଙ୍କା ସଂଗ୍ରହ ହୋଇଛି। ୨୮,୬୦୮ ସିର୍କେଟ କି.ମି. ଟ୍ରାନ୍ସମିଶନ ଲାଇନ୍‌ର ମନିଟାଇଜେଶନ ଦ୍ୱାରା ୪୫,୨୦୦ କୋଟି ଏବଂ ଶକ୍ତି ଉତ୍ପାଦନ କ୍ଷେତ୍ରରୁ ୩୯,୮୩୨ କୋଟି ସଂଗ୍ରହ ଲକ୍ଷ୍ୟ ରହିଥିବା କାନ୍ତ ସ୍ପଷ୍ଟ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଗୁରୁଚାନ୍ଦ୍ରୀ ଯୋଗ ପ୍ରଭାବରେ ଅର୍ଥ ଓ ସମ୍ମାନ ପାଇବେ। ସତର୍କତା ଅଭାବରୁ ଧନହାନି ସୂଚନା ରହିଛି। ବିଜାତୀୟ ବ୍ୟକ୍ତିର ଶତ୍ରୁତା ହେତୁ କର୍ମକ୍ଷେତ୍ରରେ କୌଣସି କାମ ଶୃଙ୍ଖଳିତ ହୋଇପାରିବ ନାହିଁ। ଅବଶ୍ୟ ଆଜିର ବ୍ୟବସାୟ କ୍ଷେତ୍ର, କଳା, ସାହିତ୍ୟ, ପ୍ରଶାସନିକ କ୍ଷେତ୍ର, ଗବେଷଣା ଓ ଅନୁସନ୍ଧାନାଦି କାର୍ଯ୍ୟରେ ପ୍ରତିଷ୍ଠାର୍ଜନ କରିବେ।

**ବୃଷ**
ବୁଧାଦିତ୍ୟ ଯୋଗର ଫଳ ପ୍ରଭାବରେ ପରିବାର, କର୍ମକ୍ଷେତ୍ର ଏବଂ ସମାଜରେ କୃତି ଓ କୃତିତ୍ୱ କାରଣରୁ ପ୍ରଶଂସିତ ହେବେ। ଆରଦ୍ରା ନକ୍ଷତ୍ର ପାଇଁ ସବୁକିଛି ଠିକ୍ ଠାକ୍ ଚାଲିଥିଲେ ମଧ୍ୟ ଫଳ ମିଳିବ ଓଲଟା, ଯାହାକୁ ନିଜର ଭାବି ଗୋପନୀୟ କଥା କହିବେ, ସେ ହିଁ ଶେଷରେ ଦାଉ ସାଧିବ। ଆର୍ଥିକ ସମସ୍ୟା, ପାରିବାରିକ ଦ୍ୱନ୍ଦ୍ୱ ଦୂରୀଭୂତ ହେବ।

**ମିଥୁନ**
ତୃତୀୟସ୍ଥ ବୁଧ ହେତୁ ପାରିବାରିକ ସମସ୍ୟା ହିଁ ଆଜିର ମୁଖ୍ୟ ଦୁଶ୍ଚିନ୍ତାର କାରଣ ହେବ। ଏହା ସଙ୍ଗକୁ ଦେହ ଭଲ ନ ଲାଗିବା କାରଣରୁ ମଧ୍ୟ ନିରୁତ୍ସାହିତ ରହିପାରନ୍ତି। ନିଜ ନିଜର ସ୍ୱାର୍ଥସାଧନ ସକାଶେ ବନ୍ଧୁମାନେ ଆପଣଙ୍କ ଉପରୁ ନଜର ହଟାଇବେ। ସରକାରୀ କ୍ଷେତ୍ରରୁ ଆଦେଶ ପାଇ ଦୂରଯାତ୍ରା କରିବାକୁ ପଡ଼ିପାରେ।

**କର୍କଟ**
କର୍ମାଧିପ ନୀଚସ୍ଥ ହେତୁ ଯାହା କରୁଛନ୍ତି ଭାବିଚିନ୍ତି କରିବା ଭଲ ହେବ ନଚେତ୍ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପ୍ରତ୍ୟେକ କ୍ଷେତ୍ରରେ ଅଜଣା ଅଶୁଣା ବ୍ୟକ୍ତିଙ୍କଠାରୁ ଦୂରେଇ ରହିବା ଭଲ। ଅଶ୍ଳେଷା ନକ୍ଷତ୍ରର ଆର୍ଥିକ ଅବସ୍ଥା ଭଲ ନ ହେଲେ ମଧ୍ୟ ମନ୍ଦ ହେବ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ।

**ସିଂହ**
ରାଶ୍ୟାଧିପଙ୍କ ସୁପ୍ରଭାବରୁ ଯେମିତି ଚିନ୍ତା କରୁଛନ୍ତି, ସେମିତି କରି ଚାଲନ୍ତୁ, କିଛି ଅସୁବିଧା ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବାରୁ ମନୋବଳ ବୃଦ୍ଧିପାଇବ। ଭାଙ୍ଗି ପଡିଥିବା ବନ୍ଧୁ ସମ୍ପର୍କ ଆଜି ଯୋଡି ହୋଇଯିବା ସମ୍ଭାବନା ରହିଛି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦ ସୃଷ୍ଟି କରିପାରନ୍ତି।

**କନ୍ୟା**
ରାଶିରେ ଦୁର୍ବଳ ଶୁକ୍ର ଅବସ୍ଥାନ କରୁଥିବାରୁ ଭଲ ଚିନ୍ତା କଲେ ମଧ୍ୟ ପରିବେଶ ଓ ପରିସ୍ଥିତି ଭଲ ରହିବ ନାହିଁ। ଲୋଭନୀୟ ପ୍ରତିଶ୍ରୁତି ମାଧ୍ୟମରେ ଯାହାକୁ ନିଜ ସପକ୍ଷରେ ଆଣିବାକୁ ଚାହୁଁଛନ୍ତି, ତାହା ଭଲ ହୋଇ ନ ପାରେ। ସାଂସ୍କୃତିକ, ରାଜନୈତିକ ଓ ଆନୁଷ୍ଠାନିକ କ୍ଷେତ୍ରରେ ଲକ୍ଷ୍ୟ ହାସଲରେ ସମର୍ଥ ହେବେ। ଧନ ହାନି ଘଟିପାରେ।

**ତୁଳା**
ଏକାଦଶସ୍ଥ କର୍ମାଧିପତି ଆପଣଙ୍କ ଆଶା ନିଶ୍ଚିତ ସଫଳତା ଲାଭ କରିବ। କିନ୍ତୁ ବନ୍ଧୁ କିମ୍ବା ସହକର୍ମୀଙ୍କର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁନାହିଁ। ମଙ୍ଗଳଙ୍କ ଦୁର୍ବଳତା ଦାମ୍ପତ୍ୟ ଜୀବନକୁ ବିଶୃଙ୍ଖଳିତ କରିବାର ସୂଚନା ରହିଛି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ମଧ୍ୟ ନୈରାଶ୍ୟଜନକ ସ୍ଥିତି ଉପୁଜିପାରେ।

**ବିଛା**
ବନ୍ଧୁ କିମ୍ବା ଆତ୍ମୀୟ ସ୍ୱଜନମାନଙ୍କ ଅନାଦର ଭାବ ଓ ବେଖାତିର କଥାରେ ମନ ଭାରାକ୍ରାନ୍ତ ରହିବ। ଅନୁରାଧା ନକ୍ଷତ୍ର ଅସଜଡା ପରିବାରକୁ ସଜାଡିବା ସକାଶେ ଯଥାସାଧ୍ୟ ଚେଷ୍ଟା କରିପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କାମଟିକୁ ହଠାତ୍ ଆରମ୍ଭକରିବାକୁ ମନସ୍ଥ କରିବେ। ବ୍ୟବସାୟ, ବାଣିଜ୍ୟ, ଏକ ପ୍ରକାରର ଚଳନୀୟ ରହିବ।

**ଧନୁ**
ଆଜି ଦିନ ଭରି କଠୋର ପରିଶ୍ରମଜନିତ ଶାନ୍ତିରେ ସୁନିଦ୍ରା ମଧ୍ୟ ନ ହୋଇପାରେ। କର୍ମାଧିପ ଭାଗ୍ୟସ୍ଥ ଯୋଗୁଁ କୌଣସି ନୂତନ କର୍ମାରମ୍ଭର ପରିକଳ୍ପନା କରିପାରନ୍ତି। ବୃହସ୍ପତିଙ୍କ ଦୁର୍ବଳତା କାରଣରୁ ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିବ। ହାତକୁ ନେଇଥିବା ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ମକର**
ଆଜିର ଯାତ୍ରା, ବାଣିଜ୍ୟ, ଚେଷ୍ଟା କରୁଥିବା କାର୍ଯ୍ୟ ପ୍ରଭୃତିରୁ ସନ୍ତୋଷଜନକ ଫଳ ପାଇବେ। ତଥାପି ମଙ୍ଗଳଙ୍କ କୁପ୍ରଭାବରୁ ଯାନ୍ତ୍ରିକ ତ୍ରୁଟିଜନିତ ସମସ୍ୟା ଦ୍ୱିଗୁଣିତ ହୋଇପାରେ। ଦୀର୍ଘ ଦିନର ବକେୟା ଅର୍ଥ ବନ୍ଧୁଙ୍କ ସହାୟତାରେ ଆଜି ପ୍ରାପ୍ତ ହେବ। କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ, ଚଳଚ୍ଚିତ୍ରାଦି କ୍ଷେତ୍ରରେ ସମସ୍ୟା ହଟିଯିବ।

**କୁମ୍ଭ**
କେତୁଙ୍କ କୁପ୍ରଭାବରେ ଆଜିର କାମଗୁଡିକ ବହୁତ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ଅନ୍ୟ ମାନଙ୍କ ନିକଟରୁ ସାହାଯ୍ୟ ଆଶା ନିରର୍ଥକ ହୋଇପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂରୀଭୂତ ହୋଇଯିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ।

**ମୀନ**
ଆଜିର ଗ୍ରହସ୍ଥିତି ଆପଣଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ତ୍ୱରିତ ନିଷ୍ପତ୍ତି ନେବାରେ ସହାୟକ ହେବ। ଶତ୍ରୁମାନେ ମିତ୍ରଭଳି ଆଚରଣ କରିବା ସଙ୍ଗକୁ ଆତ୍ମୀୟମାନେ ପାଖେଇ ଆସିବେ। କୌଣସି ଆନୁଷ୍ଠାନିକ ଉତ୍ସବାରମ୍ଭ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ।


# classifieds Everyday
0674-2580101, 2549302




**SALE**

AIIMS ପାଖରେ 50X30 ଘରବାରି yellowzone 8ଟା plot ବିକ୍ରିହେବ। Contact: 9778928492. D-70240

Duplex house for sale at Gadakana, Bhubaneswar. Contact Owner: 9348695941. D-21436

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70467

Immediate ଘରକରି ରହିବା ପାଇଁ ବାସୁଆଘାଇ ମୌଜାରେ ଘରବାରି boundary ପଟ୍ଟା ପ୍ଲଟ୍ ମିଳୁଛି। 9692213354. D-70473

ଭୁବନେଶ୍ୱର ଚନ୍ଦକାରେ **Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542.** D-70889

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

**କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub 'Grand Bazar' ସମ୍ମୁଖରୁ 1 Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ- 9078699286.** D-70892

ଭୁବନେଶ୍ୱର-ଖୋର୍ଦ୍ଧା ରୋଡ୍ ଜଟଣୀ ଗେଟ୍ ପାଖରେ ଇଲେକ୍ଟ୍ରିଫିକେସନ ଥାଇ ସ୍ଥିତିବାନ demarcated ପ୍ଲଟ୍ କିଣି ଘର କରନ୍ତୁ -9438315973. D-21374

**30' road gharabari plot at Ghangapatna 4kms from Sum Hospital and commercial/ residential plot Pitapalli NH side. 7978601422.** D-70879

Infocity-II ପାଖରେ 18000sqft. yellowzone ଘରବାରି plot ବିକ୍ରିହେବ। Contact: 9778928492. D-70239

**2/3 BHK flats sale at Mancheswar Railway Station, Bhubaneswar discount upto- 5,00,000/-. 8114982646, 9040744989.** D-70890

3 & 2BHK furnished flat available near Ravi Talkies Square, Amber Showroom, Patrapada and near Gudiapokhari, Bhubaneswar. Contact: 9861037729, 9040337729. D-21431

**2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254.** D-70886




**Construct your home with branded material. We provide plan approval, boring, vastu. 7789824989, 9040744989.** D-70891




Newly Open Saikrupa Panchakarma Spa positively health benefits with Expert. 8984068077. D-21326

Swarna SPA newly open positively health benefits with expert therapist. 9556978408. D-71133

Lotus SPA newly open positively health benefits/ expert therapist. 8455987557. D-71403

**AFFIDAVIT**

By virtue of an affidavit sworn before the Executive Magistrate, Laikera, I Gunanidhi Pradhan, R/o- Village-Mahaling, Po- Basajal, Dist.- Sambalpur declare that Gunanidhi Pradhan and Ramprasad Pradhan, S/o- Milu Pradhan and adopted father Tirtha Pradhan both the names are related to same and one person. D-21432

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LOST**

I, Sri Guddi saktinanda aged about 43 years Wife of Late Debakanta Mohapatra. Permanent residence Anandapur, Dist.- Keonjhar, P.S.- Anandapur. Present residence Plot No.- SC 2, VSS Nagar, P.S.- Saheed Nagar, Bhubaneswar.
A) I declare that missing of original file SC 2 house.
B) Allotment Order in favour of Ramanath Mishra.
C) Agreement for Lease between OSHB and Ramanath Mishra.
D) Regd. Deed of Lease No.- 2007 dated 17.02.1989 ib favour of Ramanath Mishra.
E) Regd. Power of Attorney executed by Ramanath Mishra in favour of Umesh Chandra Mohapatra.
F) Order relating change of ownership from the name of Ramanath Mishra to Debakanta Mohapatra.
G) Regd. Gift Deed No.- 2452 dated 31.03.2001 between Ramanath Mishra & Debakanta Mohapatra.
H) NOC for creation of mortgage (2Nos) dated 16.02.2013 in favour of Andhra Bank Pokhariput Branch.
I) Death Certificate of Debakanta Mohapatra
I request that any body getting the document please contact the following Mob No. Yours Guddi Saktinanda. Mob- 9437046666. D-21429

**Email ମାଧ୍ୟମରେ** କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/–ରେ। ରଙ୍ଗୀନ ଟ୪୨୦/–ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ଜମି ଦୁର୍ନୀତି: ତହସିଲଦାର ଗିରଫ

## ବସୁନ୍ଧରା ଯୋଜନା

- ବନ୍ଧାହେଲେ ୪ ଆର୍‌ଆଇ
- ଭୁବନେଶ୍ୱର, କଟକ, ଜଗତ୍‌ସିଂହପୁର, ଭଦ୍ରକରେ ୯ ଭିଜିଲାନ୍ସ ଟିମ୍‌ର ଚଢ଼ାଉ

**ଜଗତ୍‌ସିଂହପୁର ଅଫିସ/ଭଦ୍ରକ ଅଫିସ, ୨୩।୮**

୧୨ ବର୍ଷ ପୂର୍ବରୁ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ତହସିଲ ଅଞ୍ଚଳରେ ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ଜମି ଦିଆଯିବା ନାଁରେ ଦୁର୍ନୀତି ହୋଇଥିଲା। ଚଞ୍ଚକତାପୂର୍ବକ ମୂଲ୍ୟବାନ ସରକାରୀ ଜମି କେତେଜଣ ଅଯୋଗ୍ୟ ଲୋକଙ୍କ ନାମରେ କରାଯାଇ ମୋଟା ଅଙ୍କର କାରବାର ହୋଇଥିବା ଜଣାପଡ଼ିଥିଲା। ବହୁଚର୍ଚ୍ଚିତ ଏହି ସରକାରୀ ଜମି ଦୁର୍ନୀତି ଉପରେ ଭିଜିଲାନ୍ସ ତଦନ୍ତ କରି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। କଟକ ଭିଜିଲାନ୍ସ ସେଲ୍ ପକ୍ଷରୁ ରବିବାର ମାମଲା ସଂଖ୍ୟା ୪/୨୧ ରୁଜୁ କରାଯାଇଛି। ସୋମବାର ଭୁବନେଶ୍ୱର, କଟକ, ଭଦ୍ରକ ଏବଂ ଜଗତ୍‌ସିଂହପୁରର ଏକାଧିକ ସ୍ଥାନରେ ଭିଜିଲାନ୍ସ ଅତିରିକ୍ତ ଏସ୍‌ପି, ୧୧ ଡିଏସ୍‌ପି ଓ ୬ ଇନସ୍‌ପେକ୍ଟରଙ୍କ ୯ଟି ଟିମ୍ ଚଢ଼ାଉ କରିଥିଲେ। ଭିଜିଲାନ୍ସ ଟିମ୍ ଜଣେ ତହସିଲଦାରଙ୍କ ସମେତ ୫ ଜଣଙ୍କୁ ଗିରଫ କରିବାକୁ ସକ୍ଷମ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଜଙ୍ଗର ପୂର୍ବତନ ତହସିଲଦାର ତଥା ବର୍ତ୍ତମାନର ଭଦ୍ରକ ଜିଲା ତିହିଡ଼ି ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା (ଓଏଏସ୍), ପୂର୍ବତନ ଝିମାଣୀ ରାଜସ୍ୱ ନିରୀକ୍ଷକ (ଆର୍‌ଆଇ) ତଥା ବର୍ତ୍ତମାନର ତିର୍ତ୍ତୋଲ ଆର୍‌ଆଇ ସନ୍ତୋଷ କୁମାର ମଲ୍ଲିକ, ଅବସରପ୍ରାପ୍ତ ତଥା ପୂର୍ବତନ ପାରାଦୀପଗଡ଼ ଆର୍‌ଆଇ ନରେନ୍ଦ୍ର କୁମାର ଲେଙ୍କା, ଅବସରପ୍ରାପ୍ତ ତଥା ପୂର୍ବତନ କୁଜଙ୍ଗ ଆର୍‌ଆଇ ସୁବାସ ଚନ୍ଦ୍ର ଦାସ ଓ ପୂର୍ବତନ ପଣ୍ଡୁଆ ଆର୍‌ଆଇ ତଥା ବର୍ତ୍ତମାନର ଏରସମା ଆରଆଇ ଜ୍ୟୋତିଭୂଷଣ ବାରିକ। ଏମାନଙ୍କ ନାମରେ ଅନିୟମିତତା, ଆପରାଧିକ ଷଡ଼ଯନ୍ତ୍ର, ମୂଲ୍ୟବାନ ସରକାରୀ ଜମି ବସୁନ୍ଧରା ଯୋଜନାରେ ଅଯୋଗ୍ୟ ହିତାଧିକାରୀଙ୍କ ନାମରେ ଅନ୍ତର୍ଭୁକ୍ତ କରିବା ଆଦି ଅଭିଯୋଗ ରହିଛି।

ଜମି ଦୁର୍ନୀତି ସମ୍ପର୍କରେ ପ୍ରଥମେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଖୋଳତାଡ ଆରମ୍ଭ କରିଥିଲେ। ଅତିରିକ୍ତ ତହସିଲଦାର ସଚ୍ଚିଦାନନ୍ଦ ସାହୁ ଓ ପୂର୍ବରୁ ଜଗତ୍‌ସିଂହପୁର ତହସିଲଦାର ଏବଂ କିଛି ଦିନ ଅସ୍ଥାୟୀ ଭାବେ ଜଗତ୍‌ସିଂହପୁର ଉପଜିଲାପାଳ ଦାୟିତ୍ୱରେ ଥିବା ମାନସ ରଞ୍ଜନ ଭୋଇ ତଦନ୍ତ କରିଥିଲେ। ତା'ପରେ ଜିଲାପାଳ ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିସ କରିଥିଲେ। ପାଣି ଯୋର ଥିବା ସରକାରୀ ଜମି କିପରି କିସମ ପରିବର୍ତ୍ତନ ହେଲା ଏବଂ ବସୁନ୍ଧରା ଯୋଜନାରେ ଭୂମିହୀନଙ୍କୁ ଦିଆଯିବା ଆଳରେ କେତେକ ଅଯୋଗ୍ୟ ଲୋକଙ୍କୁ ୪ ଡିସିମିଲ ହିସାବରେ ବାଣ୍ଟି ଦିଆଯାଇଥିଲା ତାହା ଭିଜିଲାନ୍ସ ତଦନ୍ତ ପରିସରକୁ ଆସିଛି। ସୂଚନାଯୋଗ୍ୟ ପାଖାପାଖି ୧୨ ବର୍ଷ ତଳୁ କୁଜଙ୍ଗ ତହସିଲ ଅନ୍ତର୍ଗତ ଉଦୟବଟ ଅଞ୍ଚଳର ମୂଳ ଖାତା ୮୮୮ ଏବଂ ୧୩୦୯ରେ ରହିଥିବା ଜମିର ପରିମାଣ ଓ କିସମକୁ ବେଶ୍ ଚତୁରତାର ସହ ବଦଳାଇ ଦିଆଯାଇଥିଲା। ପୂର୍ବ ରେକର୍ଡରେ ଏହି ଦୁଇ ଖାତାରେ ୨ ଏକର ୧୫ ଡିସିମିଲ ଜମି ପାଣି ଯୋର ଥିବାବେଳେ ନକ୍ସାରେ ବଦଳି ଯାଇଥିଲା। ଜମି ମାଫିଆମାନେ ସରକାରୀ କର୍ମଚାରୀ ଓ ଅଧିକାରୀଙ୍କୁ ହାତ କରି ଜମି ନିଜ ମାଲିକାନାକୁ ନେଇ ଯାଇଥିଲେ। ପିପଲ, ଚକ୍ରଧରପୁର, ଦୁଆଡ଼ିଆ ଓ ନିମିଡ଼ି ଅଞ୍ଚଳର କେତେଜଣ ବ୍ୟକ୍ତି ଜମି ଜାଲିଆତିରେ ସମ୍ପୃକ୍ତ ଥିଲେ। ତହସିଲ ଅଫିସ୍‌ରେ ହାତଗୁଞ୍ଜା ଦେଇ ସେତେବେଳେ ଏହି ଲୋକମାନେ ପାଣି ଯୋର ଜମିକୁ ଶାରଦ-୨ ଓ ପରେ ଘରବାଡ଼ି କିସମ କରି ଦେଇଥିଲେ।


ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା


ଭୁବନେଶ୍ୱରରେ ସୋମବାରଠାରୁ ଧର୍ମାନୁଷ୍ଠାନ ଖୋଲିଥିବାବେଳେ ରାମ ମନ୍ଦିରରୁ ଠାକୁରଙ୍କୁ ଦର୍ଶନ ସାରି ଶ୍ରଦ୍ଧାଳୁମାନେ ବାହାରୁଛନ୍ତି।

# କରୋନାରେ ବଢ଼ିଛି ସ୍ନାୟୁ ରୋଗ

**ଏସ୍‌ସିବି ମେଡିକାଲ କଲେଜ୍ ଆଣ୍ଡ୍ ହସ୍ପିଟାଲର ସ୍ନାୟୁ ରୋଗ ବିଶେଷଜ୍ଞ ମୁଖ୍ୟ ଡା. ଅଶୋକ ମଲ୍ଲିକ ଓଡ଼ିଶାରେ ଜଣେ ଦକ୍ଷ ଓ ଲୋକପ୍ରିୟ ଡାକ୍ତର ଭାବେ ଜଣାଶୁଣା। କଟକ ଜିଲାର ଭଟିମୁଣ୍ଡାର ଟିକ୍ରା ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଡା. ମଲ୍ଲିକ ବ୍ରହ୍ମପୁର ଏମକେସିଜିରୁ ଏମ୍‌ବିବିଏସ୍ ଏବଂ ପିଜି କରିଥିଲେ। ପରେ ଏକ ବର୍ଷ ପାଇଁ କଳାହାଣ୍ଡିରେ ଚାକିରି କରି ସେଠାରୁ କଟକ ଗୋବିନ୍ଦପୁର ସରକାରୀ ଡାକ୍ତରଖାନାରେ ୩ ବର୍ଷ ରହିଥିଲେ। କଟକ ରକ୍ତ ଭଣ୍ଡାରରେ ନିଯୁକ୍ତ ହେବା ପରେ ସେ ଏସ୍‌ସିବି ସ୍ନାୟୁ ବିଭାଗରେ ଆସିଷ୍ଟାଣ୍ଟ ସର୍ଜନ ଭାବେ ଯୋଗ ଦେଇଥିଲେ। ସ୍ନାୟୁ ଆମ ଶରୀରର ମାଂସପେଶୀର କାର୍ଯ୍ୟ ସମ୍ପାଦନ କରିଥାଏ। ବ୍ରେନ୍‌କୁ ଶରୀରର ସ୍ନାୟୁ ବିଭାଗର କେନ୍ଦ୍ରୀୟ ନର୍ଭସ ସିଷ୍ଟମ କୁହାଯାଇଥାଏ। ଏହାର ନିର୍ଦ୍ଦେଶରେ ପେରିଫେରି ନର୍ଭ ସିଷ୍ଟମ କାର୍ଯ୍ୟ କରିଥାଏ। ତେବେ କେନ୍ଦ୍ରୀୟ ନର୍ଭସ ସିଷ୍ଟମରେ ସାମାନ୍ୟ ଗଡ଼ବଡ଼ ଦେଖାଦେଲେ ଶରୀରରେ ସ୍ନାୟୁ ସମ୍ବନ୍ଧୀୟ ରୋଗ ହୋଇଥାଏ। ଏପରିକି ଶରୀର ସମ୍ପୂର୍ଣ୍ଣ ପାରାଲିସିସ ମଧ୍ୟ ହୋଯାଇପାରେ। ଏସବୁ ବିଷୟରେ ଡା. ମଲ୍ଲିକଙ୍କ ସହିତ ଧରିତ୍ରୀର ଅଭିଜିତ୍ ଚନ୍ଦ୍ରାଙ୍କ ଆଳାପ।**


ଡା. ଅଶୋକ ମଲ୍ଲିକ

**ଧରିତ୍ରୀ ଆଳାପ**

**ପ୍ର– ଡାକ୍ତରୀ ବୃତ୍ତିକୁ ଆସିବା ପାଇଁ ପ୍ରେରଣା କେଉଁଠୁ ପାଇଥିଲେ ?**

ଉ: ଛୋଟବେଳୁ ଗାଁରେ ଥିବା ବେଳେ ଲୋକଙ୍କ ସେବା କରିବାକୁ ଭଲ ଲାଗୁଥିଲା। କଟକରେ ରହି ପଢ଼ିବା ସମୟରେ ଗାଁ ଲୋକଙ୍କୁ ନେଇ ମେଡିକାଲ ଆସୁଥିଲି। ତେବେ ବାପା, ମାଆଙ୍କ ଇଚ୍ଛା ଓ ଘରର ପରିବେଶ ଏ ବୃତ୍ତିକୁ ଆଣିବା ସହ ଆଜି ମୁଁ ଏଠାରେ ପହଞ୍ଚିପାରିଛି।

**ପ୍ର– ସ୍ନାୟୁ ରୋଗର କାରଣ ଓ ଲକ୍ଷଣମାନ କ'ଣ ?**

ଉ: ସ୍ନାୟୁ ରୋଗ ପ୍ରାୟତଃ ବଂଶଗତ। ମାତ୍ର କିଛି ସଂକ୍ରମଣ କାରଣରୁ ହୋଇଥାଏ। ଏହି ସଂକ୍ରମଣ ଜୀବାଣୁ କିମ୍ବା ଭୂତାଣୁ ସମ୍ବନ୍ଧୀୟ ହୋଇଥାଏ। ଏନ୍‌ସେଫାଲାଇଟିସ, ମେନିନ୍‌ଜାଇଟିସ ଆଦି ସଂକ୍ରମଣ କରାଣରୁ ମଧ୍ୟ ହୋଇଥାଏ। ଆଉ ଏକ ସ୍ନାୟବିକ ରୋଗ ହେଲା ଡିଜେନେରେଟିଭ୍। ଏହାଦ୍ୱାରା ମସ୍ତିଷ୍କର କୋଷିକାଗୁଡିକ ଶୁଷ୍କ ହୋଇଯାଇଥାଏ। ପାର୍କିନସନ୍, ଡିମେନସିଆ ଏଗୁଡ଼ିକ ଡିଜେନେରେଟିଭ୍ ଅନ୍ତର୍ଗତ ରୋଗ। ସେହିପରି ଭାସ୍କୁଲାର ଅଟୋ-ଇମ୍ୟୁନ୍ ରୋଗରେ ଶରୀରର ଆଣ୍ଟିଜେନ୍ ବିପକ୍ଷରେ ଅଟୋ-ଆଣ୍ଟିବଡିଜ ସୃଷ୍ଟି ହୋଇଥାଏ ଓ ଏହା ନ୍ୟୁରୋନ୍‌କୁ ନଷ୍ଟ କରିଦିଏ। ଗୁଲେନବରି ସିଣ୍ଡ୍ରୋମ ଏହି ପ୍ରକାରର ଏକ ସ୍ନାୟୁ ରୋଗ। ଏଥିରେ ଆକ୍ରାନ୍ତ ବ୍ୟକ୍ତି ଚାଲୁଚାଲୁ ହଠାତ୍ ପଡିଯାଇ ହାତ, ଗୋଡ, ମୁହଁ ସବୁ ପାରାଲିସିସ ହୋଇଯାଇଥାଏ। ତେବେ ଏହାର ପ୍ରତିକାର ରହିଛି। ଏବେ ବ୍ରେନ୍-ଷ୍ଟ୍ରୋକ୍ ଏକ ସାଧାରଣ ସ୍ନାୟୁ ରୋଗ। ଡାଇବେଟିସ, ଉଚ୍ଚ ରକ୍ତଚାପ, ଅତ୍ୟଧିକ ମଦ୍ୟପାନ, ନିଶାସେବନ ଓ ବିଶୃଙ୍ଖଳିତ ଜୀବନଶୈଳୀ ପରି କାରଣରୁ ବ୍ରେନ୍-ଷ୍ଟ୍ରୋକ୍ ହେବାର ଆଶଙ୍କା ରହିଥାଏ। ବାତ, ସେରିବେରିଆଲପଲ୍ସି, ଇଡିଓପ୍ୟାଥି ଏପିଲେପସି ପରି ସ୍ନାୟୁ ରୋଗଗୁଡ଼ିକ ବଂଶଗତ। ତେବେ ୩୦ରୁ ୪୦ ପ୍ରତିଶତ ରୋଗର କାରଣ ଏଯାଏ ଜଣାପଡି ନାହିଁ।

**ପ୍ର– ସ୍ନାୟୁ ରୋଗ ଉପରେ ଜଳବାୟୁର କୌଣସି ପ୍ରଭାବ ରହିଛି କି ? ଦେଶ ତଥା ରାଜ୍ୟରେ କେଉଁ ପ୍ରାନ୍ତରେ ସ୍ନାୟୁ ରୋଗୀ ବେଶୀ ମାତ୍ରାରେ ଦେଖାଯାଆନ୍ତି ?**

ଉ: ମାଇଗ୍ରେନ୍ ପରି ଗୋଟିଏ ଦୁଇଟି ରୋଗକୁ ଛାଡ଼ିଦେଲେ ଜଳବାୟୁର ବିଶେଷ ପ୍ରଭାବ ସ୍ନାୟୁ ରୋଗ ଉପରେ ଦେଖାଯାଏ ନାହିଁ। ତେବେ କଞ୍ଚା କିମ୍ବା ଠିକ୍ ଭାବେ ସିଝି ନ ଥିବା ଖାଦ୍ୟ ଖାଇଲେ ନ୍ୟୁରୋ ସିର୍କି ସର୍କୋସିଷ୍ଟ ହୋଇପାରେ। ଏହି ରୋଗ ପଶ୍ଚିମ ଓଡିଶାରେ ବିଶେଷ ଭାବେ ଦେଖାଯାଇ ଥାଏ। କଞ୍ଚା କିମ୍ବା ଦରସିଝା ମାଂସ କିମ୍ବା ପନିପରିବାରେ ନ୍ୟୁରୋ ସିର୍କି ସର୍କୋସିଷ୍ଟ ରୋଗର ଜୀବାଣୁର ଅଣ୍ଡା ଖାଦ୍ୟ ମାଧ୍ୟମରେ ପେଟକୁ ଯାଇ ବ୍ରେନ୍‌କୁ ଛୁଇଁଥାଏ। ପ୍ରାଥମିକ ସ୍ତରରେ ଏହି ରୋଗର ଚିକିତ୍ସା କରାଗଲେ ସମ୍ପୂର୍ଣ୍ଣ ଭଲ ହୁଏ। ମାତ୍ର ରୋଗ ବେଶୀ ଦିନ ହୋଇଗଲେ ରୋଗୀ ଜୀବନ ଯାକ ଏପିଲେପସି ବା ବାତ ରୋଗରେ ଆକ୍ରାନ୍ତ ହୋଇଯାଇଥାନ୍ତି।

**ପ୍ର– କରୋନାର ସ୍ନାୟୁ ରୋଗ ସହିତ ସମ୍ବନ୍ଧ ଅଛି କି?**

ଉ: କରୋନା କାରଣରୁ ବହୁ ସ୍ନାୟୁ ରୋଗୀଙ୍କ ରୋଗ ଗୁରୁତର ଭାବେ ବଢ଼ିବା ସହ ବହୁ ନୂଆ ସ୍ନାୟୁ ରୋଗ ଆସିଛି। ମାତ୍ର ଏଗୁଡ଼ିକ କରୋନା କାରଣରୁ ଆସିଛି ବୋଲି ପ୍ରମାଣିତ ହୋଇ ନ ଥିଲେ ହେଁ କେତେକ ଲକ୍ଷଣ ପରିଲକ୍ଷିତ ହୋଇଛି। ବ୍ଲଡ୍ କ୍ୱୋଆଗୁଲେଶନ(ରକ୍ତ ଜମାଟ ବାନ୍ଧିବା ପ୍ରକ୍ରିୟା) ପ୍ରଭାବିତ ହେଉଥିବାରୁ ବ୍ରେନ୍ ଷ୍ଟ୍ରୋକ୍ ହେଉଥିବାର ଆମେ ଦେଖୁଛୁ। ସେହିପରି କରୋନା ଯୋଗୁ ଗୁଲେନବର ସଣ୍ଡ୍ରୋମ( ହାତ, ଗୋଡ଼ ସମେତ ସମ୍ପୂର୍ଣ୍ଣ ଶରୀର ପାରାଲିସିସ ହୋଇଯିବା) ମଧ୍ୟ ଦେଖାଯାଉଛି। ଅନ୍ୟାନ୍ୟ ଭୂତାଣୁଜନିତ ରୋଗରେ ମଧ୍ୟ ଏହା ହୁଏ ଓ କରୋନା ଏକ ଭୂତାଣୁଜନିତ ରୋଗ ହୋଇଥିବାରୁ ଏଥିରେ ତା'ର ପ୍ରଭାବ ରହୁଛି। ସେହିପରି ଫେସିଆଲ୍ ପଲସି, ଏନସେଫାଲାଇଟିସ ପରି ରୋଗ ମଧ୍ୟ ଏହି କରୋନା କାରଣରୁ ହେଉଛି। ତେବେ ଏ ସମସ୍ତ ସ୍ନାୟୁଜନିତ ରୋଗ ସୁସ୍ଥ ଲୋକଟିଏ ଟିକା ନେବା ପରେ ମଧ୍ୟ ସ୍ୱଳ୍ପ ପରିମାଣରେ ହେଉଥିବାର ଦେଖାଯାଉଛି।

**ପ୍ର– ଶିକ୍ଷା, ସଂସ୍କୃତି, ସାହିତ୍ୟ ଓ କ୍ରୀଡ଼ା ମଧ୍ୟରୁ କାହାକୁ ବେଶୀ ଗୁରୁତ୍ୱ ଦିଅନ୍ତି ?**

ଉ: ମୋତେ ଆମ ସଂସ୍କୃତି ପ୍ରତି ବିଶେଷ ରୁଚି ରହିଛି। ମୁଁ ପିଲାବେଳେ ଆମ ଗାଁରେ ଓ ସ୍କୁଲ ଡ୍ରାମାରେ ଭାଗ ନେଇଥିଲି। ମୋତେ ଖୋଲା ଆକାଶ ତଳେ ଯାତ୍ରା ବହୁତ ଭଲ ଲାଗେ। ଏବେ କାର୍ଯ୍ୟବ୍ୟସ୍ତତା ମଧ୍ୟରେ ରହି ଯାଇପାରୁ ନାହିଁ।

**ପ୍ର– କେଉଁ ମୁହୂର୍ତ୍ତ ଆପଣଙ୍କୁ ଆବେରିଥାଏ?**

ଉ: ମୋର ଭିଣୋଇ ଯାହାଙ୍କ ପାଖରେ ରହି ମୁଁ ପାଠ ପଢ଼ିଛି, ତାଙ୍କ ସାଙ୍ଗରେ ମୋର ବିଶେଷ ଘନିଷ୍ଠତା ରହିଥିଲା। ସେ ଅସମୟରେ ହାର୍ଟ୍ ଆଟାକ୍‌ରେ ଚାଲିଯିବା ମୋ ହୃଦୟକୁ ଅନେକ କଷ୍ଟ ଦେଇଥିଲା।

**ପ୍ର– ଅବସର ବେଳେ କ'ଣ କରିବାକୁ ଭଲ ପାଆନ୍ତି ?**

ଉ: ଚିକିତ୍ସା ସମ୍ବନ୍ଧିତ ନୂତନ ଜ୍ଞାନକୌଶଳ ଇଣ୍ଟରନେଟ୍ ଓ ଡାକ୍ତରୀ ଜର୍ନାଲ ଆଦିରୁ ଶିକ୍ଷାଲାଭ କରିଥାଏ। ଏହା ବ୍ୟତୀତ ଫ୍ରି ସମୟରେ ଆତ୍ମୀୟସ୍ୱଜନ ଓ ପରିବାର ସହ ସମୟ କଟାଇ ଥାଏ। ଏହା ସହ ପୁରୁଣା ହିନ୍ଦୀ ଓ ଓଡ଼ିଆ ସିନେମା ଦେଖିବା ଓ ଗୀତ ଶୁଣିବାକୁ ବହୁତ ଭଲ ଲାଗେ।

**ପ୍ର– କ'ଣ ଖାଇବାକୁ ପସନ୍ଦ କରନ୍ତି ?**

ଉ: ବିଶେଷ କରି ଘରୋଇ ଖାଦ୍ୟ ଖାଇବାକୁ ମୋତେ ଭାରି ଭଲ ଲାଗେ। ମାତ୍ର ଖାସି ମାଂସ(ମଟନ) ଟିକିଏ ମୋର ଭାରି ପ୍ରିୟ।

**ପ୍ର– ଆପଣଙ୍କ ମତରେ ଯୋଗ ଓ ମେଡିଟେଶନ ସ୍ନାୟୁ ରୋଗରେ କେତେ ପ୍ରଭାବଶାଳୀ ?**

ଉ: ଯୋଗ ଓ ଧ୍ୟାନର ସ୍ନାୟୁ ରୋଗ ଉପରେ ବେଶ୍ ପ୍ରଭାବ ରହିଛି। ପ୍ରାୟତଃ ସ୍ନାୟୁ ରୋଗ ମାନସିକ ଚାପ କାରଣରୁ ହୋଇଥାଏ। ମାନସିକ ଚାପରୁ ମୁକ୍ତ ରହି ଖୁସି ହେଲେ ସ୍ନାୟୁ ରୋଗ ଦୂରେଇ ଯିବ। ଯୋଗ ଓ ମେଡିଟେଶନ ସାଧାରଣ ଲୋକ ଓ ସ୍ନାୟୁ ରୋଗୀଙ୍କୁ ଚାପମୁକ୍ତ କରିବାରେ ସହାୟକ ହୋଇଥାଏ। ଯୋଗ ଓ ମେଡିଟେଶନକୁ ସରକାର ଏମ୍‌ବିବିଏସ୍ ପାଠ୍ୟକ୍ରମ ଅନ୍ତର୍ଗତ ଆଣିବାକୁ ପ୍ରୟାସ ଜାରି ରିଖିଛନ୍ତି।

**ପ୍ର– ଆପଣଙ୍କର ବିବାହ କିପରି ହୋଇଥିଲା ?**

ଉ: ହାଃ...ହାଃ...ହାଃ... କ'ଣ କହିବି। ଆମର ବିବାହ ଲଭ୍ କମ୍ ଆରେଞ୍ଜ ହୋଇଥିଲା। ଆମେ ଦୁହେଁ ଥାଉ ଏମ୍‌ବିବିଏସ୍ ତୃତୀୟ ବର୍ଷର। ସେଇଠି ଦୁହିଁଙ୍କ ମଧ୍ୟରେ ପ୍ରେମ ହୋଇଥିଲା। ପରେ ଘରେ ଆମ ପ୍ରେମକୁ ଗ୍ରହଣ କରି ଆରେଞ୍ଜ ମ୍ୟାରେଜରେ ପରିଣତ କରିଦେଇଥିଲେ।

# ହାଇକୋର୍ଟ ଯିବାକୁ କହିଲେ ସୁପ୍ରିମକୋର୍ଟ

## ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ ପ୍ରସଙ୍ଗ

**ନୟାଗଡ଼ ଅଫିସ୍, ୨୩।୮**

ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାର ସିବିଆଇ ତଦନ୍ତ କରାଯାଇ ଅଭିଯୁକ୍ତଙ୍କୁ ଉପଯୁକ୍ତ ଦଣ୍ଡ ମିଳୁ। ଏହି ମର୍ମରେ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ପରୀଙ୍କ ମା' ସୌଦାମିନୀ ସାହୁ। ଏଥିପାଇଁ ସେ ପ୍ରଥମେ ରିଟ୍ ପିଟିଶନ ଦାଖଲ କରିଥିଲେ। ହେଲେ ସମ୍ବିଧାନର ଧାରା ୩୨ ଅନୁଯାୟୀ ହୋଇଥିବା ଉକ୍ତ ରିଟ୍ ଆବେଦନ ଯଥେଷ୍ଟ ନୁହେଁ ବୋଲି ଦର୍ଶାଇ ସୁପ୍ରିମ୍‌କୋର୍ଟ ସ୍ପେଶାଲ ଲିଭ୍ ପିଟିଶନ (ଏସ୍‌ଏଲ୍‌ପି) ଦାଖଲ କରିବାକୁ କହିଥିଲେ। ତଦନୁଯାୟୀ ଗତ ମଙ୍ଗଳବାର ପରୀଙ୍କ ବାପା ଅଶୋକ ସାହୁ ଏସ୍‌ଏଲ୍‌ପି ଦାଖଲ କରିଥିଲେ। ତାହାକୁ ସୌଦାମିନୀଙ୍କ ଆବେଦନ ସହ ଯୋଡ଼ାଯାଇଥିଲା। ସୁପ୍ରିମ୍‌କୋର୍ଟ ସୋମବାର ମାମଲାର ଶୁଣାଣି କରି ପରୀଙ୍କ ମା'ବାପାଙ୍କୁ ହାଇକୋର୍ଟରେ ସାନି ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ମାମଲାର ସମସ୍ତ ଦିଗକୁ ନିରପେକ୍ଷ ଓ ଦ୍ୱରିତ ଭାବେ ବିଚାର କରିବାକୁ ହାଇକୋର୍ଟଙ୍କୁ ସୁପ୍ରିମ୍‌କୋର୍ଟ କହିଛନ୍ତି।

ନୟାଗଡ଼ ଜିଲା ଯଦୁପୁର ଗ୍ରାମର ୫ ବର୍ଷୀୟା ଶିଶୁକନ୍ୟା ପରୀ ଅପହରଣ, ବଳାତ୍କାର ଓ ହତ୍ୟା ଘଟଣାକୁ ଗତ ଜୁଲାଇ ୧୪ ରେ ବର୍ଷେ ପୂରିଛି। ହେଲେ ପରୀଙ୍କ ମା'ବାପାଙ୍କୁ ନ୍ୟାୟ ମିଳିପାରିନାହିଁ। ସୁପ୍ରିମ୍‌କୋର୍ଟଙ୍କ ରାୟ ପରେ ପରୀଙ୍କ ମା'ବାପା କହିଛନ୍ତି, ପ୍ରକୃତ ହତ୍ୟାକାରୀକୁ ଧରିବା ନିମନ୍ତେ ସିବିଆଇ ତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲୁ। ଏସ୍‌ଆଇଟି ତଦନ୍ତରେ ଆମେ ସନ୍ତୁଷ୍ଟ ନୋହୁଁ। ଏଥିରେ ଜଣେ ମନ୍ତ୍ରୀଙ୍କ ସମ୍ପୃକ୍ତି ରହିଥିବାରୁ ରାଜ୍ୟ ସରକାର ସିବିଆଇ ତଦନ୍ତ କରିବାକୁ ଆଗ୍ରହୀ ନୁହନ୍ତି। ସରକାର ନାମୀଦାମୀ ଓକିଲଙ୍କୁ ନିୟୋଜିତ କରି ଆମ ଆବେଦନ ବିରୋଧରେ ସୁପ୍ରିମ୍‌କୋର୍ଟରେ ଲଢ଼ିଥିଲେ। ଆଶା ଥିଲା ସିବିଆଇ ତଦନ୍ତ ପାଇଁ ନିର୍ଦ୍ଦେଶ ମିଳିବ। ହେଲେ ହାଇକୋର୍ଟରେ ସାନି ଆବେଦନ କରିବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ପୂର୍ବରୁ ଆମେ ହାଇକୋର୍ଟ ଯାଇଥିଲୁ। ଏବେ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ପରେ ପୁଣି ସାନି ଆବେଦନ କରିବୁ। ଝିଅ ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଆମର ନ୍ୟାୟିକ ଲଢ଼େଇ ଜାରି ରହିବ ବୋଲି ପରୀଙ୍କ ମା'ବାପା କହିଛନ୍ତି।

ଅନ୍ୟପକ୍ଷରେ ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀ କରି କହିଛନ୍ତି, ପରୀଙ୍କ ବାପା ପ୍ରଥମେ ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହେଲେ ହାଇକୋର୍ଟ ତାହାକୁ ଖାରଜ କରିଥିଲେ। ତଳ କୋର୍ଟରେ ଦ୍ୱାରସ୍ଥ ହେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ଏହି କଥାକୁ ପରୀଙ୍କ ବାପା ସୁପ୍ରମିକୋର୍ଟକୁ ନେଇଥିଲେ। ସୁପ୍ରିମ୍‌କୋର୍ଟ କହିଛନ୍ତି, ପରୀ କେସ୍‌କୁ ମାଜିଷ୍ଟ୍ରେଟ କୋର୍ଟ ନୁହେଁ, ହାଇକୋର୍ଟ ଶୁଣାଣି କରନ୍ତୁ। ସୁପ୍ରିମ୍‌କୋର୍ଟରେ ଚାଲିଥିବା ଶୁଣାଣିକୁ ରାଜ୍ୟ ସରକାର ବାରମ୍ବାର ତାରିଖ ମାଗି ୬/୭ମାସ ଗଡ଼େଇଦେଲେ। ଦରମାପ୍ରାପ୍ତ ଆର୍ଟର୍ନି ଜେନେରାଲ ଥିବାବେଳେ ରାଜ୍ୟ ସରକାର କାହିଁକି ବିପୁଳ ଟଙ୍କା ଖର୍ଚ୍ଚ କରି ଦାମୀ ଓକିଲ ନିଯୁକ୍ତି କଲେ ତାହା ବୁଝାପଡୁନାହିଁ। ଏଣୁ ରାଜ୍ୟ ସରକାର ଆଉ ତାରିଖ ନ ଗଡ଼ାଇ ପରୀ ମାମଲା କିପରି ଶୀଘ୍ର ଶୁଣାଣି ହେବ ସେନେଇ ପଦକ୍ଷେପ ନିଅନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି।

# ପିଡେଲବାଜୁ ଗାଁରେ ହାତୀ ଉପଦ୍ରବ

## ଘର, ଗାଡ଼ି ଭାଙ୍ଗିଲେ: ଭୟରେ ଗ୍ରାମବାସୀ

**ଲାଞ୍ଜିଗଡ଼, ୨୩।୮ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଦୁର୍ଗମ କୁମଖାଲ ପଞ୍ଚାୟତ ପିଡେଲବାଜୁ ଗାଁରେ ରବିବାର ବିଳମ୍ବିତ ରାତିରେ ହାତୀପଲ ପଶି ବ୍ୟାପକ ଫସଲ ଏବଂ ଘରଦ୍ୱାରା ଭାଙ୍ଗି ନଷ୍ଟ କରିଛନ୍ତି। ସୂଚନା ଅନୁସାରେ ରବିବାର ବିଳମ୍ବିତ ରାତିରେ ହାତୀପଲ ଗାଁ ଭିତରକୁ ପଶି ଆସିଥିଲେ। ଭୟରେ ଲୋକେ ଘରୁ ବାହାରକୁ ଚାଲି ଆସିଥିଲେ। ହାତୀପଲ ଗାଁର ଗମ୍ଭୀର ହରିଜନ, ମନୋଜ କୁମାର ନାଗ ଓ ମନହର ନାଗଙ୍କ ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ଫଳରେ ସେମାନେ ଏବେ ପଡୋଶୀଙ୍କ ଘରେ ଆଶ୍ରୟ ନେଇଛନ୍ତି। ଘର ବାହାରେ ଥିବା ଗାଡିସବୁ ପାଦରେ ଦଳି ଚୁରମାର କରିଦେଇଥିବା ବେଳେ ଗାଁରେ ଥିବା ନଳକୂପଗୁଡିକୁ ଉପାଡି ଦେଇଥିଲେ। ହାତୀ ଆକ୍ରମଣ ଭୟରେ ଗାଁ ଲୋକେ ଲୁଚି ରହିଯାଇଥିଲେ। ସୋମବାର ସକାଳୁ ବିଶ୍ୱାନଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦ ଖବର ପାଇ ବନବିଭାଗ କେତେକ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବନବିଭାଗ ପକ୍ଷରୁ ସ୍କ୍ୱାଡ ଗଠନ କରି ହାତୀର ଗତିପଥକୁ ଲକ୍ଷ କରାଯାଉଛି। ଗାଁ ଲୋକ କ୍ଷୟକ୍ଷତି ପାଇଁ ବିଶ୍ୱନାଥପୁର ରେଞ୍ଜରଙ୍କୁ ଭେଟିଥିବା ବେଳେ ସ୍ଥାନୀୟ ତହସିଲଦାର ମୁନିନ୍ଦ୍ର ହୁଁନାଗାଙ୍କୁ ମଧ୍ୟ ସାକ୍ଷାତ କରିଛନ୍ତି। ବର୍ତ୍ତମାନ ୩ଟି ପରିବାର ବେସାହାରା ହୋଇଥିବା ବେଳେ ସେମାନଙ୍କୁ ମୁଣ୍ଡ ଗୁଞ୍ଜିବା ପାଇଁ ଜାଗା ନାହିଁ। କୁମଖାଲ ସରପଞ୍ଚ ମୁଲୁ ମାଝି ପଞ୍ଚାୟତ ପକ୍ଷରୁ କିଛି ସାହାଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିବା ବେଳେ ବ୍ଲକ ପ୍ରଶାସନର କୌଣସି ଅଧିକାରୀ ଘଟଣା ସ୍ଥଳକୁ ପହଞ୍ଚି ନାହାନ୍ତି।


ହାତୀପଲ ଗାଁ ଭିତରେ ପଶି ଘରଦ୍ୱାର ଭାଙ୍ଗି ଦେଇଛନ୍ତି।



ଯାହାସବୁ ତୁମକୁ ଭଗବାନଙ୍କ ଆଡ଼କୁ ଯିବାକୁ ସାହାଯ୍ୟ କରେ– ସେଗୁଡ଼ିକୁ ଗ୍ରହଣ କର ଏବଂ ଯାହା କିଛି ତୁମକୁ ଭଗବାନଙ୍କଠାରୁ ଦୂରେଇ ନିଏ– ସେଗୁଡ଼ିକୁ ତୁରନ୍ତ ବର୍ଜନ କର। –ଶ୍ରୀମା



# ମେଧାବୀ ଅପରାଧୀ

ଓଡ଼ିଆରେ କଥା ଅଛି–'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନ ଥିଲେ ସବୁ ଅସାର'। ଜଣେ ଯେତେ ପ୍ରତିଭାସମ୍ପନ୍ନ ହୋଇଥିଲେ ମଧ୍ୟ ତାଙ୍କର ଚାରିତ୍ରିକ ପତନ ଘଟିଲେ ସେ ଦୁନିଆ ଆଗରେ ନିନ୍ଦିତ ହୋଇଥାଆନ୍ତି। ହେଲେ ଏବେ ଗୁଆହାଟୀ ହାଇକୋର୍ଟଙ୍କ ଏକ ରାୟ ବିଚାର ବ୍ୟବସ୍ଥାର ଅବାଞ୍ଛିତ ଚିନ୍ତାଧାରାକୁ ସର୍ବସମ୍ମୁଖକୁ ଆଣିଛି। ଘଟଣାଟି ଏହିପରି। ଗତ ମାର୍ଚ୍ଚ ୨୮ ରାତିରେ ଗୁଆହାଟୀ ଆଇଆଇଟିର ଜଣେ ଛାତ୍ର ତାଙ୍କ ସହପାଠିନୀଙ୍କୁ ବଳାତ୍କାର କରିଥିଲେ। ସମ୍ପୃକ୍ତ ଛାତ୍ରୀଙ୍କୁ ତା' ପର ଦିନ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଏପ୍ରିଲ ୩ ତାରିଖରେ ବଳାତ୍କାର କରିଥିବା ଛାତ୍ରଙ୍କୁ ଗିରଫ କରାଗଲା। ଏବେ ଗୁଆହାଟୀ ହାଇକୋର୍ଟ ସେହି ମାମଲାର ବିଚାରକରି ଅଭିଯୁକ୍ତଙ୍କୁ ମାତ୍ର ୩୦ ହଜାର ଟଙ୍କାର ଅର୍ଥରାଶି ଓ ଦୁଇଜଣ ବ୍ୟକ୍ତିଗତ ମୁଚାଲିକାରେ ଜାମିନ ପ୍ରଦାନ କରିଛନ୍ତି। ବିଚାରପତି ଅଜିତ ବୋର୍‌ଠାକୁର ଶୁଣାଣି ବେଳେ କହିଛନ୍ତି ଯେ, ଅଭିଯୁକ୍ତ ଓ ପୀଡ଼ିତା ମେଧାବୀ ହୋଇଥିବାରୁ ସେମାନେ ରାଜ୍ୟର ଭବିଷ୍ୟତ ସମ୍ପଦ। ଏଥିସହିତ ଅଭିଯୁକ୍ତ ମର୍ଯ୍ୟାଦାଜନକ ଆଇଆଇଟି–ଗୁଆହାଟୀର ପ୍ରତିଭାସମ୍ପନ୍ନ ଛାତ୍ର ହୋଇଥିବାରୁ ତାଙ୍କୁ ଅଧିକ ଦିନ ଅଟକ ରଖିବାର ଆବଶ୍ୟକତା ନାହିଁ। ତେଣୁ ଏ ସଂକ୍ରାନ୍ତ ମାମଲାର ତଦନ୍ତ ଶେଷ ହେଲା ବୋଲି ବୋର୍‌ଠାକୁର ମତ ଦେଇଛନ୍ତି।

ଏଭଳି ଅସ୍ୱାଭାବିକ ରାୟ ବିଚାରପତି ବୋର୍‌ଠାକୁରଙ୍କ ନିଜ ଚରିତ୍ର ଓ ଆଭିମୁଖ୍ୟକୁ ପଦାରେ ପକାଇଛି। ଗୁଆହାଟୀ ଆଇଆଇଟିର ଅଭିଯୁକ୍ତ ଛାତ୍ର ଯେତେ ମେଧାବୀ ହେଲେ ମଧ୍ୟ ସେ ବଳାତ୍କାର ଭଳି ଜଘନ୍ୟ ଅପରାଧ କରିଥିବା ବିଷୟକୁ ବୋର୍‌ଠାକୁର ହେୟଜ୍ଞାନ କରିଦେଲେ। ଏହାଦ୍ୱାରା ସେ ପକ୍ଷପାତିତା ଅବଲମ୍ବନ କରିବା ସହ ମହିଳା ବିରୋଧୀ ରାୟ ଦେଇଛନ୍ତି। ଏ ସଂକ୍ରାନ୍ତରେ ଯେଉଁ ଖବର ପଦାକୁ ଆସିଛି ସେଥିରେ ପୀଡ଼ିତା ଛାତ୍ରୀଙ୍କ ପ୍ରତିକ୍ରିୟା ନ ଥିବାରୁ ଘଟଣାକୁ ରଫାଦଫା କରାଯିବା ନେଇ ଚେଷ୍ଟା ହୋଇଥାଇପାରେ ବୋଲି ମନେହେଉଛି। ଏହି ମାମଲାରେ ନ୍ୟାୟପାଳିକା ସମ୍ପୂର୍ଣ୍ଣ ଅନ୍ୟାୟ ବାଟ ଧରିବା କାହାରିକୁ ଆଶ୍ଚର୍ଯ୍ୟ କରୁ ନ ଥିବ। ଭାରତବର୍ଷରେ ବିଚାର ବ୍ୟବସ୍ଥା କେଉଁଭଳି ଚାଲିଛି ତାହାର ଅନେକ ଦୃଷ୍ଟାନ୍ତ ଦେଶବାସୀ ପାଇସାରିଛନ୍ତି। ଅନେକ ଶିଳ୍ପପତି ରାୟ କିଣିବା ହେଉ ବା ଖୁବ୍ ସ୍ୱଳ୍ପ ସମୟରେ ବଡ଼ବଡ଼ିଆ ନିଜ ସପକ୍ଷରେ ମତ ରଖିବା ଲାଗି ବିଚାରପତିଙ୍କ ଉପରେ ଚାପ ପ୍ରୟୋଗ ହେଉ, ଏଭଳି ଖବର ଗଣମାଧ୍ୟମରେ ନିୟମିତ ପ୍ରକାଶ ପାଇଥାଏ। ଯେଉଁ ବିଚାରପତି ଅବାନ୍ତର ଓ ଅବାସ୍ତବ ରାୟ ଦେଇ ନ୍ୟାୟବ୍ୟବସ୍ଥାରେ ହଟଚମଟ ସୃଷ୍ଟି କରିଥାଆନ୍ତି, ସେମାନଙ୍କ ମତକୁ ଭଲ ଭାବେ ସମୀକ୍ଷା କରିବାର ସମୟ ଆସିଲାଣି। ଚଳିତ ମାସ ପ୍ରଥମାର୍ଦ୍ଧରେ ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଖଣ୍ଡପୀଠ ଏକ ମାମଲାର ବିଚାରକରି ରାୟରେ କହିଥିଲେ ଯେ, ଭାରତୀୟ କୁମାରୀମାନେ ବିବାହ ପ୍ରତିଶ୍ରୁତି ନ ପାଇବା ଯାଏ ଶାରୀରିକ ସମ୍ପର୍କ ସ୍ଥାପନ କରିବାକୁ ଚାହିଁ ନ ଥାଆନ୍ତି। କୌଣସି ପ୍ରମାଣ ସଂଗ୍ରହ ନ କରି ଏହିଭଳି ସାର୍ବଜନୀନ ରାୟ ଦେବାକୁ ବିଚାରପତିମାନେ କିଭଳି ଚିନ୍ତା କରିଥାଆନ୍ତି ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡ଼େ।

ବିଚାରପତିମାନେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଶପଥ ନେଇଥାଆନ୍ତି ନାଗରିକଙ୍କୁ ନିରପେକ୍ଷ ରାୟ ପ୍ରଦାନ କରିବେ। ଅଧିକାଂଶଙ୍କଠାରୁ ଏହା ମିଳିବା କଷ୍ଟକର ହୋଇପଡ଼ିଲାଣି। ବଳାତ୍କାର ଭଳି ସଙ୍ଗିନ ଅପରାଧକୁ ହାଲୁକା ଭାବେ ନେବା ଆଦୌ କ୍ଷମଣୀୟ ନୁହେଁ। ଏହା ନା ଯେ କେବଳ ପୀଡ଼ିତାଙ୍କ ପ୍ରତି ଘୋର ଅନ୍ୟାୟ ତାହା ନୁହେଁ, ଏପରି ରାୟ ସମାଜକୁ ଏକ ଭୁଲ ବାର୍ତ୍ତା ଦେବ। ବିଚକ୍ଷଣ ବୁଦ୍ଧି ଓ ଉଚ୍ଚଶିକ୍ଷା ଥିଲେ ଯେ ଜଣେ ଭଲ ମଣିଷ ବିବେଚିତ ହେବେ ଭାବିବା ବାତାଳାମି। ବରଂ ଆଇଆଇଟି ଭଳି ପ୍ରତିଷ୍ଠାନରେ ଶିକ୍ଷାଲାଭ କରୁଥିବା ଅଭିଯୁକ୍ତ ଛାତ୍ର ଅପରାଧ ଓ ଦଣ୍ଡବିଧାନ ବିଷୟରେ ଭଲ ଭାବେ ଜାଣିଥିବେ। ସେଭଳି ଶିକ୍ଷିତ ମେଧାବୀଙ୍କୁ ସବୁଠାରୁ କଠୋର ଦଣ୍ଡ ଦିଆଗଲେ ସମାଜକୁ ବାର୍ତ୍ତା ମିଳିପାରନ୍ତା ଯେ, କେହି ଆଇନରୁ ଊର୍ଦ୍ଧ୍ୱରେ ନୁହନ୍ତି। ଦୁଃଖର ବିଷୟ ଭାରତରେ ଅନେକ ଘଟଣାରେ ଆଇନକୁ ତାଚ୍ଛଲ୍ୟ କରି ଅପରାଧୀ ସହଜରେ ଖସି ଯାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୪ ଅଗଷ୍ଟ ୧୯୯୬**

- ରୁଷିଆ ନିରାପତ୍ତା ପରିଷଦର ମୁଖ୍ୟ ଜେନେରାଲ ଆଲେକ୍‌ଜାଣ୍ଡର ଲେଚେଡ ଏବଂ ଚେଚେନ୍ୟା ବିଦ୍ରୋହୀ ନେତା ଆସଲନା ମାସ୍କାଦୋଦୋଭ ଗ୍ରୋଜନାରେ ଯୁଦ୍ଧ ବିରତି ପାଳନ କରି ଶାନ୍ତି ପ୍ରତିଷ୍ଠା ପାଇଁ ଏକ ଚୁକ୍ତିରେ ସ୍ୱାକ୍ଷର କରିଛନ୍ତି।
- ଦେଶର ଉତ୍ତର ଭାଗ ଓ କେନ୍ଦ୍ରାଞ୍ଚଳରେ ପ୍ରବଳ ବର୍ଷା ଓ ତୁଷାରପାତ ଘଟି ୪୦ ବ୍ୟକ୍ତିଙ୍କ ପ୍ରାଣହାନୀ।
- ପଶ୍ଚିମବଙ୍ଗର ପୂର୍ବତନ ପୂର୍ତ୍ତମନ୍ତ୍ରୀ ତଥା ବିଶିଷ୍ଟ ଟ୍ରେଡ୍ ୟୁନିୟନ ନେତା ଯତନୀ ଚକ୍ରବର୍ତ୍ତୀଙ୍କ ୮୫ ବର୍ଷ ବୟସରେ ପରଲୋକ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | 7 | | | | |
| 2 | 3 | | 9 | | | | | 8 |
| | | 9 | 4 | | 3 | | | |
| | | | 5 | | | | | |
| 9 | | 3 | 7 | 4 | | | | |
| | 8 | 1 | | | | | 4 | 7 |
| | | 6 | 2 | | | | | 5 |
| | | 4 | | 3 | | | 8 | 1 |
| | | | 1 | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏହିର ସମାଧାନ କରିବାକୁ ହେବ, ଯେଉଁଥିରେ ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 6 | 8 | 9 | 4 | 1 | 2 | 7 |
| 9 | 8 | 7 | 2 | 6 | 1 | 5 | 3 | 4 |
| 4 | 2 | 1 | 7 | 5 | 3 | 9 | 8 | 6 |
| 6 | 4 | 5 | 1 | 2 | 9 | 8 | 7 | 3 |
| 8 | 7 | 3 | 6 | 4 | 5 | 2 | 9 | 1 |
| 1 | 9 | 2 | 3 | 7 | 8 | 4 | 6 | 5 |
| 2 | 5 | 4 | 9 | 3 | 7 | 6 | 1 | 8 |
| 3 | 1 | 9 | 4 | 8 | 6 | 7 | 5 | 2 |
| 7 | 6 | 8 | 5 | 1 | 2 | 3 | 4 | 9 |

ଗତକାଲିର ଉତ୍ତର

# ଇତିହାସର ପୁନରାବୃତ୍ତି



ରଞ୍ଜନ କୁମାର ଦାସ

ପିଲାବେଳେ ସ୍କୁଲରେ ଆମେ ପଢ଼ିଥିଲୁ ଯେ ପୃଥିବୀ ଗୋଲ। ତେଣୁ ଜଣେ ମଣିଷ ନାକସିଧା ଆଗକୁ ମାଡ଼ି ଚାଲିଲେ ସେ ଯେଉଁଠୁ ବାହାରିଥିବ ପୁଣି ସେଇଠି ଆସି ପହଞ୍ଚିବ। ସେ କଥାରେ ପ୍ରାମାଣିକତା ସଂଗ୍ରହ କରିବା ଆଗରୁ ଆମେ ତାକୁ ଗ୍ରହଣ କରି ନେଇଥିଲୁ। ତା'ର ସତ୍ୟତା ପରଖିବାର ସୁଯୋଗ ମଧ୍ୟ ନଥିଲା। ବଡ଼ ହେଲା ପରେ କଲେଜରେ ଯେତେବେଳେ ଇତିହାସ, ରାଜନୀତି ବିଜ୍ଞାନ ଓ ସମାଜତତ୍ତ୍ୱ ଆଦି ପଢ଼ିଲୁ ଜାଣିବାକୁ ପାଇଲୁ ଯେ ବିବର୍ତ୍ତନବାଦରେ ଇତିହାସ ନିଜର ପୁନରାବୃତ୍ତି କରେ। ମଣିଷର ଅଭ୍ୟାସ ତାକୁ ତା'ର ସଫଳତାକୁ ବାରମ୍ବାର ଦୋହରାଇବାକୁ ପ୍ରବୃତ୍ତ କରେ। ସଫଳତା ଭଳି ଖରାପ ଅଭ୍ୟାସଗୁଡ଼ିକୁ ମଧ୍ୟ ମଣିଷ ସହଜେ ଛାଡ଼ିପାରି ନ ଥାଏ। କିଛି ଦିନର ବ୍ୟବଧାନ ପରେ ପୁଣି ତା'ର ପୁନରାବୃତ୍ତି କରେ। ଚୋର ତା'ର ଚୋରି ଅଭ୍ୟାସ ଛାଡ଼ିପାରେନା, ମଦୁଆ ମଦ ପିଇବା ଛାଡ଼ିପାରେନା, ଜୁଆଡ଼ି ଜୁଆ ଖେଳ ଛାଡ଼ିପାରେନା। ରାଜା ଶିକାର ଛାଡ଼ିପାରେନା, ଯୁଦ୍ଧ ଛାଡ଼ିପାରେନା। ଯେତେ ଦଣ୍ଡ ପାଇଲେ ବି, ଯେତେ କ୍ଷତି ସହିଲେ ବି ମଣିଷ ପୁଣି ସେଇ ପୁରୁଣା ଅଭ୍ୟାସକୁ ଫେରେ। ପୌନଃପୁନିକତା ସଂସାରର ଧାରା।

ମଣିଷ ଯେମିତି ତା'ର ଅଭ୍ୟାସର ବଶବର୍ତ୍ତୀ, ବିବର୍ତ୍ତନବାଦ ମଧ୍ୟ ସେମିତି ଏକ ଜାଗତିକ ଅଭ୍ୟାସ। ସମାଜ ବା ସାମୂହିକ ଭାବେ ମାନବ ସମ୍ପ୍ରଦାୟ ଜାଣେ ଯେ ଯୁଦ୍ଧ ହେଲେ କାହାରି ଲାଭ ହୁଏନା। ଉଭୟ ପକ୍ଷ କ୍ଷତିଗ୍ରସ୍ତ ହୁଅନ୍ତି। ତଥାପି ସମାଜ, ଦେଶ ଓ ସମ୍ପ୍ରଦାୟମାନେ ଆପଣା ଆପଣା ଅଭ୍ୟାସର ବଶବର୍ତ୍ତୀ ହେଇ ବାରମ୍ବାର ଲଢ଼ନ୍ତି। ପ୍ରତ୍ୟେକଟି ଲଢ଼େଇ ପରେ ଯେଉଁ ଜ୍ଞାନୋଦୟ ହେବା କଥା ତାହା ହୁଏନାହିଁ। ମହାଭାରତ ଯୁଦ୍ଧଠାରୁ ବିଭୀଷିକାମୟ ଓ ଆବେଗପୂର୍ଣ୍ଣ ଯୁଦ୍ଧ ଆମ ଲୋକକଥାରେ ଆଉ ନାହିଁ। ଦୁଇଦୁଇଟି ବଂଶ ପୂରା ଲୋପ ହୋଇଗଲେ। କ୍ଷମତା ଓ ଅହଂକାରର ଲଢ଼େଇ କେତେ ଭୟାନକ ହୋଇପାରେ ଜାଣିଲା ପରେ ମଧ୍ୟ ସମାଜରେ କ'ଣ ଯୁଦ୍ଧଲିପ୍ସୁଙ୍କ ସଂଖ୍ୟା କମିଛି? ଜୁଆ ଖେଳର ଭୟାବହ ପରିଣତି ଦେଖିଲା ପରେ ବି କ'ଣ ଲୋକ ଚେତିଛନ୍ତି? ଅପରିଣାମଦର୍ଶୀ ଅନ୍ଧ ଅନୁରାଗ ଓ ପୁତ୍ରମୋହ କିଭଳି ସନ୍ତାନକୁ ନର୍କଗାମୀ କରେ ତାହା ଦେଖିଲାପରେ ବି କ'ଣ ଲୋକଙ୍କର ଚରିତ୍ରରେ ସୁଧାର ଆସିଛି? ନା, କାରଣ ଉତ୍ତରଣ ମାର୍ଗ ସବୁବେଳେ ସିଧା ନୁହେଁ। ଏହା ବୃତ୍ତାକାର। ତେଣୁ ଶୀର୍ଷବିନ୍ଦୁ ଭଳି ପ୍ରତୀୟମାନ ହେଉଥିବା ଏକ ବିନ୍ଦୁ ପରେ ପୁଣି ଏକ ଅଧୋବିନ୍ଦୁ। ଶୀର୍ଷବିନ୍ଦୁରୁ ଅଧୋବିନ୍ଦୁ ଆଡ଼କୁ ଗମନର ମାର୍ଗ ଅବଶ୍ୟମ୍ଭାବୀ। ପର୍ବତର ଶୀର୍ଷରେ ପହଞ୍ଚି ସାରିଲା ପରେ ପୁଣି ଅବତରଣ କରିବାକୁ ହୁଏ ତଳକୁ। ଉତ୍ତରଣ ଓ ଅବତରଣ ସମୟାନୁବର୍ତ୍ତୀର ଏକ ଚକ୍ରକ୍ରମ। ଆରୋହଣ ଓ ଅବରୋହଣ ଜୀବନଚକ୍ରର ଏକ ପୌନଃପୁନିକ ଅଂଶ। ତେଣୁ ଆଜି ଯାହା ଦେଖାଯାଏ ବହୁବର୍ଷ ପରେ ପୁଣି ସେଇଠି ଆମେ ଯାଇ ପହଞ୍ଚିଯାଉ। ବାଷ୍ପ ଜଳ ହୁଏ। ଜଳ ହୁଏ ତୁଷାର। ତୁଷାର ଜମାଟ ବାନ୍ଧି ହୁଏ ବରଫ। ବରଫ ତରଳି ପୁଣି ଜଳ ହୁଏ। ଜଳ ଗରମ ହୋଇ ପୁଣି ହୁଏ ବାଷ୍ପ। ଏ ଜଳଚକ୍ର ପରି ଜୀବନଚକ୍ର ମଧ୍ୟ ଅହରହ ଊର୍ଦ୍ଧ୍ୱଗତି ଓ ଅଧୋଗତିକୁ ନେଇ ଏକ ରାମଦୋଳି ପ୍ରାୟ। ଆଜି ଯେ ଉପରେ ଥାଏ କାଲି ସେ ତଳେ। ତଳ ଲୋକ ପୁଣି କିଛି କ୍ଷଣ ପରେ ଉପରେ।

ଜୀବନ ଭଳି ଜୀବନରେ ଘଟୁଥିବା ଘଟଣା ସବୁ ଏ ପ୍ରକାର ପୌନଃପୁନିକତାର ନିୟମକୁ ମାନନ୍ତି। ଆଗେ ଆମ ଗାଁ ଗହଳର ଲୋକେ ଢିଙ୍କିକୁଟା ଚାଉଳ, ଘଣା ତେଲ, ଚୁଡ଼ା, ହୁଡୁମ, ଛତୁଆ, ପଖାଳ ଆଦି ଖାଉଥିଲେ। କାଳକ୍ରମେ ଲୋକେ ସଭ୍ୟଶିକ୍ଷିତ ହେଲେ ଏବଂ ଏସବୁ ଠାରୁ ନିଜକୁ ଦୂରେଇ ନେଲେ। ସଭ୍ୟତାର ପଶାପାଲିରେ ଘାଣ୍ଟି ହୋଇ ଫାଷ୍ଟଫୁଡ଼ ଖାଇ ଖାଇ ମଣିଷ ଯେତେବେଳେ ରୁଗ୍‌ଣ ହୋଇଗଲା ଡାକ୍ତର କହିଲେ ବ୍ରାଉନ ରାଇସ ଖାଅ, ଡାଇବେଟିସ୍, ବ୍ଲଡପ୍ରେସରରୁ ମୁକ୍ତି ମିଳିବ। ସେଇ ଢିଙ୍କିକୁଟା ଚାଉଳର ଆଧୁନିକ ନାମ ହେଲା ବ୍ରାଉନ ରାଇସ୍। ରିଫାଇନ ତେଲ ବଦଳରେ ଏବେ ଘଣାତେଲ ଖାଇବାକୁ ପୁଣି ଡାକ୍ତରମାନେ କହିଲେଣି, କାରଣ ରିଫାଇନ ତେଲରେ ମୂଳ ପୋଷକତ୍ୱ ରହୁନାହିଁ। ଚୁଡ଼ା, ହୁଡୁମ, ଛତୁଆ ଏବେ ଚୁଡ଼ା ପାଉଡ଼ର ହୋଇ ଆମାଜନରୁ ଫ୍ଲିପକାର୍ଟରୁ ଆମ ପାଖକୁ ପୁଣି ଫେରି ଆସିଲାଣି। ଚିନି ଖାଇବା ଲୋକ ପୁଣି ଗୁଡ଼ ଖାଇଲେଣି। ପଖାଳର ଉପକାରିତା ଏବେ ଡାକ୍ତରମାନେ ମୁକ୍ତ କଣ୍ଠରେ ସ୍ୱୀକାର କରୁଛନ୍ତି। ପଖାଳ ଖାଇଲେ ମୋଟା ଓ ମାନ୍ଦା ହୋଇଯିବା ବୋଲି ଆମେ ତା'ଠୁ ଦୂରେଇ ଯାଇଥିଲେ। ଏବେ ଡାକ୍ତର କହୁଛନ୍ତି, ପଖାଳ ଖାଇଲେ ପତଳା ରହିବ କାରଣ ସେଥିରେ ଚର୍ବି, ତେଲ ଆଦି କିଛି ନାହିଁ। ସେଇ ପଖାଳ ଖାଇଲେ ସୁନିଦ୍ରା ହବ, ରକ୍ତଚାପ କମିବ, ହଜମ କ୍ରିୟା ଠିକ୍ ହେବ, ଶରୀର ଥଣ୍ଡା ରହିବ, ପେଟ ଭିତରେ ଥିବା ଘା' ଭଲ ହୋଇଯିବ। ସର୍ବୋପରି ଏଥିରେ ଲୌହସାର, ପୋଟାସିୟମ୍, କ୍ୟାଲସିୟମ ଆଦି ବହୁଳ ମାତ୍ରାରେ ଥିବାରୁ ଭିଟାମିନ୍ ଓ ଖଣିଜ ପଦାର୍ଥର ଅଭାବ ଶରୀରରେ ଅନୁଭୂତ ହେବନାହିଁ। ତେଣୁ ଏବେ ବଡ଼ବଡ଼ ହୋଟେଲରେ ମଧ୍ୟ ନଅ ତିଅଣ ଛଅ ଭଜା ସହ ପଖାଳ ପରଷା ହେଉଛି। ଏଇଠି ଇତିହାସର ପୁନରାବୃତ୍ତି ହେଲା ନା ନାହିଁ? ଚାଷବାସରେ ମଧ୍ୟ ସେମିତି ଏବେ ରାସାୟନିକ ସାରର ବ୍ୟବହାର କମେଇ ପୁଣି ସେଇ ଅର୍ଗାନିକ ଫାର୍ମିଂକୁ ଆମେ ଫେରୁଛେ ଅର୍ଥାତ୍ ପୁଣି ସେ ଖତ, ଗୋବର, ପତ୍ରଶଢ଼ା। ଅର୍ଥାତ୍ ପୁଣି ସେଇ ଗୋରୁର ସଂସାର। ଆମ ଶିକ୍ଷିତ ଯୁବ ସମାଜ ଢେର ଦିନ ଚାକିରି ବ୍ୟବସାୟର ଚାକଚକ୍ୟ ପଛରେ ଧାଇଁଲେ। କରୋନା ସମୟରେ ଇତିହାସ ପୁଣି ତା'ର କଡ଼ ଲେଉଟେଇଲା। ଅନେକ ଯୁବକଙ୍କର ଚାକିରି ଚାଲିଗଲା, କଳକାରଖାନା, ବ୍ୟବସାୟ ବନ୍ଦ ହୋଇଗଲା। ରୋଜଗାର କମିଗଲା। ସେମାନେ ପୁଣି ଫେରିଲେ ଗାଁକୁ, ଯେଉଁ ଗାଁକୁ ଦିନେ ପଛକୁ କରି ସେମାନେ ସହରକୁ ଯାଇଥିଲେ ରୋଜଗାର ଆଶାରେ। ଗାଁକୁ ଫେରି କିଏ ମାଛ ଚାଷ, କୁକୁଡ଼ା ଚାଷ ତ କିଏ ଛେଳି, ପନିପରିବା ଚାଷ କଲେ। ଜୀବନଚକ୍ର ଏମିତି କାହାକୁ ନେଇ କୋଉଠି ପହଞ୍ଚାଏ ବୁଝି ହୁଏନା। ଏପରିକି ବଡ଼ ବଡ଼ ଶିଳ୍ପପତି, ଚାକିରିଆମାନେ ନିଜ ଜୀବନକୁ ନେଇ ସନ୍ତୁଷ୍ଟ ହୋଇପାରୁନାହାନ୍ତି। ଗାଁକୁ ଫେରି ଫାର୍ମହାଉସ କରିବାର ଟ୍ରେଣ୍ଡ ଆରମ୍ଭ ହେଲାଣି।

ପୋଷାକପତ୍ର ଚୟନରେ ଦେଖିବେ ପୁଣି ଲୋକେ ସେ ପୁରୁଣା ଦିନକୁ ଫେରୁଛନ୍ତି। ନଳି ଗୋଡ଼ରୁ, ବେଲବଟମ୍ ପୁଣି ବେଲବଟମରୁ ଏବେ ନଳୀଗୋଡ଼ ପ୍ୟାଣ୍ଟ। କଟନରୁ ଟେରିଲିନ୍, ପଲିଷ୍ଟର, ଗାଭାର୍ଡ଼ିନ ପୁଣି ଏବେ ସେଇ କଟନ୍। ମଝିରେ ଗୋଟେ ସମୟ ଆସିଥିଲା ବାହାଘରରେ ସହରୀ ଶିକ୍ଷିତ ପିଲାମାନେ କୋଟ ଟାଇ ପିନ୍ଧୁଥିଲେ। ଏବେ ସେ ଧାରା ବଦଳି ପୁଣି ଏଥନିକ୍ ନାଁରେ ବରମାନେ ଶେରୱାନୀ ପଗଡ଼ି, ଧୋତି, ପଞ୍ଜାବୀ ପିନ୍ଧି ଆସିଲେଣି। ସିନ୍ଦୂର ପିନ୍ଧିବା ମଫସଲିଆ ଢଙ୍ଗ ବୋଲି ଭାବୁଥିବା ଝିଅବୋହୂମାନେ ଏବେ ବଡ଼ ବଡ଼ ସିନ୍ଦୂର ଟୋପା ନାଇଲେଣି। ଟ୍ରାଇବାଲ ଜୁଏଲେରିର ଚାହିଦା ଏବେ ଖୁବ୍ ବେଶି। ଭିଣ୍ଟେଜ୍ କାର୍‌ର ଦାମ୍ ଅମୂଲମୂଲ। ଯେଉଁଠୁ ଆମେ ବାହାରିଥିଲେ ଦିନେ ସେଇଠି ଆସି ପହଞ୍ଚି ଯାଇଛେ ବୋଲି ଲାଗୁନାହିଁ? ରୁଚି ସବୁ ମଧ୍ୟ ବଦଳୁଛି। ଟିଭିରେ ଢେର ଦେଖିଲେ ପପ୍, ର୍ୟାପ୍, ଡିସ୍କୋ। ଢେର ଦେଖିଲେ ସିନେମା, ଡ୍ୟାନ୍ସ। କିନ୍ତୁ ଆଜି ମଧ୍ୟ ମହାଭାରତ କି ରାମାୟଣ ଦେଲେ, ସବୁଠୁ ବେଶି ଲୋକ ଟିଭି ଲଗେଇ ବସୁଛନ୍ତି। ଯେତେ ପୁରୁଣା ହଉପଛେ ସେ କାହାଣୀ ଯେତେଥର ଦେଖିଲେ ବି ତାହା ନୂଆନୂଆ ଲାଗୁଛି। ଏବେ ପୁଣି ବାହାଘରରେ ଢୋଲ ବାଜା, ତେଲିଙ୍ଗିବାଜା ବାଜିଲାଣି। ଲାଗୁନି ଆମେ ଫେରି ଯାଉଛେ ଆମର ସେଇ ପ୍ରାଚୀନତମ ଅଭ୍ୟାସ ଓ ଆଗ୍ରହମାନଙ୍କ ନିକଟକୁ ?

ପୌନଃପୁନିକତା ସୃଷ୍ଟିର ଅଦ୍ଭୁତ ନିୟମ। ଯେତେ ବିଜ୍ଞାନ ଅଗ୍ରଗତି କଲେ ମଧ୍ୟ ବୈଜ୍ଞାନିକମାନେ ଈଶ୍ୱରଙ୍କ ଅସ୍ତିତ୍ୱକୁ ଯେତେ ଅଗ୍ରାହ୍ୟ କଲେ ମଧ୍ୟ ପ୍ରତିଟି ରକେଟ୍ ପ୍ରକ୍ଷେପଣ, ପ୍ରତିଟି ଉପଗ୍ରହ ପ୍ରେରଣ ପୂର୍ବରୁ ବୈଜ୍ଞାନିକମାନେ ସେଇ ଜେସସ୍, ସେଇ ପ୍ରଫେଟ୍ ଈଶ୍ୱରଙ୍କୁ ନୀରର୍ଥରେ ମନେପକେଇ ମାନସିକଟିଏ କରିଥାନ୍ତି। ଜିମ୍, ଏରୋବିକ୍‌ସରେ ନିଜ ଦେହକୁ ସଜାଡ଼ିବା ଲୋକେ ଏବେ ପୁଣି ସେଇ ଆୟୁର୍ବେଦ ଓ ଯୋଗ ପ୍ରାଣାୟାମର ପରିଧି ଭିତରକୁ ଫେରି ଆସୁଛନ୍ତି। ସେଇ ଘିକୁଆଁରୀ, ଗୁଳୁଚି, ତୁଳସୀ ପତ୍ରକୁ ଏଲୋଭେରା, ଗିଲୟ ତୁଳସୀ ଡ୍ରପ୍ ନାଁରେ ହଉ ପଛେ ଆମେ ଆପଣେଇ ନେଲେଣି। ସିମେଣ୍ଟ କଂକ୍ରିଟରେ ପରିତୃପ୍ତ ଆଧୁନିକ ଜୀବନ ପରିତାପପୂର୍ବକ ଫେରୁଛି ସବୁଜିମା ଭିତରକୁ। ଏବେ ପୁଣି ଅମ୍ଳଜାନ ପାଇବା ପାଇଁ ଘରେ ଘରେ ଲୋକେ ଲଗେଇଲେଣି ନାନା ଜାତି ଗଛ। ହ୍ୟାଣ୍ଡସେକ୍ ବଦଳରେ ଫେରି ଆସିଛି ପୁଣି ନମସ୍କାର। ଓଡ଼ିଆରେ ଗୋଟେ ଢଗ ଅଛି 'ଆରେ ଡ଼ମଣା ବୁଲି ବାଲି କରି ସେଇ ଅଗଣା'। ପୃଥିବୀ ତ ଗୋଲ। ଯେତେ ବୁଲିଲେ ବି ଆମେ ପୁଣି ଆସି ସେଇ ଶୂନ୍ୟ ବିନ୍ଦୁରେ ପହଞ୍ଚିଯାଉଛୁ। ଭବିଷ୍ୟତ ଆମକୁ ପୁଣି ବାଟ କଢ଼େଇ ନଉଚି ଅତୀତର ପୃଷ୍ଠାକୁ। ଅତୀତ ପୁଣି ଆବୋରି ନଉଚି ଆମ ଭବିଷ୍ୟତକୁ। ଏହା ହିଁ ସୃଷ୍ଟିର ବିଚିତ୍ର ନିୟମ।

**ନିର୍ଦ୍ଦେଶକ, ସଂସ୍କୃତି ବିଭାଗ**
**ମୋ: ୯୪୩୭୨୮୬୫୧୨**

# ଜଳବାୟୁ ପରିବର୍ତ୍ତନ ଓ ବିପର୍ଯ୍ୟୟ



ଅନ୍ତର୍ଯ୍ୟାମୀ ପଟ୍ଟନାୟକ

ହିମାଚଳ ପ୍ରଦେଶର ଭୟାବହ ଭୂସ୍ଖଳନ ଘଟି ଅନେକଙ୍କ ଜୀବନ ଅକାଳରେ ଚାଲିଯାଇଛି। ଏହିପରି ଏକ ଦୁଃଖଦ ଘଟଣା ସମୟରେ ଆଉ ଏକ ଖବର କେବଳ ପାରାଦୀପବାସୀ ନୁହେଁ, ଓଡ଼ିଶାବାସୀଙ୍କ ପାଇଁ ଗୁରୁତ୍ୱ ରଖୁଛି। ସୂଚନାଥାଉ କି, ଶତାବ୍ଦୀ ଶେଷରେ ସମୁଦ୍ରରେ ବୁଡ଼ିଯିବ ପାରାଦୀପ ! ସମ୍ପ୍ରତି ଦିନକୁ ଦିନ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରାର ଅଚାନକ ବୃଦ୍ଧି, ମେରୁ ଅଞ୍ଚଳରେ ହିମଖଣ୍ଡ ତରଳି ସମୁଦ୍ର ଜଳସ୍ତର ବଢ଼ିବାରେ ଲାଗିଲେ ୨୧୦୦ ମସିହା ବେଳକୁ ଭାରତର ପାଖାପାଖି ବାରଟିରୁ ଊର୍ଦ୍ଧ୍ୱ ସମୁଦ୍ରକୂଳିଆ ସହର ତିନିଫୁଟ ସମୁଦ୍ର ପାଣିରେ ବୁଡ଼ିଯାଇପାରେ। ଆମେରିକାର ସ୍ପେସ୍ ଏଜେନ୍ସି ନାସା ଏ ପୂର୍ବାନୁମାନ କରିଛି। ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ କୌଣସି ବିପଦ ପୂର୍ବରୁ ନାସା ଏ ନେଇ ଏକ ପ୍ରକଳ୍ପ ପ୍ରସ୍ତୁତ କରୁଛି। ଆଜି କରୋନାକୁ ନେଇ ସମଗ୍ର ବିଶ୍ୱ ଏକ ପ୍ରକାର ଦୋହଲି ଯାଇଛି। ଏସବୁ ଭିତରେ ତଥାପି ସମୟକୁ ନେଇ ଆଗେଇବାକୁ ଆମମାନଙ୍କୁ ପଡ଼ୁଛି। ତେବେ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅଭାବନୀୟ ଓ ଅପ୍ରତ୍ୟାସିତ ପ୍ରାକୃତିକ ବିପଦ ଏବଂ ଜଳବାୟୁ ସଙ୍କଟ ସମଗ୍ର ବିଶ୍ୱ ପାଇଁ ଉଦ୍‌ବେଗର କାରଣ ପାଲଟିଛି। ଇତିମଧ୍ୟରେ ଦେଖାଦେଇଛି ୟୁରୋପ, ଉତ୍ତର ଆମେରିକା, ଏସିଆ, ଓସେନିଆ ଓ ଆଫ୍ରିକାର ପ୍ରାୟ ୪୦ ଦେଶ ଗମ୍ଭୀର ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରୁଛନ୍ତି। ମୋଟାମୋଟି ଦେଖିଲେ, ବିଶ୍ୱ ଏବେ ଏକସଙ୍ଗେ ବନ୍ୟା, ଝଡ଼, ହିଟ୍‌ୱେଭ, ଜଙ୍ଗଲ ନିଆଁ ଓ ମରୁଡ଼ି କବଳରେ। ପ୍ରକୃତି ବିରୋଧରେ ଅତିଶୟ ମାନବୀୟ ହସ୍ତକ୍ଷେପ ଏହାର ମୁଖ୍ୟ କାରଣ, ଯଦ୍ଦ୍ୱାରା ପୃଥିବୀ ଉପରେ ଜଳବାୟୁ ସଙ୍କଟ ଘନେଇଛି ବୋଲି ବୈଜ୍ଞାନିକ ପ୍ରମାଣରୁ ସ୍ପଷ୍ଟ ହୋଇଛି। ଏହିପରି ଅତିଶୟ ଜଳବାୟୁଜନିତ ଘଟଣା ବାରମ୍ବାର ତଥା ଆହୁରି ଗମ୍ଭୀର ହେବାକୁ ଯାଉଛି ବୋଲି ୱାର୍ଲ୍ଡ ମେଟେରୋଲୋଜିକାଲ ଅର୍ଗାନାଇଜେଶନ୍ ନିଜର ସଦ୍ୟ ରିପୋର୍ଟରେ ଚେତାଇ ଦେଇଛି। ମାନବ ପ୍ରେରିତ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଶ୍ୱସ୍ତରରେ ଅତିରିକ୍ତ ବର୍ଷା ଓ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ସଦ୍ୟତମ ଅଧ୍ୟୟନ ସ୍ପଷ୍ଟ କରିଛି। ଏହି ସମୟରେ ସେଣ୍ଟର ଫର୍ ସାଇନ୍‌ସ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ ନାମକ ସଂସ୍ଥା ଦ୍ୱାରା ଜାରି କରାଯାଇଥିବା ଏକ ଉଦ୍‌ବେଗଜନକ ରିପୋର୍ଟ ଦର୍ଶାଉଛି ଯେ, ଭାରତର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ସାର୍ବଜନୀନ ଭାବେ ପର୍ଯ୍ୟାପ୍ତ ତଥ୍ୟ ପ୍ରକାଶ କରୁନାହିଁ। ଦେଶର ୨୯ଟି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ ଓ ଛଅଟି ପ୍ରଦୂଷଣ ନିୟନ୍ତ୍ରଣ କମିଟିକୁ ନେଇ ସିଏସ୍‌ଇ ତଥ୍ୟ ସ୍ୱଚ୍ଛତା ଭିତ୍ତିରେ ଏକ ସୂଚକାଙ୍କ ପ୍ରକାଶ କରିଛି। ବର୍ତ୍ତମାନର ପ୍ରଦୂଷଣ ମାତ୍ରା, କଠିନ ବର୍ଜ୍ୟ ପରିଚାଳନା ଆଦି ସୂଚନା ସାର୍ବଜନୀନ କରିବାରେ ମଧ୍ୟ ଅନେକ ବୋର୍ଡ ବିଫଳ ହୋଇଛନ୍ତି। ପ୍ରଦୂଷଣ ସିଧାସଳଖ ଭାବେ ଜଳବାୟୁ ପରିବର୍ତ୍ତନକୁ ପ୍ରଭାବିତ କରୁଥିବାରୁ ସେ ସମ୍ପର୍କିତ ବାସ୍ତବ ତଥ୍ୟକୁ ଅନ୍ଧକାରରେ ନ ରଖି ସ୍ୱଚ୍ଛତାର ସହ ସେଗୁଡ଼ିକୁ ପ୍ରଘଟ କଲେ ଯାଇ ମୁକାବିଲାର ଉଚିତ ପନ୍ଥା ନିରୂପଣ କରାଯାଇପାରିବ।

ଜଳବାୟୁ ପରିବର୍ତ୍ତନ ଓ ପ୍ରଦୂଷଣ ସଙ୍କଟ ତାଲିକାରେ ବିଶ୍ୱର ଅନ୍ୟତମ ବିକାଶଶୀଳ ରାଷ୍ଟ୍ର ଭାରତ ମଧ୍ୟ ବର୍ତ୍ତି ପାରିନାହିଁ। ମଣିଷ ନିଜେ ପ୍ରଚୁର ମାତ୍ରାରେ ଉଭୟ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପଲ୍ୟୁଶନ ବା ପ୍ରଦୂଷଣ ଉତ୍ପନ୍ନ କରୁଛି। ଟକ୍ସିକ୍ ପଲ୍ୟୁଶନ ହେଉଛି ଫାଇନ୍ ପାର୍ଟିକ୍ୟୁଲେଟ ମ୍ୟାଟର, ଯାହା ମଣିଷ ସ୍ୱାସ୍ଥ୍ୟକୁ ସିଧାସଳଖ କ୍ଷତି ପହଞ୍ଚାଏ। ସେହିପରି ନନ୍‌ଟକ୍ସିକ୍ ପଲ୍ୟୁଶନ ବିଶ୍ୱତାପନ ପାଇଁ ଦାୟୀ। ଜଳବାୟୁ ପରିବର୍ତ୍ତନର ନକାରାତ୍ମକ ପ୍ରଭାବ ଯୋଗୁଁ ଏହା ମାନବ ସ୍ୱାସ୍ଥ୍ୟ ପାଇଁ ହାନିକାରକ ହୋଇଥାଏ। ଉଭୟ ପ୍ରଦୂଷଣ ପରସ୍ପରକୁ ବଢ଼ାଇଥାଏ। ସଦ୍ୟ ଅଧ୍ୟୟନରେ ଗବେଷକମାନେ ବିଶ୍ୱର କିଛି ନିର୍ଦ୍ଦିଷ୍ଟ ଦେଶରେ ଟକ୍ସିକ୍ ଓ ନନ୍‌ଟକ୍ସିକ୍ ପ୍ରଦୂଷଣ ମଧ୍ୟରେ ଦୃଢ଼ ସମ୍ପର୍କ ଦର୍ଶାଇଛନ୍ତି। ଏହି ଦୁଇ ପ୍ରକାର ପ୍ରଦୂଷଣ ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନ ପାଇଁ ଦାୟୀ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ପ୍ଲସ ୱାନ୍ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ ଗବେଷକମାନେ ଏଭଳି କିଛି ଦେଶ ଚିହ୍ନଟ କରିଛନ୍ତି, ଯାହା ଉଭୟ ପ୍ରଦୂଷଣର ଶିକାର ହୋଇଛନ୍ତି। ଟକ୍ସିକ୍ ପଲ୍ୟୁଶନ ଓ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ କ୍ଷତି ଆଶଙ୍କା ଅଧିକ ଥିବା ଦେଶ ମଧ୍ୟରେ ଶୀର୍ଷ ୧୦ରେ ରହିଛନ୍ତି– ସିଙ୍ଗାପୁର, ରୁଆଣ୍ଡା, ଚାଇନା, ଭାରତ, ସୋଲୋମନ ଆଇଲ୍ୟାଣ୍ଡ, ଭୁଟାନ, ବୋଟସୱାନା, ଜର୍ଜିଆ, ଦକ୍ଷିଣ କୋରିଆ ଓ ଥାଇଲାଣ୍ଡ। ଗବେଷକମାନେ ଆହୁରି ମଧ୍ୟ କହିଛନ୍ତି, ବିଶ୍ୱତାପନ ଓ ପ୍ରବଳ ବୃଷ୍ଟିପାତ କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ କରୁଛି। ଏହାଦ୍ୱାରା କୁପୋଷଣ ଓ ଏହାଜନିତ ରୋଗ ବୃଦ୍ଧି ପାଉଛି। ଚାଇନା ଓ ଭାରତ ଉପରୋକ୍ତ ତାଲିକାର ଶୀର୍ଷ ୫ ଦେଶ ମଧ୍ୟରେ ଅଛନ୍ତି। ଉଭୟ ଦେଶ ଜଳବାୟୁ ପରିବର୍ତ୍ତନ ଓ ଟକ୍ସିକ୍ ପଲ୍ୟୁଶନ ଭୟଙ୍କର ସଙ୍କଟ ଦେଇ ଗତି କରୁଛନ୍ତି।

ଉଦ୍‌ବେଗର ବିଷୟ ହେଉଛି, ଅତ୍ୟାଧୁନିକ ଜ୍ଞାନକୌଶଳ ମଧ୍ୟ ଏ କ୍ଷେତ୍ରରେ ବିଫଳ ହୋଇଛି। ବିଶ୍ୱର ଶୀର୍ଷ ଜଳବାୟୁ ବିଶେଷଜ୍ଞ ସ୍ୱୀକାର କରିଛନ୍ତି, ଜର୍ମାନୀ ବନ୍ୟା ଓ ଉତ୍ତର ଆମେରିକାର ହିଟ୍ ୱେଭ୍‌ର ତୀବ୍ରତା ଅନୁମାନ କରିବାରେ ସେମାନେ ବିଫଳ ହୋଇଛନ୍ତି। ଦୀର୍ଘ ଦଶନ୍ଧି ଧରି ସେମାନେ ଚେତାଇ ଆସୁଛନ୍ତି, ତାପମାତ୍ରାରେ ଦ୍ରୁତ ବୃଦ୍ଧି ପ୍ରବଳ ବୃଷ୍ଟିପାତର କାରଣ ହେବ। ସେହି ଅନୁରୂପ ହିଟୱେଭ୍ ସାମ୍ନା କରିବ ବିଶ୍ୱ। କିନ୍ତୁ ସେମାନେ କହନ୍ତି, ତାଙ୍କ କମ୍ପ୍ୟୁଟର ପ୍ରକୃତିଠାରୁ ଅଧିକ ଶକ୍ତିଶାଳୀ ନୁହେଁ, ଯାହା ଏଭଳି ଭୟଙ୍କର ଘଟଣାର ଗମ୍ଭୀରତାର ଉଚିତ ଅନୁମାନ କରିପାରିବ। ଏବେ ତାହା ଫଳିଛି। ପାଣିପାଗର ପୂର୍ବାନୁମାନ ପାଇଁ ସୁପର କମ୍ପ୍ୟୁଟର ଲୋଡ଼ା ବୋଲି ସେମାନେ ଦାବି କରିଛନ୍ତି। ଅତ୍ୟାଧୁନିକ ଜ୍ଞାନକୌଶଳ ଦ୍ୱାରା ମଣିଷ ଯେତେ ଶକ୍ତିଶାଳୀ ହେଉଛି, ପ୍ରକୃତିଠାରୁ ସେତିକି ଦୂରେଇ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ପ୍ରେମରେ ପାଗଳ ମଣିଷ ପ୍ରତି ମୁହୂର୍ତ୍ତରେ ପ୍ରକୃତିକୁ ଧ୍ୱଂସ କରିଚାଲିଛି, ଯାହାର ପରିଣାମ ଆଜି ଆମ ସାମ୍ନାରେ। ପ୍ରକୃତିର ଧ୍ୱଂସଲୀଳାକୁ କୌଣସି ସୁପର କମ୍ପ୍ୟୁଟର କିମ୍ବା କୃତ୍ରିମ ବୁଦ୍ଧିମତ୍ତା ମାପି ପାରିବ ନାହିଁ। ଏହା ଏବେ ପ୍ରମାଣିତ ହୋଇଛି। ସମଗ୍ର ବିଶ୍ୱରେ ଯେଉଁପରି ଭାବେ ଭୟାବହ ଜଳବାୟୁ ଜନିତ ଅଘଟଣା ଓ ଦୁର୍ଘଟଣା ଦେଖାଯାଇଛି, ଏହା ପୂର୍ବରୁ ଦେଖାଯାଇନଥିଲା। ବିପର୍ଯ୍ୟୟରୁ ଉଚିତ ଶିକ୍ଷା ଗ୍ରହଣ କରି ପୃଥିବୀକୁ ବଞ୍ଚାଇବା ଲାଗି ଆମ ସମସ୍ତଙ୍କର ଦାୟିତ୍ୱବୋଧ ରହିଛି।

**ପାରାଦୀପ, ମୋ: ୯୪୩୭୦୨୨୦୬୧**

## ଏଇ ଭାରତରେ

ସହରରେ ରହି ଘରେ ସୁନ୍ଦର ବଗିଚା କରିଛନ୍ତି, ଅଥଚ ଛୁଟିରେ ବାହାରକୁ ଚାଲିଗଲେ ଗଛ ଚିନ୍ତା ଘାରୁଛି। ଏବେ ଆଉ ଏମିତି ଚିନ୍ତା କରିବାକୁ ପଡ଼ିବନି, କାରଣ ଏଥିପାଇଁ ସମାଧାନର ପନ୍ଥା ସାମ୍ନାକୁ ଆଣିଛନ୍ତି ପାର୍ଥ ଶାହା। ଗୁଜରାଟର ଅନନ୍ତ ନ୍ୟାଶନାଲ ୟୁନିଭର୍ସିଟିରେ ଶାହା ସହକାରୀ ପ୍ରାଧ୍ୟାପକ ଭାବେ କାର୍ଯ୍ୟ କରନ୍ତି। ଶାହାଙ୍କ ବୟସ ୩୦। ସେ ବଗିଚାର ଦେଖାରଖା କରିବା ଲାଗି ଏକ ସ୍ମାର୍ଟ କ୍ଲାଇମେଟ୍ କଣ୍ଟ୍ରୋଲ୍ ସିଷ୍ଟମ୍ ବିକାଶ କରିଛନ୍ତି। ଦୂରରେ ରହି ଏହି ସିଷ୍ଟମ୍ ମାଧ୍ୟମରେ ମାଟିର ଆର୍ଦ୍ରତା ବଜାୟ ରଖାଯାଇପାରିବ। ମାଟିର ଆର୍ଦ୍ରତା, ତାପମାତ୍ରା ଆଦି ସମୀକ୍ଷା କରି ଏ ସମ୍ପର୍କିତ ତଥ୍ୟ ଜଣାଇବା ଲାଗି ସେ ଇଣ୍ଟରନେଟ ଅଫ୍ ଥିଙ୍ଗସ୍ ଓ ସେନ୍‌ସର ଉପଯୋଗ କରିଛନ୍ତି। ଏକ ଆଣ୍ଡ୍ରଏଡ୍ ଆପ୍ ଦ୍ୱାରା ମାଟିର ଆର୍ଦ୍ରତା ସମ୍ପର୍କରେ ସେନ୍‌ସର ପଠାଉଥିବା ତଥ୍ୟକୁ ସ୍ମାର୍ଟ ଫୋନ୍‌ରୁ ଜାଣି ହେଉଛି। ମାଟିର ଆର୍ଦ୍ରତା ୧୦ ପ୍ରତିଶତରୁ କମ୍ ହେଲେ ସେନ୍‌ସର ସ୍ମାର୍ଟଫୋନ୍‌କୁ ସତର୍କ ସୂଚନା ଦେଉଛି। ପରେ ଆପ୍ ଆପଣାଛାଏଁ ପାଣି ପମ୍ପର୍ ସୁଇଚ ଅନ୍‌ହେବାର ସଙ୍କେତ ଦେଉଛି ଓ ଗଛରେ ପାଣି ଦିଆଯାଇପାରୁଛି। ଏହି ପଦ୍ଧତିରେ ମାଟିର ଆର୍ଦ୍ରତା ଠିକ୍ ରହିବା ଦ୍ୱାରା ଗଛ ଆଉ ମରୁନାହିଁ। ୨୦ ଦିନରେ ପାର୍ଥ ଏହି ସିଷ୍ଟମ୍ ୧,୧୦୦ ଟଙ୍କା ବ୍ୟୟରେ ବିକାଶ କରିଛନ୍ତି। ଏବେ ଏହାର ବ୍ୟବସାୟିକ ଦିଗ ଉପରେ ସେ ଗୁରୁତ୍ୱ ଦେଉଛନ୍ତି।

## ଚିରନ୍ତନୀ

''ଭସ୍ମ ହେଉ ଜରା ମୃତ୍ୟୁ
ଅବସାଦ ତନ୍ଦ୍ରାଗ୍ଲାନି ଭୟ
''ଜାଗ ବୀର ! ଦେଖ ଚାହିଁ
ଜଳେ ଦୀପ ଅମର ଅକ୍ଷୟ।

–(ମହାଦୀପ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରକୃତିର ସୁରକ୍ଷା କରାଯାଉ

ମହାଶୟ,

ସମ୍ପ୍ରତି ସମଗ୍ର ଜୀବଜଗତ ଏକ ଦୁଃଖଦ ତଥା ଭୟାନକ ସ୍ଥିତି ଦେଇ ଗତିକରୁଛି। ଏ ସମସ୍ତ ଦୁଃଖଦାୟୀ ସମୟର ଏକମାତ୍ର କର୍ତ୍ତା ହେଉଛି ଆଜିର ଏ ମଣିଷ। ଜୀବନ ଧାରଣ ପାଇଁ ଜଳ,ବାୟୁ ଓ ଖାଦ୍ୟ ଆବଶ୍ୟକ। କିନ୍ତୁ ଆଜିର ମନ୍ଦବୁଦ୍ଧି ମଣିଷ ଏସବୁର ବିନାଶ କରି ପରୋକ୍ଷରେ ବିପଦକୁ ଆମନ୍ତ୍ରଣ କରିଛି । ମାନବଜାତି ରୋଗ, ଶୋକ, ଦୁଃଖ, ଯନ୍ତ୍ରଣାରେ ଜର୍ଜରିତ ଓ ଅତିଷ୍ଠ। ସବୁଜ ବିପ୍ଳବ ଏବଂ ଶିଳ୍ପ ବିପ୍ଳବ ଜୀବଜଗତକୁ ଯେତିକି ସୁଖ ସୁବିଧା ଦେଇଛି, ତା'ର କେଇଗୁଣା ଅଧିକ ଦୁଃଖ, ଦୁର୍ଦ୍ଦଶା, ହତାଶା, ନିରାଶା, ରୋଗ ବ୍ୟାଧିର ଉପହାର ଦେଇଛି। ପୁରାତନ କାଳରେ ଧରିତ୍ରୀ ବା ମାଟି ମା'ଓ ଗୋସୁରକ୍ଷା ଉପରେ ସର୍ବାଧିକ ଦୃଷ୍ଟି ଦିଆଯାଉଥିଲା। ଏବେ ଏହା ଆଉ ଦେଖିବାକୁ ମିଳୁନାହିଁ। ସମୟ ଆସିଛି ଏସବୁର ପୁନଃ ଜାଗରଣ ବା ପୁନଃ ପ୍ରବାହର। ଅନ୍ୟଥା ସମଗ୍ର ଜୀବଜଗତର ବିନାଶ ଅବଶ୍ୟମ୍ଭାବୀ।

**–ଶଶିକାନ୍ତ ଦାସ, ରାଜକନିକା**

## ମାତ୍ରାଧିକ ବିଲ୍ ଆଦାୟ କରାଯାଉଛି

ପୁରୀ ଜିଲା ସତ୍ୟବାଦୀ (ସାକ୍ଷୀଗୋପାଳ) ବ୍ଲକରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁ ପ୍ରବଳ ଗରମରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଗତ ଏକ ମାସ ଧରି ଏପରି ଅବସ୍ଥା ଲାଗି ରହିଛି। ଘରୋଇ କମ୍ପାନୀ ଟାଟା ପାୱାର ବିଦ୍ୟୁତ ବିଭାଗ ନେଲାପରେ ଲୋକେ ଭାବିଥିଲେ ବିଦ୍ୟୁତ୍ ସରବରାହ ଠିକ୍ ରହିବ, କିନ୍ତୁ ତାହା ସମ୍ପୂର୍ଣ୍ଣ ଓଲଟା। ମହାମାରୀ ସମୟରେ ଟାଟା କମ୍ପାନୀ ପକ୍ଷରୁ ଲାବରେଟୋରି ଟେଷ୍ଟ ମିଟର ନ ଲଗାଇ ସ୍ୱିଡିମିଟର ବାହାରେ ବସାଇ ମାତ୍ରାଧିକ ବିଲ୍ ନେବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଦ୍ୟୁତ ବିଭାଗ ପରିଚାଳନା ଚରମ ବିପର୍ଯ୍ୟସ୍ତ ଅବସ୍ଥା ଦେଇ ଗତି କରୁଛି। ଲୋକମାନେ ଆର୍ଥିକ ଅନଟନରେ ଭାଙ୍ଗି ପଡ଼ିଥିବାବେଳେ ସ୍ୱିଡିମିଟର ଲଗାଇବା କେତେଦୂର ଯଥାର୍ଥ।

**ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ପ୍ରାଣୀ ଚିକିତ୍ସା ସ୍ୱତନ୍ତ୍ର ଡାକ୍ତରୀ ଦଳର ତଦନ୍ତ**

ଗୋଲାମୁଣ୍ଡା,(ଡି.ଏନ.ଏ.): ଗୋଲାମୁଣ୍ଡା ବ୍ଲକ ଶୋଷିଆ ଗ୍ରାମରେ ଅଜଣା ରୋଗରେ ଅନେକ ଗୋରୁଙ୍କ ମୃତ୍ୟୁ ଘଟିଥିଲା। ତଦନ୍ତ ପାଇଁ ସୋମବାର ଗୋଲାମୁଣ୍ଡା ଓ ଭବାନୀପାଟଣା ମିଳିତ ଏକ ପ୍ରାଣୀ ଚିକିତ୍ସା ସ୍ୱତନ୍ତ୍ର ଡାକ୍ତରୀ ଦଳ ଉକ୍ତ ଗାଁରେ ପହଞ୍ଚି ଗୋରୁଙ୍କ ରକ୍ତ ନମୁନା ସଂଗ୍ରହ କରିଥିଲେ। ଭବାନୀପାଟଣା ଏଡିଭିଓ ଡ଼. ଦୟା ସାଗର ଦୁରିଆଙ୍କ ନେତୃତ୍ୱରେ ଗୋଲାମୁଣ୍ଡା ବିଡିଓ ଭୁବନ ମୋହନ ସାହୁ, ଆରଆଇ ଓ ସିଆଇଏଲ ଭବାନୀପାଟଣା ସ୍ପେଶାଲିଷ୍ଟ ଡ. ସୁଶ୍ରୀ ସଙ୍ଗୀତା ମହାପାତ୍ର, ଏଭିଏସ ନେତ୍ର ପ୍ରକାଶ ଭାରତୀ, ଏଲଆଇ ପ୍ରଭାତ କୁମାର ପଣ୍ଡା ଗୋଚାଷୀଙ୍କୁ ପଚାରି ବୁଝିଥିଲେ। ପ୍ରାଥମିକ ରିପୋର୍ଟ ପଠାଯିବ ବୋଲି ଡାକ୍ତରୀ ଦଳ ସୂଚନା ଦେଇଥିଲେ।

## ସଂକ୍ଷେପରେ

### 'ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାମ ଯଥାଶୀଘ୍ର ସାର'

କଣ୍ଟାବାଞ୍ଜି, ୨୩।୮(ଡି.ଏନ.ଏ.): ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପ କାମ ଯେତେ ଶୀଘ୍ର ସମ୍ପୂର୍ଣ୍ଣ ହେବା ଜରୁରୀ। ଖାଲି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ନୁହେଁ ଏହାକୁ ଚୂଡାପାଲି, ପାଟଣାଗଡ, ବେଲପଡା ଓ କଣ୍ଟାବାଞ୍ଜି ଯାଏ ସମ୍ପ୍ରସାରଣ କର। ରବିବାର ରେଳ, ସଞ୍ଚାର ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବଲାଙ୍ଗୀର ଜିଲାକୁ ଜନ ଆଶୀର୍ବାଦ ଯାତ୍ରାରେ ଆସିଥିବା ଅବସରରେ ଏଭଳି ଆହ୍ୱାନ ଦେଇଛନ୍ତି କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା। କଣ୍ଟାବାଞ୍ଜିର ବିକାଶକୁ ନେଇ ୮ଟି ପ୍ରଶ୍ନ ଲିଫଲେଟ ମାଧମରେ ଉତ୍ଥାପନ କରିଛନ୍ତି। କଣ୍ଟାବାଞ୍ଜି ରେଲୱେ ଅଧୀନରେ ୭୨୨ ଏକର ଜମି ଖାଲି ପଡିଛି। ସେଥିରେ ୨୦୧୦ ମସିହାରୁ ଚିହ୍ନଟ ହୋଇଥିବା ୱାଗନ ଫ୍ୟାକ୍ଟ୍ରି ନିର୍ମାଣ, ଖାଲି ପଡିଥିବା ବାକି ଜାଗାରେ ରେଳ ବିଭାଗ ମେମୋସେଡ ତିଆରି କରିବ କି ବୋଲି ସାଲୁଜା ପ୍ରଶ୍ନ କରିଛନ୍ତି। ଲୋଡିଙ୍ଗ ଅନଲୋଡିଙ୍ଗ ପାଇଁ ରେକ୍ ପଏଣ୍ଟ ଅତିଶୀଘ୍ର ନିର୍ମାଣ, ଟିଟିଲାଗଡ-ହାୱାଡା ଇସ୍ପାତ ଟ୍ରେନକୁ କଣ୍ଟାବାଞ୍ଜି ପର୍ଯ୍ୟନ୍ତ ସମ୍ପ୍ରସାରଣ, ଜନସାଧାରଣ ଗମନାଗମନ ସୁବିଧା ପାଇଁ ଏନଏସି ଛକ ନିକଟରୁ ସିଂଗଲପଡା ପର୍ଯ୍ୟନ୍ତ ଫ୍ଲାଏ ଓଭର ବ୍ରିଜ ନିର୍ମାଣ କରିବା ଦିଗରେ ମନ୍ତ୍ରୀ ବୈଷ୍ଣବ କି ବ୍ୟବସ୍ଥା କରୁଛନ୍ତି ବୋଲି ବିଧାୟକ ସାଲୁଜା ପ୍ରଚାର ପତ୍ର ମାଧମରେ ପ୍ରଶ୍ନ କରିଛନ୍ତି।

### ଖଡ଼ିଆଳ ସାହିତ୍ୟ ସମିତି ପକ୍ଷରୁ ଗଙ୍ଗାଧର ମେହେର ଜୟନ୍ତୀ

ଖଡିଆଳ,୨୩।୮(ଡି.ଏନ.ଏ.): ଖଡିଆଳ ସାହିତ୍ୟ ସମିତି ପକ୍ଷରୁ ଖଡିଆଳ ରାଜଦରବାର ହଲଠାରେ ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଖଡିଆଳ ସାହିତ୍ୟ ସମିତି ସଭାପତି ଡ. ଜିତାମିତ୍ର ସିଂଦେଓ ସଭାରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଶିକ୍ଷାବିତ ସନାତନ ମହାଉତି, ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧାପକ ବିଜୟ କୁମାର ବାରିକ, ସମ୍ମାନିତ ଅତିଥି ରାଜା ପରିବାର ପଞ୍ଚାୟତ କବି ନୀଳଲୋହିତ ସିଂଦେଓ ଯୋଗଦେଇ ଗଙ୍ଗାଧରଙ୍କ ସାହିତ୍ୟ ଆଦର୍ଶ ଭାବେ ପରିପୂର୍ଣ୍ଣ ଓ ସାମାଜିକ ଚେତନାର ବାର୍ତ୍ତା ପରିପ୍ରକାଶ କରିଥାଏ ବୋଲି କହିଥିଲେ। ଉପେନ୍ଦ୍ର କୁମାର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ।

### କେସିଙ୍ଗା ଏନ୍ଏସିରେ ଜବରଦଖଲ ଉଚ୍ଛେଦ

କେସିଙ୍ଗା,୨୩।୮(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ବଗାଡ଼ ୱାର୍ଡ ନଂ.୨ରେ ଅନଧିକୃତ ଭାବେ ନିର୍ମାଣ ହୋଇଥିବା ଏକ ଘରକୁ ଏନଏସି ପକ୍ଷରୁ ସୋମବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏଥିରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଏନଏସି କେସିଙ୍ଗା, କାର୍ଯ୍ୟ ନିର୍ବାହୀ ମାଜିଷ୍ଟ୍ରେଟ ତଥା ତହସିଲଦାର ଜ୍ୟୋତିର୍ମୟ କର, ଆଇଆଇସି ଏସ.କେ. ନନ୍ଦ, ଯନ୍ତ୍ରି ଫାଗୁ ମାରାଣ୍ଡି, ମୋହନ ସାହୁ, ଶତ୍ରୁଘ୍ନ ନାଏକ, ଶ୍ରୀନିବାସ ପଟ୍ଟନାୟକ, ଗଦାଧର ଦେଓ ଏବଂ ଏନଏସି କର୍ମଚାରୀ, ପୋଲିସ କର୍ମଚାରୀଙ୍କ ଉପସ୍ଥିତରେ ଉଚ୍ଛେଦ କରାଯାଇଛି। ଜନସାଧାରଣଙ୍କ ଚାହିଦା ଅନୁଯାୟୀ ବଗାଡ଼ରେ କଲ୍ୟାଣ ମଣ୍ଡପ ପାଇଁ ଏହି ଜମି ସଂରକ୍ଷିତ ହୋଇଛି।

### ଜଙ୍ଗଲ ଜମି ପଟ୍ଟା ଦାବିରେ ରେଞ୍ଜରଙ୍କୁ ଘେରିଲେ

ଲାଠୋର, ୨୩।୮(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ବାଦିମାଲ ଗାଁର ୨୧ଆଦିବାସୀ ପରିବାର ୧୯୯୦ମସିହାରୁ ବେଦେର ସଂରକ୍ଷଣ ଜଙ୍ଗଲ-୨ରେ ଥିବା କୁରରା ନାଳା, ଭଣାର ନାଳା ଏବଂ ଟାଙ୍ଗରକନରେ ଜଙ୍ଗଲ ଜମି ଅଧିକାର କରି ରହୁଛନ୍ତି। ଆବଶ୍ୟକ କାଗଜପତ୍ର ଦାଖଲ କଲେ ମଧ ସେମାନଙ୍କୁ ପଟ୍ଟା ଯୋଗାଇ ଦିଆଯାଉ ନାହିଁ। ସୋମବାର ରେଞ୍ଜର ପ୍ରଭାତୀ ସେଠ, ଫରେଷ୍ଟର ସମିର ରଞ୍ଜନ ମହାପାତ୍ର ଓ ବନ ବିଭାଗ କର୍ମଚାରୀ ବାଦିମାଲକୁ ଆସିଥିଲେ। ଏହି ସମୟରେ ଗ୍ରାମବାସୀ ସେମାନଙ୍କୁ ଘେରି ପଟ୍ଟା ପ୍ରଦାନ କରାଯାଇ ନ ଥିବା ନେଇ ପ୍ରଶ୍ନ କରିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ଆଲୋଚନା ନ କରିଛନ୍ତି ସେ ପର୍ଯ୍ୟନ୍ତ ଛାଡିବୁ ନାହିଁ ବୋଲି କହିଥିଲେ। ଡିଏଫଓଙ୍କ ସହ ଆଲୋଚନା କରାଇବେ ବୋଲି ରେଞ୍ଜରଙ୍କ ପ୍ରତିଶ୍ରୁତି ପରେ ଗ୍ରାମବାସୀ ବନ କର୍ମଚାରୀଙ୍କୁ ଛାଡିଥିଲେ। ରେଞ୍ଜର ସେଠଙ୍କୁ ପଚାରିବାରୁ ଆମେ ଜିପିଏସ ଅନୁଯାୟୀ ତଥ୍ୟ ପ୍ରଦାନ କରିଛୁ। ଡିଏଫଓଙ୍କୁ ସାକ୍ଷାତ କଲେ ସେମାନେ ସତ୍ୟାସତ୍ୟ ଜାଣି ପାରିବେ ବୋଲି କହିଛନ୍ତି।

# ବିସ୍ଥାପିତଙ୍କ ମୌଳିକ ଅଧିକାର ପ୍ରତି ଧ୍ୟାନ ଦିଅ

**ଲୋୟର ସୁକତେଲ ପୁନର୍ବାସ କଲୋନୀ ପରିଦର୍ଶନ କଲେ ବିଧାୟକ**

ବଲାଙ୍ଗୀର ଅଫିସ, ୨୩।୮

ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ସୋମବାର ସହର ଉପକଣ୍ଠ ଲର୍କିପାଲି-ସଦାଇପାଲି ଲୋୟର ସୁକତେଲ ପ୍ରକଳ୍ପ ବିସ୍ଥାପନ କଲୋନୀ ପରିଦର୍ଶନ କରିଥିଲେ। ସେଠାରେ ପ୍ରକଳ୍ପ ଯୋଗୁଁ ବିସ୍ଥାପିତଙ୍କ ସହ ଆଲୋଚନା କରିଥିଲେ। ତିନିବର୍ଷ ପୂର୍ବେ ଏହି ପ୍ରକଳ୍ପ ସମ୍ପର୍କରେ ଅନୁଷ୍ଠିତ ଥଇଥାନ ଓ ପୁନର୍ବାସ କମିଟି (ଆରପିଡିଏସି) ବୈଠକରେ ଏହି ଥଇଥାନ କେନ୍ଦ୍ରରେ ବିସ୍ଥାପିତଙ୍କ ପାଇଁ ପ୍ରଦାନ କରାଯାଇଥିବା ସୁବିଧା ସୁଯୋଗର ଭୁଲ ତଥ୍ୟ ପ୍ରଦାନ କରାଯାଇଥିଲା। ସେତେବେଳେ ବିଧାୟକ ମିଶ୍ର ଉକ୍ତ ପ୍ରସଙ୍ଗକୁ ବିଧାନସଭାରେ ଉଠାଇ ଗଭୀର କ୍ଷୋଭ ପ୍ରକାଶ କରିଥିଲେ। ଏତେବର୍ଷ ପରେ ଆଜି ପର୍ଯ୍ୟନ୍ତ ବିସ୍ଥାପିତଙ୍କୁ ଥଇଥାନ କରାଯାଉଥିବା କଲୋନୀର ରାସ୍ତା, ପାନୀୟ ଜଳ, ବିଜୁଳି ବ୍ୟବସ୍ଥା ହୋଇନାହିଁ। ଗୋଟିଏ ପଟରେ



ବିଧାୟକ ନରସିଂହ ମିଶ୍ର ଲର୍କିପାଲି ବିସ୍ଥାପିତ କଲୋନୀ ପରିଦର୍ଶନ କରୁଛନ୍ତି।

ଯୁଦ୍ଧକାଳୀନଭିତ୍ତିରେ ବୁଡି ଅଞ୍ଚଳରୁ ଲୋକଙ୍କୁ ବିସ୍ଥାପିତ କରାଯାଉଛି। କିନ୍ତୁ ସରକାର ସେମାନଙ୍କ ଥଇଥାନ ଓ ପୁନର୍ବାସ କଲୋନୀରେ କୌଣସି ମୌଳିକ ସୁବିଧା କରିନାହାନ୍ତି। ଏପରିକି ଏପର୍ଯ୍ୟନ୍ତ ସେଠାରେ ସ୍କୁଲଗୃହ ନିର୍ମାଣ ହୋଇନାହିଁ। ଯଦି ବୁଡିଅଞ୍ଚଳର ଲୋକଙ୍କୁ ଏକକାଳୀନ ବିସ୍ଥାପିତ କରାଯାଏ ତେବେ ସେମାନଙ୍କ ସନ୍ତାନସନ୍ତତି କେଉଁଠାରେ ସ୍କୁଲରେ ଶିକ୍ଷା ଗ୍ରହଣ କରିବେ ବୋଲି ବିଧାୟକ ମିଶ୍ର ଉପସ୍ଥିତ ପ୍ରକଳ୍ପ ଅଧିକାରୀମାନଙ୍କୁ ପ୍ରଶ୍ନ କରିଥିଲେ। ଏଠାରେ କେତେଦିନ ଭିତରେ ମୌଳିକ ସୁବିଧା ଯଥା ପିଇବା ପାଣି, ବିଜୁଳି, ରାସ୍ତା ତଥା ଶିକ୍ଷା ଗ୍ରହଣ କରିବା ପାଇଁ ସ୍କୁଲର ବନ୍ଦୋବସ୍ତ କରିପାରିବେ ବୋଲି କହିଥିଲେ। ସୁକତେଲ ପ୍ରକଳ୍ପ ଥଇଥାନ, ପୁନର୍ବାସ, କ୍ଲାମ୍ପ ଏବଂ କୋଠା ବିଭାଗ ଅଧିକ୍ଷଣ ଯନ୍ତ୍ରୀ ଜିତେନ୍ଦ୍ର ପାଣିଗ୍ରାହୀ, ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ଜୋନ୍ ଅଫିସର ନୂତନ ସେଠ୍ ଓ ଅନ୍ୟଅଧିକାରୀମାନେ ବିଧାୟକଙ୍କ ସହ ଉପସ୍ଥିତ ଥିଲେ। ଏହି କଲୋନୀରେ ଉପସ୍ଥିତ ଅଧିକାରୀମାନେ ୧୫ଦିନ ଭିତରେ ଏସବୁ କାର୍ଯ୍ୟ ଆରମ୍ଭ ହେବ ଓ ଶୀଘ୍ର ସମାପ୍ତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ରାଜୀବ କିଶାନ, ପୁନର୍ବାସ ଓ ଥଇଥାନ ଯନ୍ତ୍ରୀ ପ୍ରଫୁଲ୍ଲ ବୁଦୁଲା ଓ ବିସ୍ଥାପିତ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

## ସଶସ୍ତ୍ର ଡକାୟତି: ଘର ମାଲିକ ଗୁରୁତର

ଡୁଙ୍ଗୁରିପାଲି,୨୩।୮(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଚିନାଜୁରୀ ପଞ୍ଚାୟତ ବସଷ୍ଟାଣ୍ଡ ଛକରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରେ ରବିବାର ସଶସ୍ତ୍ର ଡକାୟତି ହୋଇଛି। ଡକାୟତମାନେ ଘରେ ପଶି ଡକାୟତି କରିବା ସହ ଘର ମାଲିକଙ୍କୁ ଭୁଜାଲି ଓ ଟାଙ୍ଗିଆରେ ଆକ୍ରମଣ କରି ଫେରାର ହୋଇ ଯାଇଛନ୍ତି। ଆକ୍ରମଣରେ ଘର ମାଲିକ ଜବାହାର ଯାଦବ ଗୁରୁତର ହୋଇ ଚିକିତ୍ସାଧୀନ ଅଛନ୍ତି। ଜବାହାର (୫୫) ଓ ତାଙ୍କ ଝିଅ ଜ୍ୱାଇଁ, ନାତି ଶୋଇଥିବା ବେଳେ ବିଳମ୍ବିତ ରାତିରେ ତିନି ଚାରି ଜଣ ଡକାୟତ ଘର କବାଟ ବାଡେଇ ଥିଲେ। କବାଟ ଖୋଲିବା ପରେ ସେମାନେ ଡିଜେଲ ଦେବାକୁ କହିଥିଲେ। ଏହାଶୁଣି ଜବାହାର ତୁମ ଗାଡି କେଉଁଠି ଅଛି କୁହ, ତେଲ ଦେବି ବୋଲି କହିଥିଲେ। ସେମାନେ ଆମ ଗାଡି ଦୂରରେ ଅଛି କହି ଘର ଭିତରେ ପଶିଯାଇଥିଲେ। ପ୍ରତିବାଦ କରିବାରୁ ସେମାନେ କବାଟ ଭାଙ୍ଗି ଜବାହାରଙ୍କୁ ଆକ୍ରମଣ କରଥିଲେ। ଚିତ୍କାର ଶୁଣି ଝିଅ ଜ୍ୱାଇଁ ଆସିଲା ବେଳକୁ ଡକାୟତମାନେ ଲୁଟପାଟ କରି ଫେରାର ହୋଇ ଯାଇଥିଲେ। ଦୁର୍ବୃତ୍ତମାନେ ଘରେ ଥିବା ବାକ୍ସ, ମୋବାଇଲ, ବ୍ୟାଙ୍କ ଖାତା, ନଗଦ ୧୫ ହଜାର ଟଙ୍କା ନେଇଯାଇଥିବା ଘର ମାଲିକଙ୍କ ଝିଅ ଅଞ୍ଜଳି ଦେବୀ ପ୍ରକାଶ କରିଛନ୍ତି। ଜବାହାରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଡୁଙ୍ଗୁରିପାଲି ଡାକ୍ତରଖାନା ଆଣିଥିଲେ। ପରେ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଡକାୟତମାନେ ସେହି ରାତିରେ ବସଷ୍ଟାଣ୍ଡ ପାଖ କେନାଲ କଡରେ ଥିବା ହାଡୁ ଭୁଏଙ୍କ ପାନ ଦୋକାନରୁ ମଧ ଲୁଟପାଟ କରିଥିଲେ। ଏନେଇ ଡୁଙ୍ଗୁରିପାଲି ଥାନାରେ ହାଡୁ ଲିଖିତ ଅଭିଯୋଗ କଲା ପରେ ପୋଲିସ ପହଞ୍ଚି ତଦନ୍ତ କରିଥିଲେ। ସୋମବାର ଅପରାହ୍ନ ୪ଟା ସମୟରେ ସାଇଣ୍ଟିଫିକ୍ ଟିମ୍ ବଲାଙ୍ଗୀରରୁ ଆସି ଜବାହାରଙ୍କ ଘରେ ପହଞ୍ଚି ତଦନ୍ତ କରି ଫେରି ଯାଇଛନ୍ତି। ସବ୍ ଇନ୍ସପେକ୍ଟର ସୁବ୍ରତ କୁମାର ପାଣିଗ୍ରାହୀ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଭାନୁଶଙ୍କର ଯାଦବ ପ୍ରକାଶ କରିଛନ୍ତି।

## ମାହେଶ୍ୱରୀ ନର୍ସିଂ କଲେଜରେ ପ୍ରବେଶ ଉତ୍ସବ

ବରଗଡ଼ ଅଫିସ୍,୨୩।୮

ବରଗଡ଼ ସହରର ଭଟଲି ଛକ ନିକଟରେ ଥିବା ମାହେଶ୍ୱରୀ ନର୍ସିଂ କଲେଜରେ ସୋମବାର ଜିଏନ୍ଏମ୍ ଛାତ୍ରୀଙ୍କ ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ବୀଣାପାଣି ଆଚାର୍ଯ୍ୟ ମୁଖ୍ୟଅତିଥି, ଡଃ ତପସ୍ୱିନୀ ଗୁରୁ ମୁଖ୍ୟବକ୍ତା, ପ୍ରଫେସର ଅମରେନ୍ଦ୍ର ନାରାୟଣ ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମଦର ଟେରେସାଙ୍କ ବିଚାରଧାରାକୁ ଅନୁସରଣ କରିବାକୁ ଅତିଥିମାନେ



ମାହେଶ୍ୱରୀ ନର୍ସିଂ କଲେଜ ପ୍ରବେଶ ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ମତବ୍ୟକ୍ତ କରିଥିଲେ। କଲେଜ ନିର୍ଦ୍ଦେଶକ ଫକୀର କର୍ଣ୍ଣ ସଭାପତିତ୍ୱ କରିଥିଲେ। ଏହି ଅବସରରେ କଲେଜର ୬୦ଜଣ ଛାତ୍ରୀଙ୍କୁ ଡ୍ରେସ୍, ମାସ୍କ ବଣ୍ଟନ କରାଯାଇଥିଲା। ଅଧ୍ୟାପକ ଡା. ଅରୂପାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସାପ କାମୁଡ଼ାରେ ୨ ବୋଲବମ ଭକ୍ତ ମୃତ

ଧର୍ମଗଡ,୨୩।୮(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଅନ୍ତର୍ଗତ ଖନାତରା ଗ୍ରାମରେ ୨ ବୋଲବମ ଭକ୍ତଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଥିବା ଜଣାଯାଇଛି। ମୃତ ୨ଯୁବକ ହେଲେ ଗଣେଷ ହଂସ (୧୮) ଓ ରଣଜିତ ହଂସ (୨୧)। ତେବେ ପୋଲିସଠାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ଧର୍ମଗଡ ଆଇଆଇସି ସୂଚନା ଦେଇଛନ୍ତି। ଧର୍ମଗଡ ଥାନା ତମ୍ଭାଛଡା ପଞ୍ଚାୟତ ଅଧୀନ ଖନାତରା ଗ୍ରାମର କେତେଜଣ ବୋଲବମ ଭକ୍ତ ଅସମ୍ପୂର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ରରେ ରହି ଶ୍ରାବଣ ମାସ ପାଳୁଥିଲେ। ଶ୍ରାବଣ ପୂର୍ଣ୍ଣିମା ଦିନ ଶ୍ରାବଣ ବ୍ରତ ଉଦ୍ଯାପନ କରି ସେଠାରେ ଭୋଜିଭାତ କରିଥିଲେ। କେତେକଜଣ ନିଜ ଘରକୁ ଚାଲିଯାଇଥିବା ବେଳେ ଆଉ କେତେଜଣ ସେଠାରେ ରହିଥିଲେ। ସକାଳୁ ସେମାନଙ୍କ ମଧ୍ୟରୁ କେତେଜଣ ନ ଉଠିବାରୁ ସେମାନଙ୍କୁ ସାପ କାମୁଡିଥିବା ସନ୍ଦେହ କରି ନିକଟସ୍ଥ ଗ୍ରାମରେ ଝଡାଫୁଙ୍କା କରାଯାଇଥିଲା। ଗଣେଷଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ଧର୍ମଗଡ ଆଇଆଇସି ଅଶୋକ ମାହାପାତ୍ର ସୂଚନା ଦେଇଛନ୍ତି। ଅନ୍ୟଜଣେ ବ୍ୟକ୍ତି ମୃତ୍ୟୁକୁ ନେଇ ପୋଲିସ ପାଖରେ କୌଣସି ସୂଚନା ନ ଥିବା ସେ କହିଛନ୍ତି। ସେମାନଙ୍କ ସହିତ ଥିବା ରଣଜିତଙ୍କ ମଧ୍ୟ ମୃତ୍ୟୁ ହୋଇଥିବା ବେଳେ ଗାଁରେ ଶବ ସତ୍କାର କରାଯାଇଥିବା ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି।

## ମିଳୁନି ଆବାସ ଯୋଜନା ଗୃହ ନିର୍ମାଣ ପ୍ରାପ୍ୟ



ଜୁନାଗଡ଼ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଜୁନାଗଡ଼,୨୩।୮(ଡି.ଏନ.ଏ.)

ଜୁନାଗଡ଼ ବ୍ଲକ ଗୌଡ଼ଛେଣ୍ଡିଆ ପଞ୍ଚାୟତର ଶତାଧିକ ହିତାଧିକାରୀ ଗତବର୍ଷ ଆବାସ ଯୋଜନାରେ ଗୃହ ନିର୍ମାଣ କରିଥିଲେ। ଏହି ଯୋଜନାରେ ଗୃହ ନିର୍ମାଣର ନିର୍ଦ୍ଧାରିତ ଅର୍ଥ ସହିତ ଗୃହ ନିର୍ମାଣରେ କାମ କରିଥିବା ଶ୍ରମିକଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରାପ୍ୟ ଦିଆଯାଇଥାଏ। ହେଲେ ଗୃହ ନିର୍ମାଣର ଦୀର୍ଘ ମାସ ବିତିଯାଇଥିଲେ ମଧ ହିତାଧିକାରୀଙ୍କ ସହ ଶ୍ରମିକମାନେ ପ୍ରାପ୍ୟ ପାଇନାହାନ୍ତି। ସୋମବାର ହିତାଧିକାରୀମାନେ ବିଡିଓଙ୍କ ଦ୍ୱାରସ୍ତ ହୋଇଛନ୍ତି। ଗୌଡ଼ଛେଣ୍ଡିଆ ଗ୍ରାମର ଗୋରେଖ ବାଗ, ମାର୍କଣ୍ଡ ଭାଟି, ରାମନାଥ କେତକୀ, ବିପ୍ର ମାଝି, ସୁଶାନ୍ତ ବାଗ, ରାଜରାମ, ସୁଦାମ ମାଝିଙ୍କ ସମେତ ପଞ୍ଚାୟତର ଶତାଧିକ ଶ୍ରମିକ ଓ ହିତାଧିକାରୀ ଏହି ପ୍ରାପ୍ୟ ଗୃହ ନିର୍ମାଣର ମାସ ମାସ ପରେ ମଧ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ରୋଜଗାର ସେବକ ଦୁର୍ବିନ୍ଦ ନାଏକଙ୍କୁ ପଚାରିବାରୁ ବୈଷୟିକ ସମସ୍ୟା ଯୋଗୁ ଏହା ବିଳମ୍ବ ହେଉଥିବା କହିଥିଲେ। ବ୍ଲକ ଓ ଜିଲା ପ୍ରଶାସନ ତ୍ୱରିତ ପଦକ୍ଷେପ ନେଇ ପ୍ରାପ୍ୟ ଶୀଘ୍ର ଯୋଗାଇଦେବାକୁ ସେମାନେ ଦାବି କରିଛନ୍ତି।

## ଝୁଲଣଯାତ୍ରା ଶୋଭାଯାତ୍ରା ବେଳେ ଦୁଇ ଗୋଷ୍ଠୀ ମୁହାଁମୁହିଁ

ଅମରପାଲି,୨୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟାରେ ସୋମବାର ଦିନ ଝୁଲଣଯାତ୍ରା ଶୋଭାଯାତ୍ରା ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇ ଗଣ୍ଡଗୋଳ ହୋଇଛି। ଖବରପାଇ ପୋଲିସ ଘଟଣାସ୍ଥଳକୁ ଯାଇ ଏହାର ସମାଧାନ କରିବା ସହିତ ପୋଲିସ ଉପସ୍ଥିତିରେ ଯାତ୍ରା ସମାପନ ହୋଇଛି। ସୁବଳୟାର ଝୁଲଣଯାତ୍ରା



ଶୋଭାଯାତ୍ରା ବେଳେ ଗଣ୍ଡଗୋଳ ହେବା ପରେ ପୋଲିସ ଯାଇ ବିବାଦର ସମାଧାନ କରୁଛି।

ବହୁ ପୁରାତନ ଓ ପ୍ରସିଦ୍ଧ। ଚଳିତବର୍ଷ କରୋନା କଟକଣା ଯୋଗୁ କମ ସଂଖ୍ୟକ ଶ୍ରଦ୍ଧାଳୁଙ୍କୁ ନେଇ ଯାତ୍ରା ହେଉଥିଲା। ସୋମବାର ଯାତ୍ରାର ଶେଷ ଦିନ ଥିଲା। ତେଣୁ ଗ୍ରାମର ବିଭିନ ପ୍ରାନ୍ତରୁ ଭିନ୍ନ ଭିନ୍ନ କ୍ଲବ ତାଙ୍କର ଶୋଭାଯାତ୍ରା ଆରମ୍ଭ କରିଥିଲେ। ଶୋଭାଯାତ୍ରା ବେଳେ ନଗର କୀର୍ତ୍ତନ ହେଉଥିଲା। କୌଣସି କାରଣକୁ ନେଇ ହଠାତ୍ ଦୁଇଟି ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇ ମାଡପିଟ ହୋଇଥିଲା। ସୁବଳୟା ପୋଲିସ ଘଟଣାସ୍ଥଳକୁ ଆସି ଏହାର ସମାଧାନ କରିଥିଲା। ପରେ ପୁଣି ସନ୍ଧ୍ୟା ବେଳେ ଉଭୟ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ପୋଲିସ ପହଞ୍ଚି ପୁଣି ସମାଧାନ କରି ପୋଲିସ ଉପସ୍ଥିତିରେ ଶୋଭାଯାତ୍ରା ସମାପନ ହୋଇଥିଲା। ଶୋଭାଯାତ୍ରା ପରେ ଉଭୟ ଗୋଷ୍ଠୀ ଓ ସ୍ଥାନୀୟ ସଚେତନ ନାଗରିକକୁ ନେଇ ପୋଲିସ ଉପସ୍ଥିତିରେ ଏକ ଶାନ୍ତି କମିଟି ଗଠନ ହୋଇ ଆପୋଷ ସମାଧାନ କରାଯାଇଥିଲା। ବୀରମହାରାଜପୁର ଉପଖଣ୍ଡୀୟ ପୋଲିସ ଅଧିକାରୀ ଡୋଳାମଣୀ ଭୋଇ, ସୁବଳୟା ଥାନା ଅଧିକାରୀ ରାଜେନ୍ଦ୍ର ମଣ୍ଡଳ ପ୍ରମୁଖ ଯାଇ ଗଣ୍ଡଗୋଳର ସମାଧାନ କରିଥିଲେ। ଏନେଇ ସୁବଳୟା ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି।

## ଜମି ଚିହ୍ନଟ ପାଇଁ ତହସିଲଦାରଙ୍କୁ ଦାବିପତ୍ର

କଣ୍ଟାବାଞ୍ଜି, ୨୩।୮(ଡି.ଏନ.ଏ.)

ଓଡିଶା ସରକାର ରାଜ୍ୟର ସମସ୍ତ ସହରାଞ୍ଚଳରେ ମିନି ଷ୍ଟାଡିୟମ, ବ୍ୟାୟାମ ଶାଳା, ପାର୍କ ଓ ଶୌଚାଳୟ ପାଇଁ ଅନୁଦାନ ଦେଇଛନ୍ତି। ଏଥିରେ କଣ୍ଟାବାଞ୍ଜି ଏନଏସିରେ ମଧ ନିର୍ମାଣ ପାଇଁ ଅନୁଦାନ ମିଳିଛି। ହେଲେ ଏନଏସି ଅଞ୍ଚଳରେ ନ କରି ପଞ୍ଚାୟତ ଅଞ୍ଚଳରେ ଜମି ଚିହ୍ନଟ କରାଯାଉଛି। ଏହାର ପ୍ରତିବାଦ ସହ ଏନଏସି ଅଞ୍ଚଳରେ ଅବିଳମ୍ବେ ଜମି ଚିହ୍ନଟ କରିବାକୁ ବିଜେଡି କଣ୍ଟାବାଞ୍ଜି ତରଫରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସୋମବାର ତହସିଲଦାର ଅଶୋକ କୁମାର ମାଝିଙ୍କୁ ପ୍ରଦାନ କରାଯାଇଛି। ଜିଲା ସାଧାରଣ ସମ୍ପାଦକ ରାଜେନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ବିଜେଡି ଯୁବ ସଭାପତି ବିଶାଲ ବେହେରା, ଜିଲା ଯୁବ ସମ୍ପାଦକ ଶାନ୍ତନୁ ବିଭାର, ଯୁବ ସାଧାରଣ ସମ୍ପାଦକ ଦେବରାଜ ଯାଦବ, ପିଙ୍କି ଖର୍ସେଲ, ନଗର ମହିଳା କାର୍ଯ୍ୟକାରୀ ସଭାନେତ୍ରୀ ଇଲୁ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି, କଲମ ଛାଡ ଆନ୍ଦୋଳନ ସ୍ଥଗିତ

ଲୋଇସିଂହା, ୨୩।୮(ଡି.ଏନ.ଏ.)

ଆଗଲପୁର ବ୍ଲକ ସଦର ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରବୀଣ ପାଣିଗ୍ରହୀଙ୍କୁ ଇଂସା ଗ୍ରାମର ଜଣେ ବ୍ୟକ୍ତି ଗାଳିଗୁଲଜ ଓ ଆକ୍ରମଣ ଉଦ୍ୟମ କରିଥିଲେ। ଏ ନେଇ ସେ ଆଗଲପୁର ଫାଣ୍ଡିରେ ଅଭିଯୋଗ କରିଥିଲେ। ହେଲେ ଅଭିଯୁକ୍ତଙ୍କ ପ୍ରତି ପୋଲିସ ନରମ ଭାବନା ପ୍ରଦର୍ଶନ କରିବା ପ୍ରତିବାଦରେ ବ୍ଲକ କର୍ମଚାରୀ କଲମ ଛାଡ ଆନ୍ଦୋଳନ କରି ଗତ ୨୧ତାରିଖଠାରୁ ବ୍ଲକ ଅଫିସ ଆଗରେ ଧାରଣ ଦେଇଥିଲେ। ସୋମବାର ଜିଲା ପିଇଓ ସଂଘ ଜିଲାପାଳଙ୍କୁ ଭେଟି ଘଟଣା ସଂକ୍ରାନ୍ତରେ ଅବଗତ କରିଥିଲେ। ଜିଲାପାଳ ଚଞ୍ଚଳ ରାଣା ଏସ୍‌ପିଙ୍କୁ ଜଣାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଆନ୍ଦୋଳନରତ ବ୍ଲକ କର୍ମଚାରୀମାନେ ଆନ୍ଦୋଳନକୁ ସ୍ଥଗିତ ରଖିଥିବା ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ୨୦ ତାରିଖରେ ପିଇଓ ପାଣିଗ୍ରାହୀ ଇଂସା ଗ୍ରାମରେ ସର୍ଭେ କାମରେ ନିୟୋଜିତ ବେଳେ ଗ୍ରାମର ବିକାଶ ଭୋଇ ତାଙ୍କୁ ଗାଳିଗୁଲଜ ଓ ରଫାରେ ଆକ୍ରମଣ ଉଦ୍ୟମ କରିଥିଲେ।

## କର୍କଟ ରୋଗ ପରାମର୍ଶ ଶିବିର

ସୋନପୁର,୨୩।୮(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାଗଣା କର୍କଟ ରୋଗ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁମ୍ବାଇର ବିଶିଷ୍ଟ କର୍କଟ ରୋଗ ବିଶେଷଜ୍ଞ ଡା. ଦିନେଶ ପେଣ୍ଡାରକର ଶିବିରରେ ଯୋଗଦେଇ ରୋଗୀଙ୍କୁ ପରାମର୍ଶ ଦେଇଥିଲେ। ଶିବିରରେ ୨୪ଜଣ ରୋଗୀ ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲିପ କୁମାର ପଣ୍ଡା, ଡା. ପ୍ରଦୀପ କୁମାର ଗୁରୁ, ଡା. ରମେଶ ଚନ୍ଦ୍ର ସ୍ୱାଇଁ, ଡା. ତ୍ରିବିକ୍ରମ ପାଣ୍ଡିଆ, ଡା. ପଦ୍ମହଂସା ଦୋରା, ଡାକ୍ତର ପାର୍ଥ ପ୍ରୀତମ ପଣ୍ଡା ଶିବିରରେ ଯୋଗଦାନ କରିଥିଲେ। ଜିଲା କର୍କଟ ନୋଡାଲ ଅଫିସର ଡା. ନରେନ୍ଦ୍ର ମେହେର, ଡାକ୍ତର ପେଣ୍ଡାରକରଙ୍କ ନିକଟରୁ ଆବଶ୍ୟକ ପରାମର୍ଶ ଗ୍ରହଣ କରି ରୋଗୀମାନଙ୍କୁ ପରବର୍ତ୍ତୀ ସେବା ଯୋଗାଇ ଦେବେ ବୋଲି ସୂଚନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ, ଷ୍ଟାଫ ନର୍ସ ଏଲି ଭଞ୍ଜ, ନାରାୟଣ ରଥ ଓ ସମୀର କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ। କର୍କଟ ରୋଗ ନିରୂପଣ ପାଇଁ ସରକାର ସମସ୍ତ ଜିଲାକୁ ଆବଶ୍ୟକ ଯନ୍ତ୍ରପାତି ଯୋଗାଇ ଦେବେ। ରୋଗୀଙ୍କୁ ଆଉ ଦୂର ଦୂରାନ୍ତକୁ ଚିକିତ୍ସା ପାଇଁ ଯିବାକୁ ପଡିବ ନାହିଁ ବୋଲି ଡା. ପେଣ୍ଡାରକର ସୂଚନା ଦେଇଥିଲେ।

# ନୂଆପଡ଼ା ଜିଲାକୁ ସମ୍ପୂର୍ଣ୍ଣ ମରୁଡ଼ି ଘୋଷଣା କର

- ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା
- ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ନୂଆପଡ଼ା ଅଫିସ,୨୩।୮

ନୂଆପାଡା ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା ଓ ଚାଷୀଙ୍କ ମୌଳିକ ସମସ୍ୟା ତୁରନ୍ତ ସମାଧାନ ପାଇଁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଭାରତୀୟ ଜନତା ପାର୍ଟି କିଷାନ ମୋର୍ଚ୍ଚା ଜିଲା ସଭାପତି ଗୋବର୍ଦ୍ଧନ ସାହୁଙ୍କ ନେତୃତ୍ୱରେ ଜିଲାର ହଜାର ହଜାର ଚାଷୀ ନୂଆପଡା ମିନିଷ୍ଟାଡିୟମଠାରେ ରୁଣ୍ଡ ହୋଇଥିଲେ। ସେଠାରୁ ଏକ ସୋଭାଯାତ୍ରାରେ ବାହାରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଗେଟ ସମ୍ମୁଖରେ ଧାରଣା ଦେଇଥିଲେ। ଅତିରିକ୍ତ ଜିଲାପାଳ ଅଗସ୍ତି ପ୍ରଧାନ ଧାରଣାସ୍ଥଳକୁ ଆସି ଚାଷୀଙ୍କ ସହିତ ଆଲୋଚନା କରି ଦାବିପତ୍ର ଗ୍ରହଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ



ଜିଲାପାଳଙ୍କ କାର୍ଯ୍ୟାଳୟ ମୁଖ୍ୟ ଗେଟରେ ଚାଷୀ ଓ ଭାଜପା କର୍ମୀ ଧାରଣା ବସିଛନ୍ତି।

ନୂଆପଡା ଜିଲାପାଳଙ୍କୁ ୧୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଚଳିତବର୍ଷ ଚାଷ କାର୍ଯ୍ୟ ଆରମ୍ଭରୁ ଜିଲାରେ ବର୍ଷାର ଅଭାବ ଯୋଗୁ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଲଘୁଚାପଜନିତ ବର୍ଷାରେ ଚାଷୀ ଅଳ୍ପ କିଛି ରୁଆ, ବେଉଷଣ କରି ଚାଷ କାର୍ଯ୍ୟକୁ ଆଗେଇ ନେଇଥିଲେ। ପ୍ରାୟ ଏକ ମାସରୁ ଊର୍ଦ୍ଧ୍ୱ ହେବ ଜିଲାରେ ଭଲ ବର୍ଷା ନ ହେବାରୁ ଧାନ ମରିବା ସହିତ ଜମିଫାଟି ଆଁ କଲାଣି। ବର୍ଷା ଅଭାବରୁ ଚାଷ ନଷ୍ଟ ହେବାରେ ବସିଲାଣି। ଜିଲାକୁ ସମ୍ପୂର୍ଣ୍ଣ ମରୁଡି ଘୋଷଣା କରାଯାଉ ଓ ରାଜସ୍ୱ ନିରୀକ୍ଷକ, ଗ୍ରାମସେବମାନଙ୍କ ଦ୍ୱାରା ତଦନ୍ତ କରି ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଦିଆଯାଉ, ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଛି। ଏସବୁ ଦାବି ଯଥାଶଘ୍ର ପୁରଣ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରାଯିବ ବୋଲି ଚେତବାନୀ ଦିଆଯାଇଛି। ଧାରଣାରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ତଥା ପଦ୍ମପୁର ପୂର୍ବତନ ବିଧାୟକ ପ୍ରଦୀପ ପୁରୋହିତ, ଭାଜପା ଜିଲା ସଭାପତି ସୁବ୍ରତ କୁମାର ଠାକୁର,ରାଜ୍ୟ କାର୍ଯ୍ୟ କାରିଣି ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଅନ୍ୟତମ ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ହୋମସିଂ ମାଝି, ଖାମସିଂ ମାଝି, ଜିଲା ସାଧାରଣ ସମ୍ପାଦକ ରାତ୍ରାନନ୍ଦ ମନହିରା, ଗୋଲଡି ଅଗ୍ରୱାଲ, କାମଲେସ ଦିକ୍ଷୀତ, ଅଭିନନ୍ଦନ ପଣ୍ଡା, ତୁଲସ ପଟେଲ, ମନିଜର ଆର୍ଯ୍ୟ, ସୁଶାନ୍ତ ପତି, ଚର୍ତୁଭୁଜ ଶର୍ମା, କେଦାର ଜଗତ ପ୍ରମୁଖ ସାମିଲ ହୋଇଥିଲେ।

## ସାପ କାମୁଡ଼ାରେ ମହିଳା ମୃତ

ବାଉଁଶୁଣୀ,(ଡି.ଏନ୍.ଏ.): ବୌଦ୍ଧ ବ୍ଲକ ଅନ୍ତର୍ଗତ ବୈଦ୍ୟନାଥପୁର୍ ଗ୍ରାମର ଜଣେ ମହିଳାଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି। ମୃତକ ହେଲେ ବୀଣାପାଣି ବେହେରା (୪୫)। ରବିବାର ରାତିରେ ବୀଣାପାଣି ଖାଇପିଇ ଶୋଇଥିଲେ। ବିଳମ୍ବିତ ରାତିରେ କୌଣସି ଏକ ବିଷଧର ସାପ ତାଙ୍କ ଗୋଡକୁ କାମୁଡି ଦେଇଥିଲା। ପରିବାର ଲୋକ ଝଡାଫୁଙ୍କା କରିବା ପରେ ବି ସୁସ୍ଥ ନ ହେବାରୁ ପ୍ରଥମେ ବାଉଁଶୁଣୀ ଓ ପରେ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୋନପୁର ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ସଂକ୍ଷେପରେ

### ଚିକିତ୍ସାଧୀନ ଅର୍ଦ୍ଧଦଗ୍ଧ ମହିଳା ମୃତ

ଅତାବିରା,୨୩।୮(ଡି.ଏନ.ଏ): ବରଗଡ ଜିଲା ଭେଡେନ ଥାନା ରୁଖୁଡା ଫାଣ୍ଡି ଅଧୀନ ମହୁଲପାଲି ଗ୍ରାମର ଜଣେ ବିବାହିତା ମହିଳା ନିଆଁରେ ପୋଡି ହୋଇଯାଇଥିଲେ। ତାଙ୍କୁ ପ୍ରଥମେ ବୁର୍ଲା ଓ ପରେ କଟକ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ମହୁଲପାଲି ଗ୍ରାମର କୃପା ପ୍ରଧାନଙ୍କ ସ୍ତ୍ରୀ ନିରାସୀ ପ୍ରଧାନ (୩୫)। କଟକ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ସୋମବାର ଗାଁ ଶ୍ମଶାନରେ ମହିଳାଙ୍କ ମୃତଦେହକୁ ଦାହ କରାଯାଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାହା ସ୍ପଷ୍ଟ ହେବ।

### ୩ ଫେରାର ଅଭିଯୁକ୍ତ ଗିରଫ

ବାଉଁଶୁଣୀ, ୨୩।୮(ଡି.ଏନ୍.ଏ.): ବୌଦ୍ଧ ବ୍ଲକ ବାଉଁଶୁଣୀ ପୋଲିସ ରବିବାର ରାତିରେ ବିଭିନ୍ନ ଗ୍ରାମରେ ଚଢାଉ କରି ୩ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିଛି। ବାଉଁଶୁଣୀ ଥାନା ସାନ୍ତୁମ ଗ୍ରାମର ମୋହନ ମଲ୍ଲିକ (୪୪), ମୁଣ୍ଡିପଦର ଗ୍ରାମର ଶୁଭ୍ରାଂଶୁ ପ୍ରଧାନ (୩୦) ଓ ବାଦୀକଟା ଗ୍ରାମର ବିନୟ ସେଠୀ(୨୬)ଙ୍କୁ ଗିରଫ କରାଯାଇଛି। ବାଉଁଶୁଣୀ ପୋଲିସ ଏ.ଏସ.ଆଇ. ମଧୁସୂଦନ କହଁରଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଅତର୍କିତ ଚଢାଉ କରାଯାଇଥିଲା। ଗିରଫ ବ୍ୟକ୍ତିଙ୍କ ନାମରେ ମାମଲା ଥିବାରୁ ସେମାନଙ୍କୁ ଅଦାଲତରେ ହାଜର କରାଯିବ ବୋଲି ଜଣାପଡିଛି।

### ମାସ୍କ ବଣ୍ଟନ କାର୍ଯ୍ୟକ୍ରମ

ଅତାବିରା,୨୩।୮(ଡି.ଏନ.ଏ): ଗୋଡଭଗା ସାରସ୍ୱତ ମହାବିଦ୍ୟାଳୟ ପରିସରରେ ସୋମବାର ସାମାଜିକ ଜନ କଲ୍ୟାଣ ଟ୍ରଷ୍ଟ ପକ୍ଷରୁ କରୋନା ସଚେତନତା ଓ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ମୁକୁନ୍ଦ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲା ମହିଳା ପ୍ରମୁଖ ସୁଷମା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ସୈନିକ ସପ୍ତସିନ୍ଧୁ ପ୍ରଧାନ, ଟ୍ରଷ୍ଟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡା. ଅଜିତ କୁମାର ନାଥ ପ୍ରମୁଖ ମଞ୍ଚାସୀନ ଥିଲେ। ଖବରଦାତା ଉପେନ୍ଦ୍ର ପଣ୍ଡାଙ୍କୁ କରୋନା ଯୋଦ୍ଧା ଭାବେ ସମ୍ମାନିତ କରାଯାଇଥିଲା। ମହାବିଦ୍ୟାଳୟର ଅଧାପିକା, ଅଧାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଶେଷରେ ବାଳକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷା ସେତୁ କାର୍ଯ୍ୟକ୍ରମ, ପୁରସ୍କୃତ ହେଲେ ସିଆର୍‌ସିସି



ଅମରପାଲି,୨୩।୮(ଡି.ଏନ.ଏ.): ଶିକ୍ଷାସେତୁ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ ହେଲେ ସିଆରସିସି ପ୍ରବୀର ଦାସ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କ କ୍ଲଷ୍ଟରର ସିଆରସିସି ପ୍ରବୀର ଦାସଙ୍କୁ ଏନେଇ ଜିଲାପାଳ ଆବୋଲି ସୁନୀଲ ନରୱଣେ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ସମ୍ବର୍ଦ୍ଧନା ସଭାରେ ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶିପୁନମ ମିଞ୍ଜ, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଓ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଡ. ରାଧାକାନ୍ତ ଗଡତ୍ୟା ଉପସ୍ଥିତ ଥିଲେ। ସିଆରସିସିଙ୍କୁ ଜିଲାର ଶ୍ରେଷ୍ଠ ସିଆରସିସି ଭାବେ ପୁରସ୍କୃତ କରାଯିବା ପରେ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି।

### କଫ ସିରପ୍ ଜବତ, ୨ କୋର୍ଟଚାଲାଣ

ପାଇକମାଲ,୨୩।୮(ଡି.ଏନ.ଏ): କଫ୍ ସିରପ୍ ଓ ନିଶା ଇଞ୍ଜେକ୍ସନ ଚାଲାଣ ଅଭିଯୋଗରେ ବରଗଡ଼ ଜିଲା ପାଇକମାଲ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ କୋଶଳ ଚନ୍ଦ୍ର ସାହୁ ଓ ସୁଶୀଲ ବନଛୋର। ଅଭିଯୁକ୍ତମାନେ ଝାରବନ୍ଧ ଅଞ୍ଚଳକୁ କଫ ସିରପ୍ ଚାଲାଣ କରୁଥିବା ବେଳେ ପାଇକମାଲ ପୋଲିସ କୌଣସି ସୂତ୍ରରୁ ଖବର ପାଇ ସେମାନଙ୍କୁ ପାଇକମାଲ ଭାଟି ରାସ୍ତା ନିକଟରେ ଅଟକାଇଥିଲା। ଯାଞ୍ଚ ବେଳେ ସେମାନଙ୍କ ପାଖରୁ ୫ଶହ ବୋତଲ କଫ ସିରପ୍, ୪ଶହ ନିଶା ଇଞ୍ଜେକସନ ଓ ୫ଶହ ଟାବଲେଟ ଜବତ କରାଯାଇଛି। ଏ ନେଇ ପାଇକମାଲ ଥାନାରେ ଏକ ମାମଲା (ନଂ.୧୫୯/୨୧) ରୁଜୁ ହୋଇଛି। ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

# ମାଛ, କୁକୁଡ଼ା ଚାଷକୁ ଗୁରୁତ୍ୱ

**ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ବି ବୈଠକ**

ବରଗଡ଼ ଅଫିସ୍,୨୩।୮

ବରଗଡ଼ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି-ବି ବୈଠକ ସୋମବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ମତ୍ସ୍ୟ, ପ୍ରାଣୀ ସମ୍ପଦ ସମେତ ବିଭିନ୍ନ ବିଭାଗ ଉପରେ ଆଲୋଚନା ହୋଇଥିଲା। ପ୍ରଥମେ ମତ୍ସ୍ୟ ସମ୍ପଦ ବିଭାଗ ଉପରେ ଆଲୋଚନା ହୋଇଥିଲା। ୨୦୧୯-୨୦ ଆର୍ଥିକ ବର୍ଷରେ ୩୫ହେକ୍ଟର ଜମିରେ ମତ୍ସ୍ୟଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ତେବେ ଏହି ବର୍ଷରେ ୨୪.୩୦ ହେକ୍ଟରରେ ତାହା ହୋଇଥିବା ସୂଚନା ଦିଆଯାଇଥିଲା। ୧ହେକ୍ଟର ପାଇଁ ୮ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇ ଥିବାବେଳେ ସାଧାରଣ ବର୍ଗଙ୍କୁ ୪୦ପ୍ରତିଶତ, ଅନୁସୂଚୀତ ଜାତି, ଜନଜାତି ଓ ମହିଳାମାନଙ୍କୁ ୫୦ ପ୍ରତିଶତ ସବ୍‌ସିଡ଼ି ପ୍ରଦାନ କରାଯାଉଥିବା ନେଇ ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ପ୍ରାଣୀ ସମ୍ପଦ ବିଭାଗର ସମୀକ୍ଷାବେଳେ ବରଗଡ଼ ବ୍ଲକରେ ୧୨୦ଟି ଗାଈ ଗୁହାଳ ଥିବା ସୂଚନା ଦିଆଯାଇଥିଲା। ଜଣେ ଗୋ ଚାଷୀଙ୍କ ୬ଟି ଗାଈ ଥିଲେ ଗୁହାଳ କରିବା ପାଇଁ ୧ଲକ୍ଷ ୧୩ହଜାର ଟଙ୍କା ଅନୁଦାନ ଦିଆଯାଉଥିବା ବିଭାଗୀୟ ଅଧିକାରୀ କହିଥିଲେ। ସେହିପରି ଜଣେ ଯଦି ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇଛନ୍ତି, ତାଙ୍କୁ ଗୁହାଳ ନିର୍ମାଣ ପାଇଁ ମଧ୍ୟ ଅନୁଦାନ ମିଳିପାରିବ ବୋଲି ସୂଚନା ଦିଆଯାଇଥିଲା। ୨୦୨୦-୨୧ ଆର୍ଥିକ ବର୍ଷରେ ୩୭୩ ଜଣ ଚାଷୀଙ୍କୁ ୫୦ଟି ଲେଖାଏଁ କୁକୁଡ଼ା ପାଳନ ପାଇଁ ବଣ୍ଟନ କରାଯାଇଥିବା ବୈଠକରେ ସୂଚନା ଦିଆଯାଇଥିଲା। ସେହିପରି ଜାତୀୟ ପ୍ରାଣୀଧନ ଯୋଜନାରେ ୪୩ଜଣ ଚାଷୀଙ୍କୁ ୧୦ଟି ମାଈ ଛେଳି, ଗୋଟିଏ ଲେଖାଏଁ ବୋଦା ପ୍ରଦାନ କରାଯାଇଥିବା ବିଭାଗୀୟ ଅଧିକାରୀ କହିଥିଲେ। ଏ କ୍ଷେତ୍ରରେ ଜଣେ ଚାଷୀଙ୍କୁ ୬୦ହଜାର ଟଙ୍କା ଲେଖାଏଁ ସବ୍‌ସିଡ଼ି ପ୍ରଦାନ କରାଯାଉଛି। ଆଇପିପି ବ୍ରଏଲର କୁକୁଡ଼ା ପାଳନ ନିମନ୍ତେ ୨୦ଜଣ ଚାଷୀଙ୍କୁ ସହାୟତା ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଥିଲେ। ଏ କ୍ଷେତ୍ରରେ ଜଣେ ଚାଷୀଙ୍କୁ ୧ଲକ୍ଷ ୧୨ହଜାର ଟଙ୍କା ସହାୟତା ପ୍ରଦାନ କରାଯାଉଛି। ୫୩ଜଣ ଚାଷୀଙ୍କୁ ୫୦୦ଟି ଲେଖାଏଁ ବ୍ରଏଲର କୁକୁଡ଼ା ପ୍ରଦାନ କରାଯାଇଥିବା ବେଳେ ଜଣ ପ୍ରତି ୭୧ହଜାର ଟଙ୍କା ଲେଖାଏଁ ସହାୟତା ଦିଆଯାଇଛି। ଏହାସହିତ ଜଳ ବିଭାଜିକା, କୃଷି ବିଭାଗ ଉପରେ ସମୀକ୍ଷା କରାଯାଇଥିଲା। ପ୍ରାରମ୍ଭରେ ଜିଲା ପରିଷଦ ସଭ୍ୟ ଉମେଶ ବେହେରା ଉପସ୍ଥିତ ସଭ୍ୟମାନଙ୍କୁ ସ୍ୱାଗତ କରିଥିଲେ। ଉପାଧ୍ୟକ୍ଷ ମଦନ ଦୀପ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଅଶୋକ ସାହୁ, ଶଙ୍କର ଖାଲକୋ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲା ପରିଷଦ ଷ୍ଟାଣ୍ଡିଂ କମିଟି ବୈଠକ।

# ବୌଦ୍ଧ ଜିଲାକୁ ମରୁଡ଼ି ପ୍ରପୀଡ଼ିତ ଘୋଷଣା କରାଯାଉ

**ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିବ କିଷାନ ସଂଘ**

ବାଉଁଶୁଣୀ/ବୌଦ୍ଧ, ୨୩।୮(ଡି.ଏନ୍.ଏ./ସ୍ୱ.ପ୍ର.)

ବୌଦ୍ଧ ଜିଲାକୁ ମରୁଡି ପ୍ରପୀଡିତ ଘୋଷଣା ଦାବିରେ ଆସନ୍ତା ୨ ତାରିଖ ଦିନ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି ଭାରତୀୟ କିଷାନ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

ପ୍ରକାଶ ଯେ, ବୌଦ୍ଧ ବ୍ଲକ ମୁଣ୍ଡିପଦର ଗ୍ରାମ ପଞ୍ଚାୟତ କୁଲତାଖଲି ଗ୍ରାମରେ ଭାରତୀୟ କିଷାନ ସଂଘ ଆନୁକୂଲ୍ୟରେ ରବିବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସଂଘର କର୍ମକର୍ତ୍ତାମାନେ ଯୋଗଦେଇ ଚଳିତବର୍ଷ ଚାଷୋପଯୋଗୀ ବର୍ଷା ଅଭାବରୁ ଫସଲ ମରୁଡିର ଶିକାର ହୋଇଥିବା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଭଳି ପରିସ୍ଥିତିରେ ସଂଘର ବାରମ୍ବାର ଦାବି ସତ୍ତ୍ୱେ ସରକାର ଜିଲାକୁ ସମ୍ପୂର୍ଣ୍ଣ ମରୁଡିଗ୍ରସ୍ତ ଭାବେ ଘୋଷଣା ନ କରିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ତେଣୁ ଚାଷୀ ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ଆସନ୍ତା ୨ ତାରିଖରେ ହଜାର ହଜାର ଚାଷୀ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଘେରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସାଲୁଙ୍କି ନଦୀର ଗୁରୁଜୀମୁଣ୍ଡା, ଖଡଙ୍ଗ ନଦୀର ସାଦାଙ୍ଗଠାରେ ଜଳଭଣ୍ଡାର ତଥା ମହାନଦୀର ସାମ୍ଭୋଚ, ଧଳପୁର ଓ ରାମଗଡ଼ଠାରେ ତିନୋଟି ମେଗା ଉଠା ଜଳସେଚନ ପ୍ରକଳ୍ପ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବା ପାଇଁ ସ୍ଥିର କରାଗଲା। ସଂଘର ସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ର, ରାଜ୍ୟ ସମ୍ପାଦକ ଭୋଳାଗିରି ସାହୁ, ବଶିକେସନ ପ୍ରଧାନ, ରବୀନ୍ଦ୍ର ଦେଓ, ପ୍ରକାଶ ଦାସ, ଦୁତିବାହାନ କମ୍ପ, ଗଣେଶ ବେହେରା, ନବୀନ ପ୍ରଧାନ, ଆରତ ଧଳ ପ୍ରମୁଖ ଆନ୍ଦୋଳନ ପାଇଁ ସଂକଳ୍ପ ନେଇଥିଲେ। ଏହି ଅବସରରେ ବଳରାମଙ୍କ ସହ ଗୋମାତାଙ୍କ ପୂଜା ହୋଇଥିଲା। ଶେଷରେ ବର୍ଷା ପାଇଁ ଇନ୍ଦ୍ର ପୂଜା କରାଯାଇଥିଲା। ଉତ୍ସବରେ ବିଭିନ୍ନ ଗ୍ରାମର ଭଉଣୀମାନେ ସଂଘ କର୍ମକର୍ତ୍ତା ମାନଙ୍କୁ ରାଖୀ ବାନ୍ଧିଥିଲେ।



ବର୍ଷା ପାଇଁ ଇନ୍ଦ୍ର ପୂଜା କରାଯାଉଛି।

# ୪ ବର୍ଷରେ ପ୍ରାଣୀ ଚିକିତ୍ସାଳୟ ଜରାଜୀର୍ଣ୍ଣ

- କୋଟିଏ ଟଙ୍କା ପାଣିରେ ପଡ଼ିବା ଅଭିଯୋଗ
- ସ୍ଥାୟୀ ଏଲ୍‌ଆଇ ପଦବୀ ଖାଲି

ବିନିକା,୨୩।୮(ଡି.ଏନ୍.ଏ.)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଅନ୍ତର୍ଗତ ବାଙ୍କିଘିର୍ଡି ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହୋଇପଡିଛି। ଅପରପକ୍ଷରେ ଦୀର୍ଘ ବର୍ଷ ହେଲା ଏଲ୍‌ଆଇ (ପ୍ରାଣୀଧନ ନିରୀକ୍ଷକ) ପଦବୀ ଖାଲି ପଡିଛି। ଫଳରେ ପଶୁପାଳନ କରି ଜୀବିକା ନିର୍ବାହ କରୁଥିବା ଲୋକେ ହଇରାଣ ହରକତ ହେଉଛନ୍ତି। ବାଙ୍କିଘିର୍ଡି ପଞ୍ଚାୟତରେ ବସବାସ କରୁଥିବା ଅଧିକାଂଶ ଲୋକଙ୍କ ମୁଖ୍ୟ ଜୀବିକା ହେଲା କୃଷି ଓ ପଶୁପାଳନ। ଏଠାକାର ୭୮% ଲୋକ ଗାଇ ,ଛେଳି ,ମେଣ୍ଢା ଓ ମଇଁଷି ରଖି ନିଜର ଗୁଜରାଣ ମେଣ୍ଟାଇଥାନ୍ତି। ଏଣୁ ସରକାର ସ୍ଥାନୀୟ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବାଙ୍କିଘିର୍ଡିଠାରେ ୨୦୧୭-୧୮ ଆର୍ଥିକ ବର୍ଷରେ ନୂତନ ପ୍ରାଣୀ ଚିକିତ୍ସାଳୟ ନିର୍ମାଣ ପାଇଁ ୧ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିଲେ। ଏହାର କାର୍ଯ୍ୟ ଆର୍.ଡି ବିଭାଗ ପକ୍ଷରୁ କରାଗଲା। ଏହାମଧରେ ୪ବର୍ଷ ବିତି ସାରିଥିଲେ ମଧ ଗୃହର ରକ୍ଷଣା ବେକ୍ଷଣ ଓ ମରାମତି ପ୍ରତି ଦୃଷ୍ଟି ଦିଆଯାଉନାହିଁ। ଫଳରେ ନବ ନିର୍ମିତ କେନ୍ଦ୍ରର ସିମେଣ୍ଟ ବାଡା ସବୁ ଭାଙ୍ଗିଗଲାଣି। ସେହିପରି କୋଠାରୁ କଙ୍କ୍ରିଟ ସବୁ ଉଠି ଯାଇଥିବା ବେଳେ ଆଜବେଷ୍ଟସ ଛାତ ଭାଙ୍ଗିଗଲାଣି। ନିମ୍ନମାନର କାମ ଯୋଗୁ ଏପରି ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି କେନ୍ଦ୍ରର ଚତୁଃପାର୍ଶ୍ୱ ଏବେ ଅଳିଆ ଆବର୍ଜ୍ଜନା ପରିପୂର୍ଣ୍ଣ ହୋଇ ସରୀସୃପଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଏସବୁର ମୁଖ୍ୟ କାରଣ ଦୀର୍ଘ ବର୍ଷ ହେଲା କେନ୍ଦ୍ରରେ ଏଲ୍.ଆଇ ପଦବୀ ପୂରଣ ନ ହେବା। ସ୍ଥାନୀୟ ଅଞ୍ଚଳବାସୀ ଏ ନେଇ ବହୁବାର ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇନାହିଁ। ଗତ ମାସକ ତଳେ ବାଙ୍କିଘିର୍ଡି ,ସାରଙ୍ଗପାଲି, କୁକୁଡାଝୋଲି ଏବଂ ହୁଟୁମା ପ୍ରଭୃତି ଗ୍ରାମରେ ଫାଟୁଆ ରୋଗ ବ୍ୟାପିଥିଲା। ବହୁ ସଂଖ୍ୟାରେ ଗାଈ ବଳଦ ,ମହିଁଷ ଏହି ରୋଗରେ ଆକ୍ରାନ୍ତ ହୋଇଥିଲେ। ଛେଳି ,ମେଣ୍ଢାଙ୍କୁ ମଧ ରୋଗ ହୋଇଥିଲା। ମାତ୍ର କେନ୍ଦ୍ରରେ ପଶୁ ଚିକିତ୍ସକ ନ ଥିବା ଯୋଗୁ ଲୋକେ ନକଲି ପଶୁଡାକ୍ତରଙ୍କ ଦ୍ୱାରସ୍ଥ ହୋଇ ଖର୍ଚ୍ଚାନ୍ତ ହୋଇଥିଲେ। ସେହିପରି ରୋଗ ପ୍ରତିଷେଧକ ଟିକା ମିଳୁନାହିଁ। ଯଥାଶୀଘ୍ର କେନ୍ଦ୍ରର ରକ୍ଷଣାବେକ୍ଷଣ ସହ ସ୍ଥାୟୀ ଏଲଆଇ ନିଯୁକ୍ତି ଦେବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି।



ଜରାଜୀର୍ଣ୍ଣ ଅବସ୍ଥାରେ ନବନିର୍ମିତ କୋଠା।

## ଶିକ୍ଷା, ଶିକ୍ଷକ ମଙ୍ଗଳ କମିଟିର ବୈଠକ

ଅମରପାଲି,୨୩।୮(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ବୀରମହାରାଜପର ଦୁର୍ଗା ମନ୍ଦିର ପରିସରରେ ଶିକ୍ଷା ଓ ଶିକ୍ଷକ ମଙ୍ଗଳ କମିଟିର ତ୍ରୟୋମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ପୂର୍ବତନ ଜିଲା ଶିକ୍ଷାଧୀଶ ବାଳଗୋପାଳ ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଶିକ୍ଷା ଜିଲା ଅନ୍ତର୍ଗତ ଦିବଙ୍ଗତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ଶିକ୍ଷକମାନଙ୍କର ପେନସନ ପାଇବା ସକାଶେ ବିଶେଷ ହଇରାଣ ହରକତ ହୋଉଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ସଭାରେ ସ୍ଥିର ହୋଇଥିଲା। ଏତଦ୍‌ବ୍ୟତୀତ ଉଲୁଣ୍ଡା ବିଇଓଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କର ଏସଇପି ପୁନଃନିର୍ଦ୍ଧାରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା। ପ୍ରଦୀପ ପୁରୋହିତ ସଭା ପରିଚାଳନା କରିଥିବିବେଳେ ପ୍ରଦୀପ୍ତ ଶତପଥୀ, ପ୍ରସାଦୁ ପଧାନ, ମେଘନାଥ ପାଣିଗ୍ରାହୀ, ସୂର୍ଯ୍ୟ ପାଣିଗ୍ରାହୀ, ସୁବିଣା ମିଶ୍ର, କୃଷ୍ଣଚନ୍ଦ୍ର ପାଢୀ, ଶିକ୍ଷକ ନେତା ବ୍ରଜମୋହନ ଦାନୀ ଓ ବୀରମହାରାଜପୁର ହାଇସ୍କୁଲର ପୂର୍ବତନ ଶିକ୍ଷକ ଭୂଷଣ କୁମାର ପାତ୍ର ବକ୍ତବ୍ୟ ରଖିଥିଲେ। ପୂର୍ବତନ ଶିକ୍ଷକ ଆଦିତ୍ୟ ପତି, ଚିତ୍ତରଞ୍ଜନ ଗଡତିଆ ଓ ଧ୍ରୁବଚରଣ ପଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୟୁଥ୍ ଫର୍ ଆକ୍ସନ ଜିଲା କମିଟି ଗଠିତ

ବୌଦ୍ଧ,୨୩।୮(ସ୍ୱ.ପ୍ର.)

ଭୁବନେଶ୍ୱରର ଏମ୍‌ପି ତଥା ଭାଜପାର ବରିଷ୍ଠ ନେତ୍ରୀ ଅପରାଜିତା ଷଡଙ୍ଗୀଙ୍କ ଦ୍ୱାରା ପ୍ରତିଷ୍ଠିତ ୟୁଥ ଫର ଏକ୍ସନର ବୌଦ୍ଧ ଜିଲା କମିଟି ଶନିବାର ଦିନ ଗଠିତ ହୋଇଛି। ଏଥିରେ ଯୁବ ନେତା ସୁନିଲ କୁମାର କ୍ଷେତିଙ୍କୁ ଜିଲା କମିଟିର ସଭାପତି ଭାବରେ ମନୋନୀତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୌଦ୍ଧଠାରେ ଆୟୋଜିତ ଏକ ବୈଠକରେ ୟୁଥ ଫର ଏକ୍ସନର ରାଜ୍ୟ ସଂଯୋଜକ ସୁଜିତ ସିଂହ ଯୋଗଦେଇ ଉକ୍ତ ସଂଗଠନ ଜରିଆରେ ତୃଣମୂଳ ସ୍ତରରେ ଲୋକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅନୁଧ୍ୟାନ କରି ତାହା ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ପ୍ରକାଶ କରିଥିଲେ। ଏହି ସଂଗଠନ ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ କରିବା ସହିତ ଲୋକଙ୍କୁ ବିଭିନ୍ନ ସେବାମୂଳକ କାର୍ଯ୍ୟ ଯୋଗାଇ ଦେବ। କରୋନା ମହମାରୀ ସମୟରେ ସଂଗଠନ ପକ୍ଷରୁ ବହୁ ଭୋକିଲା ଲୋକଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇ ଥିବା ବେଳେ , ବୃକ୍ଷରୋପଣ, ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଓ ରକ୍ତଦାନ ଭଳି କାର୍ଯ୍ୟକ୍ରମକୁ ସଂଗଠନ ପକ୍ଷରୁ ଗୁରୁତ୍ୱ ଦିଆଯିବ ବୋଲି ସିଂହ ପ୍ରକାଶ କରିଥିଲେ। ତେବେ ଜିଲା ସ୍ତରରେ ଲୋକଙ୍କ ବିଭିନ୍ନ ସମସ୍ୟା ସଂପର୍କରେ ଅନୁଧାନ କରିବା ପରେ ତାହାକୁ ରାଜ୍ୟ ସ୍ତରରେ ବ୍ୟାପକ ଆନ୍ଦୋଳନର ରୂପ ଦିଆଯିବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୋନ ସଂପାଦକ ସାର୍ଥକ ମୁନୀ, ସାମାଜିକ ଗଣମାଧ୍ୟମ ସଂଯୋଜକ ଦିପ୍ତ ରଞ୍ଜନ ମହାନ୍ତି, ଯୁବନେତା ସୁଧାଂଶୁ ଡାଙ୍ଗ, ବନମାଳୀ ରଣା ପ୍ରମୁଖ ଯୋଗ ଦେଇଥିଲେ।

## ଭଙ୍ଗା କୁଡ଼ିଆରେ ନିଃସଙ୍ଗ ଜୀବନ



ଭଙ୍ଗା କୁଡିଆ ସାମନାରେ ଗୁଆଦେଇ ମାଝୀ।

ଲାଠୋର, ୨୩।୮(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦୁରେକେଲା ବ୍ଲକ କୁଇବାହାଲ ପଞ୍ଚାୟତ ଅନ୍ତର୍ଗତ ବାଞ୍ଜିପାଲି ଗ୍ରାମର ଗୁଆଦେଇ ମାଝୀ(୪୫)। ସନ୍ତାନସନ୍ତତି ତାଙ୍କର ନାହାନ୍ତି। ୧୦ବର୍ଷ ତଳେ ସ୍ୱାମୀ ଟଙ୍କଧର ମାଝୀଙ୍କ ମୃତ୍ୟୁ ପରେ ଭଙ୍ଗା କୁଡିଆରେ ବିତାଉଛନ୍ତି ନିଃସଙ୍ଗ ଜୀବନ। ଦୀର୍ଘବର୍ଷ ଧରି ଭଙ୍ଗା କୁଡିଆ ଘରେ ରହୁଥିଲେ ମଧ ପ୍ରଶାସନ ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେଇ ପାରିନାହିଁ। ଏବେ ସେହି କୁଡିଆ ଅବସ୍ଥା ଶୋଚନୀୟ ହୋଇପଡିଛି। ପଞ୍ଚାୟତରୁ ପାଉଥିବା ୩୫ କେଜି ଚାଉଳ ଏବଂ ଭତ୍ତା ବାବଦ ୫ଶହ ଟଙ୍କାକୁ ଛାଡିଦେଲେ ଆଉ କୌଣସି ସରକାରୀ ସହାୟତା ପାଇନାହାନ୍ତି। ଗୁଆଦେଇଙ୍କୁ ବାସଗୃହ ଯୋଗେଇ ଦେବାକୁ ଯୋଖିପାଲି ଗ୍ରାମର ସାମାଜିକ ଅନୁଷ୍ଠାନ ୟୁଥ ଏଗେନଷ୍ଟ କରପସନ ୨୦ ଜୁନ ୨୦୧୯ରେ ସାମାଜିକ ସଶକ୍ତିକରଣ ବିଭାଗ, ଜିଲାପାଳ ଓ ତତ୍କାଳୀନ ପଞ୍ଚାୟତରାଜ ପ୍ରମୁଖ ସଚିବ ରାଜେଶ ପାଟିଲଙ୍କୁ ଟ୍ୱିଟ ଯୋଗେ ଅନୁରୋଧ କରିଥିଲେ। ଗୁଆଦେଇଙ୍କୁ ବିଧବା ଭତ୍ତା ମିଳିଲା। ହେଲେ ବର୍ତ୍ତମାନ ଯାଏ ଘର ମିଳିନାହିଁ। ଅପରପକ୍ଷରେ ସେ ରହୁଥିବା ଘର ମରାମତି ଅଭାବରୁ ଶୋଚନୀୟ ହୋଇ ପଡିଛି। ଲଗାଣ ବର୍ଷାରେ ଏହା କେତେବେଳେ ଯେ ଖସି ପଡିବ କହିହେବ ନାହିଁ। ଏପରିସ୍ଥଳେ ଯଥାଶୀଘ୍ର ତାଙ୍କୁ ଆବାସ ଯୋଜନାରେ ଘର ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା ମରାମତି କଲେ ଗ୍ରାମବାସୀ

**ନିଜ ପାଇଁ ନିଜେ**

ବାଉଁଶୁଣୀ,୨୩।୮(ଡି.ଏନ୍.ଏ.)

ବୌଦ୍ଧ ବ୍ଲକ ଗୋଛାପଡା ଗ୍ରାମ ପଞ୍ଚାୟତ ଥପାପାଲି ଗ୍ରାମର ଯୁବକମାନେ ରାସ୍ତା ମରାମତି କାମ ନିଜେ କରି ଅନ୍ୟମାନଙ୍କ ପାଇଁ ଏକ ନିଆରା ଉଦାହରଣ ସୃଷ୍ଟି କରିଛନ୍ତି। ଥପାପାଲି ବନ୍ଧ ନିକଟରୁ ଗାଁ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ଏହାର ନେତୃତ୍ୱ ନେଇଥିବା ରଙ୍କନିଧି ମହକୁଡ, ନିରଞ୍ଜନ ଗେଜ, ସରୋଜ ତ୍ରିପାଠୀ, ମାନସ ସିଂ, ରାଜୁ ମହକୁଡ, ପଙ୍କଜ ମେହେରଙ୍କ ସମେତ ଗ୍ରାମବାସୀଙ୍କ ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

ଅସରାଏ ବର୍ଷା ହେଲେ ଥପାପାଲି ଗାଁ ରାସ୍ତା କାଦୁଅ ସରସର ହେଉଥିବାରୁ ଯିବା ଆସିବାରେ ବହୁ ଅସୁବିଧା ହେଉଥିଲା। ତେବେ ଏହି ରାସ୍ତା ଦୁରାବସ୍ଥା ପ୍ରତି ରାଜନେତାଙ୍କ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ନ ପଡିବା ଦେଖି ଗାଁର ଯୁବକମାନେ ଅଣ୍ଟା ଭିଡିଥିଲେ। ସେମାନେ ନିଜର ସଞ୍ଚିତ ଟଙ୍କା ଖର୍ଚ୍ଚ କରି କ୍ରସରରୁ ଟ୍ରାକ୍ଟର ଯୋଗେ ପଥରଗୁଣ୍ଡ ଆଣି ଏହାକୁ କାଦୁଅ ରାସ୍ତାରେ ପକାଇଛନ୍ତି। ରବିବାର ଓ ସୋମବାର ଯୁବକମାନେ ନିଜେ ଡାଲା କୁଡି ଧରି ଶ୍ରମଦାନ କରି ପଥରଗୁଣ୍ଡ ପକାଇ ରାସ୍ତା ନିର୍ମାଣ କରିଥିବା ସୂଚନା ମିଳିଛି। ଗ୍ରାମବାସୀ ରାଜନୈତିକ ଆକ୍ରୋଶର ଶିକାର ହୋଇଥିବାରୁ ଗ୍ରାମରେ କୌଣସି ବିକାଶମୂଳକ କାମ ହେଉ ନ ଥିବା ଅଭିଯୋଗ କରିଛନ୍ତି। ବ୍ଲକ ଅଧକ୍ଷା ଓ ଜିଲା ପରିଷଦ ଅଧକ୍ଷ ବି ଏହି ଗ୍ରାମ ପଞ୍ଚାୟତର ଲୋକ। କିନ୍ତୁ ବିକାଶଠାରୁ ବହୁ ଦୂରରେ ରହିଛି ଗୋଛାପଡା ଗ୍ରାମ ପଞ୍ଚାୟତ। ବାଉଁଶୁଣି ଗ୍ରାପର ଛେଳିବାହାଲ ଛକଠାରୁ-ଥପାପାଲି, ବାଦୀକଟା- ମଳିକପଡା, ଅଇଁଲାଝୁଲି - ଝାରମୁଣ୍ଡାକୁ ଏହି ରାସ୍ତା ସଂଯୋଗ କରୁଛି। ଦୈନିକ ସ୍କୁଲ ପିଲା, ଜନସାଧାରଣଙ୍କ ସହିତ ବହୁସଂଖ୍ୟକ ଗାଡିମୋଟର ଯିବା ଆସିବା କରିଥାଏ। ସରପଞ୍ଚ, ସମିତି ସଭ୍ୟା ତଥା ଶାସକ ଦଳର ଟାଣୁଆ ନେତା ଏହି ରାସ୍ତାରେ ଯାଉଥିବା ବେଳେ ରାସ୍ତାର ଶୋଚନୀୟ ଅବସ୍ଥା ପ୍ରତି କାହାରି ନଜର ପଡୁ ନ ଥିଲା।



ଗ୍ରାମବାସୀ ରାସ୍ତା ମରାମତି କାମ କରୁଛନ୍ତି।

## ସଂକ୍ଷେପରେ

### ୨୭ରୁ ଏସ୍‌ସିବିରେ ଏକ୍‌ମୋ ସେବା

**କଟକ ଅଫିସ, ୨୩।୮:** ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଇତିହାସରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଅଧ୍ୟାୟ। କଟକସ୍ଥିତ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ(ଏସ୍‌ସିବି)ରେ ଏଣିକି ବ୍ୟୟବହୁଳ ଏକ୍‌ମୋ ଚିକିତ୍ସା ବ୍ୟବସ୍ଥା ମିଳିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ୨୭ ତାରିଖରେ ଏସ୍‌ସିବିରେ ଏକମୋ ୟୁନିଟର ଶୁଭାରମ୍ଭ କରିବେ। ସୂଚନା ଅନୁଯାୟୀ, ଏଥିଲାଗି ଏସ୍‌ସିବିରେ ୯ଟି ଏକ୍‌ମୋ ମେଶିନ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି। ସେଥିମଧ୍ୟରୁ ୬ଟି ମେଶିନ୍ କରୋନାରୁ ସୁସ୍ଥ ହେବା ପରେ ଗୁରୁତର ହେଉଥିବା ରୋଗୀଙ୍କ ପାଇଁ ଏବଂ ଅନ୍ୟ ୩ଟି ସଂକ୍ରମିତଙ୍କ ପାଇଁ ବ୍ୟବହାର କରାଯିବ। ପୂର୍ବରୁ ଏକ୍‌ମୋ ଚିକିତ୍ସା ଲାଗି ଲୋକଙ୍କୁ ରାଜ୍ୟ ବାହାରକୁ ଯିବାକୁ ପଡୁଥିଲା। ହେଲେ ଆଉ ରୋଗୀଙ୍କୁ ଏବେ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ। ଅପରପକ୍ଷେ ଏକ୍‌ମୋ ୟୁନିଟ ଶୁଭାରମ୍ଭ ହେବା ପରେ ରାଜ୍ୟବାସୀଙ୍କ ପାଇଁ ତାହାକୁ ମୁଖ୍ୟମନ୍ତ୍ରୀ ଉତ୍ସର୍ଗୀକୃତ କରିବେ। ରାଜ୍ୟବାସୀଙ୍କୁ ଏହି ଚିକିତ୍ସା ମାଗଣାରେ ଦିଆଯିବ। ପୂର୍ବରୁ ଏକ୍‌ମୋ ମେଶିନ ଏସସିବିରେ ପରୀକ୍ଷାମୂଳକ ଭାବେ କାର୍ଯ୍ୟକ୍ଷମ ହୋଇଥିବାବେଳେ ଦୁଇଟି ପର୍ଯ୍ୟାୟରେ ୧୯ଜଣ ଡାକ୍ତର ଓ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି।

### ଏସିଏଫ୍ ସୌମ୍ୟରଞ୍ଜନ ମୃତ୍ୟୁ ମାମଲା
### ଡିଜିପିଙ୍କୁ ଏନ୍ଏଚ୍ଆର୍‌ସିଙ୍କ ରିପୋର୍ଟ ତଲବ

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ମାମଲାରେ ସୋମବାର ଜାତୀୟ ମାନବାଧିକାର କମିଶନ(ଏନ୍ଆଚ୍ଆର୍‌ସି) ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ରାଜ୍ୟ ପୋଲିସ ଡିଜିକୁ ରିପୋର୍ଟ ତଲବ କରିଛନ୍ତି। ୬ ସପ୍ତାହ ମଧ୍ୟରେ ତଦନ୍ତ ସଂକ୍ରାନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନା ଅନୁଯାୟୀ, ପାରଳାଖେମୁଣ୍ଡି ଜଙ୍ଗଲ ବିଭାଗରେ ଏସିଏଫ୍ ଭାବେ ଚାକିରି କରୁଥିବା ବାଲେଶ୍ୱର ଜିଲା ବେଗୁନିଆ ଗ୍ରାମର ସୌମ୍ୟରଞ୍ଜନ ମହାପାତ୍ର ନିଜ ସରକାରୀ ବାସଭବନରେ ନିଆଁରେ ପୋଡି ହୋଇଯାଇଥିଲେ। କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସୌମ୍ୟଙ୍କ ଦେହରେ ନିଆଁ ଲାଗିବାକୁ ନେଇ ପରିବାର ଲୋକେ ସହଜରେ ଗ୍ରହଣ କରିପାରି ନ ଥଲେ। ତାଙ୍କ ପୁଅକୁ ବୋହୂ ବିଦ୍ୟାଭାରତୀ ଓ ପାରଳାଖେମୁଣ୍ଡି ଡିଏଫ୍‌ଓ ଷଡ଼ଯନ୍ତ୍ର କରି ହତ୍ୟା କରିଥିବା ସେମାନେ ଅଭିଯୋଗ ଆଣିଥିଲେ। ଘଟଣାର ଠିକ ତଦନ୍ତ ପାଇଁ ତାଙ୍କ ବାପା ପୋଲିସ ଡିଜିଙ୍କୁ ଭେଟି ଦାବି କରିଥିଲେ। ସେହିଭଳି ଭାଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲା ପୋଲିସ ଦ୍ୱାରା ମାମଲାର ତଦନ୍ତ ଠିକ ଭାବେ ହୋଇ ନ ପାରିବାରୁ କ୍ରାଇମବ୍ରାଞ୍ଚ ଏହାର ତଦନ୍ତ ଭାର ନେଇଛି। ହେଲେ ଏପର୍ଯ୍ୟନ୍ତ କ୍ରାଇମବ୍ରାଞ୍ଚ ମୃତ୍ୟୁ ଉପରୁ ପରଦା ହଟାଇ ପାରିନାହିଁ। ତେଣୁ ଗତ ୩ ତାରିଖରେ ଏହି ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମାନବାଧିକାର କର୍ମୀ ସୁବ୍ରତ ଦାସ ଏନ୍ଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ।

### ନୂଆ ଜାତୀୟ ଶିକ୍ଷାନୀତି ଲାଗୁ କରିବାରେ କର୍ଣ୍ଣାଟକ ପ୍ରଥମ ରାଜ୍ୟ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୨୩।୮ (ବ୍ୟୁରୋ):** ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଦେଶର ପ୍ରଥମ ରାଜ୍ୟ ଭାବେ କର୍ଣ୍ଣାଟକ ନୂଆ ଜାତୀୟ ଶିକ୍ଷାନୀତି (ଏନ୍‌ଇପି-୨୦୨୦)କୁ ଲାଗୁକରି ଅନ୍ୟ ରାଜ୍ୟଗୁଡିକ ପାଇଁ ଉଦାହରଣ ସୃଷ୍ଟି କରିଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସୋମବାର ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସରେ ଧର୍ମେନ୍ଦ୍ର କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇ ଏବଂ ଅନ୍ୟ ମନ୍ତ୍ରୀଙ୍କ ଉପସ୍ଥିତିରେ ଜାତୀୟ ଶିକ୍ଷାନୀତି କାର୍ଯ୍ୟାନ୍ୱୟନର ଶୁଭାରମ୍ଭ ଅବସରରେ ଏହା କହିଛନ୍ତି। ସେ କହିଛନ୍ତି, କର୍ଣ୍ଣାଟକ ନୂଆ ଜାତୀୟ ଶିକ୍ଷାନୀତି କାର୍ଯ୍ୟକାରୀ କରି ରାଜ୍ୟର ଶିକ୍ଷା ଦୃଶ୍ୟପଟରେ ପରିବର୍ତ୍ତନ ଆଣିବା ଦିଗରେ ବଡ଼ ପଦକ୍ଷେପ ନେଇଛି। ରାଜ୍ୟର ମାତୃଭାଷା କନ୍ନଡ଼ରେ ଜାତୀୟ ଶିକ୍ଷାନୀତିର ଅନୁବାଦଠାରୁ ଆରମ୍ଭକରି ଏଥିପାଇଁ ଏକ ଟ୍ୟାସ୍କଫୋର୍ସ ଗଠନ କରିବା ଏବଂ ଏହାର କାର୍ଯ୍ୟକାରିତା ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୀର୍ଘ ୩୪ ବର୍ଷ ପରେ ଅଣାଯାଇଥିବା ଦୂରଦୃଷ୍ଟିସମ୍ପନ୍ନ ଜାତୀୟ ଶିକ୍ଷାନୀତି-୨୦୨୦କୁ କାର୍ଯ୍ୟକାରୀ କରିବାରେ କର୍ଣ୍ଣାଟକ ଭାରତର ପ୍ରଥମ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିପାରିଛି। ଭାରତକୁ ଏକ ସୁଦୃଢ଼ ଜ୍ଞାନର ଅର୍ଥନୀତି ଭାବରେ ରାଷ୍ଟ୍ରୀୟ ଆକାଂକ୍ଷାକୁ ପୂରଣ କରିବାରେ ସାମୂହିକ ଉଦ୍ୟମ କରିବାକୁ ହେବ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ଡି ବ୍ରଦର୍ସ ସହଯୋଗୀ ଦିଲୁ ଗିରଫ

**ଓମ୍ ଓ ଦୀପୁ ହତ୍ୟାକାଣ୍ଡର ଅଭିଯୁକ୍ତ**

- ୭ ବର୍ଷ ଧରି ଫେରାର ଥିଲେ, ରାୟଗଡ଼ାରୁ ଧରାପଡ଼ିଲେ
- ବନ୍ଧୁକ, ୬ ରାଉଣ୍ଡ ଗୁଳି, ୩ ମୋବାଇଲ ଫୋନ୍ ଜବତ


ଗିରଫ ଅଭିଯୁକ୍ତ ଦିଲୁ ଓରଫ ପ୍ରଦୀପ ସାହୁ।


ଜବତ ବନ୍ଧୁକ, ଗୁଳି ଓ ମୋବାଇଲ ଫୋନ୍।

**କଟକ ଅଫିସ, ୨୩।୮**

ଧଳସାମନ୍ତ ଭ୍ରାତା (ଡି ବ୍ରଦର୍ସ)ଙ୍କ ଘନିଷ୍ଠ ସହଯୋଗୀ କୁହାଯାଉଥିବା ଦିଲୁ ଓରଫ ପ୍ରଦୀପ କୁମାର ସାହୁଙ୍କୁ କମିଶନରେଟ ପୋଲିସ ରାୟଗଡ଼ାରୁ ଗିରଫ କରିଛି। ବହୁଚର୍ଚ୍ଚିତ ଓମ୍ ଓ ଦୀପୁ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଦିଲୁ ଦୀର୍ଘ ୭ବର୍ଷ ଧରି ଫେରାର ଥିଲେ। ଏନେଇ ସୋମବାର ଡିସିପି କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି।

ପୋଲିସ କମିଶନର କହିଛନ୍ତି, କଟକ ଥାଟରା ସାହିର ଦିଲୁ ୨୦୧୩ ମସିହାର ବହୁଚର୍ଚ୍ଚିତ ଓମ୍ ଓ ଦୀପୁ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିଲେ। ହତ୍ୟା ପରେ ସେ ଦୀର୍ଘ ୭ବର୍ଷଧରି ଫେରାର ରହିଥିଲେ। କଟକ ଡିସିପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଏକ ସ୍ୱେଶାଲ ଟିମ୍ ରାୟଗଡ଼ାରୁ ଦିଲୁଙ୍କୁ ଗିରଫ କରିଛି। ତାଙ୍କ ନିକଟରୁ ଗୋଟିଏ ବନ୍ଧୁକ, ୬ରାଉଣ୍ଡ ଗୁଳି ଏବଂ ୩ଟି ମୋବାଇଲ ଫୋନ୍ ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଦିଲୁ ଡି ବ୍ରଦର୍ସଙ୍କ ଟେଣ୍ଡର କାମ ଦେଖୁଥିଲେ। ଏଥିସହ ସେ ଅନେକ ବଡ଼ ବଡ଼ କାମ ତଦାରଖ କରୁଥିଲେ। ଦିଲୁଙ୍କ ନାମରେ ଚାଉଳିଆଗଞ୍ଜ ଥାନାରେ ୪ଟି ମାମଲା ରହିଛି। କମିଶନରେଟ ପୋଲିସର ଅପରାଧ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ବଳବତ୍ତର ରହିଛି। କୌଣସି ପରିସ୍ଥିତିରେ ସଙ୍ଗଠିତ ଅପରାଧ, ଦାଦାବଟି, ଚାନ୍ଦା ଏବଂ ଟେଣ୍ଡର ଫିକ୍ସିଂକୁ ବରଦାସ୍ତ କରାଯିବ ନାହିଁ। ଯେଉଁମାନେ ଏଭଳି କାର୍ଯ୍ୟରେ ସମ୍ପୃକ୍ତ ରହୁଥିବେ, ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରିୟଦର୍ଶୀ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଟକ ଡିସିପିଙ୍କ ସମେତ ଅତିରିକ୍ତ ଡିସିପି ପ୍ରମୋଦ ରଥ, ଚାଉଳିଆଗଞ୍ଜ ଥାନାଧିକାରୀ ଶଶିକାନ୍ତ ରାଉତ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଧଳସାମନ୍ତ ଭ୍ରାତାଙ୍କ ପାଇଁ ଦିଲୁ ଦୀର୍ଘଦିନ ଧରି କାର୍ଯ୍ୟ କରି ସଙ୍ଗଠିତ ଅପରାଧ ଭିଆଇ ଆସୁଥିଲେ। ସେ ଏକାଧିକ ହତ୍ୟାକାଣ୍ଡ, ଦାଦାବଟି, ଟେଣ୍ଡର ଫିକ୍ସିଂରେ ସମ୍ପୃକ୍ତ ରହି ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇଥିଲେ। ସେ ଚାଉଳିଆଗଞ୍ଜ ଥାନାର ୨ଟି ଚର୍ଚ୍ଚିତ ମାମଲାରେ ମୋଷ୍ଟ ୱାଣ୍ଟେଡ ଥିଲେ। ପ୍ରଥମେ ୨୦୧୬ ଜାନୁୟାରୀ ୧୮ରେ ଥାଟରା ସାହିର ଅଦ୍ୱୈତ ମଲ୍ଲିକ ତାଙ୍କ ପୁଅ ଦୀପୁ ଓରଫ ମନୋଜ କୁମାର ମଲ୍ଲିକଙ୍କ ନିଖୋଜ ନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ କେସ୍ (ନଂ.୧୨/୧୬) ରୁଜୁ କରି ତଦନ୍ତ ଚଳାଇଥିଲା। ପୁଣି ସେହିବର୍ଷ ଫେବୃୟାରୀ ୯ରେ କଲ୍ୟାଣୀ ନଗରର ମାନି ସ୍ୱାଇଁ ତାଙ୍କ ସ୍ୱାମୀ ଓମ୍‌ପ୍ରକାଶ ସ୍ୱାଇଁ ଓରଫ ଓମ୍‌ଙ୍କ ନିଖୋଜ ସମ୍ପର୍କରେ ଚାଉଳିଆଗଞ୍ଜ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା (ନଂ. ୨୯/୧୬)ରୁଜୁ ହୋଇଥିଲା। ଏହି ୨ଟି ଯାକ ମାମଲାରେ ଧଳସାମନ୍ତ ଭ୍ରାତା ଗ୍ୟାଙ୍ଗ୍‌ର ସମ୍ପୃକ୍ତି ସମ୍ପର୍କରେ ଅଭିଯୋଗ ରହିଥିଲା। ପରେ ପୋଲିସ ତଦନ୍ତବେଳେ ଓମ୍ ଓ ଦୀପୁ ଉଭୟ ଧଳସାମନ୍ତ ଭ୍ରାତାଙ୍କ ଗ୍ୟାଙ୍ଗର ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ଜଣାପଡ଼ିଥିଲା। କିନ୍ତୁ କେତେକ ପେସାଗତ ବିବାଦ ଯୋଗୁ ଡି ବ୍ରଦର୍ସ ଓ ତାଙ୍କର ୧୪ଜଣ ସହଯୋଗୀ ଓମ୍ ଓ ଦୀପୁଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ। ଫଳରେ ଉଭୟଙ୍କୁ ସେମାନଙ୍କ ଘରୁ ୨୦୧୩ ନଭେମ୍ବର ୧୨ରେ ଡି ବ୍ରଦର୍ସ ଗ୍ୟାଙ୍ଗ ଉଠାଇ ନେଇଥିଲେ। ପରଦିନ ୧୩ ତାରିଖରେ ଆଠଗଡ଼ ଖୁଣ୍ଟାକଟାର ଏକ ଫାର୍ମ ହାଉସରେ ହତ୍ୟା କରିଥିଲେ। ପରେ ଝାଡ଼ଖଣ୍ଡ ବଡ଼ଜାମଦା ନିକଟରେ ପେଟ୍ରୋଲ ଢାଳି ମୃତଦେହକୁ ନିଶ୍ଚିହ୍ନ କରିବାକୁ ଚେଷ୍ଟା କରିଥିଲେ। ତେବେ ପରବର୍ତ୍ତୀ ସମୟରେ ମୃତଦେହକୁ ଝାଡ଼ଖଣ୍ଡର ଗୁଆ ଥାନା ପୋଲିସ ଜବତ କରିଥିଲା। ସେହିଦିନଠାରୁ ଅଭିଯୁକ୍ତ ଦିଲୁ ଫେରାର ଥିଲେ। ଏହି ୨ଟି ହତ୍ୟା ଘଟଣାରେ ୨୦୧୬ ଜାନୁୟାରୀ ୨୯ରେ କୁଖ୍ୟାତ ଅପରାଧୀ ସୁଶୀଳ କୁମାର ଧଳସାମନ୍ତ, ସୁଶାନ୍ତ କୁମାର ଧଳସାମନ୍ତ ଏବଂ ଅନ୍ୟ ୯ ଅଭିଯୁକ୍ତ ଗିରଫ ହୋଇଥିଲେ।

# ନକଲି ଆଦିବାସୀ ଶିକ୍ଷକଙ୍କ ନାଁରେ ମାମଲା ରୁଜୁ ଦାବି


ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଆଦିବାସୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

**କର୍ଲାମୁଣ୍ଡା, ୨୩।୮ (ଡି.ଏନ.ଏ.)**

ଓଡିଶା ବିଦ୍ୟାଳୟ ପ୍ରାଧିକରଣ କର୍ତ୍ତୃପକ୍ଷ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୭୫୬୨, ତା୨୦।୮।୨୦୨୧ରିଖିଠାରୁ ନକଲି ଆଦିବାସୀ ଶିକ୍ଷକମାନଙ୍କ ନାମରେ ସ୍ଥାନୀୟ ଥାନାରେ ଏଫ୍ଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏହି ଅଭିଯୋଗ ନେଇ ସୋମବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ବ୍ଲକ ସଭାପତି ସୁରେନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଏକ ପ୍ରତିନିଧୀନ ଦଳ ଜିଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବ୍ଲକ ସଂଘ ପକ୍ଷରୁ ପ୍ରାଥମିକ ତଦନ୍ତରୁ ରେଗଡାସ୍ଥିତ ଜଗଦୀଶ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗନ୍ଧର୍ବ ମାଝି, କନ୍ଧପଡା ପ୍ରାଥମିକ ବିଦ୍ୟାଳୟ ସହଶିକ୍ଷକ ପବିତ୍ର ଲେଙ୍କା, ଅବୁଜବାହାଲ ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ କୁମାର ଲେଙ୍କା, ବାଞ୍ଜିପଦର ଉନ୍ନିତ ବିଦ୍ୟାଳୟ ସହଶିକ୍ଷକ ଡୋଳେଶ୍ୱର ଦୋରା, ବୁଢ଼ୀପଦର ଉ.ପ୍ରା. ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଶଚନ୍ଦ୍ର ଦୋରା, ଗଜବାହାଲ ପୁରୁଷୋତ୍ତମ ଉଚ୍ଚ ବିଦ୍ୟାଳୟ ସହଶିକ୍ଷକ ଠାକୁର ଚନ୍ଦ୍ର ଦୋରା, ଜେ.ମାଲିପଡା ପ୍ରାଥମିକ ବିଦ୍ୟାଳୟ ସହଶିକ୍ଷକ ରୁଦ୍ରମଣି ଭୋଇ ପ୍ରମୁଖ ଅଣଆଦିବାସୀ ହୋଇ ଆଦିବାସୀ ପ୍ରମାଣପତ୍ର ହାତେଇ ଦୀର୍ଘ ଦିନରୁ ଶିକ୍ଷକତା କରୁଛନ୍ତି। କିନ୍ତୁ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଦାବିପତ୍ରରେ ଦର୍ଶାଯାଇଛି। ଏ ନେଇ ସଂଘ ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ, ଭବାନୀପାଟଣା ଉପଜିଲାପାଳଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିବା ବ୍ଲକ ସଭାପତି ସୁରେନ୍ଦ୍ର ଭୋଇ କହିଛନ୍ତି। ଏଥିରେ ଯୋରାଡବ୍ରା ଆଦିସ୍କନ୍ଦ ସମାଜ ସଭାପତି ଭୀମ ଭୋଇ, ପୁରୁନ୍ଦର ମାଝି, ଯୁବ ସଙ୍ଗଠନ ସଭାପତି ନେତା ନନ୍ଦି କିଶୋର ଭୋଇ, ରିଞ୍ଜା ଗ୍ରାମ ପଞ୍ଚାୟତ ଯୁବ ସଙ୍ଗଠନ ସଭାପତି ସନ୍ତୋସ ଜାନୀ ପ୍ରମୁଖ ସାମିଲ ହୋଇଥିଲେ।


ସୋମବାର ସଂସଦୀୟ ଷ୍ଟାଣ୍ଡିଂ କମିଟିର ଆଇଏନ୍‌ଏସ୍ ଚିଲିକା ପରିଦର୍ଶନ ଅବସରରେ ଏମ୍‌ପି ଜୁଏଲ ଓରାମ ଓ ଅନ୍ୟମାନେ।

# ସଂସଦୀୟ ଷ୍ଟାଣ୍ଡିଂ କମିଟିର ଆଇଏନ୍‌ଏସ୍ ଚିଲିକା ପରିଦର୍ଶନ

**ବାଲୁଗାଁ, ୨୩।୮ (ଡି.ଏନ୍.ଏ.)**

ସଂସଦର ପ୍ରତିରକ୍ଷା ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ଏମ୍‌ପି ଜୁଏଲ ଓରାମଙ୍କ ନେତୃତ୍ୱରେ ଏକ ଟିମ୍ ସୋମବାର ଭାରତୀୟ ନୌସେନା ଚିଲିକା ଶାଖା ତଥା ପ୍ରାରମ୍ଭିକ ପ୍ରଶିକ୍ଷଣ କେନ୍ଦ୍ର ପରିଦର୍ଶନ କରିଛି। କମିଟି ସଦସ୍ୟମାନେ ତାଲିମ କେନ୍ଦ୍ରର ବିଭିନ୍ନ ପ୍ରଶିକ୍ଷଣ କକ୍ଷ ପରିଦର୍ଶନ କରିବା ସହ ପ୍ରତିରକ୍ଷା ବିଭାଗୀୟ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳର ନବୀକରଣ ସମ୍ପର୍କରେ ଅବଗତ କରାଯାଇଥିଲା। ନୌସେନା ଯୁଗ୍ମ ସଚିବ, ତାଲିମ କେନ୍ଦ୍ର ମୁଖ୍ୟ ଅଧିକାରୀ(ଦକ୍ଷିଣ ମୁଖ୍ୟାଳୟ) ଏବଂ କମାଣ୍ଡିଂ ଅଫିସର ଆଇଏନ୍‌ଏସ୍ ଚିଲିକା ପ୍ରମୁଖ ଉପସ୍ଥିତ ଥିଲେ। ନୌସେନା ବିଭାଗ ପକ୍ଷରୁ ତାଲିମ କ୍ଷେତ୍ରରେ ନିଆଯାଉଥିବା ବଳିଷ୍ଠ ପ୍ରୟାସ ଓ ପଦ୍ଧତିକୁ କମିଟି ସଦସ୍ୟମାନେ ପ୍ରଶଂସା କରିଥିଲେ। ଏହି ଅବସରରେ କମିଟି ସଦସ୍ୟମାନେ ଯୁଦ୍ଧ ସ୍ମାରକ 'ପ୍ରେରଣା ସ୍ଥଳ'ରେ ଶହୀଦ ନାବିକଙ୍କ ସ୍ମୃତିଚାରଣ କରିବା ସହ ପ୍ରଣାମ କରିଥିଲେ। ପରେ ତାଲିମ କେନ୍ଦ୍ର ପରିସର ସନ୍ତରଣ କ୍ଷେତ୍ର, ପରେଡ୍ ପଡିଆ, କ୍ରୀଡ଼ା କ୍ଷେତ୍ର ଏବଂ ଅନ୍ୟାନ୍ୟ ଆଧୁନିକ ପ୍ରଶିକ୍ଷଣ କ୍ଷେତ୍ର ଆଦି ପରିଦର୍ଶନ କରିଥିଲେ। ସୂଚନାଥାଉ କି, ଆଇଏନ୍‌ଏସ୍ ଚିଲିକା ଭାରତୀୟ ନୌସେନାର ଏକମାତ୍ର ପ୍ରାରମ୍ଭିକ ପ୍ରଶିକ୍ଷଣ ପ୍ରତିଷ୍ଠାନ। ବାର୍ଷିକ ଦୁଇଟି ପର୍ଯ୍ୟାୟରେ ୬୬୦୦ରୁ ଊର୍ଦ୍ଧ୍ୱ ନାବିକଙ୍କୁ ଏଠାରେ ତାଲିମ ଦିଆଯିବା ପରେ ସାମୁଦ୍ରିକ ଯୋଦ୍ଧା ଭାବେ ନିଯୁକ୍ତି ଦିଆଯାଇଥାଏ।

# ଗୁରୁଡ଼ିଝାଟିଆ, ଆଠଗଡ଼ ସମବାୟ ବ୍ୟାଙ୍କର ୬ ଗିରଫ

**କୃଷି ଋଣ ଜାଲିଆତି ଘଟଣା**

**ଖୁଣ୍ଟୁଣୀ, ୨୩।୮ (ଡି.ଏନ୍.ଏ.)**

ବହୁଚର୍ଚ୍ଚିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଠଗଡ଼ ଶାଖାର ଗୁରୁଡ଼ିଝାଟିଆ ସମବାୟ ବ୍ୟାଙ୍କ ସମେତ ଅନ୍ୟ ୨୫ଟି ବ୍ୟାଙ୍କରେ ହୋଇଥିବା କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କୃଷି ଋଣ ଜାଲିଆତି ଘଟଣାରେ ସୋମବାର ଗୁରୁଡ଼ିଝାଟିଆ ପୋଲିସ ଉଭୟ ଗୁରୁଡ଼ିଝାଟିଆ ଓ ଆଠଗଡ଼ ବ୍ୟାଙ୍କର ୬ଜଣ କର୍ମଚାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଗୁରୁଡ଼ିଝାଟିଆ ସମବାୟ ବ୍ୟାଙ୍କର ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ସଂଗ୍ରାମ କେଶରୀ ସାହୁ, ପିଅନ ପ୍ରବୋଧ ରଞ୍ଜନ ପରିଡ଼ା ଓ ଆଠଗଡ଼ ବ୍ୟାଙ୍କର ସୁପରଭାଇଜର ନିରଞ୍ଜନ ପରିଡ଼ା, କ୍ୟାଶିୟର ବାବାଜୀ ଚରଣ ପ୍ରଧାନ ଓ କାଉଣ୍ଟର କ୍ଲର୍କ ଚିତ୍ରାନନ୍ଦ ଜେନା। ଏହି ସମସ୍ତଙ୍କୁ ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ଗୁରୁଡ଼ିଝାଟିଆ ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ କହିଛନ୍ତି।

ସୂଚନା ଥାଉକି, ଆଠଗଡ଼ ସମବାୟ ବ୍ୟାଙ୍କର ଗୁରୁଡ଼ିଝାଟିଆ ସମେତ ୨୬ ଶାଖାରେ ବ୍ୟାପକ ଋଣ ଜାଲିଆତି ହୋଇଥିବାର ପ୍ରଥମେ ଗତ ଦୁଇ ବର୍ଷ ତଳେ ଆଠଗଡ ସାମାଜିକ କର୍ମୀ ଯୁବ ସଂଗଠକ ଅଭୟ କୁମାର ବାରିକ ଲୋକଲୋଚନକୁ ଆଣିଥିଲେ। ସେତେବେଳେ ଏହାକୁ ନେଇ ସମଗ୍ର ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। କାରଣ ସମବାୟ ବ୍ୟାଙ୍କ ହେଉଛି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ବିଭାଗ ଓ ନିଜ ନିର୍ବାଚନମଣ୍ଡଳୀ। ଏଥିପାଇଁ ଅଭୟ ଋଣ ନ ନେଇ ଋଣ ଜାଲରେ ଛନ୍ଦି ହୋଇ ପଡ଼ିଥିବା ଆଠଗଡ ଅଞ୍ଚଳର ଶତାଧିକ ଚାଷୀଙ୍କୁ ନେଇ ବିଭିନ୍ନ ସମୟରେ ଆନ୍ଦୋଳନ, ଧାରଣା ଓ ବିଧାନସଭା ଆଗରେ ଚାଷୀ ଆତ୍ମହତ୍ୟା ଭଳି ଖବର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଭିଜିଲାନ୍ସ ବିଭାଗ ତଦନ୍ତ କରାଯିବା ପରେ ଶେଷରେ ବାଧ ହୋଇ ବ୍ୟାଙ୍କର ଆଠଗଡ଼ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର ଏହି ଜାଲିଆତି ସମ୍ପର୍କରେ ଗୁରୁଡ଼ିଝାଟିଆ ଥାନାରେ ଗତ ବର୍ଷ ଡିସେମ୍ବର ୧୮ରେ ଏକ ଏତଲା ଦେଇଥିଲେ। ଥାନା ପକ୍ଷରୁ ନଂ.୧୪୮/୨୦ରେ ମାମଲା ରୁଜୁ କରି ଦୀର୍ଘଦିନ ଧରି ତଦନ୍ତ କରୁଥିଲେ ମଧ୍ୟ ପୋଲିସ ଗିରଫ ପରିବର୍ତ୍ତେ ନୀରବ ରହିଥିଲା। ପରେ ସମବାୟ ବିଭାଗ କେବଳ ୩ଜଣଙ୍କୁ ନିଲମ୍ବନ କରିଦେଇ ଚୁପ ରହିଯାଇଥିଲା। ହେଲେ ଚାଷୀଙ୍କ ନ୍ୟାୟ ପାଇଁ ଅଭୟ ପୁଣି ଗତ ୧୭ ତାରିଖରେ ଶତାଧିକ ଚାଷୀଙ୍କୁ ଧରି ଆଠଗଡ଼ ପ୍ରଶାସନ ମାଧ୍ୟମରେ ସମବାୟ ବିଭାଗ ବରିଷ୍ଠ ଅଧିକାରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ୭ ଦିନ ଅର୍ଥାତ ୨୪ ତାରିଖ ସୁଦ୍ଧା ରାଜ୍ୟ ପ୍ରିନ୍ସିପାଲ ସେକ୍ରେଟାରୀଙ୍କ ଚିଠି ସଂଖ୍ୟା ୭୬୦୫/ ତା ୯-୭-୧୭ ରିଖରେ କରିଥିବା ନିର୍ଦ୍ଦେଶନାମାରେ ସମସ୍ତ ସମବାୟ ସମିତି ବ୍ୟାଙ୍କ ଆଗରେ ଡିସପ୍ଲେ ବୋର୍ଡରେ ଚାଷୀଙ୍କ ସମସ୍ତ ଋଣ ଦେଣନେଣ ସଂକ୍ରାନ୍ତୀୟ ସୂଚନା ମରାଯିବା ଓ ୬୫ ଧାରାରେ ୨୬ଟି ବ୍ୟାଙ୍କର ତଦନ୍ତ କରାଯିବାକୁ ନିର୍ଦ୍ଦେଶ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା। ହେଲେ ରବିବାର ରାତିରେ ପୋଲିସ ଉକ୍ତ ୬ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା ପରେ ସୋମବାର ଗିରଫ କରିଛି। ତେବେ ତରବରିଆ ଭାବେ ଲୋକଲୋଚନକୁ ଘଟଣାରୁ ଦୂରେଇ ରଖିବା ପାଇଁ ଏହି ୬ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଛି ବୋଲି ଯୁବ ସଂଗଠକ ଅଭୟ ବାରିକ କହିଛନ୍ତି।


ଗିରଫ ୬ ଅଭିଯୁକ୍ତ।

# ବିଶେଷଜ୍ଞଙ୍କ ଅନୁଧ୍ୟାନ ଦ୍ୱାରା ବିବାଦ ତୁଟିବ

**ଖରସ୍ରୋତାରୁ ଭଦ୍ରକକୁ ପାଣି ଦେବା ବିବାଦ**

- ଆଜି ପ୍ରକଳ୍ପସ୍ଥଳକୁ ଆସୁଛନ୍ତି ଜଳପୁରୁଷ ରାଜେନ୍ଦ୍ର ସିଂହ
- ପିସିସିଏଫ୍‌ଙ୍କୁ ଚିଠି ଲେଖିଲେ ଅନଶନକାରୀ ଶ୍ରୀକାନ୍ତ

**କେନ୍ଦ୍ରାପଡ଼ା ଅଫିସ/ଆଳି, (ଡି.ଏନ.ଏ.) ୨୩।୮**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠା ବିବାଦ ଏବେ ରାଜ୍ୟ ଓ ଜାତୀୟସ୍ତରରେ ପହଞ୍ଚିଛି। ରାଜ୍ୟସ୍ତରୀୟ ପରିବେଶବିତ୍‌ମାନେ ଖରସ୍ରୋତା ନଦୀରୁ ପାଣି ଉଠାଯିବା ପରେ ଜାତୀୟ ଉଦ୍ୟାନର ଜୈବ ବିବିଧତା ଉପରେ ତା'ର କି ପ୍ରଭାବ ପଡିବ, ସେନେଇ ବୈଷୟିକ ଟିମ୍ ଦ୍ୱାରା ଅନୁଧ୍ୟାନ କରାଯାଉ ବୋଲି ଦାବି କରିଛନ୍ତି। ଜଳପୁରୁଷ ଭାବେ ଜାତୀୟସ୍ତରରେ ପରିଚିତ ମାଗାସେସେ ପୁରସ୍କାର ବିଜେତା ରାଜେନ୍ଦ୍ର ସିଂହ ନିର୍ମାଣାଧୀନ ପ୍ରକଳ୍ପସ୍ଥଳରେ ପହଞ୍ଚି ମଙ୍ଗଳବାର ନିଜ ମତ ରଖିବେ ବୋଲି ସୂଚନା ମିଳିଛି। ସେହିପରି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରି ଅନୁଧ୍ୟାନ ଟିମ୍ ପଠାଇବାକୁ ଭିତରକନିକା ସୁରକ୍ଷା ଦାବି କରି ଗତ ୧୪ ଦିନ ହେବ ଅନଶନରେ ଥିବା ଶ୍ରୀକାନ୍ତ ନାୟକ ସୋମବାର ପିସିସିଏଫ୍‌ଙ୍କୁ ଦ୍ୱିତୀୟ ଥର ଚିଠି ଲେଖିଛନ୍ତି। ଏହି ଚିଠିରେ ସେ ଉଲ୍ଲେଖ କରିଛନ୍ତି, ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ନୂଆହାଟରେ ୪ ବ୍ଲକ ଓ ୩ ଏନ୍‌ଏସି ପାଇଁ ଏକ ଜଳ ବିଶୋଧନ କେନ୍ଦ୍ର ନିର୍ମାଣ ହେଉଛି। ଏହି ଜଳ ବିଶୋଧନ କେନ୍ଦ୍ର ପାଇଁ କେନ୍ଦ୍ରାପଡ଼ା ଜିଲା ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯାଉଛି। ଏହି ଦୁଇଟି ସ୍ଥାନ ଭିତରକନିକାର ସୁରକ୍ଷା ବଳୟ ଭାବେ ପରିଚିତ ଇକୋ ସେନ୍‌ସେଟିଭ ଜୋନ୍‌ରେ ଅଛି। ଏନେଇ ହୋଇଥିବା ରିପୋର୍ଟ ଓ ରିଜୋଲୁ୍ୟଶନ ମିଛ ଉପରେ ପ୍ରସ୍ତୁତ ହୋଇଛି। ଏହାର ପ୍ରମାଣଗୁଡିକ ସେ ଏହି ଚିଠିରେ ଉପସ୍ଥାପନ କରିଛନ୍ତି। ଅପରପକ୍ଷେ ରାଜ୍ୟସ୍ତରର ପରିବେଶବିତ୍‌ମାନେ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି।

### ପ୍ରକଳ୍ପ କାର୍ଯ୍ୟ ବର୍ତ୍ତମାନ ବନ୍ଦ ରହୁ



ଭୁବନେଶ୍ୱର ରିଜିଓନାଲ ମ୍ୟୁଜିୟମ ଅଫ୍ ନାଚୁରାଲ ହିଷ୍ଟ୍ରିର ବୈଜ୍ଞାନିକ ଦେବ ପ୍ରିୟଦର୍ଶନୀ କୁହନ୍ତି, ପ୍ରକୃତିର ଅବଦାନ ଭିତରକନିକା। ଏହା କେବଳ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ସ୍ଥଳ ନୁହେଁ, ତାହା ବନ୍ୟ ଜୀବଜନ୍ତୁ, ପକ୍ଷୀ ଓ ସାମୁଦ୍ରିକ ପ୍ରାଣୀଙ୍କ ଆବାସ ସ୍ଥଳ। ଏହା ବ୍ୟତୀତ ଲୁଣା ଜଙ୍ଗଲ ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବକୁ ବହୁ ମାତ୍ରାରେ କମ କରିଥାଏ। ତଟକ୍ଷୟ ପରେ ପୁନରୁଦ୍ଧାର କଷ୍ଟକର। ଏହି ପ୍ରାକୃତିକ ବିଭବକୁ ବଞ୍ଚାଇବା ପାଇଁ ମଧୁର ଜଳର ଆବଶ୍ୟକତା ଅଛି। ଖରସ୍ରୋତାରୁ ପାଣି ଉଠାଯିବା ପରେ କେଉଁ ପ୍ରକାର ପ୍ରଭାବ ରହିବ, ସେ ନେଇ ଅନୁଧ୍ୟାନ ଜରୁରୀ। ଏଥିପାଇଁ ପ୍ରକଳ୍ପ କାର୍ଯ୍ୟକୁ ବର୍ତ୍ତମାନ ବନ୍ଦ କରି ବୈଷୟିକ ଟିମ୍ ଅନୁଧ୍ୟାନ କରନ୍ତୁ। ସ୍ଥାନୀୟ ଲୋକ ଏନେଇ ସଚେତନ ହୋଇ ରାଜ୍ୟ ସରକାରଙ୍କୁ ଭିତରକନିକା ଜୈବ ବିବିଧତା, ସ୍ଥାନୀୟ ଅଞ୍ଚଳର ଜୀବନ ଜୀବିକା ସମ୍ପର୍କରେ ଏକ ଅଭିଯୋଗ ପତ୍ର ପ୍ରଦାନ କରନ୍ତୁ। ପ୍ରକଳ୍ପ ଇକୋ ସେନ୍‌ସେଟିଭ ଜୋନ ମଧ୍ୟରେ ନ ରଖି ଅନ୍ୟତ୍ର କରାଯାଉ।

### ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ ହେବା ଜରୁରୀ



ଅବସରପ୍ରାପ୍ତ ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସରୋଜ କୁମାର ପଟ୍ଟନାୟକ କୁହନ୍ତି, ଭିତରକନିକା ଅଞ୍ଚଳରେ ୪୧୦ ଗାଁ ଅଛି। ଚାଷଠାରୁ ଆରମ୍ଭ କରି ଜୀବନଜୀବିକା ମଧୁର ପାଣି ହିଁ ଯୋଗାଇଥାଏ। ଏହା ବ୍ୟତୀତ ଲୁଣା ଜଙ୍ଗଲର ବିଭିନ୍ନ କିସମ ଗଛ ପାଇଁ ମଧୁର ପାଣି ଆବଶ୍ୟକ। ମଧୁର ପାଣି ନ ମିଳିଲେ ଚାଷ, ଜୀବନଜୀବିକା ନଷ୍ଟ ହେବା ସହ କାଳକ୍ରମେ ଅଧିକାଂଶ ଗଛ ନଷ୍ଟ ହେବ। ଏହି ଆର୍ଦ୍ରଭୂମିରେ ମୌସୁମୀ ସମୟରେ ଜଳର ଅଭାବ ଦେଖାଯାଏ ନାହିଁ। ତେବେ ଅଣମୌସୁମୀ ସମୟରେ କିଛି ପରିମାଣରେ ମଧୁର ଜଳ କମି ଆସେ। ଫଳରେ ମଧୁର ପାଣି ପାଇଁ ବନ୍ୟ ଜୀବଜନ୍ତୁ ଗାଁ ମୁହାଁ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖିଲେ ପ୍ରକଳ୍ପ ପୂର୍ବରୁ ଏନେଇ ସ୍ୱତନ୍ତ୍ର ରିପୋର୍ଟ ପ୍ରସ୍ତୁତ ହେବା ଜରୁରୀ। ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ଏହାକୁ ତନଖି କରି ମଞ୍ଜୁରୀ ଦେବା ଓ ନ ଦେବା ନିଷ୍ପତ୍ତି ନେଇପାରିବ ବୋଲି ସେ କହିଛନ୍ତି।

### ପ୍ରକଳ୍ପ ପରେ କି ପ୍ରଭାବ ପଡ଼ିବ ଅନୁଧ୍ୟାନ ହେଉ



ସୁନ୍ଦରବନରେ ଏବେ ସୁନ୍ଦରୀ ଗଛ ସଂଖ୍ୟା ନଗଣ୍ୟ। ମଧୁର ଜଳ ଅଭାବ ଏହାର କାରଣ ହୋଇଛି। ମଧୁର ଜଳ ନ ମିଳିଲେ ଭିତରକନିକାରେ କେବଳ ଲୁଣା ସହଣୀ ଗଛ ମିଳିବ। ଯାହା ଭିତରକନିକାର ପ୍ରାକୃତିକ ବିଭବ ନଷ୍ଟ କରିବ। ମଧୁର ଜଳ ସ୍ରୋତ କମ ହେଲେ ଲୁଣା ମାଡିଯିବ। ଫଳରେ ସେଠାରେ ବସବାସ କରୁଥିବା କୁମ୍ଭୀର ମଧୁର ଜଳ ପାଇଁ ଭିତରକନିକାର ବାହାର ଅଞ୍ଚଳକୁ ଯିବ। ଫଳରେ ମଣିଷ-କୁମ୍ଭୀର ଲଢ଼େଇ ଆଗାମୀ ଦିନରେ ଦେଖିବାକୁ ମିଳିବ। ଭିତରକନିକା ପରି ପ୍ରାକୃତିକ ବିଭବକୁ ବଞ୍ଚାଇବା ପାଇଁ ମଧୁର ଜଳର ଆବଶ୍ୟକତା ଅଧିକ। ଭିତରକନିକା ପାଇଁ କେତେ ପରିମାଣରେ ଜଳ ଆସୁଛି, ଅଣ ମୌସୁମୀ ସମୟରେ କେତେ ଜଳ ରହୁଛି, ପ୍ରକଳ୍ପ ପରେ ଜାତୀୟ ଉଦ୍ୟାନ ଉପରେ କିପରି ପ୍ରଭାବ ପଡିବ, ତା'ର ବିଶ୍ଳେଷଣ ପାଇଁ ଏକ ବୈଷୟିକ ଟିମ୍‌କୁ ଅନୁଧ୍ୟାନ କରିବାକୁ ସୁଯୋଗ ଦିଆଯିବା ଉଚିତ ବୋଲି ବନ୍ୟପ୍ରାଣୀବିତ୍ ତଥା ଅବସରପ୍ରାପ୍ତ ଡିଏଫ୍‌ଓ ସୁରେଶ କୁମାର ମିଶ୍ର କହିଛନ୍ତି।

## ରେଳମନ୍ତ୍ରୀଙ୍କ ଦ୍ୱାରା ଓଡିଶାର ବିଭିନ୍ନ ପ୍ରକଳ୍ପର ସମୀକ୍ଷା

ଭୁବନେଶ୍ୱର,୨୩।୮: କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡିଶା ପରିଦର୍ଶନ ସମାପ୍ତ କରି ନୂଆଦିଲ୍ଲୀ ଯିବା ପୂର୍ବରୁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳର ମଣ୍ଡଳ ରେଳବାଇ ପ୍ରବନ୍ଧକଙ୍କ ସହିତ ଭୁବନେଶ୍ୱର ଠାରେ ରାଜ୍ୟରେ ଜାରି ରହିଥିବା ବିଭିନ୍ନ ରେଳ ପ୍ରକଳ୍ପର ସମୀକ୍ଷା କରିଥିଲେ। ଏହି ଅବସରରେ ମନ୍ତ୍ରୀ ବିଶେଷ କରି ବନ୍ଦର ଏବଂ ଶିଳ୍ପାଞ୍ଚଳ ଗୁଡିକୁ ଜୋଡି ରେଳ ସଂଯୋଗ ହୋଇପାରିବ ସେ ସମ୍ପର୍କରେ ମଧ୍ୟ ତର୍ଜମା କରିଥିଲେ। ସେହିଭଳି ଗତକାଲି ବଲାଙ୍ଗୀର ଏବଂ ଭବାନୀପାଟଣା ଗସ୍ତ ସମୟରେ ରେଳ ଅଧିକାରୀଙ୍କ ସହ ରେଳପ୍ରକଳ୍ପ ଗୁଡିକର ସମୀକ୍ଷା କରି କହିଛନ୍ତି ଯେ ରାଜ୍ୟରେ ଚାଲିଥିବା ରେଳ ପ୍ରକଳ୍ପଗୁଡିକୁ ପ୍ରାଥମିକତାଭିତ୍ତିରେ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଗୁରୁତ୍ୱ ଦିଆଯାଉଛି। ସେହିପରି ଖୋର୍ଦ୍ଧା ରୋଡ୍-ବାଲାଙ୍ଗୀର ରେଳ ଲାଇନ ପାଇଁ ଆବଶ୍ୟକ କାର୍ଯ୍ୟ ସହ ଏହାର ଉଭୟ ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ମଧ କରାଯାଉଛି। ବିଛୁପାଲ୍ଲୀରୁ ସୋନପୁର ଏବଂ ମହିପୁରରୁ ନୂଆଗାଁ-ଦଶପଲ୍ଲା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି। ମନ୍ତ୍ରୀ କହିଛନ୍ତି, ଏହି ସବୁ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଆମକୁ ସମସ୍ତଙ୍କ ସହଯୋଗ ଆବଶ୍ୟକ। ଅପରପକ୍ଷରେ ବଲାଙ୍ଗୀର-ନୁଆପଡା ରେଳ ଲାଇନର କାର୍ଯ୍ୟ ସମ୍ପର୍କରେ ଉପଯୁକ୍ତ ସ୍ତରରେ ସମୀକ୍ଷା କରାଯିବ ଏବଂ ଏହା ଉପରେ ସମ୍ଭାବ୍ୟତାକୁ ଦୃଷ୍ଟିରେ ରଖି ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ନର୍ଲାରେ ଲୋକୋ ମରାମତିକୁ ପ୍ରାଥମିକତା ଦିଆଯିବ। ଓଡ଼ିଶାର କେବିକେ ଅଞ୍ଚଳ ବୁଲି ଦେଖି ବିଭିନ୍ନ ସମସ୍ୟା ପ୍ରତି ଅବଗତ ହେବା ଏବଂ ଏହି ଅଞ୍ଚଳର ବିକାଶ ଦିଗରେ କିଭଳି ଭାବେ ସମାଧାନ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ରଖି ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

# ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପ୍ରଦୀପ

■ଗିରଫ ମାମଲାରେ ପିଟିଶନ୍ ଦାଖଲ

■ଲୋକାୟୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆବେଦନ

କଟକ ଅଫିସ,୨୩।୮

ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ଗିରଫ ମାମଲାରେ ଓଡ଼ିଶା ଲୋକାୟୁକ୍ତ ଅସତ୍ୟ ନିର୍ଦ୍ଦେଶନାମା ଦାଖଲକରି ସୁପ୍ରିମକୋର୍ଟଙ୍କୁ ଭ୍ରମିତ କରୁଛନ୍ତି। ତେଣୁ ଲୋକାୟୁକ୍ତଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ନିର୍ଦ୍ଦେଶ ଦେବାକୁ ପ୍ରଦୀପ ପ୍ରାର୍ଥନା କରି ସୋମବାର ସୁପ୍ରିମକୋର୍ଟରେ ଏକ ପିଟିଶନ୍ ଦାଖଲ କରିଛନ୍ତି। ଆଇନଜୀବୀ ମିଥୁ ଜେନ ଏହି ମାମଲା ପରିଚାଳନା କରୁଛନ୍ତି। ପିଟିଶନରେ ଦର୍ଶାଯାଇଛି, ପ୍ରଦୀପ ପାଣିଗ୍ରାହୀଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଭିଜିଲାନ୍ସକୁ ଲୋକାୟୁକ୍ତ ତଦନ୍ତ ଦାୟିତ୍ୱ ଦେଇଥିଲେ। ହେଲେ ଏହା ବିରୋଧରେ ପ୍ରଦୀପ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉକ୍ତ ମାମଲାରେ ହାଇକୋର୍ଟ ଲୋକାୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶକୁ ଖାରଜ କରିଥିଲେ। ଏହାପରେ ଲୋକାୟୁକ୍ତ ହାଇକୋର୍ଟରେ ଏକ ରିଭ୍ୟୁ ପିଟିଶନ ଦାଖଲ କରିଥିଲେ। ୨୦୨୧ ଏପ୍ରିଲ ୭ରେ ହାଇକୋର୍ଟ ଉକ୍ତ ରିଭ୍ୟୁ ପିଟିଶନକୁ ମଧ୍ୟ ଖାରଜ କରିଦେଇଥିଲେ। ପରେ ଲୋକାୟୁକ୍ତ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟରେ ଦାଖଲ କରାଯାଇଥିବା ସ୍ପେଶାଲ ଲିଭ୍ ପିଟିଶନ (ଏସ୍ଏଲ୍ପି)ରେ ହାଇକୋର୍ଟଙ୍କ ୨ପୃଷ୍ଠା ସମ୍ବଳିତ ନିର୍ଦ୍ଦେଶନାମା ପରିବର୍ତ୍ତେ ୬ପୃଷ୍ଠାର ଅତିରିକ୍ତ ଅସତ୍ୟ ନିର୍ଦ୍ଦେଶନାମା ପ୍ରଦାନ କରାଯାଇଛି, ଯାହାକି ହାଇକୋର୍ଟ ପ୍ରଦାନ କରିନାହାନ୍ତି ବୋଲି ପ୍ରଦୀପ ତାଙ୍କ ପିଟିଶନରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ଆକାଶ ପାଠକ ଠକେଇ ମାମଲାରେ ପ୍ରଦୀପଙ୍କୁ ଗତ ଡିସେମ୍ବରରେ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ଟାଟା କମ୍ପାନୀରେ ଚାକିରି କରାଇ ଦେବା ପାଇଁ ଆକାଶଙ୍କ ନାଁରେ ପ୍ରଦୀପ ଟଙ୍କା ଆଦାୟ କରୁଥିବା ନେଇ ପ୍ରମାଣ ଥିବା କ୍ରାଇମବ୍ରାଞ୍ଚ ଦର୍ଶାଇଥିଲା। ତାଙ୍କ ବିରୋଧରେ ଆଇଟି ଆକ୍ଟର ସଙ୍ଗିନ ଦଫା ରୁଜୁ କରାଯାଇଥିଲା। ଠକେଇ, ଜାଲିଆତି, ଅପରାଧିକ ଷଡ଼ଯନ୍ତ୍ର, ସାଇବର ଅପରାଧ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଭୁବନେଶ୍ୱରସ୍ଥ ଝାରପଡ଼ା ଜେଲକୁ ପଠାଇ ଦିଆଯାଇଥିଲା। ଗତ ଜୁନ୍ ୧୨ରେ ସେ ସର୍ତ୍ତମୂଳକ ଜାମିନରେ ଜେଲରୁ ମୁକୁଳିଥିଲେ।

# ଜାତିଭିତ୍ତିକ ଜନଗଣନା କରିବାକୁ କେନ୍ଦ୍ରକୁ ପ୍ରସ୍ତାବ ଦେଉ ରାଜ୍ୟ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଶ୍ରୀକାନ୍ତ**

ଭୁବନେଶ୍ୱର, ୨୩।୮(ବ୍ୟୁରୋ)

ଜାତିଭିତ୍ତିକ ଜନଗଣନା ଓ ୫୦ ପ୍ରତିଶତ ସଂରକ୍ଷଣ ବିଷୟକୁ ନେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି। ଶ୍ରୀକାନ୍ତ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି, ଜାତିଭିତ୍ତିକ ଜନଗଣନା ଓ ୫୦ ପ୍ରତିଶତ ସଂରକ୍ଷଣ ବଢ଼ାଇବା ଲାଗି କେନ୍ଦ୍ରକୁ ରାଜ୍ୟ ତରଫରୁ ପ୍ରସ୍ତାବ ଦିଆଯାଇଛି। ଦେଶର ଅଧିକାଂଶ ରାଜନୈତିକ ଦଳ ଏବଂ ରାଜ୍ୟ ସରକାରମାନେ ଏ ସମ୍ପର୍କରେ କେନ୍ଦ୍ର ସରକାରଙ୍କ ନିକଟରେ ନିଜର ଦୃଢ଼ ଯୁକ୍ତି ଉପସ୍ଥାପନ କରୁଛନ୍ତି। ଓଡ଼ିଶା ଜନସଂଖ୍ୟାର ୯୪ ପ୍ରତିଶତ ଲୋକ ଆଦିବାସୀ, ଦଳିତ ଓ ପଛୁଆବର୍ଗର । ଏହା ୧୯୩୧ ମସିହାର ଜାତିଭିତ୍ତିକ ଜନଗଣନାରୁ ସ୍ପଷ୍ଟ। ସାମାଜିକ ଓ ଆର୍ଥିକ ନ୍ୟାୟରୁ ଯେଉଁ ଜାତିର ଲୋକମାନେ ବଞ୍ଚିତ ଅଛନ୍ତି ସେମାନଙ୍କୁ କିପରି ସମାଜର ଅନ୍ୟମାନଙ୍କ ସ୍ତରକୁ ଅଣାଯାଇପାରିବ ସେନେଇ ଜାତିଭିତ୍ତିକ ଜମଗଣନା ଏକ ବଡ ସହାୟକ ହେବ। କେନ୍ଦ୍ର ସରକାର ଜାତିଭିତ୍ତିକ ଜନଗଣନାକୁ ନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏପରିକି ଉପା ସରକାରଙ୍କ ସମୟରେ ଜାତି ଓ ଆର୍ଥିକ ସ୍ଥିତି ସମ୍ପର୍କିତ ଜନଗଣନାର ରିପୋର୍ଟକୁ ମଧ୍ୟ ବର୍ତ୍ତମାନର କେନ୍ଦ୍ର ସରକାର ପ୍ରକାଶ କରୁନାହାନ୍ତି। ଏ ନିଷ୍ପତ୍ତି କିନ୍ତୁ କେନ୍ଦ୍ର ସରକାରଙ୍କୁ ବଦଳାଇବାକୁ ପଡିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସେ ଆହୁରି କହିଛନ୍ତି, ଜାତିଭିତ୍ତିକ ଜନଗଣନା ଓ ୫୦ ପ୍ରତିଶତ ସଂରକ୍ଷଣରୁ ଊର୍ଦ୍ଧ୍ୱ ପାଇଁ ଆସନ୍ତା ବିଧାନସଭା ଅଧିବେଶନରେ ଏକ ପ୍ରସ୍ତାବ ଗ୍ରହଣ କରାନ୍ତୁ। ଏହି ପ୍ରସ୍ତାବ ବିଧାନସଭାରେ ସର୍ବସମ୍ମତିକ୍ରମେ ଗ୍ରହଣ ହେବ। ଏହାପରେ ପ୍ରଧାନମନ୍ତ୍ରୀଙ୍କ ଏକ ସର୍ବଦଳୀୟ କମିଟି ସାକ୍ଷାତ କରନ୍ତୁ। ଏହାଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ସାମାଜିକ ନ୍ୟାୟ ପ୍ରତି ପ୍ରତିବଦ୍ଧତା ସ୍ପଷ୍ଟ ହେବା ସଙ୍ଗେ ସଙ୍ଗେ ସଂରକ୍ଷଣରୁ ବଞ୍ଚିତ ସମାଜର ଅତ୍ୟନ୍ତ ଗରିବ ଲୋକଙ୍କୁ ନ୍ୟାୟ ମିଳିପାରିବ ବୋଲି ସେ ଉଲ୍ଲେଖ କରିଛନ୍ତି।


## OFFICE OF THE ODISHA STATE CO-OPERATIVE MARKETING FEDERATION LTD.

No.CAD-960

(MARKFED) OLD STATION ROAD, BHUBANESWAR-6

NOTICE TO RECEIVE THE SECURITY DEPOSIT (MONEY) FROM MARKFED OFFICE

To,

Sri Gouri Kishore Mishra
S/o. Rama Chandra Mishra
Plot No. 239/1/3, Rudra Vihar,
Nuagaon Chhak, Sisupalagada
Bhubaneswar, Dist.- Khurda
PIN - 751002

Sri Gouri Kishore Mishra
S/o. Rama Chandra Mishra
Chairman of M/s. Shree Ram International School
Plot No. 1310 & 1308, Khandapada Road
Dist.- Nayagarh, PIN - 752069

You had deposited a sum of Rs.72,000/- (Rupees Seventy two thousand) only at Head Office of MARKFED at Bhubaneswar as interest free security deposit by virtue of signing of an agreement on Dtd.28.02.2018 for letting out of godown measuring area 6000 Sq.ft. situated in Mouza: Nayagarh for the purpsoe of your business of running of a School and storing of old and new materials relating to school. As the agreement could not be materialized due to non-handling of vacant possession of the godown, hence, it is decided to refund of the security money.

In this connection, account payee cheque amounting to Rs.72,000/- (Rupees seventy two thousand) only was sent to you in the above address given by you.

That both letters along with cheque containing your security money was returned back un-served.

You are therefore informed through this publication to collect the security money amounting to Rs.72,000/- (Rupees seventy two thousand) only from head office of MARKFED within 15 days of publication of this notice.

Sd./- Managing Director, MARKFED - ODISHA

OIPR-39017/11/0008/2122

## VSS INSTITUTE OF MEDICAL SCIENCES & RESEARCH (VIMSAR), BURLA, SAMBALPUR, ODISHA - 768017

**Selection of Audiologist-cum-Speech Pathologist on Contractual Basis**

Advt. No. VIMSAR-PM-2021(1)/Dt.21.08.2021

No. E-365: Applications are invited from eligible candidates to fill up one vacant post of Audiologist-cum-Speech Pathologist at VIMSAR on contractual basis. The details of educational qualification, selection procedure, terms and conditions etc. are published in the institute website: **www.vimsar.ac.in**. The **last date of the receipt** of the application is **06.09.2021**.

Sd./- Registrar
VSS Inst. of Med. Sciences & Research, Burla

OIPR-10026/11/0005/2122

## OFFICE OF THE BLOCK DEVELOPMENT OFFICER, OUPADA BLOCK, DIST.- BALASORE

E-mail: ori-oupada@gmail.com

### TENDER CALL NOTICE

Advt. No. 1097/Oupada/Bls. of 2021-22 — Date: 19.08.2021

No. i-133: Sealed tenders (Percentage Rates) in conformity with the DTCN are invited from the "C" & "B" Class Contractors registered with the State Govt. for execution of 03 Nos. of Civil works of **Rs.28.12 lakhs, Rs.23.16 lakhs and Rs.21.18 lakhs** for new construction of "D" Type, "E" Type and "F" Type quarter at Santargadia PHC(N) under Oupada Block, in the Dist. of Balasore. The tender documents (DTCN & BOQ) can be obtained (Download) from district NIC website **(www.baleswar.nic.in)** from **Dt.21.08.2021 to 06.09.2021 till 5 P.M.** The tenders will **received upto Dt.08.09.2021 till 5 P.M.** and **Opened on 09.09.2021 at 11.30 A.M.** and address to Office of the BDO, Oupada, Panchayat Samiti, Oupada Block, Dist.- Balasore through **Registered Post/Speed Post/Courier Service** only. The incomplete bid in any form is liable for rejection. The detail terms and conditions can be downloaded at NIC website **(www.baleswar.nic.in)**.

Sd./- BDO, Oupada Block

OIPR-19139/11/0001/2122

## Government of Odisha — "e" Procurement Notice

No. B-321

**Bid Identification No. PWDK-06/2021-22**

No. G2/5193 — e-mail: eepwdkeonjhar@yahoo.com — Dt.16.08.2021

1. No. of the Work : 03 Nos. Building Works
2. Estimated Cost : From Rs.56.50 lakhs to Rs.98.08 lakhs
3. Period of Completion : 6 (Six) Calendar Months
4. Date and time of availability of Bid document in the portal : From 10.00 hrs. 26.08.2021 to 17.00 hrs. of 09.09.2021
5. Last date/time for receipt of bids in the portal : 17.00 hrs. of 09.09.2021
6. Date of Opening of Bid from Portal : 11.30 hrs. of 13.09.2021
7. Name and address of the Officer Inviting Bid : Executive Engineer, Keonjhar (R&B) Division, Keonjhar

Further details can be seen from the e-procurement portal "http://tendersodisha.gov.in".

Sd./- S.K. Behera
Executive Engineer
Keonjhar (R&B) Division

OIPR-34004/11/0004/2122

## ODISHA SPACE APPLICATIONS CENTRE (ORSAC)

Dept. of Science & Technology, Govt. of Odisha
Bhubaneswar-751 023

### RFP Advt. No. 11/2021

No. CAD-961:- Odisha Space Applications Centre (ORSAC) invites sealed RFP from reputed, established and reliable firms for selection of Agency to undertake Village-wise Plot Level Analysis of Paddy Crop growing areas for Kharif 2021-22. For details please visit Website http://www.odisha.gov.in and ORSAC website http://www.orsac.gov.in or ORSAC office for the tender papers.

OIPR-28007/11/0005/2122 — CHIEF EXECUTIVE

## OFFICE OF THE PANCHAYAT SAMITI, KHAIRPUT

No. 2436/VI-87/2021 (Dev.) — Dated: 21.08.2021

### TENDER CALL NOTICE No. 01/2021-22

The Block Development Officer, Khairput invites tenders on request for proposal as per anneuxre from reputed firms/companies/agencies for the purpose of setting up of Smart Class, E-Library, Science Laboratory and other class room interior for providing digital education in 1 School in Khairput Block under 5T High School transfromation programme of Govt. of Odisha.

**BID No. 01/2021-22**

**Important Dates:**

1. Date for purchase of RFP documents: From Dtd.24.08.2021 at 10.00 A.M. to 02.09.2021 upto 5.00 P.M. in all the working days in the office of the Block Development Officer, Khairput.
2. The last date & time for submission of Bids: Dtd.03.09.2021 from 10.00 A.M. to 5.00 P.M. in all the working days in the office of the Block Development Officer, Khairput in sealed packet and dropped in Tender Box.
3. Opening of Technical Part/Financial Part: Dated on 06.09.2021 at 4.00 P.M. in all the working days in the office of the Block Development Officer, Khairput.
4. The cost of the tender papers of Rs.5000/- non-refundable to be submitted along with tender paper in shape of Demand Draft in favour of Block Development Officer, Khairput payable at SBI, Khairput.
5. The bids have to be submitted in physical from to BDO, Khairput with technical-cum-pre-qualification bid in one envelope and financial bid in another envelope. Both the envelopes should be kept in one envelope with the name of bidder super scribed on it.
6. Bid Security (EMD) is not presently applicable as per office Memorandum No. 8943 dated 18.03.2021 of Finance Department, Govt. of Odisha. But bid security declaration shall be given by the bidder.
7. Detail terms and condition can be downloaded from www.malkangiri.nic.in.

Sd./- Block Development Officer, Khairput

## GOVERNMENT OF ODISHA — "e"-PROCUREMENT NOTICE — WORKS DEPARTMENT

No. B-322

**Bid Identification No. C.C.E.K.C., Keonjhar No. 09/2021-22**

E-mail: ccekeonjharpwdcircle@gmail.com / sekcpwd_keonjhar@yahoo.com

Letter No. 3269 — Dt.11.08.2021

1. No. of the work : 02 Nos. of Building Work
2. Estimated Cost : Rs.230.68 lakhs & 232.42 lakhs
3. Period of Completion : 09 (Nine) Calendar Months
4. Date and time of availability of Bid documents in the portal : From 11.00 hours of 24.08.2021 to 16.00 hours of 08.09.2021
5. Last date/time for receipt of bids in the portal : 16.00 hours of 08.09.2021
6. Date of opening of Bid from Portal : 12.00 hours on 09.09.2021
7. Name and address of the Officer Inviting Bid : Chief Construction Engineer, Keonjhar (R&B) Circle, Keonjhar - 758001

Further details can be seen from the e-procurement portal "http://tendersodisha.gov.in".

Sd./- (Er.A.N. Das, A.C.E.)
Chief Construction Engineer
Keonjahr (R&B) Circle, Keonjhar

OIPR-34033/11/0012/2122

## OFFICE OF THE EXECUTIVE ENGINEER, RWS&S DIVISION, BARIPADA

No. O-579

Tel. No. 06792-254029, Fax No. 06792-259464
E-mail: eerwss_bpd@rediffmail.com, eerwss_bpd@ori.nic.in

### Govt. of Odisha e-Procurement Notice

Bid Identification No. 08 of 2021-22, Date: 16.08.2021

1. Nature of the Work : Execution/Retrofitting of Rural Piped Water Supply New/Commissioner Projects under different Blocks of Mayurbhanj District in Lump-sum rate contract (03 packages).
2. Estimated Cost : 45.00 lakh to 83.82 lakhs
3. Period of Completion : 240 days - 300 days
4. Date and time of availability of bid document in portal : From 11 hours of Dt.26.08.2021 to Dt.01.09.2021 upto 17 hours.
5. Last date/time for receipt of bids in the portal : Both Technical & Financial Bid for each Package upto 17 hours of Dt.01.09.2021
6. Name and Address of the OIT : Executive Engineer, RWS&S Division, Baripada
7. Date & time for Opening of Tender : Dt.02.09.2021 at 11.00 A.M.
8. Corrigendum and addendum if any shall only be published in the above website http://www.tenderodisha.gov.in.

Further details can be seen from the e-procurement portal: "https://tendersodisha.gov.in".

Sd./- Executive Engineer
RWS&S Division, Baripada

OIPR-25014/11/0003/2122

## ତହସିଲଦାରଙ୍କ କାର୍ଯ୍ୟାଳୟ, କୁଆଁରମୁଣ୍ଡା
## OFFICE OF THE TAHASILDAR PANPOSH AT KUARMUNDA

Dist.- Sundargarh, State of Odisha
Email Id: tah.panp-od@nic.in, Ph. No. 0661-2618307

ବିଜ୍ଞପ୍ତି ସଂ. ୧୪୦୦ — ତା୨୩।୦୮।୨୧

**(ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଅନୁଯାୟୀ)**

No. F-117: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ କୁଆଁରମୁଣ୍ଡା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ସାରଣୀରେ ଉଲ୍ଲେଖିତ ଲଘୁ ଖଣିଜ ଦ୍ରବ୍ୟ (ସଇରାତ ଉତ୍ସ) ଗୁଡ଼ିକର ଆସନ୍ତା ୫ ବର୍ଷ (ପାଞ୍ଚ) ନିମନ୍ତେ ଲିଜ ପାଇଁ ତହସିଲଦାର କୁଆଁରମୁଣ୍ଡାଙ୍କ ଦ୍ୱାରା ନିଲାମ କରାଯିବ। ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules-2016ରେ ଫାରମ୍- 'ଡ' (Form-M) ପୂରଣ କରି ଏହାର ତିନି କପି ସହ ନିମ୍ନଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉ ମୁଦଦିଆ ଲଫାପାରେ ତହସିଲଦାର କୁଆଁରମୁଣ୍ଡାଙ୍କ କାର୍ଯ୍ୟାଳୟରେ ଥିବା Tender Boxରେ ଆସନ୍ତା ତା୦୩।୦୯।୨୦୨୧ରିଖଠାରୁ ତା୦୬।୦୯।୨୦୨୧ରିଖ ଦିବା ୧୨.୦୦ ଘଟିକା ପର୍ଯ୍ୟନ୍ତ (ଛୁଟିଦିନ ବ୍ୟତୀତ) ପକାଇ ପାରିବେ। ଧାର୍ଯ୍ୟ ତାରିଖର ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ। ଲଫାପା ଉପରେ ସୈରାତ ଉତ୍ସର ନାମ ଲେଖିବା ଆବଶ୍ୟକ। ତା୦୬।୦୯।୨୦୨୧ରିଖ ଦିବା ୨.୦୦ ଘଟିକା ସମୟରେ ଲିଜ୍ ଦରଖାସ୍ତକାରୀଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯିବ। ଉପରୋକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ୦୭।୦୯।୨୦୨୧ରିଖ (ଦିନ ୨.୦୦ ଘଟିକା) ସମୟରେ ଅନୁଷ୍ଠିତ ହେବ। ଏହି ବିଜ୍ଞପ୍ତି ଜିଲ୍ଲା ୱେବସାଇଟ (www.sundargarh.nic.in)ରୁ ମଧ୍ୟ ପାଇପାରିବେ।

ସ୍ୱା./- ତହସିଲଦାର, ପାନପୋଷ, କୁଆଁରମୁଣ୍ଡା

OIPR-24112/11/0002/2122

## OFFICE OF THE MUNICIPALITY, JAGATSINGHPUR

NO. 4693, Dt.21.08.2021

### QUOTATION CALL NOTICE

**No. C-802:-** The Executive Officer, Jagatsinghpur Municipality on behalf of Municipal Council invites sealed quotations from the authorized Dealers/Manufacturers/Govt. suppliers for supply of **Decorative electric poles with lights & all fittings** to Office of the Municipality, Jagatsinghpur as per Annexure - A attached.

The quotation in envelope must be sealed for verification. The rate should be inclusive of all taxes and transportation charge etc. It will be received in the Municipal store in good condition and specification as detailed in Annexure-A. The quotation should reach the office of the undersigned from **dt.25.08.2021 to dt.01.09.2021** up to 2.00 PM and the quotation will be opened on the same day i.e. **dt.01.09.2021** at 03.00 PM in the chamber of the undersigned in the presence of Quotationer or their authorized agents/representatives, if any present. The quotationer should mention their rate including Taxes (GST), Installation and Trasportation charges if any and must have furnished other documents i.e. valid GST Registration Certificate, ITCC/PAN Card etc. along with the quotations failing which the quotations will be rejected. The quotationer should submit ₹500.00 in the shape of Demand Draft as Paper Cost which is non refundable duly pledged in favour of the Executive Officer, Jagatsinghpur Municipality from any Nationalized Bank along with quotations.

For details the Quotationer may contact to Dealing Assistant to Works Section during the office hour. The undersigned reserves the right to reject any or all quotation without assigning any reason thereof.

Sd./- **Executive Officer**
**Jagatsinghpur Municipality**

OIPR-13087/11/0010/2122

## OFFICE OF THE ROURKELA MUNICIPAL CORPORATION

UDIT NAGAR, ROURKELA, ODISHA-769012
E-mail ID: rourkelamunicipality@gmail.com

No. 11610 — Date: 21.08.21

### Auction Sale Notice

**No. C-798**:- Sealed quotations are invited by the undersigned for disposal of the following Scrap/ Condemned/ materials of Rourkela Municipal Corporation. The Quotationer should quote their rate on unit basis for all the materials in their letter head as per the prescribed format (**Annexure-I**) in the sealed cover addressed to The Commissioner, Rourkela Municipal Corporation, Rourkela superscribing as **"Quotation for Auction Sale of Rourkela Municipal Corporation"** and should submit their bid thourgh Speed Post/ Registered Post/ Courier or By Hand on or before **03.09.2021** upto 1.00 PM. The Quotation should be accompanied with the photocopies of valid GST registration certificate, PAN Card, Paper Cost of Rs.2240/- including GST (Non refundable) in shape of DD drawn in favour of Commissioner, Rourkela Municipal Corporation payable at Rourkela. All the Quotations will be opened on the same day at 4.00 PM in presence of the bidders or their authorized representatives who wish to attend. Authority reserves the right to accept or reject any or all tenders without assigning any reason thereof. The details of Quotation document may be downloaded from RMC website: rmc.nic.in

Sd./- Commissioner
Rourkela Municipal Corporation

OIPR-13131/11/0028/2122

## GOVERNMENT OF ODISHA — OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA - JAJPUR

At/P.O.- Nayabazar, Cuttack - 753004, Tel. No. 0671-2444488, E-mail: serw_kpd@yahoo.com

No. Tender Online RCK-16/21 — Letter No. 2015 — Date: 16.08.21

### e-Procurement NOTICE

No. O-571: **The Chief Construction Engineer, R.W. Circle, Kendrapara-Jajpur on behalf of Odisha State Rural Road agency invites the percentage rate** bids in electronic tendering system for construction of roads under Pradhan Mantri Gram Sadak Yojana in the districts of **Kendrapara for 3 (Three)** numbers of packages with estimated cost totaling to Rs.9.65 Cr. (Approximately) including their maintenance for five years from the eligible contractors registered with **State PWD/CPWD/MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

**Date of release of Invitation for Bids through e-procurement : Dtd.24.08.2021.**

**Availability of Bid documents and mode of submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to reigster in the website which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) original bid security declaration and (c) original affidavit regarding correctness of information furnished with bid document as per provisions of Clause 4.4B (a) (ii) of ITB with **Chief Construction Engineer, R.W. Circle, Kendrapara - Jajpur** on a date not later than three working days after the opening of technical qualification part of the Bid, either by Registered Post or by Hand, failing which the bids shall be declared non-responsive.

**Summary for key dates is provided below:**

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara - Jajpur | Tender Online RCK - 16/21 | 24.08.2021 at 11.00 A.M. | 13.09.2021 to 5.00 P.M. | 13.09.2021 upto 1.00 P.M. | 14.09.2021 at 11.30 A.M. | Will be intimated later |

**Date of submission of original documents such as Bid Security Declaration, Cost of Bid document and affidavit Dt.15.09.2021 at 11.30 A.M. to 17.09.2021 at 3.00 P.M.**

Further details can be seen from the website: **www.pmgsytenders.gov.in**.

OIPR-25129/11/0013/2122 — Sd./- Chief Construction Engineer, Rural Works Circle, Kendrapara - Jajpur

## GOVERNMENT OF ODISHA — OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SAMBALPUR

Tel.: 0663-2548268, E-mail id: serwcirclesbp@yahoo.com

Bid Identification No. Road Tender Online - RWCSBP-17 No. 2215 Dated: 18.08.2021

No. O-575: The Chief Construction Engineer Rural Works Circle, Sambalpur on behalf of Governor of Odisha invites online percentage rate bid from experienced & eligible bidders for 6 (Six) Group of Road works under periodical renewal of Post DLP roads for the year 2021-22, such as renewal coat with laying SDBC in the districts of Sambalpur/Deogarh.

| | | | |
|---|---|---|---|
| 1 | Name of work | : | Periodical renewal of Post DLP roads for the year 2021-22, such as renewal coat with laying SDBC under R.W. Division, Sambalpur & Deogarh. |
| 2 | No. of Works | : | 6 (Six) Groups details as per DTCN |
| 3 | Estimated Cost | : | Approximately varies from Rs.118.62 lakhs to 274.34 lakhs |
| 4 | Class of Contractor | : | B and A |
| 5 | Cost of tender paper and mode of deposit | : | Rs.10,000/- per set (to be deposited Online) in favour of concerned Executive Engineer. |
| 6 | Mode of submission of tender | : | Tender should be submitted only Online in website **www.tendersorissa.gov.in (https//tendersodisha.gov.in)** |
| 7 | EMD and mode of deposit | : | No EMD is required but Bid Security declaration should be frunished by the bidders as mentioned in DTCN |
| 8 | Summary of key dates are provided below: | | |

| Procurement Officer | Bid Identification No. | Availability of Tender Online for Bidding | | Last date & time for seeking clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sambalpur | Road Tender-Online-RWCSBP-17/2021-22 | 24.08.2021 at 11.00 A.M. | 07.09.2021 upto 04.00 P.M. | 06.09.2021 upto 04.00 P.M. | 08.09.2021 at 11.00 A.M. | To be intimated later |

* Further details can be seen from the e-procurement portal **www.tendersorissa.gov.in. (https//tendersodisha.gov.in)**
* Subsequent modification/corrigendum/addendum if required shall appear in website only.
* The amount put to bid is exclusive of GST.
* Bidder should inspect the road before bidding and quote his rate accordingly.

Sd./- Chief Construction Engineer,
Rural Works Circle, Sambalpur

OIPR-25091/11/0022/2122

## PANCHAYAT SAMITI, CHITRAKONDA

No. 1706/2021 — Date: 23.08.2021

### TENDER CALL NOTICE No. 03/2021-22

The Block Development Officer, Chitrakonda invites sealed percentage rate tenders on behalf of Governor of Odisha as per annexure from reputed firms/companies/agencies for the purpose of setting up of Smart Class, E-Library, Science Laboratory and other Class Room Interior for providing digital education in 1 School in Chitrakonda Block under 5T High School Transfromation programme of Govt. of Odisha.

**BID No.- 03/2021-22**

**Important Dates**

I. Date for purchase of RFP documents: From Dtd.24.08.2021 at 10 A.M. to 02.09.2021 5 P.M. in all the working days in the office of the Block Development Officer, Chitrakonda.
II. The last date & time for submission of Bids: Dtd.03.09.2021 from 10 A.M. to 5 P.M. in all the working days in the office of the Block Development Officer, Chitrakonda in sealed packed and dropped in Tender Box.
III. Opening of Technical Part/Financial Part: Dated on 05.09.2021 at 3 P.M. in the Office of the Block Development Officer, Chitrakonda.
IV. The cost of the tender papers of Rs.4000/- (Rupees four thousand) only non-refundable to be submitted along with tender paper in shape of Demand Draft in favour of Block Development Officer, Chitrakonda payable at SBI, Chitrakonda.
V. The bids have to be submitted in physical form to BDO, Chitrakonda with technical-cum-pre-qualification bid in one envelope and financial bid in another envelope. Both the envelopes should be kept in one envelope with the name of bidder superscribed on it.
VI. Detailed terms and condition can be downloaded from www.malkangiri.nic.in.

Sd./- Block Development Officer, Chitrakonda

ଫ୍ୟାଶନ

# ରେନ୍‌ବୋ ଇୟରରିଂ



ଡ୍ରେସ ସାଙ୍ଗକୁ ମ୍ୟାଚିଂ ଇୟରରିଂ ପିନ୍ଧିଲେ ଅଧିକ ସୁନ୍ଦର ଦେଖାଯାଏ। ଏବେ ଲାଟେଷ୍ଟ ଡିଜାଇନ୍‌ରେ ରେନ୍‌ବୋ ଇୟରରିଂ ପିନ୍ଧି ଫ୍ୟାଶନ୍ ଟ୍ରେଣ୍ଡରେ ସାମିଲ ହେଉଛନ୍ତି ମହିଳା...

**ହ୍ୟାଙ୍ଗିଙ୍ଗ୍ ଇୟରରିଂ:** ଟ୍ରାଡିଶନାଲ ସାଲୱାର ସୁଟ୍ କିମ୍ବା ଲେହେଙ୍ଗା ସହିତ ରେନବୋର ହେଭି ଇୟରରିଂ ବହୁତ ସୁନ୍ଦର ମାନିବ। ଏହି ଇୟରିଂର ବିଭିନ୍ନ କଲରକୁ ମ୍ୟାଚିଂ କରି ଡ୍ରେସ ସହିତ ପିନ୍ଧିଲେ ବେଶ୍ ଷ୍ଟାଇଲିସ୍ ଲାଗିବ।

**ଥ୍ରେଡ୍ ଟେସଲ ଇୟରରିଂ:** ଲେହେଙ୍ଗା କିମ୍ବା ସ୍କର୍ଟ ସହିତ ଏହି ପ୍ରକାରର ଇୟରରିଂ ପିନ୍ଧିଲେ ବହୁତ ସୁନ୍ଦର ଲାଗେ। ଏଭଳି ଇୟରରିଂକୁ ଘରେ ମଧ୍ୟ ତିଆରି କରିହେବ। ତେଣୁ ଡ୍ରେସର ରଙ୍ଗ ଅନୁସାରେ ବିଭିନ୍ନ ରଙ୍ଗର ଏହାକୁ କରିହେବ।

**ରେଲ୍‌ବୋ ଡ୍ରାପ୍ ଇୟରରିଂ:** ଏହି ଇୟରରିଂ ଦେଖିବାକୁ ଚେନ୍ ଭଳି ଡିଜାଇନର। ତେଣୁ ଏହା ଏକ ଭିନ୍ନ ଲୁକ୍ ଦେଇଥାଏ। ପାର୍ଟିୱେର ଡ୍ରେସ ସହିତ ଏହା ଭଲ ମ୍ୟାଚିଂ ହୋଇଥାଏ। ଏହି ଡିଜାଇନର ଛୋଟ ଭେରାଇଟି ମଧ୍ୟ ଚାହିଁଲେ ଟ୍ରାଏ କରିପାରିବେ।



"କୃମି ନିୟନ୍ତ୍ରଣ ହେଲେ ରକ୍ତହୀନତା ହେବ ନାହିଁ। ଅର୍ଥାତ୍ ପିଲାଙ୍କ ଶରୀରରେ ଲୋହିତ ରକ୍ତ କଣିକାର ପରିମାଣ ବୃଦ୍ଧି ହେବ। ଏହା ସହିତ ପିଲାଙ୍କର ପୋଷଣ ସ୍ତରରେ ଉନ୍ନତି ହେବ ଓ ସେମାନଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ତେଣୁ ପିଲାଙ୍କର ସମ୍ପୂର୍ଣ୍ଣ ଶାରୀରିକ ସୁସ୍ଥତା ତଥା ମାନସିକ ବିକାଶ ନିମନ୍ତେ କୃମି ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ।"







# ପିଲାଙ୍କ କୃମି ରୋଗ

ବିରାଟ ରାଜା ପଧାନ

ସୁସ୍ଥ ଓ ନୀରୋଗ ରହିବା ପାଇଁ ଆମେ ବିଭିନ୍ନ ପ୍ରକାରର ପ୍ରତିରୋଧମୂଳକ ପଦକ୍ଷେପ ଗ୍ରହଣ କରିଥାଉ। ତେବେ ଏପରି କିଛି ରୋଗ ଅଛି, ଯାହା କି ଆମ ଅଜାଣତରେ ଆମର ଶତ୍ରୁ ପାଲଟି ଯାଇଥାଏ। ସେଥିମଧ୍ୟରୁ ଆମ ପିଲାଙ୍କୁ ହେଉଥିବା କୃମି ରୋଗ ହେଉଛି ଅନ୍ୟତମ। ପ୍ରତିବର୍ଷ ସରକାରଙ୍କ ତରଫରୁ ଜାତୀୟ କୃମିନାଶକ ଦିବସ ପାଳନ କରାଯାଇଥାଏ। ଏବେ ଆଶା ଦିଦି, ଅଙ୍ଗନୱାଡି ଦିଦି, ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ୧-୧୯ ବର୍ଷର ପ୍ରତ୍ୟେକ ପିଲାଙ୍କୁ କୃମିନାଶକ ବଟିକା ମାଗଣାରେ ଦେଉଛନ୍ତି। ସାଧାରଣତଃ ପିଲାଙ୍କ କ୍ଷେତ୍ରରେ ଅନେକ ସମୟରେ କୃମି ସମସ୍ୟା ଦେଖିବାକୁ ମିଳିଥାଏ। ତେବେ ପିଲାଙ୍କର ଏହି ସମସ୍ୟା ଜାଣିବା ମାତ୍ରେ ତୁରନ୍ତ ଚିକିତ୍ସା ଆରମ୍ଭ କରିବା ଉଚିତ। ନଚେତ୍ ଏହା ଆହୁରି ବିଭିନ୍ନ ପ୍ରକାରର ରୋଗକୁ ପରୋକ୍ଷରେ ଡାକି ଆଣିଥାଏ। ତେବେ ମାଆମାନେ ପିଲାମାନଙ୍କଠାରେ କୃମି ହେବାର ଲକ୍ଷଣ ଦେଖିବା ମାତ୍ରେ ଅଭିଜ୍ଞ ଶିଶୁ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଚିକିତ୍ସା ଆରମ୍ଭ କରିବା ଉଚିତ। ତା' ସହ ଏହି ରୋଗର ଲକ୍ଷଣ ସମ୍ପର୍କରେ ମା'ମାନେ ଅବଗତ ହେବା ନିହାତି ଜରୁରୀ।

**କୃମି ସଂକ୍ରମଣର ପ୍ରଭାବ:** ପିଲାଙ୍କ କ୍ଷେତ୍ରରେ କୃମି ହୋଇଥିଲେ ରକ୍ତହୀନତା, ଭୋକ ନ ଲାଗିବା, କୁପୋଷଣ, ଦୁର୍ବଳ ଓ ଉଦ୍‌ବେଗ ଅନୁଭବ କରିବା, ପେଟ କାଟିବା, ବାନ୍ତି ହେବା, ତରଳ ଝାଡା ଏବଂ ଓଜନ କମି ଯିବା ଭଳି ବିଭିନ୍ନ ଲକ୍ଷଣ ଦେଖା ଦେଇଥାଏ। ତେଣୁ ଏଭଳି ଲକ୍ଷଣ ଦେଖିଲେ ବିଳମ୍ବ ନ କରି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେବା ଉଚିତ।

**କୃମି ନିୟନ୍ତ୍ରଣ :** କୃମି ନିୟନ୍ତ୍ରଣ ହେଲେ ରକ୍ତହୀନତା ହେବ ନାହିଁ। ଅର୍ଥାତ୍ ପିଲାଙ୍କ ଶରୀରରେ ଲୋହିତ ରକ୍ତ କଣିକାର ପରିମାଣ ବୃଦ୍ଧି ହେବ। ଏହା ସହିତ ପିଲାଙ୍କର ପୋଷଣ ସ୍ତରରେ ଉନ୍ନତି ହେବ ଓ ସେମାନଙ୍କର ପାଠ ପଢ଼ା ପ୍ରତି ଆଗ୍ରହ ବୃଦ୍ଧି ପାଇବ। ତେଣୁ ପିଲାଙ୍କର ସମ୍ପୂର୍ଣ୍ଣ ଶାରୀରିକ ସୁସ୍ଥତା ତଥା ମାନସିକ ବିକାଶ ନିମନ୍ତେ କୃମି ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ।

**କୃମିନାଶକ ଔଷଧର ପ୍ରଭାବ:** କୃମିନାଶକ ବଟିକା ଖାଇବା ଦ୍ୱାରା ପିଲାଙ୍କ ପୂର୍ଣ୍ଣାଙ୍ଗ ଶାରୀରିକ ଓ ମାନସିକ ଦକ୍ଷତା ବୃଦ୍ଧି ପାଇପାରିବ। କୃମିନାଶକ ବଟିକା 'ଆଲବେଣ୍ଡାଜୋଲ' ଖାଇବା ଦ୍ୱାରା କୌଣସି ପ୍ରତିକୂଳ ପ୍ରଭାବ ପଡେ ନାହିଁ। ଏହା ସମ୍ପୂର୍ଣ୍ଣ ନିରାପଦ। କିନ୍ତୁ ଏହି ଔଷଧକୁ ପିଲାମାନେ ବେଳେବେଳେ ଗିଳିବା ପାଇଁ ଚେଷ୍ଟା କରିବାବେଳେ ତାହା ତଣ୍ଟିରେ ଲାଖି ଯାଇଥାଏ। ତେଣୁ ଏହି ଔଷଧକୁ ସବୁବେଳେ ଚକୋଲେଟ ପରି ଖାଇବା ଉଚିତ ନଚେତ୍ ଏହାକୁ ଚୋବାଇ ଚୋବାଇ ଖାଇପାରିବେ।

**ସଂକ୍ରମଣ ରୋକିବା ପାଇଁ ସଚେତନତା:** କୃମି ସଂକ୍ରମଣ ରୋକିବା ପାଇଁ ସର୍ବଦା ବିଶୁଦ୍ଧ ପିଇବା ପାଣି ବ୍ୟବହାର କରିବା ଉଚିତ। ଏହା ସହିତ ଖୋଲା ସ୍ଥାନରେ ମଳତ୍ୟାଗ କରିବା ଉଚିତ ନୁହେଁ। ସବୁବେଳେ ଶୌଚାଳୟ ବ୍ୟବହାର କରନ୍ତୁ। ଏହା ସହିତ ଖୋଲା ପାଦରେ ପିଲାଙ୍କୁ ଚଲାନ୍ତୁ ନାହିଁ। ସବୁ ସମୟରେ ଜୋତା କିମ୍ବା ଚପଲ ବ୍ୟବହାର କରିବାକୁ କୁହନ୍ତୁ। ଏହା ସହିତ ଘର ଚାରିପାଖର ପରିବେଶକୁ ମଧ୍ୟ ପରିଷ୍କାର ରଖନ୍ତୁ। ନିଜେ ଛୋଟ ନଖ ରଖିବା ସହିତ ପିଲାଙ୍କର ମଧ୍ୟ ଠିକ୍ ସମୟରେ ନଖ କାଟି ଦିଅନ୍ତୁ। ଖାଇବା ପୂର୍ବରୁ ଓ ଶୌଚାଳୟ ଯିବା ପରେ ସାବୁନରେ ଭଲ ଭାବରେ ହାତ ଧୋଇବାକୁ ପିଲାମାନଙ୍କୁ କୁହନ୍ତୁ। ଏହା ସହ ମାଆମାନେ ଘରେ ରାନ୍ଧୁଥିବା ଖାଦ୍ୟ ପଦାର୍ଥକୁ ସର୍ବଦା ଘୋଡ଼ାଇ ରଖନ୍ତୁ। ସେହିପରି ପନିପରିବାକୁ ରୋଷେଇ କରିବା ପୂର୍ବରୁ ଭଲ ଭାବରେ ପାଣିରେ ଧୋଇବା ଉଚିତ।

*-ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ, ଝାରସୁଗୁଡ଼ା*
*ମୋ :୯୪୩୯୯୮୯୯୪୧*





# ବଢ଼ାନ୍ତୁ ସୌନ୍ଦର୍ଯ୍ୟ

ବିୟୁଟି ପାର୍ଲର ଯାଇ ମହିଳାମାନେ ନିଜ ନିଜର ବିୟୁଟି ଟ୍ରିଟ୍‌ମେଣ୍ଟ କରାଇଥାନ୍ତି। କିନ୍ତୁ ପାର୍ଲରକୁ ନ ଯାଇ ବିଭିନ୍ନ ଘରୋଇ ସାମଗ୍ରୀ ବ୍ୟବହାର କରି ଆପଣ ନିଜର ସୌନ୍ଦର୍ଯ୍ୟ ବୃଦ୍ଧି କରିପାରିବେ। ଏଥିପାଇଁ କ'ଣ କରିବେ ଜାଣି ରଖନ୍ତୁ...




➔ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିବାକୁ ଚାହୁଁଥିଲେ ଆଳୁକୁ ବାଟି ତା'ର ରସ ବାହାର କରି ମୁହଁରେ ଲଗାନ୍ତୁ। କିଛି ସମୟ ରହିବା ପରେ ଟିସୁ ପେପରରେ ପୋଛି ତା'ପରେ ଧୋଇ ଦିଅନ୍ତୁ।

➔ମୁହଁରେ ଯଦି ବ୍ରଣ ସମସ୍ୟା ଥାଏ ଓ ତ୍ୱଚାରେ କୁଞ୍ଚନ ପଡ଼ି ଆସୁଥାଏ ତେବେ ତୁଳସୀ ପତ୍ରକୁ ବାଟି ମୁହଁରେ ଲଗାନ୍ତୁ। ଲଗାତର ଏହାର ବ୍ୟବହାର କରିବା ଫଳରେ ତ୍ୱଚାର ସମସ୍ତ ପ୍ରକାରର ଦାଗ ଦୂର ହେବା ସହ ଅନ୍ୟ ସମସ୍ୟା ବି ଦୂର ହେବ।

➔ପାଚିଲା ଅମୃତଭଣ୍ଡାକୁ ମୁହଁରେ ଲଗାଇ ଭଲଭାବରେ ଘଷନ୍ତୁ। ଲଗାତର କିଛି ସମୟ ଏପରି କରିବା ଫଳରେ ମୁହଁରେ ଥିବା ସମସ୍ତ ପ୍ରକାରର ମଇଳା ସଫା ହୋଇଥାଏ ଏବଂ ସମସ୍ତ ଦାଗ ମଧ୍ୟ କିଛିଦିନ ପରେ ଚାଲି ଯାଇଥାଏ। ଏପରି କରିବା ଫଳରେ ତ୍ୱଚା ଅଧିକ ଉଜ୍ଜ୍ୱଳ ଦେଖାଯାଏ ଓ କୋମଳ ମଧ୍ୟ ହୋଇଥାଏ।

➔ଚନ୍ଦନ ପାଉଡରକୁ ଗୋଲାପ ଜଳରେ ମିଶାଇ ଫେସ୍ ପ୍ୟାକ୍ ତିଆରି କରି ମୁହଁରେ ଲଗାନ୍ତୁ। ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି ପାଇବ।

➔ତ୍ୱଚାରେ ଯଦି ବୟସର ଛାପ ଦେଖାଗଲାଣି ତେବେ ଆଳୁର ପେଷ୍ଟ କରି ସେଥିରେ ଅଣ୍ଡାର ଧଳା ଅଂଶ ମିଶାଇ ପ୍ୟାକ୍ ତିଆରି କରି ମୁହଁ ଏବଂ ବେକରେ ଲଗାନ୍ତୁ।

➔ଆଳୁକୁ ବାଟି ସେଥିରେ ହଳଦୀ ମିଶାଇ ଲଗାଇଲେ ତ୍ୱଚାର ଉଜ୍ଜ୍ୱଳତା ବଢ଼ିବ।

➔ବ୍ରଣ ସମସ୍ୟାରୁ ମୁକ୍ତି ପାଇଁ ଆଳୁକୁ ବାଟି ସେଥିରେ ଅଳ୍ପ ମୁଲତାନୀ ମାଟି ଏବଂ ଗୋଲାପ ଜଳ ମିଶାଇ ଫେସ୍ ପ୍ୟାକ୍ କରି ଲଗାନ୍ତୁ।



ଖାଦ୍ୟରୁଚି

# ଅଟା କେକ୍

**ଆବଶ୍ୟକ ସାମଗ୍ରୀ–** ଅଟା– ଏକ କପ୍, ଚିନି – ଏକ କପ୍, ରିଫାଇନ୍ ତେଲ କିମ୍ବା ବଟର– ୧/୪ କପ୍, ଦହି– ୩ ରୁ ୪ ଛୋଟ ଚାମଚ, ଗୁଜୁରାତି– ଗୁଣ୍ଡ (୪ରୁ ୫ଟି), ଅମୁଲ ବା ମିଲ୍କ ପାଉଡର– ୧/୪ କପ୍, କାଜୁ, ଆଲମଣ୍ଡ– ଅଳ୍ପ, ବେକିଂ ପାଉଡର ଓ ବେକିଂ ସୋଡା– ଅଳ୍ପ, କ୍ଷୀର– ୧ କପ୍।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ କେକ୍ ଟିନ୍ ଆଣି ସେଥିରେ ସବୁଆଡେ ଭଲରେ ତେଲ ଲଗାଇ ଦିଅନ୍ତୁ। ଏହାପରେ ଏକ ବଡ଼ ପାତ୍ର ଆଣି ସେଥିରେ ରିଫାଇନ୍ ତେଲ ପକାନ୍ତୁ, ପରେ ସେଥିରେ ଦହି ପକାନ୍ତୁ। ତା'ପରେ ଗୁଜୁରାତି ଗୁଣ୍ଡକୁ ପକାନ୍ତୁ। ଗୁଜୁରାତି ବଦଳରେ ବିଭିନ୍ନ ଏସେନ୍ସ ମଧ୍ୟ ପକାଇପାରିବେ। ଏହାପରେ ଚିନିକୁ ଗ୍ରାଇଣ୍ଡିଂ କରି ଏଥିରେ ମିଶାନ୍ତୁ। ଏବେ ସବୁକୁ ଭଲଭାବେ ଗୋଳାନ୍ତୁ। ଏବେ ସେଥିରେ ଏକ ଚଲାରେ ଅଟାକୁ ଚଲାଇ ଅଟା ପକାନ୍ତୁ। ଏହାପରେ ସେଥିରେ ଅମୁଲ ବା ମିଲ୍କ ପାଉଡର ପକାଇ ସେଥିରେ କ୍ଷୀର ଦେଇ ଭଲଭାବେ ଗୋଳାନ୍ତୁ। ଏବେ ସେଥିରେ ଏକ ଚାମଚ ବେକିଂ ପାଉଡର ଏବଂ ଅଧା ଚାମଚର ବେକିଂ ସୋଡା ପକାଇ ମିଶାନ୍ତୁ। ଏହାପରେ ସେଥିରେ କାଜୁ ଏବଂ ଆଲମଣ୍ଡକୁ ଛୋଟ ଛୋଟ ଖଣ୍ଡ କରି ଏଥିରେ ମିଶାନ୍ତୁ।

ଏହାପରେ କଡେଇକୁ ଚୁଲିରେ କଭର ଦେଇ ୫ ମିନିଟ୍ ଗରମ କରନ୍ତୁ। କେକ୍ ଟିନ୍‌ରେ କେକ୍ ମିଶ୍ରଣକୁ ଢାଳି ତା' ଉପରେ କିଛି ଆଲମଣ୍ଡ ସଜାଇ ଏହାକୁ ନେଇ କଡେଇ ଭିତରେ ରଖି ଘୋଡାଇ ଦିଅନ୍ତୁ। ଗ୍ୟାସର ଆଞ୍ଚକୁ ପୂରା କମ୍ କରି ଏହାକୁ ୪୦ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ। ଏହାପରେ ଏକ କାଠି ଭିତରକୁ ପୂରାଇ କେକ୍ ହୋଇଛି କି ନାହିଁ ଦେଖି ଓହ୍ଲାଇ ଦିଅନ୍ତୁ।



# ଘରକୁ ଦିଅନ୍ତୁ ଗ୍ଲାସି ଲୁକ୍

ଘରର ଝରକା ହେଉ କି କବାଟ ସବୁଥିରେ କାଚ ବ୍ୟବହାର କଲେ ବହୁତ ସୁନ୍ଦର ଦେଖାଯିବା ସବୁ ସିଜନରେ ବି ଘରେ ଗ୍ଲାସ ଲୁକ୍ ସ୍ୱତନ୍ତ୍ର ମନେ ହୋଇଥାଏ...

➤ଘରର ଝରକାକୁ ବିଶେଷ ଭାବରେ କାଚରେ ତିଆରି କଲେ ତାହା ଅଧିକ ସୁନ୍ଦର ଦେଖାଯାଏ। ଏହା ସହିତ ଘରକୁ ଅଧିକ ଆଲୋକ ଆସିଥାଏ।

➤ଘରର ପୂର୍ବପଟକୁ ରହିଥିବା ଝରକାରେ ଗ୍ଲାସ ଲଗାନ୍ତୁ। ଏହା ଫଳରେ ସକାଳ ସୂର୍ଯ୍ୟକିରଣ ଘର ଭିତରକୁ ଆସିବା ସହିତ ଘରର ଲୁକ୍ ବହୁତ ସୁନ୍ଦର ଦେଖାଯିବ। ଏହା ସହ ଥଣ୍ଡା ଦିନେ ସୂର୍ଯ୍ୟକିରଣ ପଡିବା ଫଳରେ ବେଶ୍ ଆରାମ ଲାଗିବ।

➤ଆଜିକାଲି ହାଲ୍‌କା ତଥା ବିଶେଷ ଧରଣର କାଚ ମିଳୁଛି, ଯାହାକୁ ଫ୍ଲୋର ତଥା କାନ୍ଥ ଏବଂ କ୍ୟାବିନ୍ ତିଆରି କରିବା ପାଇଁ ମଧ୍ୟ ବ୍ୟବହାର କରାଯାଉଛି। କାଚରେ କ୍ୟାବିନ୍ କିମ୍ବା ଘର ତିଆରି କଲେ ଛୋଟ ଘର ହୋଇଥିଲେ ବି ତାହା ବଡ଼ ଭଳି ଲାଗିବ। ତେଣୁ ଘରର କାନ୍ଥରେ ବଡ଼ ଝରକା କରି ସେଥିରେ କାଚ ଲଗାଇଲେ ଘର ଡେକୋରେଟିଭ୍ ଲାଗିବ।





➤ଘରେ କାଚର ଅଧିକ ଫର୍ନିଚର ବ୍ୟବହାର କରନ୍ତୁ। ଏହା ଅଧିକ ସୁନ୍ଦର ଲାଗିବା ସହିତ ନୂଆ ଜିନିଷ ଭଳି ସବୁବେଳେ ମନେହେବ।

➤ଘରକୁ ପାର୍ଟିସନ୍ କରିବାକୁ ଚାହୁଁଥିଲେ ପରଦା କିମ୍ବା ଜାଲି ବଦଳରେ ଗ୍ଲାସ ବ୍ୟବହାର କରନ୍ତୁ। ଏହା ସୁନ୍ଦର ଲୁକ୍ ଦେଇପାରିବ।

➤ଘରର ଥାକ କିମ୍ବା ବୁକ୍ ସେଲ୍ଫରେ କାଚ ବ୍ୟବହାର କଲେ ଘରକୁ ଏକ ଭିନ୍ନ ଲୁକ୍ ମିଳିପାରିବ।

## ଟ୍ରକ୍ ଧକ୍କାରେ କାର ଚୁର୍‌ମାର

କୋକସରା (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ସହର ଷ୍ଟେଟ ବ୍ୟାଙ୍କ ନିକଟ ଜାତୀୟ ରାଜପଥ ୨୬ରେ ସୋମବାର ମଧ୍ୟାହ୍ନରେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ (ନଂ. ଓଡ଼ି ୩୩ ଢ୍ବ- ୩୨୬୭) ସେଲେରିଓ କାର (ନଂ.ଓଡ଼ି୦୮ଏମ-୧୩୮୩)କୁ ସାମ୍ନାପଟୁ ଧକ୍କା ଦେଇଛି। ଫଳରେ କାର ଚୁରମାର ହୋଇଥିବା ବେଳେ ଡ୍ରାଇଭର ଓ ଅନ୍ୟ ଜଣେ ବ୍ୟକ୍ତି ଅଳ୍ପକେ ଦୁର୍ଘଟଣାରୁ ରକ୍ଷା ପାଇଛନ୍ତି। ଟ୍ରକ ଭୁବନେଶ୍ୱରରୁ ଜୟପୁରକୁ ଟ୍ରାନ୍ସପୋର୍ଟ ମାଲ ନେଇ ଯାଉଥିବା ବେଳେ କାରକୁ ଧକ୍କା ଦେଇଛି। ଦୁର୍ଘଟଣା କାର ଆଇନଜୀବୀ ମହେଶ ପଣ୍ଡାଙ୍କ ବୋଲି ଜଣାପଡ଼ିଛି। ଖବର ପାଇ କୋକସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ ଓ ଡ୍ରାଇଭରଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି ।

## ସଂକ୍ଷେପରେ

### ଚଢ଼ାଦରରେ ବିକ୍ରି ହେଉଛି ୟୁରିଆ ସାର

**ଲାଠୋର, ୨୩।୮ (ଡି.ଏନ.ଏ.):** ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋରରେ ୟୁରିଆ ସାର ଚଢ଼ାଦରରେ ବିକ୍ରି ହେଉଛି। ଏହାଦ୍ୱାରା ଚାଷୀମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି। ଏପରିସ୍ଥଳେ କୃଷି ବିଭାଗ ହାତବାନ୍ଧି ବସିଛି ବୋଲି ସାନଗୁର୍ଜିଭଟା ଏବଂ କରୁଆଁଝର ଗ୍ରାମର ଚାଷୀ ମାନେ ଅଭିଯୋଗ କରିଛନ୍ତି। ଚଳିତ ବର୍ଷ ବର୍ଷାଭାବ ଯୋଗୁଁ ଚାଷୀ ଚିନ୍ତାରେ ଥିବାବେଳେ ୟୁରିଆ ସାରର ଚଢ଼ା ଦର ସେମାନଙ୍କୁ ଅଧିକ ହତାଶ କରିଛି। ବର୍ତ୍ତମାନ ପ୍ରତି ୪୫କେଜି ୟୁରିଆ ସାର ପ୍ୟାକେଟର ସରକାରୀ ମୂଲ୍ୟ ୨୬୬ ଟଙ୍କା ୫୦ ପଇସା ଥିବାବେଳେ ଲାଠୋରରେ ପ୍ୟାକେଟ ପ୍ରତି ଦର ୬ଶହ ଟଙ୍କାରେ ବିକ୍ରି ହେଉଛି। ଏହାର ପ୍ରତିବାଦ କଲେ ସାର ନାହିଁ କହି ଫେରାଇ ଦିଆଯାଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଫଳରେ ଅନ୍ୟନୋପାୟ ହୋଇ ସେମାନେ ଚଢ଼ାଦରରେ ସାର କିଣିବାକୁ ବାଧ ହେଉଥିବା କହିଛନ୍ତି। ଏନେଇ ଖପ୍ରାଖୋଲ ସହ କୃଷି ଅଧିକାରୀ ସୃଜିତ କୁମାର ଭୋଇଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

### ସେବା ଦଳ ଷ୍ଟିୟରିଂ କମିଟିକୁ ମନୋନୀତ

**ବିଜେପୁର, ୨୩।୮ (ଡି.ଏନ.ଏ):** ରାଜ୍ୟ କଂଗ୍ରେସ ସେବା ଦଳର ଷ୍ଟିୟରିଂ କମିଟିକୁ ବରଗଡ଼ ଜିଲା ବିଜେପୁର ବ୍ଲକର ଦିଲୀପ କୁମାର ପଣ୍ଡା ମନୋନୀତ ହୋଇଛନ୍ତି। ବିଜେପୁର ବ୍ଲକ ଉପାଧ୍ୟକ୍ଷରୁ ରାଜନୀତିକୁ ପ୍ରବେଶ କରିଥିବା ଦିଲୀପ ଅଞ୍ଚଳରେ ଲୋକଙ୍କ ସେବା କରି ବେଶ ପରିଚିତ। ତାଙ୍କୁ କଂଗ୍ରେସ ସେବା ଦଳର ଷ୍ଟିୟରିଂ କମିଟିକୁ ମନୋନୀତ କରାଯାଇ ଥିବା ଯୋଗୁ ସେ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ, ସେବା ଦଳ ମୁଖ୍ୟ ସଂଗଠକ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ବାପୁଜୀ ସ୍ୱତନ୍ତ୍ର ସ୍କୁଲରେ ଗଙ୍ଗାଧର ଜୟନ୍ତୀ

**ବରଗଡ଼ ଅଫିସ୍, ୨୩।୮ :** ବରଗଡ଼ ସହରସ୍ଥିତ ବାପୁଜୀ ସ୍ୱତନ୍ତ୍ର ସ୍କୁଲରେ ସୋମବାର ଗଙ୍ଗାଧର ମେହେର ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଛି। ସ୍କୁଲର ସଭାପତି ଡା. ଜୟଦେବ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭ୍ୟ ସମାରୁ ପ୍ରଧାନ, ଦୃଷ୍ଟିହୀନ ସ୍କୁଲର ପ୍ରଧାନଶିକ୍ଷକ ଅଭୟ କୁମାର ପ୍ରଧାନ, ବଧିର ସ୍କୁଲର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ, ମାନସିକ ଅନଗ୍ରସର ସ୍କୁଲର ପ୍ରଧାନଶିକ୍ଷକ ମେଘନାଦ ସାହୁ, ଗାଇସିଲେଟ ବ୍ଲକ ବଧିର ସ୍କୁଲର ବରିଷ୍ଠ ଶିକ୍ଷକ ନାଥ ମୁନା ପ୍ରମୁଖ ମଞ୍ଚାସୀନ ଥିଲେ। ସ୍କୁଲର ସଙ୍ଗୀତ ଶିକ୍ଷକ ଅମରେଶ ଚନ୍ଦ୍ର ବାରିକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ସମାରୁ ପ୍ରଧାନ ଓ ଅଭୟ କୁମାର ପ୍ରଧାନ କବି ଗଙ୍ଗାଧରଙ୍କ କବିତା ଆବୃତ୍ତି କରିଥିଲେ। ଅନୁଷ୍ଠାନର ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକବୃନ୍ଦ ଗଙ୍ଗାଧର ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ।

### ଆରକ୍ଷଣ ଦାବି କଲା ଯାଦବ ସମାଜ

**ବରଗଡ଼ ଅଫିସ୍, ୨୩।୮ :** ଜାତିଭିତ୍ତିକ ଜନଗଣନା ଏବଂ ପଛୁଆବର୍ଗଙ୍କୁ ୨୭ପ୍ରତିଶତ ଆରକ୍ଷଣ ଦାବିରେ ସୋମବାର ବରଗଡ଼ ଜିଲା ଯାଦବ ସମାଜ ଦାବି କରିଛି। ଏହି ଦାବିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାପାଳ ବାନାର୍ଜୀଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୁମତୀ ପଣ୍ଡା ସ୍ମାରକପତ୍ର ଗ୍ରହଣ କରିଥିଲେ। ସମାଜର ସଭାପତି ରାଜୁ ଘିବେଲା, ସାଧାରଣ ସମ୍ପାଦକ ରାମ ନାରାୟଣ ଭୋଇଙ୍କ ନେତୃତ୍ୱରେ ଅନେକ ସଦସ୍ୟ ଏକ ଶୋଭାଯାତ୍ରାରେ ଆସି ସ୍ମାରକପତ୍ର ପ୍ରଦାନ କରିଥିଲେ।

### ବରିଷ୍ଠ ମାଧ୍ୟମିକ ଶିକ୍ଷାସେବା ପ୍ରଧାନ ଶିକ୍ଷକ ସଂଘ ଗଠିତ

**ବଲାଙ୍ଗୀର ଅଫିସ, ୨୩।୮:** ବଲାଙ୍ଗୀର ଜିଲାର ବିଭିନ୍ନ ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବରିଷ୍ଠ ମାଧ୍ୟମିକ ଶିକ୍ଷାସେବା ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଏକ ସଂଘ ଗଠିତ ହୋଇଛି। ଭର୍ତ୍ତୁଆଲ ମୋଡ ଜରିଆରେ ପ୍ରଧାନ ଶିକ୍ଷକ ସଦାନନ୍ଦ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ହାଇସ୍କୁଲରୁ ଯୋଗ ଦେଇଥିବା ପ୍ରଧାନ ଶିକ୍ଷକମାନେ ଯୋଗଦାନ କରିଥିଲେ। ଏଥିରେ ସଭାପତି ଭାବେ ସଦାନନ୍ଦ ଭୋଇ, ଉପସଭାପତି ଭାବେ ଶ୍ୟାମ ସୁନ୍ଦର କୁଅଁର ଏବଂ ନିହାରିକା ଦାଶ, ସମ୍ପାଦକ ଭାବେ ହେମନ୍ତ ବାରିକ, ସହସମ୍ପାଦକ ଭାବେ ହୃଦ୍ୟାନନ୍ଦ ଛତ୍ରିଆ ଏବଂ ଅଶୋକ ତରିଆ, କୋଷାଧକ୍ଷ ଭାବେ ବିନାୟକ କୁମାର, ଉପଦେଷ୍ଟା ଭାବେ ଦ୍ୱିତୀ ରଞ୍ଜନ ମହାଲିଙ୍ଗଙ୍କୁ ମନୋନୀତ କରାଯାଇଥିବା ଜଣାପଡ଼ିଛି।

# ଫସଲ ଆଶା ଛାଡ଼ିଲେ ଚାଷୀ

**ବଲାଙ୍ଗୀରରେ ମହାମରୁଡ଼ି ଆତଙ୍କ**
- ଅଗଷ୍ଟ ସରିବାକୁ ବସିଲାଣି ପହ୍ଲାରୁଆ ହୋଇନାହିଁ
- ଅଗଷ୍ଟ ୨୨ ସୁଦ୍ଧା ୭୮ ପ୍ରତିଶତ କମ୍ ବର୍ଷା
- ବୁଢ଼ା ହେଇଗଲାଣ୍ ପହ୍ଲା

**ବଲାଙ୍ଗୀର ଅଫିସ, ୨୩।୮**

ବଲାଙ୍ଗୀର ଜିଲାରେ ମହାମରୁଡ଼ି ଆତଙ୍କ ଘନେଇଲାଣି। ଚଳିତବର୍ଷ ଜୁନ୍, ଜୁଲାଇ ପରେ ଏବେ ଅଗଷ୍ଟ ମାସରେ ମଧ ବର୍ଷାଭାବ ଜାରି ରହିଛି। ଜିଲାରେ ଜୁନ୍ ମାସରେ ୨୯.୧ ପ୍ରତିଶତ ଓ ଜୁଲାଇରେ ୨୨.୨ ପ୍ରତିଶତ କମ୍ ବର୍ଷା ରେକର୍ଡ କରାଯାଇଥିଲା। ଅଗଷ୍ଟ ୨୨ତାରିଖ ସୁଦ୍ଧା ଜିଲାରେ ୭୮ପ୍ରତିଶତ କମ୍ ବର୍ଷ ରେକର୍ଡ କରାଯାଇଥିବା କୃଷି ବିଭାଗ ସୂତ୍ରରୁ ଜଣାପଡିଛି। ଏଭଳି ପରିସ୍ଥିତିରେ ଜିଲାରେ ବିଶେଷକରି ଧାନଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଛି। ଚାଷୀମାନେ ଚଳିତବର୍ଷ ମହାମରୁଡ଼ି ହେବା ସୁନିଶ୍ଚିତ ବୋଲି କହିଲେଣି। ଜିଲାର ବିଭିନ୍ନ ଅଞ୍ଚଳରେ ବର୍ଷା ଅଭାବ କାରଣରୁ କ୍ଷେତରେ ମାଟି ଫାଟି ଆଁକଲାଣି। କ୍ରମାଗତ ବର୍ଷାଭାବ କାରଣରୁ ଚାଷୀମାନେ ପକାଇଥିବା ପହ୍ଲା ରୁଆ କରିପାରି ନାହାନ୍ତି। ବୁଣା ଧାନର ଅବସ୍ଥା ସାଂଘାତିକ ହୋଇପଡିଲାଣି। ଜିଲାର ୧୪ଟି ବ୍ଲକ୍‌ରେ ଅନେକ ସ୍ଥାନରେ ବର୍ଷାଭାବ ଯୋଗୁଁ ଲୋକେ ଚାଷଜମିରେ ଗୋରୁ ଛାଡି ଦେଲେଣି।

ବଲାଙ୍ଗୀର ସଦର ବ୍ଲକ ବିଡିଘାଟ ଅଞ୍ଚଳରେ ଅନେକ ସ୍ଥାନରେ ମରୁଡ଼ି ହୋଇସାରିଥିବା ଚାଷୀମାନେ କହିଛନ୍ତି।



ଜକନପୁରଠାରେ ଜଣେ ଚାଷୀ ପକାଇଥିବା ପହ୍ଲା ଶୁଖିଯାଇଥିବା ଦେଖାଉଛନ୍ତି।

ଜକନପୁର ଗ୍ରାମର ଚାଷୀ ବିଷ୍ଣୁବିଶି କହିଛନ୍ତି, ବର୍ଷା ନହେବାରୁ ଚଳିତବର୍ଷ ସେମାନେ ପହ୍ଲା ଥିବା ସତ୍ତ୍ୱେ ରୁଆ କରିପାରିନାହାନ୍ତି। ଜମିରେ ପହ୍ଲା ରହି ଶୁଖିଗଲାଣି। ପହ୍ଲା ତମ୍ବା ରଙ୍ଗର ହୋଇପଡିଲାଣି। ପହ୍ଲାକୁ ୭୦ ଦିନ ହୋଇଯାଇଥିବାରୁ ଏବେ ଆବଶ୍ୟକ ବର୍ଷା ହେଲେ ମଧ ପହ୍ଲା କାମ ହେବନାହିଁ। ୯୦ ଦିନ ଅବଧିର ଧାନ ଏବେ ଜମିରେ ପହ୍ଲା ଭବେ ୭୦ ଦିନ ଅତିକ୍ରମ ହୋଇଯାଇଥିବାରୁ ଚଳିତବର୍ଷ ଧାନଚାଷ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇପଡିଛି। ଗାଁର ଚାଷୀମାନେ ଧାନଚାଷ ହୋଇ ନ ପାରିବା କାରଣରୁ ପହ୍ଲା ପଡିଥିବା ଜମିରେ ଗୋରୁ ଛାଡି ଦେଲେଣି ବୋଲି କହିଥିଲେ। ଶିବତଲା ଗ୍ରାମର ଚାଷୀ ସୋମନାଥ ଭୋଇ କହିଥିଲେ ଯେ, ଏଥର ମରୁଡ଼ି ହୋଇସାରିଲାଣି। ଗାଁରେ ପକାଇଥିବା ପହ୍ଲା ପୋଡିଗଲାଣି। ସରକାର ତୁରନ୍ତ ମରୁଡ଼ି ଘୋଷଣା କରି ସହାୟତା ଘୋଷଣା କରନ୍ତୁ। ଜକନପୁର ଗ୍ରାମର ଚାଷୀ ଶିବଶଙ୍କର ଧରୁଆ କହିଥିଲେ, ତାଙ୍କର ୧୨ ଏକର ଜମି ପାଇଁ ପହ୍ଲା ପକାଇଥିଲେ। ପହ୍ଲାକୁ ପ୍ରାୟ ୫୦ ଦିନ ହୋଇଗଲାଣି। ମାତ୍ର ପାଣି ଅଭାବରୁ ରୁଆ କରିପାରୁ ନାହାନ୍ତି। ଆଗକୁ ବର୍ଷା ହେଲେ ମଧ ଏହି ପହ୍ଲା ଆଉ ରୁଆ ହୋଇପାରିବ ନାହିଁ। ବାହାଲ ଜମିରେ ଏଥର ପାଣିନାହିଁ। ବନ୍ଧ, ନାଳ କେଉଁଠି ବି ପାଣି ନାହିଁ। ଏଭଳି ସ୍ଥିତିରେ ଚାଷୀ ପାଖରେ କିଛିବି ବିକଳ୍ପ ନାହିଁ ବୋଲି ସେ କହିଥିଲେ। ଜିଲା ମୁଖ୍ୟ କୃଷି ଅଧିକାରୀ ବୈକୁଣ୍ଠ ଚରଣ ସାହୁଙ୍କୁ ପଚରାଯିବାରୁ ଅଗଷ୍ଟ ମାସରେ ମଧ ଜିଲାରେ ବର୍ଷାଭାବ ପରିସ୍ଥିତି ରହିଛି। ସରକାର ବିକଳ୍ପ ଶସ୍ୟ ଉପରେ ମଧ ଚିନ୍ତା କରୁଛନ୍ତି ବୋଲି କହିଛନ୍ତି। ଜିଲାରେ ବାହାଲ ଜମିରେ ବିକଳ୍ପ ଶସ୍ୟ କରାଯାଇ ପାରେନାହିଁ। ଅଧିକାଂଶ ଆଁଟ ଜମିରେ କପା ଭଳି ଅର୍ଥକରୀ ଫସଲ କରାଯାଉଥିବାରୁ କେଉଁ ଜମିରେ ଚାଷୀମାନେ ବିକଳ୍ପ ଚାଷ କରିବେ ତାହା ଆଉ ଏକ ବହ ସମସ୍ୟାଭାବେ ଉଭା ହେଲାଣି।

# ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଭଉଣୀଙ୍କୁ ଅଟକାଇଲା ରାଉରକେଲା ପୋଲିସ

**ରାଉରକେଲା ଅଫିସ୍, ୨୩।୮**

ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ଭଉଣୀ ଅଞ୍ଜଳି ସୋରେନଙ୍କୁ ରାଉରକେଲା ପ୍ଲାଣ୍ଟସାଇଟ ପୋଲିସ ସୋମବାର ଅଟକାଇଛି। ଫଳରେ ଅଞ୍ଜଳି ରାଜଗାଙ୍ଗପୁରରେ ଏକ ଜନଶୁଣାଣି କାର୍ଯ୍ୟକ୍ରମକୁ ଯାଇ ପାରିନାହାନ୍ତି।

ସୂଚନା ଅନୁସାରେ, ଡାଲମିଆ ସିମେଣ୍ଟ ଖାଦାନ ସମ୍ପ୍ରସାରଣ ପାଇଁ ସୋମବାର ରାଜଗାଙ୍ଗପୁରରେ ଜନଶୁଣାଣି କାର୍ଯ୍ୟକ୍ରମ ରହିଥିଲା। ଏହି ଜନଶୁଣାଣିରେ ଯୋଗ ଦେବାକୁ ଅଞ୍ଜଳି ଝାଡ଼ଖଣ୍ଡରୁ ଆସିଥିଲେ। ତେବେ ଜନଶୁଣାଣିକୁ ଯିବା ପୂର୍ବରୁ ତାଙ୍କୁ ହୋଟେଲ ରିଜେନ୍ସି ଇନ୍‌ରେ ରାଉରକେଲା ପୋଲିସ ଅଟକାଇଥିଲା। ଫଳରେ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଶେଷରେ ଅଞ୍ଜଳି ଆଉ ରାଜଗାଙ୍ଗପୁର ଗସ୍ତ କରିପାରି ନ ଥିଲେ। ଆଇନଶୃଙ୍ଖଳା ବଜାୟ ରଖିବା ଉଦ୍ଦେଶ୍ୟରେ ଏଭଳି ପଦକ୍ଷେପ ନିଆଯାଇଥିବା ପୋଲିସ ସୂଚନା ଦେଇଛି।



ରାଉରକେଲା ପ୍ଲାଣ୍ଟସାଇଟ ପୋଲିସ ଅଞ୍ଜଳି ସୋରେନଙ୍କୁ ଅଟକାଇଛି।

# ନନ୍ କ୍ୟାଡର ସରକାରୀ ଓକିଲଙ୍କୁ ମିଳିନି ଦୁଇବର୍ଷର ପ୍ରାପ୍ୟ

**ରାଉରକେଲା/ବେଦବ୍ୟାସ, ୨୩।୮ (ଅଫିସ/ଡି.ଏନ.ଏ)**

ସୁନ୍ଦରଗଡ ଜିଲାରେ କାର୍ଯ୍ୟରତ ନନ୍ କ୍ୟାଡର ସରକାରୀ ଓକିଲମାନେ ଦୀର୍ଘଦିନ ହେବ ଫି ବିଲ୍ ଏବଂ ରିଟେନରସିପ୍ ବିଲ୍ ପାଇନାହାନ୍ତି। ଫଳରେ ଜିଲାର ସରକାରୀ ଓକିଲମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୋମବାର ଏହି ମର୍ମରେ ରାଉରକେଲା ବିଜେଡି ଆଇନଜୀବୀ ସାମ୍ମୁଖ୍ୟର ଆଞ୍ଚଳିକ ଆବାହକ ସନ୍ତୋଷ କୁମାର ନାୟକ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ଇ-ମେଲ ମାଧ୍ୟମରେ ଉକ୍ତ ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଦୀର୍ଘ ଦୁଇ ବର୍ଷ ହେବ କରୋନାର ଭୟାବହତା ସମୟରେ ସରକାରୀ ଓକିଲମାନେ ନିଜ ଜୀବନକୁ ବାଜି ଲଗାଇ ପୀଡିତମାନଙ୍କ ପାଇଁ ସରକାରଙ୍କ ତରଫରୁ ମାମଲା ପରିଚାଳନା କରିଆସୁଛନ୍ତି। ସରକାରୀ ଓକିଲମାନେ ଯେତେବେଳେ ଏହି କାର୍ଯ୍ୟ କୋର୍ଟ ଭିତରେ କରିଥାନ୍ତି ଅନ୍ୟ କୌଣସି ଜୁଡିସିଆଲ କାର୍ଯ୍ୟ କରିପାରନ୍ତି ନାହିଁ। କିଛି ଦିନ ତଳେ ସେମାନେ ସୁନ୍ଦରଗଡ ଜିଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଅବଗତ କରାଇଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିନାହିଁ।

ଉଲ୍ଲେଖଯୋଗ୍ୟ, ସରକାରୀ ଓକିଲମାନଙ୍କ ବିଲ୍ ବାବଦକୁ ସୁନ୍ଦରଗଡ ଜୁଡିସିଆଲ ସେକ୍ସନ ୧.୪୦ କୋଟି ଏବଂ ନିଜାରତ୍ ସେକ୍ସନ ୨୪,୨୨,୭୫୦ ଟଙ୍କା ପଠାଇବା ପାଇଁ ଆଇନ ବିଭାଗକୁ ଚିଠି କରିଛନ୍ତି। ଏଣୁ ଆଇନ ମନ୍ତ୍ରୀ ଏ ନେଇ ଦୃଷ୍ଟି ଦେବାକୁ ନାୟକ ନିବେଦନ କରିଛନ୍ତି। ଏହାସହ ଏହି ଓକିଲମାନେ ଯେପରି ପ୍ରତି ମାସରେ ବିଲ୍ ପାଇପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

# ୫ ହଜାର ଲାଞ୍ଚ ନେଇ ଜେଲଗଲେ ଏବିଇଓ



ଦେବରାଜ ଦାସ

**ବଲାଙ୍ଗୀର ଅଫିସ, ୨୩।୮**

ଜଣେ ଶିକ୍ଷକଙ୍କଠାରୁ ୫ ହଜାର ଟଙ୍କା ଲାଞ୍ଚ ନେବାବେଳେ ମୁରିବାହାଲ ଏବିଇଓ ଦେବରାଜ ଦାସ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଛନ୍ତି। ମୁରିବାହାଲ ବ୍ଲକ୍ ଚାଉଳକୁକୁଡା ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବୈଦୃତ ସାହୁଙ୍କୁ ସେ ୫ ହଜାର ଟଙ୍କା ଲାଞ୍ଚ ମାଗିଥିବା ସମ୍ପର୍କରେ ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ୨୦୧୯ ଜାନୁୟାରୀ ୨୬ ତାରିଖ ଦିନ ସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳନ କରି ନ ଥିବା ଅଭିଯୋଗରେ ଶିକ୍ଷକ ସାହୁଙ୍କ ବିରୋଧରେ ଏକ ବିଭାଗୀୟ ପ୍ରୋସିଡିଂ କରାଯାଇଥିଲା। ଉକ୍ତ ପ୍ରୋସିଡିଂ ରିପୋର୍ଟ ତୁରନ୍ତ ଦେବାକୁ ଶିକ୍ଷକ ସାହୁ ଏବିଇଓ ଦାସଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ ସେ ଏହା କରୁ ନ ଥିଲେ। ଏଭଳିକି ପ୍ରୋସିଡିଂ ରିପୋର୍ଟ ଶୀଘ୍ର ଦେବାକୁ ହେଲେ ତାଙ୍କୁ ୫ହଜାର ଟଙ୍କା ଲାଞ୍ଚ ଦେବାକୁ ପଡିବ ବୋଲି କୁଆଡେ କହିଥିଲେ। ବାରମ୍ବାର ହଇରାଣ କରିବା ପରେ ଶିକ୍ଷକ ସାହୁ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ଅନୁସାରେ, ସୋମବାର ମୁରିବାହାଲ ଅଫିସରେ ଏବିଇଓ ଦାସଙ୍କୁ ଶିକ୍ଷକ ସାହୁ ୫ ହଜାର ଟଙ୍କା ଦେଉଥିବାବେଳେ ପୂର୍ବରୁ ଛପି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ ଗିରଫ କରିଥିଲେ। ତାଙ୍କଠାରୁ ୫ ହଜାର ଟଙ୍କା ଜବତ କରାଯିବା ସହ ତାଙ୍କୁ କୋର୍ଟଚାଲାଣ କରାଯାଇଛି।

# ବାଇକ୍ ଚୋରକୁ ଧରି ପୋଲିସ ଜିମାଦେଲେ

**ଲୋଇସିଂହା, ୨୩।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ପୋଢପାଲିଛକରୁ ଏକ ବାଇକ (ଓଡି୧୫ବି ୮୯୬୧) ଚୋରି କରି ପଳାଇଥିବା ଦୁଇ ଚୋରଙ୍କୁ ପଥରମୁଣ୍ଡାଠାରେ ଲୋକେ ଧରି ସୋମବାର ପୋଲିସ ଜିମା ଦେଇଛନ୍ତି। ସେମାନେ ବରଗଡ ଜିଲା ଗାଇସିଲାଟ ଥାନା ପଣ୍ଡକିଟାଲ ଗ୍ରାମର ରାହୁଲ ସାହୁ(୨୦) ଓ ପଦ୍ମପୁର ବଡବନ୍ଧପଡାର କାବଲୁ ଦାଶ(୩୦)। ପୋଲିସ ସୂଚନାମତେ, ଆଗଲପୁର ବ୍ଲକ ପୋଢପାଲି ଗ୍ରାମର ଭଗବାନ ସାହୁ ବାଇକ ନେଇ ଲୋଇସିଂହା-ପଦ୍ମପୁର ରାସ୍ତାର ପୋଢପାଲି ଛକ ପାର୍ଶ୍ୱରେ ଥିବା କ୍ଷେତକୁ ଯାଇଥିଲେ। ସକାଳ ପ୍ରାୟ ସାଢେ ୮ ଟାରେ ଦୁଇଜଣ ଯୁବକ ରାସ୍ତାପାର୍ଶ୍ୱରେ ରଖାଯାଇଥିବା ବାଇକକୁ ଚୋରି କରି କରକଟିଆ ଆଡକୁ ଚମ୍ପଟ ମାରିଥିବା ଭଗବାନ ଜାଣିବାକୁ ପାଇଥିଲେ। ଏହାପରେ ସେ କରକଟିଆ ତ୍ରିବେଣୀ ସ୍ୱୟଂ ସହାୟକ ଗୋଷ୍ଠୀ ସଭାପତି ଅଶୋକ କଲେତକୁ ଘଟଣା ସଂକ୍ରାନ୍ତରେ ସୂଚନା ଦେଇଥିଲେ। ତାଙ୍କଠାରୁ ସୂଚନା ପାଇ ବାଇକ ଚୋରକୁ ଧରିବା ପାଇଁ କେତେକ ଯୁବକ ଉକ୍ତ ଛକରେ ଛକି ରହିଥିଲେ। ଯୁବକମାନେ ରାସ୍ତା ଉପରେ ଠେଙ୍ଗାବାଡି ଧରି ଛିଡା ହୋଇଥିବା ଦେଖି ଚୋରମାନେ ଆସିଥିବା ରାସ୍ତାରେ ଫେରି ଯାଇଥିଲେ। କେତେକ ଯୁବକ ସେମାନଙ୍କୁ ବାଇକରେ ପିଛା କରି ପଥରମୁଣ୍ଡାଠାରେ କାବୁ କରିଥିଲେ। ଖବର ପାଇ ଆଇଆଇସି ରମାକାନ୍ତ ଜେନା ଘଟଣାସ୍ଥଳରେ ପହଞ୍ଚି ୨ଚୋରଙ୍କୁ ହେପାଜତକୁ ନେଇଥିଲେ। ବାଇକ ମାଲିକ ଭଗବାନଙ୍କ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ଜେନା ପ୍ରକାଶ କରିଛନ୍ତି। ଅପରପକ୍ଷେ ଚଳିତ ମାସ ୯ ତାରିଖରେ ଝରଣୀପାଲି ସାପ୍ତାହିକ ବଜାର ଆସିଥିବା ଆମ୍ବଝରଣ ଗ୍ରାମର ରାଜା ସାହୁଙ୍କ ବାଇକ (ଓଡି୦୩ କେ ୨୮୦୩) ଚୋରି ହୋଇଥିଲା। ସିସି ଟିଭି କ୍ୟାମେରାରୁ ମିଳିଥିବା ଫୁଟେଜରୁ ସୋମବାର ଗିରଫ ଅଭିଯୁକ୍ତଦ୍ୱୟଙ୍କ ସମ୍ପୃକ୍ତି ଥିବା ଜଣା ପଡୁଥିବା ରାଜା କହିଛନ୍ତି।



ବାଇକ ଚୋରଙ୍କୁ ପୋଲିସ ଗାଡିରେ ଥାନାକୁ ନେଉଛି।

# ଗ୍ରାମ୍ୟ ଉନ୍ନୟନ କମିଟିର ଦାବିପତ୍ର ପ୍ରଦାନ

**ଦେଓଗାଁ, ୨୩।୮ (ଡି.ଏନ.ଏ.)**

**ଦେଓଗାଁ ରୋଡ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବି**

ବଲାଙ୍ଗୀର ଜିଲା ଦେଓଗାଁ ରୋଡ ଷ୍ଟେଶନରେ ଏକ୍ସପ୍ରେସ ଟ୍ରେନ ରହଣି ଦାବିରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ଥାନୀୟ ଗ୍ରାମ୍ୟ ଉନ୍ନୟନ କମିଟି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। କମିଟି ସଭାପତି ଡା. ଶଶୀଭୂଷଣ ସାହୁଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ରବିବାର କେନ୍ଦ୍ରମନ୍ତ୍ରୀଙ୍କୁ ବଲାଙ୍ଗୀର ସର୍କିଟ ହାଉସଠାରେ ସାକ୍ଷାତ କରି ଦାବିପତ୍ର ପ୍ରଦାନ କରିଥିଲେ। ଦେଓଗାଁ, ଗୁଡଭେଲା, ବଲାଙ୍ଗୀର ସଦର ବ୍ଲକ, ତୁଷୁରା ବିଞ୍ଝାପିତ ଅଞ୍ଚଳର ଜନସାଧାରଣ ଏହି ଷ୍ଟେଶନ ଉପରେ ନିର୍ଭର କରନ୍ତି। ବର୍ତ୍ତମାନ ଦେଓଗାଁ ରୋଡ ଏକ ଆଦର୍ଶ ଷ୍ଟେଶନଭାବେ ପରିଗଣିତ ହୋଇଛି। ଆବଶ୍ୟକ ଅନୁସାରେ ଟିକେଟ ମଧ ବିକ୍ରି ହେଉଛି। ଏଠାରେ ଏକ୍ସପେସ ଟ୍ରେନ ଅଟକିଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। କମିଟି ସମ୍ପାଦକ କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଉପସଭାପତି ବିଶ୍ୱଜିତ ପାତ୍ର, କୋଷାଧକ୍ଷ ସଞ୍ଜୟ କୁମାର ହୋତା ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

# ବିଜୟାନନ୍ଦ ସମବାୟ ଚିନିକଳ ପୁନଃ ଚାଲୁ ଦାବି

**ଦେଓଗାଁ, ୨୩।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଗରପାଲିଠାରେ ଥିବା ବିଜୟାନନ୍ଦ ସମବାୟ ଚିନିକଳ ପୁନଃ ଚାଲୁ କରିବା ପାଇଁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହୋଇଆସୁଛି। ଜିଲାର ଏକମାତ୍ର କୃଷିଭିତ୍ତିକ ଶିଳ୍ପର ପୁନଃ ଚାଲୁ ଦିଗରେ ସରକାର ପଦକ୍ଷେପ ଗ୍ରହଣ ଦାବିକୁ ନେଇ ଆସନ୍ତା ୧ ତାରିଖରୁ ଭିଲେଜର୍ସ ଇଣ୍ଡିଆ ପାର୍ଟି ତରଫରୁ ଚିନିକଳ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପାର୍ଟି ଅଧକ୍ଷ ଡ. ବିପିନ କୁଶୁଲିଆ ସୂଚନା ଦେଇଛନ୍ତି। ଏ ନେଇ ସୋମବାର ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ପରେ ଜିଲାପାଳ ଚଞ୍ଚଲ ରାଣାଙ୍କ ଉଦ୍ଦେଶ୍ୟରେ ଚିନିକଳର ଜିଏମ ଶତଦଳ ମିଶ୍ରଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଶିଳ୍ପର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ପ୍ରସ୍ତୁତି ବୈଠକରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ସମ୍ପାଦିକା କୁମାରୀ ଭୋଇ, ଆଦିବାସୀ ଅଧିକାର ମହାସଂଘ ସଭାପତି ଦ୍ୱୀଜ ଦଳପତି, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଦୟାମୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର

**ବାଉଁଶୁଣୀ, ୨୩।୮ (ଡି.ଏନ.ଏ.)**

ବୌଦ୍ଧ ବ୍ଲକ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛେଳିବାହାଲ ଗ୍ରାମରେ ସୋମବାର ଏକ ବିରଳ ପ୍ରଜାତିର ପକ୍ଷୀ ଉଦ୍ଧାର ହୋଇଥିବା ଜଣାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ସକାଳେ ଛେଳିବାହାଲ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘର ବାଡି ପଟରେ ପେଚା ଭଳି ଦିଶୁଥିବା ଏକ ବିରଳ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥିଲା । ଗ୍ରାମର ଯୁବକମାନେ ପକ୍ଷୀକୁ ଧରି ସୁରକ୍ଷିତ ଭାବେ ରଖିଥିଲେ । ପକ୍ଷୀଟି ଉଡି ପାରୁ ନ ଥିଲା । ଗ୍ରାମବାସୀ ପକ୍ଷୀକୁ ବନବିଭାଗ କର୍ମଚାରୀଙ୍କୁ ହସ୍ତାନ୍ତର କରିବା ପରେ ଏହାକୁ ଜଙ୍ଗଲରେ ଛାଡି ଦିଆଯାଇଛି।



ଉଦ୍ଧାର ହୋଇଥିବା ବିରଳ ପ୍ରଜାତିର ପକ୍ଷୀ।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ, ରାସ୍ତାରୋକୋ

- ମଦ ପାଇଁ ହୋଇଥିବା ଅଭିଯୋଗ
- ୪ ଘଣ୍ଟା ପରେ ରାସ୍ତାରୋକୋ ହଟିଲା

**ଖପ୍ରାଖୋଲ, ୨୩।୮ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲରମ୍ଭା ଥାନା ଯୁରିଆ-ବାହାଲଭଟଲି ରାସ୍ତାପାର୍ଶ୍ୱସ୍ଥ ଲିଙ୍ଗରାଜ ରଣାଙ୍କ ଆମ୍ବ ବଗିଚାରେ ଥିବା ବୋରୱେଲର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁରିଆ ଗାଁର ଗୌରଚନ୍ଦ୍ର ସେଠଙ୍କ ପୁଅ ଆଶିଷ(୧୯)ଙ୍କ ମୃତ୍ୟୁ ହୋଇଛି। ବେଆଇନ୍ ମଦ କୋଠିରେ ମଦ ପିଇ ବିଦ୍ୟୁତ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ କରି ଗ୍ରାମବାସୀ ଯୁରିଆଠାରେ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ବେଆଇନ ମଦ କାରବାର ବନ୍ଦ ଓ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସେମାନେ ଦାବି କରିଥିଲେ। ଘଟଣାସ୍ଥଳରେ ପାଟଣାଗଡ ଏସ୍‌ଡିପିଓ ଜ୍ୟୋର୍ତିମୟ ଭୁକ୍ତା, ଲରମ୍ଭା ଥାନା ଅଧିକାରୀ ବାରୁଣୀ ଦାଶ, ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ପାଟଣାଗଡ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ରାମଚନ୍ଦ୍ର ମେହେର, ପାଟଣାଗଡ ଥାନା ଅଧିକାରୀ ଅନନ୍ତ ପଧାନ, ଖପ୍ରାଖୋଲ ଥାନା ଅଧିକାରୀ ରମାକାନ୍ତ ସାହୁ, ଲୁହାସିଂହା ସରପଞ୍ଚ ରଞ୍ଜିତା ସୁନା, ଯୁବନେତା ବିଜୁ ମେହେର, ଲଳିତ ସୁନା, ବାବାଜୀ ମେହେର ପ୍ରମୁଖ ପହଞ୍ଚି ଥିଲେ। ଖବର ପାଇ ପୂର୍ବତନ ବିଧାୟକ କନକ ବର୍ଦ୍ଧନ ସିଂଦେଓ, କଂଗ୍ରେସ ନେତା ରମେଶ ପୁରୋହିତ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ଦାବିକୁ ସମର୍ଥନ କରିଥିଲେ। ଏସ୍‌ଡିପିଓ ଭୁକ୍ତା ଲୁହାସିଂହ ଅଞ୍ଚଳରେ ବେଆଇନ ମଦ କାରବାର ବନ୍ଦ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏଥିସହ ରେଡକ୍ରସ ପାଣ୍ଠିରୁ ମୃତକ ପରିବାରକୁ ୧୦ ହଜାର ଟଙ୍କାର ସହାୟତା ଦେବାକୁ କହିଲା ପରେ ଦୀର୍ଘ ୪ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୋଲିସ୍ ମୃତଦେହ ବ୍ୟବଚ୍ଛେଦ ପାଇଁ ପାଟଣାଗଡ ପଠାଇଥିଲା। ଏ ନେଇ ଲରମ୍ଭା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।



ଉତ୍ତ୍ୟକ୍ତ ଲୋକେ ମୃତଦେହ ରାସ୍ତାରେ ରଖି ଅବରୋଧ କରିଛନ୍ତି।

## ସଂକ୍ଷେପରେ

### ୫୫ ଲକ୍ଷ ଗ୍ରାହକ ଯୋଡ଼ିଲା ଜିଓ

**ନୂଆଦିଲ୍ଲୀ,୨୩।୮:** ଜୁନ୍ ମାସରେ ରିଲାଏନ୍ସ ଜିଓ ଏହାର ନେଟ୍‌ୱର୍କରେ ୫୫ ଲକ୍ଷ ଗ୍ରାହକ ଯୋଡିଛି। ଏହି ସମୟରେ ଏୟାରଟେଲ୍ ୩.୫ ନିୟୁତ ଗ୍ରାହକ ଯୋଡିଥିବା ବେଳେ ଭୋଡାଫୋନ ଆଇଡିଆ ନେଟ୍‌ୱର୍କକୁ ୩.୮ ନିୟୁତ ଗ୍ରାହକ ଛାଡିଥିବା ଭାରତୀୟ ଟେଲିକମ ନିୟମକ କର୍ତ୍ତୃପକ୍ଷ(ଟ୍ରାଇ) ପକ୍ଷରୁ ସୋମବାର ସୂଚନା ମିଳିଛି। ଭାରତରେ ବର୍ତ୍ତମାନ ମୋଟ ଟେଲିକମ ଉପଭୋକ୍ତାଙ୍କ ସଂଖ୍ୟା ୧୨୦.୨ କୋଟି ଛୁଇଁଛି। ମାସିକ ଏଥିରେ ୦.୩୪% ବୃଦ୍ଧି ଘଟିଛି। ସହରାଞ୍ଚଳରେ ୬୬.୬ କୋଟି ଗ୍ରାହକ ରହିଥିବା ବେଳେ ଗ୍ରାମାଞ୍ଚଳରେ ୫୩ କୋଟିରୁ ଉର୍ଦ୍ଧ୍ୱ ଗ୍ରାହକ ରହିଛନ୍ତି।

### ଉପସ୍ଥିତି ବଢ଼ାଉଛି ୟୁଏସ୍‌ଏଫ୍‌ବି

**ଭୁବନେଶ୍ୱର,୨୩।୮:** ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ (ୟୁଏସ୍‌ଏଫ୍‌ବି) ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱର ଜୋନ୍‌ରେ ୩ଟି ଶାଖାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଗୋଟିଏ ଦିନରେ ବ୍ୟାଙ୍କ ମୋଟ ୧୫ଟି ଶାଖାର ଆରମ୍ଭ କରିଛି।
ଭୁବନେଶ୍ୱର ଜୋନ୍‌ରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୋଟ ମାଇକ୍ରୋ ବ୍ୟାଙ୍କିଙ୍ଗ୍ ଶାଖା ସଂଖ୍ୟା ୫୬ରେ ପହଞ୍ଚିଛି। ଗୋରଖପୁର, ମୁଜାଫରପୁର, ଭୁବନେଶ୍ୱର ଓ ରାଞ୍ଚି ଅଞ୍ଚଳରେ ଏହି ୧୫ଟି ମାଇକ୍ରୋ ବ୍ୟାଙ୍କିଙ୍ଗ୍ ଶାଖା ଖୋଲାଯାଇଛି। ଏଥିରେ ଭୁବନେଶ୍ୱରରେ ଉଦ୍‌ଘାଟିତ ୩ ମାଇକ୍ରୋ ବ୍ୟାଙ୍କିଙ୍ଗ ଶାଖା ମଧ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସୁଦ୍ଧା ଦେଶରେ ଉତ୍କର୍ଷ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଶାଖା ସଂଖ୍ୟା ୫୮୬ରେ ପହଞ୍ଚିଛି। ଏହି ଅବସରରେ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ଗୋବିନ୍ଦ ସିଂହ କହିଛନ୍ତି, ସ୍ଥାନୀୟ ସମ୍ପ୍ରଦାୟରେ ଉଦ୍ୟମିତା ଭାବ ଗଠନ କରିବା ଲାଗି ଆମର ରହିଥିବା ପ୍ରତିବଦ୍ଧତା ଦୃଷ୍ଟିରୁ ଏହି ଶାଖାଗୁଡ଼ିକର ବହୁତ ଗୁରୁତ୍ୱ ରହିଛି। ଏହା ସ୍ଥାନୀୟ ଲୋକଙ୍କୁ ଏକ ବିକଳ୍ପର ବିଚାର କରିବାର ସୁଯୋଗ ପ୍ରଦାନ କରିବ ଯାହା କେବଳ ସେମାନଙ୍କ ଆର୍ଥିକ ବିଶ୍ୱାସ ଗଠନ କରିବାରେ ସହାୟକ ହେବ ନାହିଁ, ବରଂ ନିଯୁକ୍ତି ଓ ସଫଳତାର ଏକ ପରିବେଶ ଗଠନ କରିବାରେ ସହାୟକ ହେବ।

# ଇନ୍‌ଫୋସିସ୍‌କୁ ସେପ୍ଟେମ୍ବର ୧୫ ଯାଏ ମହଲତ

**ନୂଆଦିଲ୍ଲୀ,୨୩।୮**

ନୂଆ ଆୟକର ଇ-ଫାଇଲିଂ ପୋର୍ଟାଲରେ ବିଭିନ୍ନ ସମସ୍ୟା ବର୍ତ୍ତମାନ ସୁଦ୍ଧା ଜାରି ରହିଛି। ଟିକସଦାତା ଏ ନେଇ ବାରମ୍ବାର ସରକାରଙ୍କ ନିବେଦନ କରିବା ପରେ ସରକାର ଏ ଦିଗରେ ଯତ୍ନବାନ ହୋଇଛନ୍ତି। ରବିବାର ଇନ୍‌ଫୋସିସ ସିଇଓ ସଲିଲ ପାରେଖଙ୍କୁ ସରକାର ସମନ ଜାରି କରିଥିଲେ। ତେବେ ଆସନ୍ତା ମାସ ୧୫ ସୁଦ୍ଧା ଏ ସଂକ୍ରାନ୍ତ ସବୁ କାମ ଶେଷକରି ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଇନ୍‌ଫୋସିସ୍ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଆୟକର ରିଟର୍ନ ଫାଇଲିଂ ନେଇ ଧାର୍ଯ୍ୟ ସମୟ ସୀମା


ନିର୍ମଳା ସୀତାରାମନ

ପୂର୍ବରୁ ଏହି କାର୍ଯ୍ୟ କରିବାକୁ କୁହାଯାଇଛି। ଟିକସଦାତା ବିଭିନ୍ନ ସମୟରେ ହଇରାଣ

**ଆଇଟି ପୋର୍ଟାଲ ସମସ୍ୟା ସମାଧାନ ପାଇଁ ସୀତାରାମନଙ୍କ ନିର୍ଦ୍ଦେଶ**

ହେଉଥିବାରୁ ଏ ନେଇ ସୀତାରାମନ କମ୍ପାନୀକୁ କୈଫିୟତ ମାଗିଛନ୍ତି। ନୂଆ ଆଇଟି ରିଟର୍ନ ପୋର୍ଟାଲରେ ସମସ୍ୟା ଲାଗି ରହିବାକୁ ଆୟକର ରିଟର୍ନ ଫାଇଲ କରୁଥିବା ଲୋକମାନେ ପ୍ରଥମେ ସୋସିଆଲ ମିଡିଆରେ ନିଜର ଅସନ୍ତୋଷ ଜାହିର କରିଥିଲେ। ଏହା ପରେ ସରକାର ରିଟର୍ନ ଫାଇଲର ଧାର୍ଯ୍ୟ ଅବଧିକୁ ସେପ୍ଟେମ୍ବର ୩୦ ଯାଏ ବଢ଼ାଇଛନ୍ତି। ଏହି ସମସ୍ୟାକୁ ନେଇ ସୀତାରାମନ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରାୟ ଅଢେଇ ମାସ ହେବ ଏହି ସମସ୍ୟା ଲାଗି ରହିଥିବା ଏହାର ସ୍ଥାୟୀ ସମାଧାନ ହୋଇପାରିନାହିଁ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ସୂଚନା ରହିଛି।
ଆବଶ୍ୟକତା ମୁତାବକ, ସନ୍ତୋଷଜନକ ସେବା ଯୋଗାଣ କରିବାରେ ଇନ୍‌ଫୋସିସ ସକ୍ଷମ ହୋଇନାହିଁ। ଏଥିଲାଗି ଅଧିକ ସମ୍ବଳ ଏବଂ ଚେଷ୍ଟାର ଆବଶ୍ୟକତା ରହିଛି ବୋଲି ସରକାର ଉପଲବ୍ଧି କରିଛନ୍ତି। ବିଭିନ୍ନ ସମସ୍ୟା ନେଇ ଇନ୍‌ଫୋସିସ୍ ସିଇଓଙ୍କୁ ଅବଗତ କରାଯାଇଛି। ପୋର୍ଟାଲ ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ବେଳେ ରିଟର୍ନ ଫାଇଲିଂରେ ବିଳମ୍ବ ହେଉଥିବା ଜଣାପଡିଛି।

# ଚାଲୁ ହେବ ବନ୍ଦ ଏଲ୍‌ଆଇସି ପଲିସି

**ନୂଆଦିଲ୍ଲୀ,୨୩।୮**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି) ପଲିସି ବନ୍ଦ ହୋଇଯାଇଥିଲେ ଉପଭୋକ୍ତା ଏହାକୁ ପୁଣି ଥରେ ଚାଲୁ କରିପାରିବେ। ଅକ୍ଟୋବର ୨୨ ଯାଏ ଏଥିଲାଗି ସମୟ ସୀମା ଧାର୍ଯ୍ୟ କରାଯାଇଛି। ଏଥିଲାଗି ଲେଟ୍ ଫିସରେ ମଧ ଗ୍ରାହକଙ୍କୁ ଆଶ୍ୱସ୍ତି ମିଳିବ। ଗ୍ରାହକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ପୂର୍ବରୁ ମଧ ଏଭଳି ଅଭିଯାନ ଗ୍ରହଣ କରାଯାଇଥିବା ଏଲ୍‌ଆଇସି ପକ୍ଷରୁ ସୂଚନା ମିଳିଛି। କରୋନା ସମୟରେ ରିସ୍କ କଭର ଲୋକଙ୍କ ଲାଗି ଜରୁରୀ ହୋଇଥିବା ବେଳେ କୌଣସି କାରଣ ଲାଗି ଯଦି ଗ୍ରାହକଙ୍କ ପଲିସି ବନ୍ଦ ହୋଇଯାଇଥାଏ ଏହାକୁ ପୁଣି ଥରେ ଚାଲୁ କରିବା ଲାଗି ସୁଯୋଗ ଦିଆଯାଉଛି। ଏଥିଲାଗି ମୋଟ ପ୍ରିମିୟମ କ୍ଷେତ୍ରରେ ମଧ ରିହାତି ପ୍ରଦାନ କରାଯିବ। କମ୍ପାନୀ ଏହାର ସ୍ୱତନ୍ତ୍ର ପଲିସି ରିଭାଇଭାଲରେ ୫ ବର୍ଷରୁ କମ୍ ସମୟ ଅବଧିର ପଲିସିଗୁଡିକୁ ଚାଲୁ କରିବା ଲାଗି ମଧ ସୁଯୋଗ ଦେବ। ପଲିସି ପ୍ରିମିୟମ କ୍ଷେତ୍ରରେ ୨୦ରୁ ୩୦% ଯାଏ ରିହାତି ମିଳିପାରେ। ଅଧିକ ବିବରଣୀ ଲାଗି ଗ୍ରାହକ କମ୍ପାନୀର କାର୍ଯ୍ୟାଳୟ ସହ ଯୋଗାଯୋଗ କରିପାରିବେ।

# ସେଣ୍ଟ୍ରାଲ ବ୍ୟାଙ୍କ ପକ୍ଷରୁ 'ସବୁଜ ଅଭିଯାନ'

**ଭୁବନେଶ୍ୱର,୨୩।୮**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ସମ୍ବଲପୁର ଶାଖା ପକ୍ଷରୁ 'ସବୁଜ ଅଭିଯାନ କାର୍ଯ୍ୟକ୍ରମ' ଆୟୋଜିତ ହୋଇଯାଇଛି। କରୋନାରେ ଅନେକ ବ୍ୟାଙ୍କର୍ସ ଜୀବନ ହରାଇଛନ୍ତି। ସେମାନଙ୍କ ସ୍ମୃତିଚାରଣ ଉପଲକ୍ଷେ ବ୍ୟାଙ୍କର କୋଲକାତା ଜୋନ୍‌ର କ୍ଷେତ୍ର ମହାପ୍ରବନ୍ଧକ ଡି.ଏନ୍. ରାଜେନ୍ଦ୍ର କୁମାରଙ୍କ ନେତୃତ୍ୱରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ 'ସବୁଜ ଅଭିଯାନ' କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବ୍ୟାଙ୍କର ଏହି ମେଗା କାର୍ଯ୍ୟକ୍ରମ ସମ୍ବଲପୁର ବୁର୍ଲା ସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୨ ପରିସରରେ ସ୍କୁଲର ପ୍ରିନ୍ସିପାଲ ଗଣେଶ ପ୍ରଧାନଙ୍କ ଉପସ୍ଥିତିରେ କରାଯାଇଥିଲା। ଏହି ଅବସରରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ତଥା ସ୍କୁଲର ଶହ ଶହ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ସମ୍ବଲପୁର କ୍ଷେତ୍ରର କ୍ଷେତ୍ରୀୟ ପ୍ରବନ୍ଧକ ସୁକେଶ କୁମାର ଝା ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର କ୍ଷେତ୍ର ମହାପ୍ରବନ୍ଧକ ଡି.ଏନ୍. ରାଜେନ୍ଦ୍ର କୁମାର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

# ପେଟିଏମ୍ ଆଇପିଓ ଉପରେ ସଙ୍କଟ

**ନୂଆଦିଲ୍ଲୀ,୨୩।୮**

ପେଟିଏମ୍ ଇନିସିଆଲ ପବ୍ଲିକ ଅଫରିଂ(ଆଇପିଓ) ଉପରେ ରୋକ ଲଗାଇବା ନେଇ ହୋଇଥିବା ଆବେଦନ ଉପରେ ଦିଲ୍ଲୀର ଏକ କୋର୍ଟ ଶୁଣାଣି କରିଛନ୍ତି। ଆଇପିଓ ସମ୍ପର୍କିତ ମାମଲାର ଯାଞ୍ଚ ପ୍ରକ୍ରିୟାକୁ ୩ ସପ୍ତାହ ମଧ୍ୟରେ ଶେଷ କରିବାକୁ କୋର୍ଟ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ୧୩ ସେପ୍ଟେମ୍ବରରେ ଏହି ମାମଲା ଉପରେ ପରବର୍ତ୍ତୀ ଶୁଣାଣି ହେବ। କମ୍ପାନୀର ପୂର୍ବତନ ନିର୍ଦ୍ଦେଶକ ଏହି ଆଇପିଓ ରୋକିବାକୁ ଆବେଦନ କରିଥିଲେ। ପୂର୍ବତନ ନିର୍ଦ୍ଦେଶକ ଅଶୋକ କୁମାର ସକ୍ସେନା କହିଛନ୍ତି, ୨୦ ବର୍ଷ ପୂର୍ବେ ପେଟିଏମ୍‌ରେ ସେ ୨୭,୫୦୦ ଡଲାର ନିବେଶ କରିଥିଲେ। କମ୍ପାନୀର ସହ ପ୍ରତିଷ୍ଠାତା ବୋଲି ନିଜକୁ ଦାବି କରିବା ସହ କମ୍ପାନୀ ଏବେ ଯାଏ ତାଙ୍କୁ ଶେୟାର ଦେଇନାହିଁ ବୋଲି କହିଛନ୍ତି। ଜୁଲାଇରେ ଏହି ମାମଲା ଦିଲ୍ଲୀ କୋର୍ଟରେ ପହଞ୍ଚିଯାଇଥିଲା।

# ଜୁଏଲର୍ସଙ୍କ ଦେଶବ୍ୟାପୀ ଧର୍ମଘଟ

**ନୂଆଦିଲ୍ଲୀ,୨୩।୮**




**ବ୍ରାଣ୍ଡ୍ ଷ୍ଟୋର କାରବାର ସ୍ୱାଭାବିକ**

**ହଲ୍ ମାର୍କିଂ ନିୟମ ଉପରେ ପ୍ରଭାବ ରହିବନି: ସରକାର**

ସୁନା ହଲ୍‌ମାର୍କିଂ ନିୟମ ବିରୋଧରେ ଦେଶବ୍ୟାପୀ ଜୁଏଲର୍ସମାନେ ସୋମବାର ଧର୍ମଘଟ କରିଛନ୍ତି। ଏଥିରେ ୩୫୦ ଆସୋସିଏଶନ ସାମିଲ ହୋଇଥିଲେ। ଅଲ ଇଣ୍ଡିଆ ଜେମ୍ସ ଆଣ୍ଡ ଜୁଏଲେରି ଡୋମେଷ୍ଟିକ କାଉନସିଲ ଏହି ଧର୍ମଘଟକୁ ସମର୍ଥନ ଜଣାଇଥିଲା। ଏହାକୁ ଦୃଢ ସମର୍ଥନ ମିଳିଥିବା ସଂଘଗୁଡିକୁ ପକ୍ଷରୁ କୁହାଯାଇଛି। ବଡ ବଡ ବ୍ରାଣ୍ଡ ଶପ୍‌ଗୁଡିକୁ ଛାଡିଦେଲେ ଅନ୍ୟ ସମସ୍ତ ଷ୍ଟୋର ବନ୍ଦ ରହିଥିଲା ବୋଲି ସଂଘଗୁଡିକ କହିଛନ୍ତି। ତେବେ ଧର୍ମଘଟ କିଛି ସଂଖ୍ୟକ ଜୁଏଲର୍ସଙ୍କ ଦ୍ୱାରା ଡାକରା ଦିଆଯାଇଥିବାରୁ ଏହାର ବିଶେଷ ପ୍ରଭାବ ରହି ନ ଥିବା ଖାଉଟି ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି।
ହଲ୍‌ମାର୍କିଂ ସ୍କିମ୍‌କୁ ନେଇ ବିଭିନ୍ନ ଭୁଲ୍ ସୂଚନା ଜୁଏଲର୍ସଙ୍କ ମଧ୍ୟରେ ପ୍ରସାରଣ କରାଯାଉଛି ବୋଲି ମନ୍ତ୍ରଣାଳୟ କହିଛି। ଅଲ ଇଣ୍ଡିଆ ଜୁଏଲର୍ସ ଆଣ୍ଡ ଗୋଲ୍ଡସ୍ମିଥ ଫେଡେରେଶନ(ଏଜେଜିଏଫ୍), ସ୍ୱର୍ଣ୍ଣକାର ସଭା, ଜେମ୍ସ ଆଣ୍ଡ ଜୁଏଲେରି ମାନୁଫାକଚର ଆସୋସିଏଶନ, ସର୍ବସ୍ୱର୍ଣ୍ଣକାର ସମାଜ ନେତୃତ୍ୱ ବିକାଶ ସଂସ୍ଥା ଏହି ଧର୍ମଘଟକୁ ବିରୋଧ କରୁଥିଲେ। ହଲ୍‌ମାର୍କିଂ ୟୁନିକ ଆଇଡିକୁ ଏମାନେ ସମର୍ଥନ କରୁଥିବା ଜଣାପଡିଛି। ଏହି ସଂଘଗୁଡିକୁ ସରକାର ଚିଠି ଲେଖିଛନ୍ତି। ଧର୍ମଘଟର ପ୍ରଭାବ ଆଂଶିକ ରହିଥିବା ଏଜେଜିଏଫ୍‌ର ଜାତୀୟ ସଭାପତି ପଙ୍କଜ ଆରୋରା କହିଛନ୍ତି। ସରକାର ସେମାନଙ୍କ କାରବାର ସମ୍ପର୍କରେ କିଛି ନ ଜାଣନ୍ତୁ ବୋଲି କେତେକ ବଡ ଏବଂ କର୍ପୋରେଟ ଜୁଏଲର୍ସ ଚାହୁଁଥିବା ଆରୋରା ମତ ପ୍ରକାଶ କରିଛନ୍ତି।
ସୋମବାର ତନିସ୍କ, କଲ୍ୟାଣ ଜୁଏଲର୍ସ, ମାଲାବାର ଗୋଲ୍ଡ ଆଣ୍ଡ ଡାଏମଣ୍ଡସ, ପିସି ଜୁଏଲର୍ସ କମ୍ପାନୀଗୁଡିକର ଶୋ'ରୁମ୍‌ର କାରବାର ସ୍ୱାଭାବିକ ରହିଛି। ସେହିଭଳି ପିପି ଜୁଏଲର୍ସ, ହୀରାପନ୍ନା ଜୁଏଲର୍ସ, ତଲୱାର ସନ୍ସ ଜୁଏଲର୍ସ, ଲାଲଚନ୍ଦ, ଇପାରି ସଦାସିବ ଜୁଏଲର୍ସ ଏବଂ କ୍ୟାରେଟଲେନର ଷ୍ଟୋର ମଧ ଖୋଲା ରହିଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ରହିଛି। ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଦୈନିକ ରେକର୍ଡ ସଂଖ୍ୟକ ଗ୍ରାହକ ସୁନା ହଲ୍‌ମାର୍କିଂ ବ୍ୟବସ୍ଥାକୁ ଗ୍ରହଣ କରୁଛନ୍ତି। ଗତ କିଛି ସପ୍ତାହରେ ୧ କୋଟିରୁ ଉର୍ଦ୍ଧ୍ୱ ଗହଣା ହଲ୍‌ମାର୍କିଂ ହୋଇଛି। ହରତାଳକୁ ସୁନା ଶିଳ୍ପ ପକ୍ଷରୁ ନାପସନ୍ଦ କରାଯାଉଥିବା ସରକାର ସ୍ପଷ୍ଟୀକରଣ ଦେଇଛନ୍ତି। ଉଭୟ ସରକାର ଏବଂ ଗ୍ରାହକଙ୍କ ସ୍ୱାର୍ଥକୁ ଧ୍ୟାନରେ ରଖି ଏହି ନିୟମ ସରକାର ଆଣିଛନ୍ତି। ଜୁନ ୧୬ରୁ ପର୍ଯ୍ୟାୟ ଭିତ୍ତିରେ ସୁନା ଗହଣା ଉପରେ ବାଧ୍ୟତାମୂଳକ ହଲ୍‌ମାର୍କିଂ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ନିୟମକୁ ଠିକ୍ ଭାବେ କାର୍ଯ୍ୟକାରୀ କରାଇବା ଲାଗି ସରକାର ଅଂଶୀଦାରଙ୍କ ମତାମତ ଲୋଡିଛନ୍ତି। ଅସାଧୁ ଉପାୟ ଛାଡି ନିୟମ ଆପଣାନ୍ତୁ ବୋଲି ସରକାର କହିଛନ୍ତି।

## ଫୁରସତ

# ବେଲୁନ୍ ଆର୍ଟ

**ନୂଆଦିଲ୍ଲୀ:** ବିଭିନ୍ନ ଉତ୍ସବ ସମୟରେ ବେଲୁନରେ ସାଜସଜ୍ଜା କାମ କରାଯାଇଥାଏ। ଜନ୍ମଦିନ ଅବା ବିବାହ ଉତ୍ସବ ସବୁ ସମୟରେ ବିଭିନ୍ନ ରଙ୍ଗର ବେଲୁନରେ ସଜ୍ଜା ହୋଇଥାଏ। କିନ୍ତୁ ଏହି ବେଲୁନକୁ ବ୍ୟବହାର କରି କଳାର ବି ରୂପ ଦେଇହେବ ଏକଥା ଖୁବ୍ କମ୍ ଲୋକେ ଜାଣିଥିବେ। ଏଭଳି ଏକ କାମ କରି ଦେଖାଇଛନ୍ତି ଡୋବି ଷ୍ଟ୍ରେଙ୍ଗେଲ୍ ନାମକ ଜଣେ କଳାକାର। ବିଭିନ୍ନ ପ୍ରକାରର ବେଲୁନ ବ୍ୟବହାର କରି ସେଥିରେ ସେ ହାର୍ଲି କୁଇନ୍‌ଙ୍କୁ ରୂପ ଦେଇଛନ୍ତି। ବେଲୁନରେ ସେ ହାର୍ଲି କୁଇନ ଚରିତ୍ରକୁ ରୂପ ଦେଇପାରିଛନ୍ତି। ହାର୍ଲି କୁଇନ ହେଉଛି ଆମେରିକାର ବହୁ ଲୋକପ୍ରିୟ କମିକ୍ ସିରିଜ୍‌ର ଏକ



ପ୍ରମୁଖ ଚରିତ୍ର ଯାହାକୁ ସୁଇସାଇଡ୍ ସ୍କ୍ୱାଡ୍ ଫିଲ୍ମରେ ଲୋକେ ଦେଖିବାକୁ ପାଇଥିଲେ। ଏହି ଚରିତ୍ର ଫିଲ୍ମ ଏବଂ ବିଭିନ୍ନ ଏପିସୋଡ୍ ମାଧ୍ୟମରେ ସେ ସମୟରେ ବେଶ୍ ଲୋକପ୍ରିୟ ବି ହୋଇ ପାରିଥିଲା। ଏବେ ବେଲୁନ ମାଧ୍ୟମରେ ହାର୍ଲି କୁଇନକୁ କରିଛନ୍ତି ଡୋବି, ଯାହା ଏତେ ଆକର୍ଷଣୀୟ ହୋଇଛି ଯେ ସୋସିଆଲ ମିଡିଆରେ ଲୋକେ ଅତ୍ୟନ୍ତ ପ୍ରଭାବିତ ହୋଇଛନ୍ତି। ହାର୍ଲି କୁଇନକୁ ସେ ଏଭଳିଭାବେ ରୂପ ଦେଇଛନ୍ତି ଯେ ଦେଖିବା ମାତ୍ରେ ସହଜରେ ଜାଣି ହୋଇଯିବ। ଡୋବି ପ୍ରଥମେ ଏହି କଳାକୁ ତାଙ୍କ ଇନଷ୍ଟାଗ୍ରାମରେ ଶେୟାର କରିଥିଲେ। ବିଭିନ୍ନ ଡିଜାଇନର ବେଲୁନକୁ ଆଣି ସ୍ୱତନ୍ତ୍ରଭାବେ ଖଞ୍ଜି ସେ କିଭଳି ଏହି ଚରିତ୍ର ତିଆରି କରିଛନ୍ତି ତାହା ଏକ ଭିଡିଓ ମାଧ୍ୟମରେ ଦେଖାଇଛନ୍ତି। ଏବେ ସୁଦ୍ଧା ଏହି ଭିଜୁଆଲକୁ ୫୭,୮୦୦ରୁ ଅଧିକ ଲୋକ ଦେଖି ସାରିଲେଣି। ଇନଷ୍ଟାଗ୍ରାମରେ ଏଭଳି ଏକ ବେଲୁନ ଆର୍ଟ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। ଅନେକ ନିଜ ନିଜର ପ୍ରିୟ ଚରିତ୍ରକୁ ମଧ ଏଭଳି କଳା ମାଧ୍ୟମରେ ରୂପ ଦେବାପାଇଁ ଅନୁରୋଧ କରିଛନ୍ତି। ଏମିତିକି କିଛି ଲୋକ ବେଲୁନରେ ହ୍ୟାରି ପୋଟର କରିବା ପାଇଁ ବି ପରାମର୍ଶ ଦେଇଛନ୍ତି।

# ହିନାଙ୍କ ଗ୍ୟାଙ୍ଗଷ୍ଟର ଲୁକ୍



**ମୁମ୍ବାଇ:** ଧାରାବାହିକ 'ୟେ ରିସ୍ତା କ୍ୟା କେହେଲାତା'ରୁ ପରିଚୟ ସୃଷ୍ଟି କରିଥିବା ଅଭିନେତ୍ରୀ ହିନା ଖାଁ ଏବେ ଖୁବ ଚର୍ଚ୍ଚାରେ। ବଡ ପରଦାରେ ଦର୍ଶକଙ୍କ ନିକଟତର ହେବାକୁ ଯାଉଥିବା ହିନା ଆସିଛନ୍ତି ଚର୍ଚ୍ଚାକୁ। ଇନଷ୍ଟାଗ୍ରାମରେ ସେ ଏକ ଫଟୋ ଅପଲୋଡ କରିଛନ୍ତି। ସମ୍ପୂର୍ଣ୍ଣ ବ୍ଲାକ କଲରର ଡ୍ରେସରେ ତାଙ୍କର ଗ୍ୟାଙ୍ଗଷ୍ଟର ଲୁକ୍ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସିଲଭର କଲର ନେକଲେସ, ଘଡି, ମ୍ୟାଚିଙ୍ଗ ନୋଜ ପିନ୍ ମଧ ପିନ୍ଧିଛନ୍ତି। ଏସବୁ ସହ ନ୍ୟୁଡ୍ ମେକଅପରେ ଅଛନ୍ତି ହିନା। ଏହି ଫଟୋକୁ କିଛି ଘଣ୍ଟା ମଧ୍ୟରେ ୫ ଲକ୍ଷରୁ ଅଧିକ ଲାଇକ୍ସ ମିଳିସାରିଛି।

# ସମୁଦ୍ର କୂଳରେ ଶତାଧିକ 'ସାଣ୍ଡ୍ ଡଲାର୍ସ'

**ୱାଶିଂଟନ:** ଆମେରିକାର ସମୁଦ୍ର କୂଳରେ ଶହ ଶହ ସଂଖ୍ୟାରେ ସାମୁଦ୍ରିକ ଜୀବ 'ସାଣ୍ଡ ଡଲାର୍ସ' ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏହା ପରିବେଶବିତ୍ ଓ ବିଶେଷଜ୍ଞମାନଙ୍କୁ ଚିନ୍ତାରେ ପକାଇଛି। ୧୫ ଅଗଷ୍ଟଠାରୁ ଏହି ସାମୁଦ୍ରିକ ଜୀବକୁ ଦେଖିବାକୁ ମିଳୁଛି। ଏହାର ପ୍ରକୃତ ନାମ ହେଉଛି ସି ଉର୍ଚ୍ଚିନ୍। ଏହାକୁ 'ସି କୁକିଜ' ଏବଂ 'ସ୍କାପର୍ ବିସ୍କୁଟ' ମଧ କୁହାଯାଏ। ଏହାର ଆକର୍ଷଣୀୟ ଡିଜାଇନ ଯୋଗୁ ଲୋକେ 'ସାଣ୍ଡ ଡଲାର୍ସ' କହିଥାନ୍ତି। ଏହାର ଆକାର ପ୍ରାୟ ତିନିରୁ ଚାରି ଇଞ୍ଚ। ଏହି ସାମୁଦ୍ରିକ ଜୀବଟି ଦକ୍ଷିଣ ଆମେରିକାର ଉଷ୍ମ ଜଳରେ ବାସ କରେ। ଏହା ଆମେରିକାର ପୂର୍ବ ଉପକୂଳରେ ମଧ ଦୃଷ୍ଟି ଗୋଚର ହୋଇଥାଏ।
ଦକ୍ଷିଣ ପୂର୍ବ ଏବଂ ଓରେଗନର ସମୁଦ୍ର କୂଳରେ ବାଲିରେ ଏହି ଜୀବଗୁଡ଼ିକ ପଡ଼ିଥିବାର ଦେଖାଯାଇଛି। କେଉଁ କାରଣରୁ ସେମାନେ ସମୁଦ୍ର ଜଳରୁ ବାହାରି ଆସିଛନ୍ତି ତାହା ସମୁଦ୍ର ବିଜ୍ଞାନୀଙ୍କୁ ଚିନ୍ତାରେ ପକାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଜୁଆର ଯୋଗୁ



ଏହି ଜୀବମାନେ ସମୁଦ୍ର ଉପକୂଳକୁ ଚାଲିଆସିଥିଲେ। ବାଲିରେ ଫସିଯିବା ପରେ ମଧ ସେମାନେ ଜୀବିତ ଥିଲେ। ଜୁଆର ନ ଥିବାରୁ ସେମାନେ ସମୁଦ୍ରକୁ ଯାଇପାରି ନ ଥିଲେ ବୋଲି ସ୍ଥାନୀୟ ସି ସାଇଡ ଆକ୍ୱାରିୟମ ପକ୍ଷରୁ କୁହାଯାଇଛି।

# ଐଶ୍ୱର୍ଯ୍ୟାଙ୍କ ଘଣ୍ଟା ସଉକ




**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଆଜିକାଲି ଫିଲ୍ମଠାରୁ ଦୂରରେ ଅଛନ୍ତି। କିନ୍ତୁ ସୋସିଆଲ ମିଡିଆରେ ସେ ତାଙ୍କ ପ୍ରଶଂସକଙ୍କ ପାଇଁ ସମୟ ସମୟରେ ଫଟୋ ଶେୟାର କରିବାକୁ ଆଦୌ ଭୁଲନ୍ତି ନାହିଁ। ତାଙ୍କର ପ୍ରତ୍ୟେକ ପୋଷ୍ଟ ଭାଇରାଲ ହୁଏ। ନିକଟରେ ସେ ରକ୍ଷାବନ୍ଧନ ଅବସରରେ ସେ ଏକ ଫଟୋ ଶେୟାର କରି ପ୍ରଶଂସକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଫଟୋରେ ଐଶ୍ୱର୍ଯ୍ୟା ଏକ ସୁନ୍ଦର ଘଣ୍ଟା ପିନ୍ଧିଥିବାର ନଜର ଆସିଛନ୍ତି। ଯାହାର ମୂଲ୍ୟ ଏକ ଲକ୍ଷରୁ ଅଧିକ ରହିଛି। ଐଶ୍ୱର୍ଯ୍ୟା ଏହି ଫଟୋକୁ ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ଫଟୋରେ ସେ କଳା ବ୍ଲେଜର ପିନ୍ଧିଥିବାର ନଜର ଆସିଛନ୍ତି। କିନ୍ତୁ ଏହି ଫଟୋରେ ଯାହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରୁଛି ତାହା ହେଉଛି ଐଶ୍ୱର୍ଯ୍ୟାଙ୍କ ଘଣ୍ଟା। ପ୍ରଶଂସକମାନେ ତାଙ୍କ ଘଣ୍ଟାକୁ ବହୁତ ପ୍ରଶଂସା କରିଛନ୍ତି। ଫଟୋରେ ଐଶ୍ୱର୍ଯ୍ୟା ଲଙ୍ଗିନେସ ବ୍ରାଣ୍ଡ୍‌ର ଘଣ୍ଟା ପିନ୍ଧିଛନ୍ତି। ସେ ଗତ କିଛି ବର୍ଷ ଧରି ଏହି ବ୍ରାଣ୍ଡ୍‌କୁ ପ୍ରମୋଟ କରୁଛନ୍ତି। ଐଶ୍ୱର୍ଯ୍ୟାଙ୍କ ଏହି ଘଣ୍ଟା ହେଉଛି ମେଟାଲିକ ଗ୍ରେ ଲଙ୍ଗିନେସ ହାଇଡ୍ରୋକନ୍‌କ୍ୱେଷ୍ଟ ଏଡିସନ୍। ଏହାର ମୂଲ୍ୟ ପ୍ରାୟ ୧,୩୪,୫୦୦ ଟଙ୍କା। ଐଶ୍ୱର୍ଯ୍ୟାଙ୍କୁ ଶେଷ ଥର ପାଇଁ 'ଫନେ ଖାନ' ଫିଲ୍ମରେ ଦେଖିବାକୁ ମିଳିଥିଲା। ସେ ଖୁବ ଶୀଘ୍ର ତାମିଲ ଚଳଚ୍ଚିତ୍ର 'ପୋନିୟିନ ସେଲଭାନ'ରେ ନଜର ଆସିବେ।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ରସାମଣୀ ମହାରଣା**
ବଡ଼ଇଚ୍ଛାପୁର, ବାଛରା, ଜଟଣୀ, ଖୋରଧା
ଆବିର୍ଭାବ: ୨୧।୦୫।୧୯୩୬
ତିରୋଧାନ: ୦୫।୦୮।୨୦୨୦
ତୁମ ଅବର୍ତ୍ତମାନରେ ତୁମ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମେ ଜୀବନର ପ୍ରତି ମୁହୂର୍ତ୍ତରେ ଅନୁଭବ କରିପାରୁଛୁ। ଆଖିପତା ବୁଜିଲେ ଭାସି ଆସୁଛି ପ୍ରତିଟି ମୁହୂର୍ତ୍ତର ସ୍ମୃତି। ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ ତୁମ ଅମର ଆତ୍ମା ଯେଉଁଠି ଥାଉ ଶାନ୍ତିରେ ରହୁ ଏବଂ ତୁମ ଆଶୀର୍ବାଦ ସର୍ବଦା ଆମକୁ ପ୍ରଦାନ କରୁଥାଅ।
ଶୋକସନ୍ତପ୍ତ:- ପୁଅ: ଡମ୍ବରୁଧର ମହାରଣା, ବୋହୂ: ପ୍ରେମଲତା ମହାରଣା, ନାତି: ରାଜ ମହାରଣା, ଆଶିଷ ମହାରଣା, ନାତୁଣୀ: ଚିନ୍ମୟୀ ମହାରଣା, ଜାମାତା: ରସାନନ୍ଦ ମହାରଣା, ଝିଅ: ସୁକାନ୍ତି ମହାରଣା।
ଧ-୨୧୪୩୫

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତା କ୍ଷମା ଦେଈ**
**ସ୍ୱାମୀ ସ୍ୱର୍ଗତ ଭଗବାନ ମଲ୍ଲିକ**
ଗୋବିନ୍ଦପଦା, କଟକ
ତିରୋଧାନ: ୧୪।୦୮।୨୦୨୧
ଦୁନିଆର ଚିରନ୍ତନ ସତ୍ୟ ଯାହା ତାକୁ ହିଁ ଅନୁସରଣ କରି ଚାଲିଗଲ। ତୁମର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା ଓ ପରୋପକାରିତା ଆମ୍ଭମାନଙ୍କ ଜୀବନରେ ପଥପ୍ରଦର୍ଶକ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା କରୁଛୁ। ଶୋକସନ୍ତପ୍ତ: ଭାଇ, ଭାଉଜ, ପୁତୁରା, ପୁତୁରା ବୋହୂ, ନାତି, ନାତୁଣୀ, ପରିବାରବର୍ଗ ଓ ବନ୍ଧୁ ଆତ୍ମୀୟସ୍ୱଜନ।
ଧ-୨୧୪୨୭

## CLASSIFIED DISPLAY

MORE SPACE • SAME PRICE — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open 2021-22 Session
B.SC NURSING
Approved by Govt. of Odisha & affiliated to Utkal University
ADMISSION ELIGIBILITY
+2 Science Pass
45% of mark in PCB for Gen. Category
40% of mark in PCB for SC & ST Category
SRI BALADEVJEW COLLEGE OF NURSING
Email : srigurudevtrust2020@gmail.com
Kajala, Kendrapara
7008513605, 9439927471

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସନୀୟ କମ୍ପାନୀ
ମାର୍କସିଟ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୁଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୨ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସମ୍ପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପାରାଲିମ୍ପିକ୍ସରେ ଭାରତର ପଦକ ବିଜେତା

ନୂଆଦିଲ୍ଲୀ, ୨୩।୮(ପି.ଟି.)

ଟୋକିଓ ପାରାଲିମ୍ପିକ୍ସ ମଙ୍ଗଳବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ଅବସରରେ ଅତୀତରେ ଭାରତ ପକ୍ଷରୁ ପାରାଲିମ୍ପିକ୍ସରେ ପଦକ ଜିତିଥିବା ଆଥଲେଟ୍‌ଙ୍କ ସମ୍ପର୍କରେ ଆଲୋଚନା କରାଯାଇପାରେ। ଭାରତ ୧୯୬୮ରେ ପାରାଲିମ୍ପିକ୍ସରେ ପଦାର୍ପଣ କରିବା ପରଠାରୁ ୪ଟି ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ଏହିପରି ମୋଟ ୧୨ଟି ପଦକ ପାଇଛି।



ଦେବେନ୍ଦ୍ର ଝାଝାରିଆ


ମୁରଲୀକାନ୍ତ ପେଟକର

**୧୯୭୨, ହେଡେଲବର୍ଗ**

**● ମୁରଲୀକାନ୍ତ ପେଟକର: ସ୍ୱର୍ଣ୍ଣ**

ପାରାଲିମ୍ପିକ୍ସରେ ଭାରତର ସର୍ବପ୍ରଥମ ପଦକ ବିଜେତା ହେଉଛନ୍ତି ମୁରଲୀକାନ୍ତ ପେଟକର। ପୁରୁଷ ୫୦ ମିଟର ଫ୍ରିଷ୍ଟାଇଲ ସନ୍ତରଣ ଇଭେଣ୍ଟରେ ସେ ୩୭.୩୩ ସେକେଣ୍ଡ ବିଶ୍ୱ ରେକର୍ଡ ଟାଇମିଂ ସହ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଭାରତୀୟ ଆର୍ମିରେ କାର୍ଯ୍ୟକରୁଥିବା ପେଟକର ପ୍ରକୃତରେ ଜଣେ ବକ୍ସର ଥିଲେ। ମାତ୍ର ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ସେ ଗୋଟିଏ ହାତ ହରାଇବାରୁ ସନ୍ତରଣ କ୍ରୀଡ଼ାକୁ ଆପଣେଇ ନେଇଥିଲେ। ପାରାଲିମ୍ପିକ୍ସରେ କୌଣସି ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିବାରେ ସେ ପ୍ରଥମ ଭାରତୀୟ।

**୧୯୮୪, ନ୍ୟୁୟର୍କ (ୟୁଏସ), ଷ୍ଟୋକ୍ ମାଣ୍ଡେଭେଲି (ୟୁକେ)**

**● ଯୋଗିନ୍ଦର ସିଂ ବେଦୀ: ୧ ରୌପ୍ୟ, ୨ ବ୍ରୋଞ୍ଜ**

ଯୋଗିନ୍ଦର ସିଂ ବେଦୀ ଶଟ୍‌ପୁଟ୍ ଇଭେଣ୍ଟରେ ରୌପ୍ୟ ଏବଂ ଡିସ୍କସ୍ ଓ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଥିଲେ। ଭାରତ ପକ୍ଷରୁ ସେ ସର୍ବାଧିକ ପାରାଲିମ୍ପିକ୍ସ ପଦକ ଜିତିବାର ରେକର୍ଡ ବହନ କରୁଛନ୍ତି।

**● ଭୀମରାଓ କେଶରକର: ରୌପ୍ୟ**

୧୯୮୪ ପାରାଲିମ୍ପିକ୍ସ ୟୁକେର ଷ୍ଟୋକ୍ ମାଣ୍ଡେଭେଲି ଏବଂ ଆମେରିକାର ନ୍ୟୁୟର୍କରେ ମିଳିତଭାବେ ଆୟୋଜନ ହୋଇଥିଲା। ଭାରତର ଭୀମରାଓ କେଶରକର ପରୁଷ ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ହାସଲ କରିଥିଲେ। ଏଥିରେ ସେ ନିଜ ଦେଶର ବ୍ରୋଞ୍ଜ ବିଜୟୀ ଯୋଗୀନ୍ଦରଙ୍କଠାରୁ ଉନ୍ନତ ପ୍ରଦର୍ଶନ କରିଥିଲେ।

**୨୦୦୪, ଏଥେନ୍ସ**

**● ଦେବେନ୍ଦ୍ର ଝାଝାରିଆ: ସ୍ୱର୍ଣ୍ଣ ପଦକ**

ପାରାଲିମ୍ପିକ୍ସରେ ଭାରତର ୨୦ ବର୍ଷର ପଦକ ଶୂନ୍ୟତାକୁ ଦୂର କରି ଦେବେନ୍ଦ୍ର ଝାଝାରିଆ ପୁରୁଷ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥେନ୍ସରେ ସେ ୬୨.୧୫ ମିଟର ଦୂରକୁ ଜାଭେଲିନ ଥ୍ରୋ କରି ନୂଆ ବିଶ୍ୱରେକର୍ଡର ଅଧିକାରୀ ହୋଇଥିଲେ। ରାଜସ୍ଥାନ ଚୁରୁ ଜିଲାର ଏକ ଛୋଟ ଗାଁରେ ଜନ୍ମଗ୍ରହଣ କରିଥିବା ଝାଝାରିଆ ୮ ବର୍ଷର ହୋଇଥିବାବେଳେ ଗଛ ଚଢ଼ିବା ଅବସରରେ ଇଲେକ୍ଟ୍ରି ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ତାଙ୍କ ବାମ ହାତ କାଟିବାକୁ ପଡ଼ିଥିଲା। ଝାଝାରିଆ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଅଂଶଗ୍ରହଣ କରିବେ।

**● ରାଜିନ୍ଦର ସିଂ ରେହେଲୁ: ବ୍ରୋଞ୍ଜ**

ଏଥେନ୍ସ ପାରାଲିମ୍ପିକ୍ସରେ ଭାରତର ଦ୍ୱିତୀୟ ମେଡାଲିଷ୍ଟ ହେଲେ ରାଜିନ୍ଦର ସିଂ ରେହେଲୁ। ସେ ୫୬ କେଜି ପୁରୁଷ ପାୱାରଲିଫ୍‌ଟିଂ ଇଭେଣ୍ଟରେ ୧୫.୫ କେଜି ଶକ୍ତିଉତ୍ତୋଳନ କରି ବ୍ରୋଞ୍ଜ ପଦକ ପାଇଥିଲେ। ପଞ୍ଜାବ ଜଳନ୍ଧର ଜିଲାର ମେହସାମପୁର ଗ୍ରାମରେ ଜନ୍ମିତ ରାଜିନ୍ଦର ୮ ମାସର ହୋଇଥିବାବେଳେ ପୋଲିଓରେ ଆକ୍ରାନ୍ତ ହୋଇଥିଲେ।

**୨୦୧୨, ଲଣ୍ଡନ**

**● ଗିରିଶା ନାଗାରାଜେଗୌଡ଼ା: ରୌପ୍ୟ ପଦକ**

ଲଣ୍ଡନ ପାରାଲିମ୍ପିକ୍ସରେ ଏକମାତ୍ର ପଦକ ବିଜୟୀ ଭାରତୀୟ ଥିଲେ ଗିରିଶା ନାଗାରାଜେଗୌଡ଼ା। ସେ ପୁରୁଷ ହାଇଜମ୍ପରେ ୧.୭୪ ମିଟର କ୍ଲିୟର କରି ରୌପ୍ୟ ପଦକ ହାସଲ କରିଥିଲେ।

**୨୦୧୬, ରିଓ ଡି ଜେନିରୋ**

**● ଦେବେନ୍ଦ୍ର ଝାଝାରିଆ, ସ୍ୱର୍ଣ୍ଣ**

ରିଓ ଅଲିମ୍ପିକ୍ସର ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ୬୩.୯୭ ମିଟର କ୍ଲିୟର କରି ଦେବେନ୍ଦ୍ର ଝାଝାରିଆ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଏଥିସହ ପ୍ରଥମ ଭାରତୀୟ ଭାବେ ସେ ପାରାଲିମ୍ପିକ୍ସରେ ୨ ଥର ସ୍ୱର୍ଣ୍ଣ ପଦକ ଜିତିଥିଲେ। ଭାରତର ଅନ୍ୟତମ ପ୍ରତିଷ୍ଠିତ ପାରାଲିମ୍ପିଆନଭାବେ ପରିଚିତ ଝାଝାରିଆ ୧୨ ବର୍ଷ ତଳେ ଏଥେନ୍ସରେ ସୃଷ୍ଟି କରିଥିବା ବିଶ୍ୱରେକର୍ଡରେ ଉନ୍ନତି ଆଣିଥିଲେ। ତୃତୀୟ ସ୍ୱର୍ଣ୍ଣ ପଦକ ଲକ୍ଷ୍ୟରେ ଥିବା ଝାଝାରିଆ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଅଂଶଗ୍ରହଣ କରୁଛନ୍ତି।

**● ମାରିଆପ୍ପାନ ଥଙ୍ଗାଭେଲୁ, ସ୍ୱର୍ଣ୍ଣ**

ରିଓ ଗେମ୍ସର ପୁରୁଷ ହାଇଜମ୍ପ ଇଭେଣ୍ଟରେ ୧.୮୯ ମିଟର କ୍ଲିୟର କରି ମାରିଆପ୍ପାନ ଥଙ୍ଗାଭେଲୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପାରାଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ୩ ଭାରତୀୟଙ୍କ ମଧ୍ୟରେ ସେ ଅନ୍ୟତମ ହୋଇ ଯାଇଥିଲେ। ଥଙ୍ଗାଭେଲୁ ୫ ବର୍ଷର ହୋଇଥିବାବେଳେ ତାଙ୍କ ଡାହାଣ ଗୋଡ଼ ଉପରେ ଏକ ବସ୍ ଚଢ଼ି ଯାଇଥିଲା। ଫଳରେ ସେ ସବୁଦିନପାଇଁ ଭିନ୍ନକ୍ଷମ ହୋଇ ଯାଇଥିଲେ। ଟୋକିଓ ଅଲିମ୍ପିକ୍ସରେ ସେ ସ୍ୱର୍ଣ୍ଣ ପଦକ ବଜାୟ ରଖିବା ଲକ୍ଷ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

**● ଦୀପା ମଲିକ: ରୌପ୍ୟ ପଦକ**

ଭାରତର ପ୍ରଥମ ମହିଳା ଭାବେ ଦୀପା ମଲିକ ପାରାଲିମ୍ପିକ୍ସରେ ପଦକ ହାସଲ କରିଥିଲେ। ରିଓରେ ସେ ୪.୧୬ ମିଟର କ୍ଲିୟର କରି ଶଟ୍‌ପୁଟ୍‌ରେ ରୌପ୍ୟ ପଦକ ହାସଲ କରିଥିଲେ। ମେରୁଦଣ୍ଡରେ ଟ୍ୟୁମର ଅସ୍ତ୍ରୋପଚାର ପରେ ହୁଇଲ ଚେୟାରର ସହାୟତା ନେଉଥିବା ଦୀପା ସମ୍ପ୍ରତି ଭାରତୀୟ ପାରାଲିମ୍ପିକ୍ କମିଟିର ସଭାପତି ଅଛନ୍ତି।

**● ବରୁଣ ସିଂ ଭାଟି: ବ୍ରୋଞ୍ଜ**

ରିଓ ପାରାଲିମ୍ପିକ୍ସରେ ବରୁଣ ସିଂ ଭାଟି ହାଇଜମ୍ପ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି ଇଭେଣ୍ଟରେ ମାରିଆପ୍ପାନ ସ୍ୱର୍ଣ୍ଣ ପଦକ ଜିତିଥିବାରୁ ଦୁଇ ଭାରତୀୟ ପୋଡିୟମ ମଣ୍ଡନ କରିଥିଲେ।



ଦୀପା ମଲିକ



ମାରିଆପ୍ପାନ ଥଙ୍ଗାଭେଲୁ

# କ୍ରାସ୍‌ନିକିଙ୍କ ସହ ଓଡ଼ିଶା ଏଫ୍‌ସିର ଚୁକ୍ତି

ଭୁବନେଶ୍ୱର, ୨୩।୮(କ୍ରୀଡ଼ା ପ୍ରତିନିଧି)

ମାଲେସିଆନ ପେସାଦାର ଫୁଟ୍‌ବଲ କ୍ଲବ ଜୋହର ଡାରୁଲ ଟା'ଜିମ୍ ଏଫ୍‌ସିର ମିଡ୍‌ଫିଲ୍ଡର ଲିରିଡନ କ୍ରାସନିକିଙ୍କ ସହ ଚୁକ୍ତି କରିଛି ଇଣ୍ଡିଆନ ସୁପରଲିଗ୍(ଆଇଏସ୍ଏଲ)ର ଭୁବନେଶ୍ୱର ଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି। ମାଲେସିଆନ କ୍ଲବ ନିକଟରୁ କ୍ରାସ୍‌ନିକିଙ୍କୁ ଲୋନ୍‌ରେ ଅଣାଯାଇଛି। ତେଣୁ ସେ ଆସନ୍ତା ଆଇଏସ୍ଏଲ ସିଜନରେ ଓଡ଼ିଶା ଏଫ୍‌ସି ପକ୍ଷରୁ ଖେଳିବେ। ୨୯ ବର୍ଷୀୟ ଏହି ଆକ୍ରମଣାତ୍ମକ ମିଡ୍‌ଫିଲ୍ଡର ତାଙ୍କ ଫୁଟ୍‌ବଲ କ୍ୟାରିୟର ୟୁରୋପରେ ଆରମ୍ଭ କରିଥିଲେ। ୨୦୧୧ରେ ସେ ଚେକ୍ ରିପବ୍ଲିକର ଏଫ୍‌କେ ମାଲାଡା ବୋଲେସ୍ଲାଭ ପକ୍ଷରୁ ସିନିୟର ପେସାଦାର କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ତୁର୍କୀସ କ୍ଲବ ଅଙ୍କାରାସ୍ପୋର ପକ୍ଷରୁ ଖେଳିଥିଲେ। ତୁର୍କୀର ଆଉ ଏକ କ୍ଲବ ଫେଥିୟେସ୍ପୋରକ ମଧ୍ୟ ସେ ଲୋନ୍‌ରେ ଯାଇଥିଲେ।


ଲିରିଡନ କ୍ରାସନିକି

କ୍ରାସ୍‌ନିକି ୨୦୧୫ରେ ମାଲେସିଆ ଯାଇ କେଦାହ ଡାରୁଲ ଅମନ ଫୁଟ୍‌ବଲ କ୍ଲବ ପକ୍ଷରୁ ଖେଳିଥିଲେ। କେଦାହ ପକ୍ଷରୁ ଖେଳି ସେ ୨୦୧୬ ମାଲେସିଆନ କପ୍ ଏବଂ ୨୦୧୭ ମାଲେସିଆ ଏଫ୍ଏ କପ୍ ଟାଇଟଲ ଜିତିଥିଲେ। ୨୦୧୯ରେ ସେ ମାଲେକା ୟୁନାଇଟେଡ ସହିତ ଚୁକ୍ତି କରିଥିଲେ। ଗତ ସିଜନରେ ସେ ମାଲେସିଆ ସୁପରଲିଗ୍ ଚାମ୍ପିୟନ ଜୋହର ଡାରୁଲ ଟା'ଜିମ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ଏବଂ ଚଳିତ ବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲୀୟ ଦଳ ନ୍ୟୁ କାଷ୍ଟଲ ଜେଟ୍ସ ପକ୍ଷରୁ ଏ-ଲିଗ୍‌ରେ ଲୋନ୍‌ଭିତ୍ତିରେ ଖେଳିଥିଲେ। କ୍ରାସ୍‌ନିକି ୩ଟି ଦେଶ ପକ୍ଷରୁ ଖେଳି ବିରଳ ସଫଳତା ପାଇଛନ୍ତି। ସେ ଆଲ୍‌ବାନିଆନ ୨୧ ବର୍ଷରୁ କମ୍ ଏବଂ କୋସୋଭୋ ସିନିୟର ଦଳ ପକ୍ଷରୁ ଖେଳିବା ପରେ ମାଲେସିଆ ସିନିୟର ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି।

ଓଡ଼ିଶା ଏଫ୍‌ସି ସହିତ ଚୁକ୍ତି କରିବା ପରେ କ୍ରାସ୍‌ନିକି ଭାରତରେ ଫୁଟ୍‌ବଲ ଖେଳିବାକୁ ଅପେକ୍ଷା କରିଛନ୍ତି। ''ଓଡ଼ିଶା ଏଫ୍‌ସି ସହିତ ଯୋଗଦେଇ ମୁଁ ବହୁତ ଖୁସି। ଏବେ ଭାରତରେ ଅଭିଯାନ ଆରମ୍ଭ କରିବା ଅପେକ୍ଷାରେ ଅଛି। ମୁଖ୍ୟ କୋଚ୍ କିକୋ ରାମିରେଜଙ୍କ ଅଧୀନରେ ଏହା ଏକ ସ୍ମରଣୀୟ ସିଜନ ହେବ ବୋଲି ଆଶା ରହିଛି। ମୁଁ ଦଳୀୟ ସାଥି ଖେଳାଳିଙ୍କ ସହିତ ମିଶିବାକୁ ବ୍ୟଗ୍ର'' ବୋଲି କହିଛନ୍ତି। ଅନ୍ୟପକ୍ଷରେ କ୍ରାସ୍‌ନିକିଙ୍କ ଉପସ୍ଥିତିରେ ଓଡ଼ିଶା ଏଫ୍‌ସି ମଜଭୁତ ହୋଇଛି। ସେ ଜଣେ ଉତ୍ତମ ଶାରୀରିକ ଦକ୍ଷତା ଏବଂ ଟେକ୍ନିକ ସମ୍ପନ୍ନ ଖେଳାଳି ବୋଲି କିକୋ କହିଛନ୍ତି। କ୍ରାସ୍‌ନିକିଙ୍କୁ ଓଡ଼ିଶା ଏଫ୍‌ସି ଦଳକୁ ସ୍ୱାଗତ କରିଛନ୍ତି କ୍ଲବ ସଭାପତି ରାଜ ଅଥୱାଲ।

# ହରମନପ୍ରୀତ୍ ଗୁରଜିତ୍, ଶ୍ରୀଜେସ୍‌ଙ୍କ ନାମ ସୁପାରିସ

ଲାଉସାନେ, ୨୩।୮ (ପି.ଟି.)

ଏଫ୍‌ଆଇଏଚ୍ (ଅନ୍ତର୍ଜାତୀୟ ହକି ମହାସଂଘ)ର ବାର୍ଷିକ ପୁରସ୍କାର ପାଇଁ ଖେଳାଳିଙ୍କ ସଂକ୍ଷିପ୍ତ ନାମ ତାଲିକା ସୋମବାର ପ୍ରକାଶ ପାଇଛି। ଟୋକିଓ ଅଲିମ୍ପିକ୍ସରେ ପ୍ରଭାବୀ ପ୍ରଦର୍ଶନକୁ ଭିତ୍ତି କରି ଏହି ତାଲିକା ପ୍ରସ୍ତୁତ କରାଯାଇଛି। ତଦନୁସାରେ ଏଫ୍‌ଆଇଏଚ୍ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ଭାରତୀୟ ପୁରୁଷ ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ଓ ମହିଳା ବିଭାଗରେ ଗୁରଜିତ କୌରରହିଛନ୍ତି। ପୁରୁଷ ବିଭାଗରେ ବର୍ଷର ଶ୍ରେଷ୍ଠ ଗୋଲକିପର ପୁରସ୍କାର ଦୌଡ଼ରେ ରହିଥିବା ୩ଜଣଙ୍କ ମଧ୍ୟରେ ଭାରତର ଭେଟେରାନ ଗୋଲକିପର ପି.ଆର୍. ଶ୍ରୀଜେସ୍ ରହିଛନ୍ତି। ସେହିପରି ମହିଳା ବିଭାଗ ୩ଜଣିଆ ତାଲିକାରେ ସବିତା ପୁନିଆଙ୍କ ନାମ ସ୍ଥାନ ପାଇଛି। ପୁରୁଷ ଓ ମହିଳା ବିଭାଗରେ ବର୍ଷର ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇଁ ୩ଜଣିଆ ତାଲକାରେ ଯଥାକ୍ରମେ ଭାରତୀୟ ପୁରୁଷ ଦଳର ଗ୍ରାହମ ରିଡ୍ ଓ ମହିଳା ବିଭାଗରେ ଜୋର୍ଡ ମାରିଜନେ ରହିଛନ୍ତି। ହରମନପ୍ରୀତ ୮ଟି ମ୍ୟାଚରେ ୬ଟି ଗୋଲ ସ୍କୋର କରିଛନ୍ତି। ତାଙ୍କ ଡ୍ରାଗ୍ ଫ୍ଲିକ ଜରିଆରେ ଭାରତୀୟ ପୁରୁଷ ଦଳ ୪୧ ବର୍ଷ ବ୍ୟବଧାନରେ ପ୍ରଥମ ଥର ଅଲିମ୍ପିକ ପଦକ ହାସଲ କରିପାରିଛି। ଭାରତୀୟ ମହିଳା ଦଳର ସେମିଫାଇନାଲ ପ୍ରବେଶରେ ଗୁରଜିତଙ୍କ ଉଲ୍ଲେଖନୀୟ ଭୂମିକା ରହିଥିଲା। ବ୍ରୋଞ୍ଜ ପଦକ ପ୍ଲେଅଫ୍‌ରେ ଭାରତ ଗ୍ରେଟବ୍ରିଟେନଠାରୁ ହାରିଯାଇଥିଲା। କ୍ୱାର୍ଟରଫାଇନାଲରେ ପଞ୍ଜାର ଏହି ଖେଳାଳି ନିର୍ଣ୍ଣାୟକ ଗୋଲ ସ୍କୋର କରି ଅଷ୍ଟ୍ରେଲିଆ ବିପକ୍ଷରେ ଭାରତକୁ ୧-୦ରେ ବିଜୟୀ କରାଇଥିଲେ। ମହିଳା ବିଭାଗ ପ୍ଲେୟର ଅଫ୍ ଦି ଇୟର ପୁରସ୍କାର ପାଇଁ ଅନ୍ୟ ଯେଉଁ ଖେଳାଳିମାନଙ୍କ ନାମ ସୁପାରିସ ହୋଇଛି ସେମାନଙ୍କ ମଧ୍ୟରେ ରହିଛନ୍ତି ଆର୍ଜେଣ୍ଟିନାର ଅଗଷ୍ଟିନା ଅଲବର୍ଟାରିଓ ଓ ଅଗଷ୍ଟିନା ଗୋର୍ଜେଲାନି, ନେଦରଲାଣ୍ଡସର ଇଭା ଡି' ଗୋଏଡ୍, ଫ୍ରେଡରିକ୍ ମାଟ୍‌ଲା ଓ ମାରିଆ ଭର୍ସସ୍କୁଲ। ପୁରୁଷ ବିଭାଗରେ ହରମନପ୍ରୀତଙ୍କ ବ୍ୟତୀତ ବେଲେଜିୟମର ଆର୍ଥର ଭାନ୍ ଡୋରେନ, ଆଲେକଜାଣ୍ଡର ହେଣ୍ଡ୍ରିକ୍ସ ଏବଂ ଅଷ୍ଟ୍ରେଲିଆର ଜେକ୍ ହ୍ୱେଟନ, ଅରାନ ଜାଲେସ୍କି ଓ ଟିମ୍ ବ୍ରାଣ୍ଡ।


ହରମନପ୍ରୀତ ସିଂ, ଗୁରଜିତ କୌର, ପି.ଆର. ଶ୍ରୀଜେଶ୍।

**ଏଫ୍‌ଆଇଏଚ୍ ବାର୍ଷିକ ପୁରସ୍କାର**

# ତୃତୀୟ ଟେଷ୍ଟ ଖେଳିବେନି ଉଡ୍

ଲିଡ୍ସ, ୨୩।୮ (ପି.ଟି.)

ଇଂଲଣ୍ଡର ଆଘାତପ୍ରାପ୍ତ ପେସ୍ ବୋଲର ମାର୍କ ଉଡ୍ ଭାରତ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟ ମ୍ୟାଚରେ ଖେଳିବେ ନାହିଁ। ଲର୍ଡ୍ସଠାରେ ଦ୍ୱିତୀୟ ଟେଷ୍ଟ ମ୍ୟାଚର ଚତୁର୍ଥ ଦିବସ ଖେଳ ବେଳେ ଫିଲ୍ଡିଂ କରୁଥିବାବେଳେ ତାଙ୍କ ଡାହାଣ କାନ୍ଧରେ ଆଘାତ ଲାଗିଛି। ଏହି ମ୍ୟାଚରେ ଭାରତ ୧୫୧ ରନରେ ବିଜୟ ଲାଭ କରିଥିଲା। ଦୁଇ ଦେଶ ମଧ୍ୟ ଚାଲିଥିବା ୫ ମ୍ୟାଚ ବିଶିଷ୍ଟ ସିରିଜରେ ଭାରତ ୧-୦ରେ ଅଗ୍ରଣୀ ଲାଭ କରିପାରିଛି। ଏମରାଲ୍ଡ ହେଡିଙ୍ଗଲେଠାରେ ବୁଧବାର ଆରମ୍ଭ ହେବାକୁଥିବା ତୃତୀୟ ଟେଷ୍ଟ ବେଳକୁ ଉଡ୍ ଫିଟ୍ ହୋଇପାରି ନ ଥିବେ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) କହିଛି। ୩୧ ବର୍ଷୀୟ ଉଡ୍‌ଙ୍କୁ କିନ୍ତୁ ଦଳର ବାଦ୍ ଦିଆଯାଇ ନାହିଁ। ବର୍ତ୍ତମାନ ସେ ରିହାବିଲିଟେଶନରେ ରହିବେ। ତୃତୀୟ ଟେଷ୍ଟ ଶେଷ ପରେ ତାଙ୍କର ଫିଟ୍‌ନେସ୍ ଟେଷ୍ଟ ହେବ। ଉଡ୍‌ଙ୍କ ଅନୁପସ୍ଥିତି ଘରୋଇ ଦଳକୁ ଶକ୍ତ ଧକ୍କା ହୋଇଛି। ଇଞ୍ଜୁରି ଯୋଗୁ ପୂର୍ବରୁ ସିନିୟର ପେସ୍ ବୋଲର ଷ୍ଟୁଆର୍ଟ ବ୍ରଡ୍ ସିରିଜରୁ ବାଦ୍ ପଡ଼ିସାରିଛନ୍ତି। ସ୍ୱିଡଷ୍ଟର ଜୋଫ୍ରା ଆର୍ଚର ମଧ୍ୟ ଆଘାତପ୍ରାପ୍ତ ହୋଇଛନ୍ତି। ସେ ମଧ୍ୟ ଖେଳୁ ନାହାନ୍ତି। ମାନସିକ ଅବସ୍ଥା ଭଲ ନ ଥିବାରୁ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଅନୁଦ୍ଧିଷ୍ଟ କାଳ ପାଇଁ ଛୁଟିରେ ଅଛନ୍ତି। ଲର୍ଡ୍ସ ଟେଷ୍ଟରେ ଉଡ ଚମତ୍କାର ବୋଲିଂ କରି ୫ ଉଇକେଟ ଅକ୍ତିଆର କରିଥିଲେ। ବ୍ରଡ୍‌ଙ୍କ ସ୍ଥାନରେ ଇଂଲଣ୍ଡ ଦଳରେ ସ୍ଥାନ ପାଇଥିବା ସିମ୍ ବୋଲର ସାକିମ୍ ମେହେମୁଦଙ୍କୁ ହୁଏତ ଟେଷ୍ଟ ପଦାର୍ପଣ ପାଇଁ ସୁଯୋଗ ମିଳିପାରେ। ଏହି ୨୪ ବର୍ଷୀୟ ଖେଳାଳି ୭ ଅନ୍ତର୍ଜାତୀୟ ଦିନିକିଆ ଓ ୯ ଅନ୍ତର୍ଜାତୀୟ ଟି୨୦ ଖେଳିସାରିଛନ୍ତି। ଦଳରେ ଅନ୍ୟ ବିକଳ୍ପ ସିମ୍ ବୋଲର କ୍ରେଗ୍ ଓଭରଟନ, ଜେମ୍ସ ଆଣ୍ଡରସନ, ଓଲି ରବିନସନ ଓ ସାମ୍ କୁରାନ ପ୍ରମୁଖ ରହିଛନ୍ତି। ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ଟେଷ୍ଟ ଏଠାରେ ବୁଧବାରଠାରୁ ଆରମ୍ଭ ହେବ।


ମାର୍କ ଉଡ୍

# ଇକୋର୍ସା, ସୁନ୍ଦରଗଡ଼, କଟକ-ଏ, ଓଡ଼ିଶା ଗ୍ରୀନ୍, ରେଡ୍, ଭାଓଲେଟ ବିଜୟୀ

ଭୁବନେଶ୍ୱର, ୨୩।୮(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ସୋମବାର କଟକର ବିଭିନ୍ନ ପଡ଼ିଆରେ ୬ଟି ସୁପରଲିଗ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇକୋର୍ସା, ସୁନ୍ଦରଗଡ଼, ଓଡ଼ିଶା ଗ୍ରୀନ୍, ଓଡ଼ିଶା ରେଡ୍, କଟକ-ଏ ଓ ଓଡ଼ିଶା ଭାଓଲେଟ ବିଜୟ ହାସଲ କରିଛନ୍ତି।

**କଳାହାଣ୍ଡି କପ୍ କ୍ରିକେଟ**

ରେଭେନ୍‌ଶା ଗ୍ରାଉଣ୍ଡ-୨ରେ ଅନୁଷ୍ଠିତ ମ୍ୟାଚରେ ଇକୋର୍ସା ୨୪ ରନରେ ଓଡ଼ିଶା ବ୍ଲୁକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଇକୋର୍ସା ଅଙ୍କିତ ଯାଦବ (୫୧) ଓ ଲଗ୍ନଜିତ ସାମଲ (୫୦)ଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ୪୪.୪ ଓଭରରେ ୧୯୭ ରନକରି ଅଲଆଉଟ ହୋଇଥିଲା। ଜବାବରେ ଓଡ଼ିଶା ବ୍ଲୁ ୪୨.୩ ଓଭରରେ ୧୭୩ ରନରେ ସମସ୍ତ ଉଇକେଟ ହରାଇଥିଲା। ନରେନ୍ଦ୍ର ଦାଶ ସର୍ବାଧିକ ୫୯ ରନ କରିଥିବାବେଳେ ଇକୋର୍ସାର ରାଜେଶ ମହାନ୍ତି ୫ ଉଇକେଟ ସଫଳତା ପାଇଥିଲେ। ବିଡ଼ାନାସୀ ପଡ଼ିଆରେ ଆୟୋଜିତ ମ୍ୟାଚରେ ସୁନ୍ଦରଗଡ଼ ୬ ଉଇକେଟରେ ଓଡ଼ିଶା ୟେଲୋକୁ ହରାଇଛି। ଓଡ଼ିଶା ୟେଲୋ ପ୍ରଥମେ ବ୍ୟାଟିଂ କରି ୩୪.୪ ଓଭରରେ ୧୨୫ ରନକରି ଅଲଆଉଟ ହୋଇଥିଲା। ବିପକ୍ଷ ଦଳର ଅମିତ କୁମାର ଦାସ ୪ଟି ଉଇକେଟ ନେଇଥିଲେ। ଜବାବରେ ସୁନ୍ଦରଗଡ଼ ୨୫.୪ ଓଭରରେ ୪ ଉଇକେଟ ହରାଇ ୧୨୬ ରନ ସଂଗ୍ରହ କରି ନେଇଥିଲା। ଏସ୍‌ସିବି ମେଡିକାଲ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଗ୍ରୀନ୍ ୯ ରନରେ ଖୋର୍ଦ୍ଧାକୁ ହରାଇ ଦେଇଛି। ଓଡ଼ିଶା ଗ୍ରୀନ୍ ୫୦ ଓଭରରେ ୮ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳ ପକ୍ଷରୁ ସୂର୍ଯ୍ୟ ମହାପାତ୍ର (୧୦୦) ଶତକ ହାସଲ କରିଥିଲେ। ରାକେଶ ପଟ୍ଟନାୟକ(୬୭ ରନ)ଙ୍କ ଅର୍ଦ୍ଧଶତକ ସହାୟତାରେ ଖୋର୍ଦ୍ଧା ଲଢ଼େଇ କରିଥିଲେ ହେଁ ୫୦ ଓଭରରେ ୯ ଉଇକେଟ ହରାଇ ୧୯୭ ରନରେ ସୀମିତ ରହି ଯାଇଥିଲା। ବିଜୟୀ ଦଳର ଦେବବ୍ରତ ପ୍ରଧାନ ୪ଟି ଉଇକେଟ ନେଇଥିଲେ।

ସନ୍‌ସାଇନ୍ ପଡ଼ିଆରେ ଆୟୋଜିତ ମ୍ୟାଚରେ ଓଡ଼ିଶା ରେଡ୍ ୭ ଉଇକେଟରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଝାରସୁଗୁଡ଼ା ୫୦ ଓଭରରେ ୯ ଉଇକେଟ ହରାଇ ୨୨୫ ରନ କରିଥିଲା। ରୋଶନ ପ୍ରସାଦ ସର୍ବାଧିକ ୮୪ ଓ ସାଗର ରାଉତ ୫୩ ରନ କରିଥିଲେ। ଜବାବରେ ଓଡ଼ିଶା ରେଡ୍ ୪୭.୪ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। କୃଷ୍ଣ ବାରିକ (୫୪), ଦେବେନ୍ଦ୍ର କନୱର (୫୩) ଓ ଅନୁରାଗ ଷଡ଼ଙ୍ଗୀ (୫୧) ଅର୍ଦ୍ଧଶତକ ହାସଲ କରିଥିଲେ। ନିମପୁର ପଡ଼ିଆ ମ୍ୟାଚରେ କଟକ-ଏ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୬ ଉଇକେଟରେ ଓଡ଼ିଶା ପିଙ୍କ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ପିଙ୍କ୍ ୪୬.୧ ଓଭରରେ ୨୦୧ ରନକରି ଅଲଆଉଟ ହୋଇଥିଲା। ଶୁଭ୍ରାଂଶୁ ସେନାପତି ସର୍ବାଧିକ ୬୩ ରନ କରିଥିଲେ। ବର୍ଷା ଯୋଗୁ ମ୍ୟାଚକୁ ୪୦ ଓଭର କରାଯାଇଥିଲା ଏବଂ ପ୍ରତିପକ୍ଷ ଦଳକୁ ୧୬୨ ରନ ଟାର୍ଗେଟ ଦିଆ ଯାଇଥିଲା। କଟକ-ଏ ୩୭.୫ ଓଭରରେ ୪ ଉଇକେଟ ହରାଇ ୧୬୨ ରନ ସଂଗ୍ରହ କରି ନେଇଥିଲା। ବିପ୍ଳବ ସାମନ୍ତରାୟ ସର୍ବାଧିକ ୬୩ ରନ ସ୍କୋର କରିଥିଲେ। ରେଭେନ୍‌ଶା ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ଭାଓଲେଟ ୯ ରନରେ ରାଉରକେଲାକୁ ହରାଇ ଦେଇଛି। ଓଡ଼ିଶା ଭାଓଲେଟ ୩୦.୧ ଓଭରରେ ୧୦୩ ରନରେ ଅଲଆଉଟ ହୋଇଥିଲା। ରାଉରକେଲାର ପ୍ରୀତମ ଜେନା ୫ ଉଇକେଟ ସଫଳତା ପାଇଥିଲେ। ୧୦୪ ରନ ବିଜୟ ଲକ୍ଷ୍ୟନେଇ ପଡ଼ିଆକୁ ଓହ୍ଲାଇଥିବା ରାଉରକେଲା ୩୬.୪ ଓଭରରେ ୯୪ ରନରେ ଅଲଆଉଟ ହୋଇ ଯାଇଥିଲା। ବିଜୟୀ ଦଳର ଶାନ୍ତନୁ ମିଶ୍ର ସର୍ବାଧିକ ୪ଟି ଉଇକେଟ ନେଇଥିଲେ।


ରାଜେଶ ମହାନ୍ତି


ବିପ୍ଳବ ସାମନ୍ତରାୟ


ଅନୁରାଗ ଷଡ଼ଙ୍ଗୀ


ଅମିତ ଦାସ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ମଙ୍ଗଳବାର, ଅଗଷ୍ଟ ୨୪/୨୦୨୧ Sambalpur, Tuesday, August 24/ 2021

# ଉନ୍ନତ ପ୍ରଦର୍ଶନ ଆଶାରେ ଭାରତ

**ଟୋକିଓ,୨୩।୮(ପି.ଟି.)**

ଟୋକିଓ ପାରାଲିମ୍ପିକ୍ସ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହେଉଛି। ଏଥିରେ ୧୬୩ଟି ଦେଶରୁ ପ୍ରାୟ ୪୫୦୦ ଆଥ୍ଲେଟ ଭାଗ ନେବେ। କିନ୍ତୁ ସେମାନେ ୨୨ଟି କ୍ରୀଡ଼ାର ୫୪୦ଟି ଇଭେଣ୍ଟରେ ଭାଗ ନେବେ। ଭିନ୍ନକ୍ଷମତା ସ୍ତରକୁ ଆଧାର କରି ପୃଥକ୍ ପୃଥକ୍ ବର୍ଗୀକରଣ କରାଯାଇଥିବାରୁ ଇଭେଣ୍ଟ ସଂଖ୍ୟା ବୃଦ୍ଧି ପାଇଛି। ସେ ତୁଳନାରେ ନିକଟରେ

**ଟୋକିଓ ପାରାଲିମ୍ପିକ୍ସ ଆଜିଠାରୁ**

ଶେଷ ହୋଇଥିବା ଅଲିମ୍ପିକ୍ସରେ ୨୦୫ଟି ଦେଶ (ଯୁକ୍ତ ଅଲିମ୍ପିକ ରିଫ୍ୟୁଜି ଟିମ୍)ର ୧୧,୦୦୦ରୁ ଅଧିକ ଆଥ୍ଲେଟ ୩୩ଟି କ୍ରୀଡ଼ାର ୩୩୯ଟି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଅନ୍ୟ ସଂସ୍କରଣ ତୁଳନାରେ ଏଥର ପାରାଲିମ୍ପିକ୍ସରେ ଭାରତରୁ ସବୁଠାରୁ ଅଧିକ ୫୪ ଆଥଲେଟ୍ ଭାଗ ନେଉଛନ୍ତି। ଏଥର ଭାରତ ଅଧିକ ପଦକ ଜିତିବ ବୋଲି ଆଶା କରାଯାଉଛି। ଦଳରେ ଜାଭେଲିନ୍ ଥ୍ରୋୟର ଦେବେନ୍ଦ୍ର ଝାଝରିଆ ଓ ହାଇଜମ୍ପର ମାରିୟାପ୍ପାନ ଥାଙ୍ଗାଭେଲୁଙ୍କ ଭଳି ଷ୍ଟାର ଆଥ୍ଲେଟ ରହିଛନ୍ତି। ୨୦୧୬ ରିଓ ପାରାଲିମ୍ପିକ୍ସର ଏହି ଦୁଇ ସ୍ୱର୍ଣ୍ଣ ପଦକ ବିଜେତା ଭାରତୀୟ ଦଳର ନେତୃତ୍ୱ ନେବେ। ଭାରତ ୫ ସ୍ୱର୍ଣ୍ଣ ସମେତ ଅତିକମ୍‌ରେ ୧୫ ପଦକ ଜିତିବ ବୋଲି ଆଶା କରାଯାଉଛି।


ସୋମବାର ଟୋକିଓ ଯାତ୍ରା କରିଥିବା ଭାରତୀୟ ଶୁଟିଂ ପାରାଲିମ୍ପିକ୍ସ ଦଳ।

କୋଭିଡ୍ ଯୋଗୁ କେତେକ ଦେଶ ଓହରି ଯାଇଛନ୍ତି। ଏଥର କଡ଼ା ସୁରକ୍ଷା ଓ ସ୍ୱାସ୍ଥ୍ୟ ପ୍ରୋଟୋକଲ ମଧ୍ୟରେ ପାରାଲିମ୍ପିକ୍ସ ଅନୁଷ୍ଠିତ ହେବ। ଭାରତ ୯ଟି କ୍ରୀଡ଼ାରେ ଭାଗ ନେବ। ଦେଶର ଅତିକମ୍‌ରେ ୪ ଆଥ୍ଲେଟ ବିଶ୍ୱର୍‍ୟାଙ୍କିଙ୍ଗରେ ନମ୍ବର ୱାନ, ୬ଜଣ ନମ୍ବର ୨ ଏବଂ ୧୦ଜଣ ନମ୍ବର ୩ ସ୍ଥାନରେ ରହିଛନ୍ତି। ଭାରତ ୧୯୭୨ରେ ପ୍ରଥମେ ପାରାଲିମ୍ପିକ୍ସରେ ଭାଗ ନେବା ପରଠାରୁ

**ଭାରତର ଅଂଶଗ୍ରହଣ**

| କ୍ରୀଡ଼ା | ମହିଳା | ପୁରୁଷ | ମୋଟ |
|---|---|---|---|
| ଆର୍ଚେରୀ | ୧ | ୪ | ୫ |
| ଆଥଲେଟିକ୍ସ | ୪ | ୨୦ | ୨୪ |
| ବ୍ୟାଡ୍‌ମିଣ୍ଟନ | ୨ | ୫ | ୭ |
| ପାରାକାନୋଇଂ | ୧ | ୦ | ୧ |
| ପାୱାରଲିଫ୍‌ଟିଂ | ୧ | ୧ | ୨ |
| ଶୁଟିଂ | ୨ | ୮ | ୧୦ |
| ସନ୍ତରଣ | ୦ | ୨ | ୨ |
| ଟେବୁଲ ଟେନିସ | ୨ | ୦ | ୨ |
| ଟାଏକୋଣ୍ଡୋ | ୧ | ୦ | ୧ |
| ମୋଟ | ୧୪ | ୪୦ | ୫୪ |

୧୨ ପଦକ ଜିତିସାରିଛି। ଯଦି ଯୋଜନା ସଫଳ ହୁଏ ତା'ହେଲେ ପଦକ ତାଲିକାରେ ଭାରତ ଟପ୍ ୨୫ ମଧ୍ୟରେ ସ୍ଥାନ ପାଇପାରେ। ୨୦୧୬ ସଂସ୍କରଣରେ ଭାରତ ୨ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ସହ ପଦକ ତାଲିକାରେ ୪୩ତମ ସ୍ଥାନରେ ରହିଥିଲା। ସରକାର ଏଥର ପାରାଆଥଲେଟଙ୍କ ଲାଗି ହାତଖୋଲା ଅର୍ଥ ବ୍ୟୟ କରିଛନ୍ତି। ତେଣୁ ସେପ୍ଟେମ୍ବର ୫ରେ ଶେଷ ହେବାକୁଥିବା ଏହି ମେଗା କ୍ରୀଡ଼ା ସମାରୋହରେ ଭାରତ ଅଧିକ ପଦକ ଆଶା କରିବା ସ୍ୱାଭାବିକ।

ପିଲାଦିନେ ବିଦ୍ୟୁତ୍ ଆଘାତ ଯୋଗୁ ବାମ ହାତ ହରାଇବସିଥିବା ଝାଝରିଆଙ୍କୁ ଏବେ ୪୦ ବର୍ଷ ବୟସ ହୋଇଥିଲେ ମଧ୍ୟ ଏଫ୍-୪୬ କାଟେଗୋରିରେ ତୃତୀୟ ଥର ସ୍ୱର୍ଣ୍ଣ ଜିତିବା ଲକ୍ଷ୍ୟ ରଖିଛନ୍ତି। ଏହି ଇଭେଣ୍ଟରେ ସେ ବର୍ତ୍ତମାନ ବିଶ୍ୱ ରେକର୍ଡ ଅଧିକାରୀ ଅଛନ୍ତି। ୨୦୧୬ରେ ଟି୬୩ ହାଇଜମ୍ପରେ ସ୍ୱର୍ଣ୍ଣ ଜିତିଥିବା ମାରିୟାପ୍ପାନ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ୨୪ ଜଣିଆ ଶକ୍ତିଶାଳୀ ପାରା ଆଥ୍ଲେଟିକ୍ସ ଦଳର ତୃତୀୟ ସ୍ୱର୍ଣ୍ଣ ପଦକ ଦାବିଦାର ହେଉଛନ୍ତି ବିଶ୍ୱ ଚାମ୍ପିୟନ ସନ୍ଦୀପ ଚୌଧାରୀ (ଏଫ୍-୬୪ ଜାଭେଲିନ୍ ଥ୍ରୋ)। ସେ ବର୍ତ୍ତମାନ ବିଶ୍ୱର ନମ୍ବର ୱାନ ଓ ରେକର୍ଡ ଅଧିକାରୀ ମଧ୍ୟ। ଅନ୍ୟ ଯେଉଁମାନଙ୍କଠାରୁ ପଦକ ଆଶା କରାଯାଉଛି ସେମାନଙ୍କ ମଧ୍ୟରେ ରହିଛନ୍ତି ବିଶ୍ୱ ଚାମ୍ପିୟନ ସୁନ୍ଦର ସିଂ ଗୁର୍ଜାର ଓ ଅଜିତ ସିଂ ( ଏମାନେ ଏଫ୍-୪୬ରେ ମଧ୍ୟ ଅଛନ୍ତି) ଏବଂ ନବଦୀପ ସିଂ (ଏଫ୍୪୧)। ଏମାନେ ସମସ୍ତେ ହେଉଛନ୍ତି ଜାଭେଲିନ୍ ଥ୍ରୋୟର। ପାରା ଆଥ୍ଲେଟିକ୍ସରୁ ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ୧୦ ପଦକ ଆଶା କରୁଛି। ଟୋକିଓ ପାରାଲିମ୍ପିକ୍ସରେ ପ୍ରଥମ ଥର ବ୍ୟାଡ୍‌ମିଣ୍ଟନ ଖେଳକୁ ସାମିଲ କରାଯାଇଛି। ଏଥିରେ ଭାରତ ପଦକ ଜିତିବା ଯଥେଷ୍ଟ ସମ୍ଭାବନା ରହିଛି। ବିଶ୍ୱର ନମ୍ବର ୱାନ ତଥା ଏକାଧିକ ଥର ବିଶ୍ୱ ଚାମ୍ପିୟନ ପ୍ରମୋଦ ଭଗତ ପୁରୁଷ ଏସ୍ଏଲ୍-୩ ଇଭେଣ୍ଟରେ ଅନ୍ୟତମ ସ୍ୱର୍ଣ୍ଣ ଦାବିଦାର ଅଟନ୍ତି। ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ କ୍ରିଷ୍ଣା ନାଗର (ଏସ୍ଏଚ୍ ୬) ଓ ତରୁଣ ଧିଲୋଁ ଅନ୍ୟ ଦୁଇ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କଠାରୁ ମଧ୍ୟ ଭଲ ପ୍ରଦର୍ଶନ ଆଶା କରାଯାଉଛି। ମହିଳା ବିଭାଗରେ ଦୁଇଥର ପୂର୍ବତନ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ବିଜୟିନୀ ଅଭିଜ୍ଞ ପାରୁଲ ପାରମାର ଓ ସ୍ୱଳ୍ପବୟସ୍କା ପଲକ କୋହଲି (ଏସ୍ଏଲ୍୩-ଏସ୍ୟୁ୫) ପଦକ ଜିତିବେ ବୋଲି ଆଶା କରାଯାଉଛି। ପଲକଙ୍କ ଗୋଟିଏ ହାତ ଜନ୍ମରୁ ଠିକ୍‌ରୂପେ ବିକଶିତ ହୋଇପାରିନାହିଁ।


ସିନ୍‌ସିନାଟି ଟ୍ରଫି ସହିତ ଆସ୍‌ଲେ ବାର୍ଟି।

# ବାର୍ଟିଙ୍କୁ ସିନ୍‌ସିନାଟି ଟାଇଟଲ

**ମାସନ (ଯୁକ୍ତରାଷ୍ଟ୍ର ଆମେରିକା), ୨୩।୮**

ଫାଇନାଲରେ ଜିଲ୍ ଟିଚ୍‌ମାନଙ୍କ ବିପକ୍ଷରେ ସିଧାସଳଖ ସେଟ୍‌ରେ ବିଜୟ ହାସଲ କରି ବିଶ୍ୱର ନମ୍ବର ୱାନ୍ ଅଷ୍ଟ୍ରେଲିଆର ଆସ୍‌ଲେ ବାର୍ଟି ସିନ୍‌ସିନାଟି ଓପନ ଟେନିସ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ୨୫ ବର୍ଷୀୟା ବାର୍ଟି ୬-୩, ୬-୧ ରେ ସୁଇଜରଲାଣ୍ଡର ୨୪ ବର୍ଷୀୟା ଖେଳାଳିଙ୍କୁ ହରାଇ ଦେଇଥିଲେ। ଏହି ବିଜୟ ସହ ଆଗକୁ ଖେଳାଯିବାକୁଥିବା ୟୁଏସ୍ ଓପନ୍ ଟେନିସ ପ୍ରତିଯୋଗିତା ପାଇଁ ସେ ନିଜକୁ ଭଲରୂପେ ୱାର୍ମଅପ୍ କରିପାରିଛନ୍ତି। ଚଳିତ ସିଜନରେ ବାର୍ଟିଙ୍କର ଏହା ୫ମ ଟାଇଟଲ। ପୂର୍ବରୁ ସେ ୱିମ୍ବେଲଡନ ଜିତିସାରିଥିବାରୁ ୟୁଏସ୍ ଓପନ ପାଇଁ ତାଙ୍କୁ ଫେଭରାଇଟ୍ ବିବେଚନା କରାଯାଉଛି। ଅନ୍ୟପକ୍ଷରେ ଫାଇନାଲ ପ୍ରବେଶ ପଥରେ ୪ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ନାଓମି ଓସାକା, ଚତୁର୍ଥ ସିଡ୍ କାରୋଲିନା ପ୍ଲିସ୍‌କୋଭା ଓ ଅଲିମ୍ପିକ ସ୍ୱର୍ଣ୍ଣ ବିଜୟିନୀ ବେଲିଣ୍ଡା ବେନସିକଙ୍କୁ ପରାସ୍ତ କରିଥିବା ୭୬ ର୍‍ୟାଙ୍କିଙ୍ଗପ୍ରାପ୍ତ ଟିଚ୍‌ମାନ ବାର୍ଟିଙ୍କ ମୁକାବିଲା କରି ନ ପାରି ପରାଜୟ ବରଣ କରିଥିଲେ। ଅନ୍ୟପକ୍ଷରେ ପୁରୁଷ ବିଭାଗରେ ଆଲେକ୍‌ଜାଣ୍ଡର ଜେଭରେଭ ୬-୨, ୬-୩ ସେଟ୍‌ରେ ଆନ୍ଦ୍ରେ ରୁବ୍ଲେଭଙ୍କୁ ପରାସ୍ତ କରି ଟାଇଟଲ ବିଜୟୀ ହୋଇଥିଲେ। ଏହାଦ୍ୱାରା ଅଲିମ୍ପିକ ଚାମ୍ପିୟନ ଜେଭରେଭ କ୍ରମାଗତ ୧୧ଟି ମ୍ୟାଚରେ ଅପରାଜେୟ ରହିଛନ୍ତି।

# ସାନିଆ-ମ୍ୟାକ୍‌ହେଲ ଯୋଡ଼ି କ୍ୱାର୍ଟର ଫାଇନାଲରେ

**କ୍ଲେଭଲାଣ୍ଡ, ୨୩।୮ (ପି.ଟି.)**

ଓକସାନା କାଲାସନିକୋଭା ଓ ଆନ୍ଦ୍ରିଆ ମିତୁଙ୍କ ବିପକ୍ଷରେ ବିଜୟ ହାସଲ କରି ଭାରତର ସାନିଆ ମିର୍ଜା ଓ ତାଙ୍କ ଆମେରିକାନ ପାର୍ଟନର କ୍ରିଷ୍ଟିନା ମ୍ୟାକ୍‌ହେଲ ଏଠାରେ ଚାଲିଥିବା କ୍ଲେଭଲାଣ୍ଡ ଟେନିସ୍ ଚାମ୍ପିୟନଶିପ୍‌ର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଇଣ୍ଡୋ-ଆମେରିକାନ ଯୋଡ଼ି ମହିଳା ଡବଲ୍ସ ପ୍ରି-କ୍ୱାର୍ଟରଫାଇନାଲରେ ଜର୍ଜିଆ-ରୋମାନିଆ ଯୋଡ଼ିଙ୍କୁ ୬-୩, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ସାନିଆ ଓ ତାଙ୍କ ଆମେରିକାନ ପାର୍ଟନର ମ୍ୟାଚରେ ସମ୍ପୂର୍ଣ୍ଣ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ବିପକ୍ଷ ଯୋଡ଼ିଙ୍କୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ତିଳେମାତ୍ର ସୁଯୋଗ ଦେଇ ନ ଥିଲେ।




# ରାଉରକେଲା, କେନ୍ଦ୍ରାପଡ଼ା ସମ୍ବଲପୁରର ବୃହତ୍ ବିଜୟ


ହର୍ଶଦୀପ ସିଂ


ପ୍ରିୟମ୍ଭୁ ସାହୁ

**ଭୁବନେଶ୍ୱର, ୨୩।୮(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱରର ବିଭିନ୍ନ ପଡ଼ିଆରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲା କ୍ରିକେଟ ଟୁର୍ନାମେଣ୍ଟର ସୋମବାର ମ୍ୟାଚରେ ରାଉରକେଲା ଓ ସମ୍ବଲପୁର ବୃହତ୍ ବିଜୟ ହାସଲ କରିଛନ୍ତି।

ସେଞ୍ଚୁରିଅନ ଗ୍ରାଉଣ୍ଡରେ କଳାହାଣ୍ଡି ୨୩ ରନରେ ବାଲେଶ୍ୱରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା କଳାହାଣ୍ଡି ୫୦ ଓଭରରେ ୬ ଉଇକେଟ ହରାଇ ୧୮୯ ରନ କରିଥିଲା। ଦଳ ପକ୍ଷରୁ ଅଧିବାସ ପଟ୍ଟନାୟକ ସର୍ବାଧିକ ୫୨ ରନ କରିଥିଲେ। ଜବାବରେ ବାଲେଶ୍ୱର ୪୧.୫ ଓଭରରେ ୧୬୬ ରନ କରି ଅଲଆଉଟ ହୋଇଥିଲା। ବିଜୟୀ ଦଳର ପ୍ରିୟମ୍ଭୁ ସାହୁ ୩୪ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ପାରାମାଉଣ୍ଟ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ କେନ୍ଦ୍ରାପଡ଼ା ୮ ଉଇକେଟରେ ଅନୁଗୋଳକୁ ହରାଇଛି। ଅନୁଗୋଳ ୨୯.୪ ଓଭରରେ ମାତ୍ର ୭୯ ରନକରି ଅଲଆଉଟ ହୋଇଥିଲା। କେନ୍ଦ୍ରାପଡ଼ା ୨୦.୩ ଓଭରରେ ୨ ଉଇକେଟ ହରାଇ ୮୦ ରନ ସଂଗ୍ରହ କରି ନେଇଥିଲା। ଟାଉନ୍ କ୍ଲବ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ଗଞ୍ଜାମ ୧୩୫ ରନରେ ବୌଦ୍ଧକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଗଞ୍ଜାମ ୪୮.୨ ଓଭରରେ ୨୦୩ ରନରେ ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସୁଜିତ ଜାନି ସର୍ବାଧିକ ୫୧ ରନ କରିଥିବାବେଳେ ବୌଦ୍ଧର ରତିରଞ୍ଜନ ବାରିକ ୫ ଉଇକେଟ ନେଇଥିଲେ। ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ବୌଦ୍ଧ ୨୮.୪ ଓଭରରେ ୯ ଉଇକେଟ ହରାଇ ୬୮ ରନ କରି ପାରିଥିଲା। ବିଜୟୀ ଦଳର ଆଦର୍ଶ ପଟ୍ଟନାୟକ ସର୍ବାଧିକ ୪ଟି ଉଇକେଟ ନେଇଥିଲେ।

ଖୋର୍ଦ୍ଧା ପଡ଼ିଆରେ ଆୟୋଜିତ ମ୍ୟାଚରେ ରାଉରକେଲା ୧୦ ଉଇକେଟରେ ମୟୂରଭଞ୍ଜକୁ ପରାସ୍ତ କରିଛି। ମୟୂରଭଞ୍ଜ ୩୬.୪ ଓଭରରେ ମାତ୍ର ୫୮ ରନରେ ଅଲଆଉଟ ହୋଇଥିଲା। ରାଉରକେଲାର ରେହାନ ଖାଁ ୪ ଉଇକେଟ ନେଇଥିଲେ। ଜବାବରେ ରାଉରକେଲା ୯.୫ ଓଭରରେ କୌଣସି ଉଇକେଟ ନ ହରାଇ ୬୦ ରନ ସଂଗ୍ରହ କରି ନେଇଥିଲା। ସିଭି ରମଣ ପଡ଼ିଆରେ ଅନୁଷ୍ଠିତ ମ୍ୟାଚରେ ସମ୍ବଲପୁର ୨୦୧ ରନରେ ଜଗତ୍‌ସିଂହପୁରକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ସମ୍ବଲପୁର ୫୦ ଓଭରରେ ୭ ଉଇକେଟ ହରାଇ ୨୪୨ ରନ କରିଥିଲା। ତେବେ ଜଗତ୍‌ସିଂହପୁର ୧୮.୧ ଓଭରରେ ମାତ୍ର ୪୧ ରନରେ ସମସ୍ତ ଉଇକେଟ ହରାଇଥିଲା। ବିଜୟୀ ଦଳର ହର୍ଶଦୀପ ସିଂ ୧୬ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ। ହାଇ-ଟେକ୍ ପଡ଼ିଆରେ ଆୟୋଜିତ ମ୍ୟାଚରେ କୋରାପୁଟ ୩୧ ରନରେ ରାୟଗଡ଼ାକୁ ହରାଇଛି। କୋରାପୁଟ ୩୦ ଓଭରରେ ୧୫୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଜବାବରେ ରାୟଗଡ଼ା ୩୧ ଓଭରରେ ୧୨୭ ରନ କରି ଅଲଆଉଟ ହୋଇ ଯାଇଥିଲା।

# ଡୁରାଣ୍ଡ କପ୍ ଫୁଟ୍‌ବଲ ସେପ୍ଟେମ୍ବର ୫ରୁ

**କୋଲକାତା, ୨୩।୮ (ପି.ଟି.):** ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ସେପ୍ଟେମ୍ବର ୫ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ କୋଲାକାତାରେ ଖେଳାଯିବ। ଏଥିରେ ଇଣ୍ଡିଆନ ସୁପର ଲିଗ୍‌ର ୫ ଓ ଆଇ-ଲିଗ୍‌ର ୩ ଦଳ ସମେତ ୧୬ଟି ଦଳ ଭାଗ ନେବେ। ବିଶ୍ୱର ୩ୟ ସର୍ବପୁରାତନ ଏବଂ ଏସିଆର ସର୍ବପୁରାତନ ଏହି ଫୁଟ୍‌ବଲ ଟୁର୍ନାମେଣ୍ଟର ୧୩୦ତମ ସଂସ୍କରଣରେ ଆଇଏସ୍ଏଲର ଟପ୍ ଫ୍ରାଞ୍ଚାଇଜ୍ ଏଫ୍‌ସି ଗୋଆ ଓ ବେଙ୍ଗାଲୁରୁ ଏଫ୍‌ସି, ଭାରତର ଟପ୍ ଡିଭିଜନର ଅନ୍ୟ କ୍ଲବଗୁଡ଼ିକ ଭାଗ ନେବେ।

# ପାରାଲିମ୍ପିକ୍ସରେ ଆଫଗାନିସ୍ତାନ ପତାକା ଅଂଶବିଶେଷ ରହିବ

**ଟୋକିଓ, ୨୩।୮ (ପି.ଟି.):** 'ଏକତାର ପ୍ରତୀକ' ସ୍ୱରୂପ ଟୋକିଓ ପାରାଲିମ୍ପିକ୍ସର ଉଦ୍‌ଘାଟନୀ ଉତ୍ସବରେ ଆଫଗାନିସ୍ତାନ ପତାକା ସ୍ଥାନ ପାଇବ। ଅନ୍ତର୍ଜାତୀୟ ଅଲିମ୍ପିକ କମିଟି ମୁଖ୍ୟ ଆଣ୍ଡ୍ରୁ ପାର୍ସନ୍ସ ସୋମବାର ଏହି ସୂଚନା ଦେଇଛନ୍ତି। ଆଫଗାନିସ୍ତାନରେ ତାଲିବାନମାନେ କ୍ଷମତା ଦଖଲ କରିବା ପରେ ରାଜଧାନୀ କାବୁଲରୁ ସମସ୍ତ ବିମାନ ଚଳାଚଳ ବନ୍ଦ ରହିଥିବାରୁ ଦେଶର ଆଥ୍ଲେଟମାନେ ଗେମ୍ସରୁ ଓହରିଯିବାକୁ ବାଧ୍ୟ ହୋଇଛନ୍ତି। ପାର୍ସନ୍ସ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ମଙ୍ଗଳବାର ନ୍ୟାଶନାଲ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ବେଳେ ଶରଣାର୍ଥୀଙ୍କ ଲାଗି ଉଦ୍ଦିଷ୍ଟ ଜାତିସଂଘ ହାଇକମିଶନ କାର୍ଯ୍ୟାଳୟର ଜଣେ ପ୍ରତିନିଧି ଆଫଗାନିସ୍ତାନ ପତାକା ବହନ କରିବେ। ପାରା ଟାଏକୋଣ୍ଡୋ ଖେଳାଳି ଜାକିଆ ଖୁଦାଦାଦ ତାଙ୍କ ଟିମ୍‌ମେଟ୍ ହୋସେନ ରାସୋଲିଙ୍କ ସହ ଆଫଗାନିସ୍ତାନର ପ୍ରଥମ ମହିଳା ପାରା-ଆଥ୍ଲେଟ ଭାବେ ଗେମ୍ସରେ ଅଂଶଗ୍ରହଣ କରିବେ। ରବିବାର ବୋର୍ଡ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

## ଆଜି କ'ଣ କେଉଁଠି

ଦେବଗଡ
୬୦ ତମ ପ୍ରତିଷ୍ଠା ଦିବସ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, କୃଷି ବିଜ୍ଞାନ କେନ୍ଦ୍ର, ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ବଢୁଛି ଦେଶୀ ବିଦେଶୀ ମଦ କାରବାର: ନାହିଁ କାର୍ଯ୍ୟାନୁଷ୍ଠାନ

କୁଆଁରମୁଣ୍ଡା,୨୩।୮(ଡି.ଏନ୍.ଏ.):ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଅବକାରୀ ଥାନା ଅନ୍ତର୍ଗତ ବୀରମିତ୍ରପୁର, ରାଏବୋଗା, କୁଆଁରମୁଣ୍ଡା ଅଞ୍ଚଳରେ ଦେଶୀ, ବିଦେଶୀ ମଦ କାରବାର ବୃଦ୍ଧି ପାଉଛି। ବୀରମିତ୍ରପୁରର ପାତାଳକାଣ୍ଡ, ବାରାବାଂ, ରାଏବୋଗା ଜୋନର ଅଣ୍ଡାଳି-ଜାମବାହାଲ, ମଝାପଡ଼ା, ଦଲକି, ସଲଙ୍ଗାବାହାଲ ଓ କୁଆଁରମୁଣ୍ଡା ଜୋନର କୁମଝରିଆ, ଖୁଖୁଣ୍ଡୁବାହାଲ, ଡୁମେରଯୋର, କଚାରୁ, ଝାରବେଡା ଇତ୍ୟାଦି ପଞ୍ଚାୟତ ଅଞ୍ଚଳରେ ଦେଶୀ, ବିଦେଶୀ ମଦ କାରବାର ବୃଦ୍ଧି ପାଉଛି। ଫଳରେ ଅଞ୍ଚଳରେ ବିଭିନ୍ନ ପ୍ରକାର ଅସାମାଜିକ କାର୍ଯ୍ୟକଳାପ ବିଶେଷକରି ଘରୋଇ କଳି, ଛିନତାଇ ବୃଦ୍ଧି ପାଉଛି। ଏପରିକି ଛୋଟ ପିଲାମାନେ ମଧ୍ୟ ମଦ୍ୟପାନ କରିବାକୁ ପଛାଉ ନାହାନ୍ତି। ସେମାନେ ମଦ୍ୟପାନ କରି ବେପରୁଆଭାବେ ବାଇକ୍ ଚଲାଉଥିବାରୁ ଅନେକ ସମୟରେ ରାସ୍ତା ଦୁର୍ଘଟଣା ଘଟାଉଥିବା ନଜିର ରହିଛି। ହେଲେ ଏପରିସ୍ଥଳେ ସ୍ଥାନୀୟ ଅବକାରୀ ବିଭାଗ ବୀରମିତ୍ରପୁର ଅଞ୍ଚଳରେ ଥିଲା ପରି ଜଣାପଡୁ ନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଦେଶୀ, ବିଦେଶୀ ମଦର ପ୍ରସାର ବୃଦ୍ଧି ସାଙ୍ଗକୁ ଅବକାରୀ ବିଭାଗର ନିଷ୍କ୍ରିୟତା ଯୋଗୁ ବୀରମିତ୍ରପୁର ଉପଖଣ୍ଡ ସତେ ଯେପରି ମଦୁଆଙ୍କ ଆଡ୍ଡାସ୍ଥଳରେ ପରିଣତ ହେବା ଘଟଣାକୁ ଅସ୍ୱୀକାର କରିହେବ ନାହିଁ। ଏଥିପ୍ରତି ଅବକାରୀ ଓ ପୋଲିସ ବିଭାଗର ଉଚ୍ଚ ଅଧିକାରୀ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଅଚାନକ ଚଢାଉ କରିବାର ଜରୁରୀ ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

### ମାତୃଜାତିର ସୁରକ୍ଷା ସମସ୍ତଙ୍କ ଧେୟ ହେଉ

ସୁନ୍ଦରଗଡ଼,୨୩।୮(ଡି.ଏନ.ଏ): ବାଲିଶଙ୍କରା ବ୍ଲକ ତିଲେଇକାନି ପଞ୍ଚାୟତ ଅନ୍ତର୍ଗତ ବେଲମୁଣ୍ଡା ଗ୍ରାମରେ ରବିବାର ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ଭଗବାନ ବଳଭଦ୍ରଙ୍କ ପାଖରେ ପୂଜାର୍ଚ୍ଚନା ପରେ ଗ୍ରାମର ଶ୍ରଦ୍ଧାଳୁଙ୍କ ଦ୍ୱାରା ନାମ କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ତାପରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ସମାଜସେବୀ ଶାନ୍ତନୁ କୁସୁମ ଯୋଗଦେଇ ରାକ୍ଷୀ ପୂର୍ଣ୍ଣିମା ପାଳନର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତା'ସହିତ ମାତୃଜାତିର ସୁରକ୍ଷା ବିନା ଏକ ବୈଭବଶାଳୀ ଭାରତ ନିର୍ମାଣର ପରିକଳ୍ପନା ଅସମ୍ଭବ ବୋଲି କୁସୁମ ଅଭିହିତ କରିଥିଲେ। ସମସ୍ତ ମତ ପାର୍ଥକ୍ୟକୁ ଭୁଲି ସ୍ନେହ ମମତାର ବନ୍ଧନରେ ବାନ୍ଧି ହେବାକୁ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ କରିଥିଲେ। ବଳରାମ ବାରଲାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅର୍ଜୁନ ଆପଟ, ସତ୍ୟାନନ୍ଦ ମାହାର, ଗୁରବାରୁ ନାଏକ, ପୁଷ୍ପ ମାହାର, ଝଗରୁ ନାଏକ, ପିତାମ୍ବର ସେଠ, ହରି ମାହାର, ସୋନୁ ନାଏକ, ସନିଆର ନାଏକ, ମାଳତି ନାଏକ, ଶକୁନ୍ତଳା ନାଏକ, ଅମୂଲ୍ୟ ନାଏକ, ମନ୍ଦାଦେଇ ନାଏକ, ରମ୍ଭା ମାହାର, ଲକ୍ଷ୍ମୀ ମାଝୀ, ଶ୍ୟାମାରାଣୀ ସାଏ, ଶିବାନୀ ନାଏକ, ଯମୁନା ସେଠ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ଲାଖଟୋଲା ଖେଳପଡ଼ିଆ ଜବରଦଖଲ ନେଇ ଅଭିଯୋଗ

କୁଆଁରମୁଣ୍ଡା,୨୩।୮(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ରାଜସ୍ୱ ସର୍କଲ ଅନ୍ତର୍ଗତ ଲାଖଟୋଲା ଗ୍ରାମର ଏକମାତ୍ର ଖେଳପଡ଼ିଆକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଜବରଦଖଲ କରିବାକୁ ମସୁଧା ଚଳାଇଛନ୍ତି। ଏ ନେଇ ଗ୍ରାମବାସୀ ଓ ଯୁବ ଖେଳାଳିମାନେ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଶେଷକରି ଉକ୍ତ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ସେମାନେ କୁଆଁରମୁଣ୍ଡା ବିଡିଓ, ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ ଉକ୍ତ ଖେଳପଡ଼ିଆର ଚିହ୍ନଟିକରଣ କରାଯାଇ ଏହାର ଉନ୍ନତିକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଗ୍ରାମର ଭୀମସେନ ମାଝି, କ୍ଷୀରୋଦିନି ମାଝି, ରଶ୍ମି କିଷାନ, ସାଲୋମୀ ବେକ୍, ଅଙ୍ଗନୱାଡି କର୍ମୀ ଗୋଲାପି ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମାଝି, ରଙ୍ଗବତୀ କିଷାନ, ସୁନିତା କିଷାନ, ଲୀଳା କିଷାନ, ସୁସ୍ମିତା କିଷାନ, ଯୋଗେଶ୍ୱର କିଷାନ, ଅଶୋକ କିଷାନ, ଦୀପକ କିଷାନ, ସୁଶାନ୍ତ କିଷାନ, ପବନ କିଷାନ ପ୍ରମୁଖଙ୍କ ସହ ଶତାଧିକ ଗ୍ରାମବାସୀ ଲିଖିତ ଅଭିଯୋଗ କରିଛନ୍ତି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରି ତ୍ୱରିତ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

# ଲାଞ୍ଜିବେର୍ଣ୍ଣା ଖଣି ସମ୍ପ୍ରସାରଣ ଜନଶୁଣାଣି

ସୁନ୍ଦରଗଡ଼/ରାଜଗାଙ୍ଗପୁର/କୁତ୍ରା, ୨୩।୮ (ଡି.ଏନ୍.ଏ.)



ଜନଶୁଣାଣିକୁ ଅଞ୍ଚଳବାସୀଙ୍କ ପକ୍ଷରୁ ବିରୋଧ କରାଯାଉଛି।

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରଠାରେ ଥିବା ଡାଲମିଆ ସିମେଣ୍ଟ ଲାଞ୍ଜିବେର୍ଣ୍ଣା ଖଣି ସମ୍ପ୍ରସାରଣ ପାଇଁ ସୋମବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ରାଜଗାଙ୍ଗପୁର ଏବଂ କୁତ୍ରା ବ୍ଲକ ଅନ୍ତର୍ଗତ କୁକୁଡା ଏବଂ ଅଲଣ୍ଡା ଗ୍ରାମପଞ୍ଚାୟତରେ ଖଣି ସମ୍ପ୍ରସାରଣ ପାଇଁ ଆବଶ୍ୟକ ଜମି ଅଧିଗ୍ରହଣ ପାଇଁ ପ୍ରଶାସନ ପକ୍ଷରୁ ପୂର୍ବଘୋଷିତ ସମୟ ଅନୁସାରେ ଏହି ଜନଶୁଣାଣି ଶିବିର ଆରମ୍ଭ ପୂର୍ବରୁ ସ୍ଥାନୀୟ କିଛି ଜନସାଧାରଣଙ୍କ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯାଇଥିଲା। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ସ୍ଥାନୀୟ ଅଧିବାସୀଙ୍କ ସହ ଆଲୋଚନା କରିଥିଲେ। ସୁନ୍ଦରଗଡ ଜିଲାପାଳ ଓସିଏଲ ଇଣ୍ଡିଆ ଲିମିଟେଡର ଏହି ଲାଞ୍ଜିବେର୍ଣ୍ଣା ଖଣି ସମ୍ପ୍ରସାରଣ ପାଇଁ ଅଲଣ୍ଡା ପଞ୍ଚାୟତର ୧୬୪.୮୨ ଏକର ଏବଂ କୁକୁଡା ପଞ୍ଚାୟତର ୧୬୨.୯୬ଏକର ଜମି ଅଧିଗ୍ରହଣ ସକାଶେ ଏହି ଜନଶୁଣାଣି ଆୟୋଜନ କରିବା ପାଇଁ ନିର୍ଦ୍ଦେଶପତ୍ର ଜାରି କରିଥିଲେ। ପୂର୍ବରୁ ଜମିଅଧିଗ୍ରହଣ ପ୍ରଭାବ ଜାଣିବା ପାଇଁ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡିଜ୍ ଅନୁଷ୍ଠାନ ଦ୍ୱାରା ପ୍ରସ୍ତୁତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ରିପୋର୍ଟ ପ୍ରଭାବିତ ପରିବାରଙ୍କ ଅବଗତି ପାଇଁ କୁକୁଡା ଏବଂ ଅଲଣ୍ଡା ସରପଞ୍ଚଙ୍କୁ ଦିଆଯାଇଥିଲା। ଏହି ରିପୋର୍ଟ ଉପରେ ପ୍ରଭାବିତ ପରିବାରଙ୍କ ମତାମତ ପାଇଁ ଏହି ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ହେଲେ ଶିବିର ଆରମ୍ଭ ପୂର୍ବରୁ ଏସମ୍ପ୍ରସାରଣକୁ ବିରୋଧ କରୁଥିବା କିଛି ଲୋକ ହାତରେ ପ୍ଲାକାର୍ଡ ଧରି ବିରୋଧ ପ୍ରଦର୍ଶନ କରିଥିଲେ। ସଦର ଉପଜିଲାପାଳ ବେହେରା ସପକ୍ଷ ଓ ବିପକ୍ଷବାଦୀ ଲୋକଙ୍କ ମତାମତ ଶୁଣିବା ସହ ଖଣି ସମ୍ପ୍ରସାରଣ ଦ୍ୱାରା ପ୍ରଭାବିତ ଲୋକଙ୍କ ବିଭିନ୍ନ ଗଠନମୂଳକ ପ୍ରସ୍ତାବକୁ ମଧ୍ୟ ଗ୍ରହଣ କରାଯାଇ ପ୍ରଶାସନ ପକ୍ଷରୁ ବିସ୍ଥାପିତ ଓ ପ୍ରଭାବିତ ଅଧିବାସୀଙ୍କୁ ଓଡିଶା ରାଜ୍ୟ ସରକାରଙ୍କ ବିସ୍ଥାପନ ନୀତି ଅନୁଯାୟୀ ସମସ୍ତ ପ୍ରକାର ସୁବିଧା ପ୍ରଦାନ ଦିଗରେ ପ୍ରଶାସନ ପଦକ୍ଷେପ ନେବ ବୋଲି କହିଥିଲେ। ଏହା ପରେ ଜନଶୁଣାଣି ଶିବିର ଶେଷ ହୋଇଥିବା ସେ କହିଛନ୍ତି। ଏହି ଶିବିରରେ ଉପଜିଲାପାଳ ବେହେରାଙ୍କ ସମେତ ରାଜଗାଙ୍ଗପୁର ତହସିଲଦାର ଶରତ କୁମାର ବାଗ୍, ବିଡିଓ ପୀୟୁଷ ଲୋହାର , ଅତିରିକ୍ତ ଏସ୍‌ପି ସୁରେନ୍ଦ୍ର କୁମାର ମାଝି, ଏସଡିପିଓ ଶଶାଙ୍କ ଶେଖର ବେହୁରା ଓ ଅନ୍ୟ ପ୍ରଶାସନିକ ଅଧିକାରୀ, କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ। ଏହି ଜନଶୁଣାଣି ପାଇଁ ୧୨ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। ଜନଶୁଣାଣି ପାଇଁ ଧାର୍ଯ୍ୟ ସମୟରେ ଗାଁ ନିକଟରେ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପଞ୍ଚାୟତ ଅଫିସ ଅଭିମୁଖେ ବାହାରିଥିଲେ କିନ୍ତୁ ଗ୍ରାମବାସୀମାନେ ସେମାନଙ୍କୁ ରାସ୍ତାରେ ହିଁ ଅଟକାଇ ଦେଇ ବିଭିନ୍ନ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଏହା ପରେ ଉପଜିଲାପାଳ କିଛି ସମୟ ଅପେକ୍ଷା କରିବା ପରେ ରାସ୍ତା ଉପରେ ଏହି ଶୁଣାଣି କାର୍ଯ୍ୟ ଆରମ୍ଭ କରିଥିଲେ। ଯେଉଁମାନେ ନିଜର ମତ ରଖି ପାରି ନାହାନ୍ତି, ନିଜ ମତ ଲେଖି ଜଣାଇବାକୁ କହିଥିଲେ। ଅପରପକ୍ଷେ କିଛି ଗ୍ରାମବାସୀ ଏହି ଖଣି ସମ୍ପ୍ରସାରଣ ହେଲେ ସ୍ଥାନୀୟ ବେକାର ଯୁବକମାନଙ୍କୁ ନିଯୁକ୍ତି ଓ ଶିକ୍ଷାର ସୁବିଧା ମିଳିବ ବୋଲି କହିଥିବା ବେଳେ ଆଉ କିଛି ବ୍ୟକ୍ତି ଶାଗମାଛ ଦରରେ ଜମି ଅଧିଗ୍ରହଣ କରା ନ ଯାଇ ଉଚିତ ମୂଲ୍ୟ ପ୍ରଦାନ ସହ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ପାଇଁ ଦାବି କରିଛନ୍ତି।

# ଉପଯୁକ୍ତ ଯାଆଁଳ, ପରାମର୍ଶ ପାଉନାହାନ୍ତି ମତ୍ସ୍ୟଚାଷୀ

**କୁତ୍ରା ବ୍ଲକରେ ମତ୍ସ୍ୟ ଯାଆଁଳ ଉତ୍ପାଦନ କେନ୍ଦ୍ର କରାଯାଉ**

କୁତ୍ରା, ୨୩।୮(ଡି.ଏନ.ଏ)

୧୬ଟି ଗ୍ରାମପଞ୍ଚାୟତକୁ ନେଇ ଗଠିତ କୁତ୍ରା ବ୍ଲକ ମାଛ ଚାଷ କ୍ଷେତ୍ରରେ ଅବହେଳିତ। ମାଛଚାଷୀ ଉପଯୁକ୍ତ ମତ୍ସ୍ୟ ଯାଆଁଳ ପାଉନାହାନ୍ତି କି ବିଭାଗୀୟ ପରାମର୍ଶ ପାଉନାହାନ୍ତି। ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀଙ୍କ ଅଭାବ ଅନୁଭବ କରୁଛନ୍ତି। ଅଧିକରୁ ଅଧିକ ମତ୍ସ୍ୟ ଚାଷ କରିବା ପାଇଁ ସରକାରୀ ପ୍ରୋତ୍ସାହନ ମିଳୁଛି। ମାତ୍ର ଏହାକୁ କାର୍ଯ୍ୟକାରୀ କରିବା ଦିଗରେ ଦାୟିତ୍ୱ ନେଇଥିବା ବିଭାଗ ବସ୍ତୁତଃ ବିଫଳ। ଅପେକ୍ଷାକୃତ ପାହାଡିଆ ଅଞ୍ଚଳ ଭାବେ ପରିଚିତ କୁତ୍ରା ବ୍ଲକରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ପୋଖରୀ ଖନନ କେଳେଙ୍କାରୀ ହୋଇଥିବା ଅଭିଯୋଗ ହୋଇଛି। ଏହା ସାଙ୍ଗକୁ ଜଳ ଅମଳ ପ୍ରକଳ୍ପ ଓ ମାଛ ଚାଷ ପାଇଁ କୃତ୍ରିମ ପୋଖରୀ ଖନନରେ ବି ଅନିୟମିତତା ହୋଇଛି। ପୁରାତନ ପୋଖରୀର ପୁନରୁଦ୍ଧାର ଭିତ୍ତିଭୂମି ବିକାଶର ଅଭାବରୁ ମାଛ ଚାଷ କରିବାକୁ ଚାହୁଁଥିବା ବ୍ୟକ୍ତିବିଶେଷ ଠିକଣା ସମୟରେ ଯାଆଁଳା ପାଇ ପାରୁ ନାହାନ୍ତି। ଏହାର ଫାଇଦା ନେଉଛନ୍ତି ବାହାର ଓ ସ୍ଥାନୀୟ ବ୍ୟବସାୟୀ। ମାଛର ମାନ ଓ କିଷମ ଚାଷୀଙ୍କୁ ଅଜଣା। ଏହି ଯାଆଁଳ ସେମାନଙ୍କୁ ଚଢା ଦରରେ କିଣିବାକୁ ପଡୁଛି। ତଟକା ମାଛ କୁତ୍ରାବାସୀ ବର୍ଷବର୍ଷ ଧରି ପାଇବାରୁ ବଞ୍ଚିତ।ପ୍ରାୟ ସମସ୍ତ ପଞ୍ଚାୟତରେ ଆବଶ୍ୟକ ପରିମାଣର ପୋଖରୀର ଅଭାବ ଥିବାବେଳେ ଯେଉଁ କେତେଜଣ ବ୍ୟକ୍ତିଗତ ଭାବେ କିମ୍ବା ପଞ୍ଚାୟତ ପୋଖରୀ ନିଲାମ ନେଇ ମାଛ ଚାଷ କରିବା ପାଇଁ ଆଗ୍ରହୀ ସେମାନଙ୍କୁ ନା ମିଳୁଛି ଉନ୍ନତମାନର ବିହନ ନା ମିଳୁଛି ପ୍ରୋତ୍ସାହନ। ଜିଲା ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ବିଭାଗ ଆନ୍ତରିକତାର ସହ ଏଦିଗରେ ତତ୍ପରତା ଦେଖାଇଲେ ଚଳିତ ବର୍ଷା ଋତୁରେ ମତ୍ସ୍ୟ ଚାଷୀ ଉପକୃତ ହୋଇ ପାରନ୍ତେ ବୋଲି ମାଛ ଚାଷୀ ସାଙ୍ଗକୁ କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଆଶା ବ୍ୟକ୍ତ କରିଛନ୍ତି। କୁତ୍ରା ଠାରୁ ସ୍ୱଳ୍ପ ଦୂରରେ ଥିବା ଡୁଡ଼ଲଗା ସ୍ଥିତ ଯାଆଁଳ ଉତ୍ପାଦନ କେନ୍ଦ୍ରକୁ ଅଧିକ କ୍ରିୟାଶୀଳ କରିବା ସହିତ କୁତ୍ରା ବ୍ଲକରେ ମଧ ଯାଆଁଳ ଉତ୍ପାଦନ କେନ୍ଦ୍ର, ପରାମର୍ଶ ସହିତ ବ୍ୟବସ୍ଥା କରିବାକୁ ମତ୍ସ୍ୟ ଚାଷୀମାନେ ଦାବି କରିଛନ୍ତି।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା




ବିଜେଡ଼ି ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

**ବିଜୁ ଜନତା ଦଳ ପକ୍ଷରୁ ଜୋନସ୍ତରୀୟ ବୈଠକ**

ଲହୁଣୀପଡା,୨୩।୮ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ଲହୁଣୀପଡାସ୍ଥିତ କଲ୍ୟାଣ ମଣ୍ଡପଠାରେ ବିଜୁ ଜନତା ଦଳ ପକ୍ଷରୁ ଜୋନସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲହୁଣୀପଡା ବ୍ଲକ ବିଜେଡି ସଭାପତି କୁମାର ଗୌତମ ବାରିକ ଅଧ୍ୟକ୍ଷତା କରିଥିବା ବେଳେ ବଣାଇ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ଶିଶିର କୁମାର ପରିଜା ଯୋଗଦେଇଥିଲେ। ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଅଣଜିତ କିଷାନ, ସରସ୍ୱତୀ ନାଏକ, ବଣାଇ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା କିଷାନ, ଜିଲା ପରିଷଦ ସଦସ୍ୟ କେଦାର କୁମାର ମାହାନ୍ତ, ମୁଖପାତ୍ର ସୁନ୍ଦରମଣୀ ପ୍ରଧାନ, ଯୁବ ସାଧାରଣ ସମ୍ପାଦକ କାହ୍ନୁରୁ କିଷାନ ମଞ୍ଚାସୀନ ଥିଲେ। ବୈଠକରେ ଲହୁଣୀପଡା ଓ କୋଇଡା (କ) ଜୋନର କର୍ମକର୍ତ୍ତା ଏବଂ ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ, ବାଙ୍କି, କୁଚେଇତା ପଞ୍ଚାୟତର କର୍ମକର୍ତ୍ତା ଯୋଗଦେଇଥିଲେ। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଦଳର ସଫଳତା ପାଇଁ କି ପ୍ରକାର ରଣନୀତି କରାଯିବ ଓ ସେଥିରେ ଜୋନ ସ୍ତରୀୟ କର୍ମକର୍ତ୍ତାଙ୍କର ଭୂମିକା ରହିଛି ସେ ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିବା ସହିତ କର୍ମ ଓ କର୍ମକର୍ତ୍ତାଙ୍କୁ ଯତ୍ନଶୀଳ ହେବା ପାଇଁ ପରାମର୍ଶ ଦେଇଥିଲେ। ସଦସ୍ୟ ଘୋଷିତ ବିଜୁ ଜନତା ଦଳ ସାଙ୍ଗଠନିକ ରାଉରକେଲାର ମହିଳା କମିଟିର କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଜିଲା ଉପସଭାପତି ଭାବେ ମଞ୍ଜୁଲତା କିଷାନ, ସାଧାରଣ ସମ୍ପାଦକ ଭାବେ ଅନିତା ପୂର୍ତ୍ତି, ସମ୍ପାଦକ ଭାବେ ଲକ୍ଷ୍ମୀ କିଷାନ, ପବନୀ ଭୋଇ, ସରୋଜିନୀ କୁଜୁର, ଉତରା ପାତ୍ର, ନିରାଶ କିଷାନ ଓ ଜିଲା ଡିଜିଟାଲ ସମ୍ପାଦକ ଭାବେ ସରସ୍ୱତୀ ନାଏକ ଏବଂ ବଣାଇ ନିର୍ବାଚନ ମଣ୍ଡଳୀର ଚାରୋଟି ବ୍ଲକର ମହିଳା ସଭାପତି ଭାବେ ଜୟନ୍ତୀ ମାହାନ୍ତ ଲହୁଣୀପଡା, ଦ୍ରୌପଦୀ କିଷାନ କୋଇଡା, ବିନିତା ବେହେରା ବଣାଇ, ଚାନ୍ଦମଣୀ ସାଣ୍ଡିଲ ଗୁରୁଣ୍ଡିଆର ଘୋଷଣା କରାଯାଇଥିଲା। ବ୍ଲକ ଉପସଭାପତି ପ୍ୟାରା ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ ।

# ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ସ୍ମାରକପତ୍ର

**ଅନୁସୂଚିତ ଜାତିର ଲୋକଙ୍କ ଉପରେ ଅତ୍ୟାଚାର ଅଭିଯୋଗ**

ଦେବଗଡ଼,୨୩।୮(ଡି.ଏନ.ଏ)




ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ସ୍ମାରକପତ୍ର ଦିଆଯାଉଛି।

ଅନୁସୂଚିତ ଜାତିର ଲୋକଙ୍କ ଉପରେ ବିଜେଡି ନେତା ଓ କର୍ମୀମାନଙ୍କର ଅତ୍ୟାଚାରକୁ ବିରୋଧ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇ ସ୍ମାରକପତ୍ର ଦିଆଯାଇଛି। ଅନୁସୂଚିତ ଜାତିର ଲୋକଙ୍କ ଉପରେ ଅତ୍ୟାଚାରକୁ ନେଇ ଥାନାରେ ଏତଲା ପ୍ରଦାନ ସତ୍ତ୍ୱେ ପୋଲିସ ଏତଲା ରଖୁ ନ ଥିବା ଏବଂ ଏସ୍‌ପିଙ୍କ ପ୍ରତିଶ୍ରୁତି ସତ୍ତ୍ୱେ ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାର ପ୍ରତିବାଦ ଏବଂ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଦୁର୍ନୀତି ହେଉଥିବା ନେଇ ସୋମବାର ଦେବଗଡ ଜିଲା ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଭାଜପା ରାଜ୍ୟ ଅନୁସୂଚିତ ଜାତି ମୋର୍ଚ୍ଚାର ଆହ୍ୱାନ କ୍ରମେ ଦେବଗଡ଼ ଜିଲା ସଭାପତି ପ୍ରଜିତ କୁମାର ଭୋଜଙ୍କ ନେତୃତ୍ୱରେ ପୂର୍ବତନ ସଭାପତି ସୁରୁ ପାତ୍ର, କୁନା ନାଏକ, ଶତ୍ରୁଘ୍ନ ପାତ୍ର ଓ ବଭ୍ରୁବାହନ ହସ୍ତୀଙ୍କ ସମେତ ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ବହୁ କର୍ମୀ ବସନ୍ତନିବାସ ଡାକବଙ୍ଗଳାରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଡେପୁଟି କଲେକ୍ଟର ସୁଶାନ୍ତ ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେବା ସହ ବରଖାସ୍ତ ଦାବି କରିଥିଲେ। ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିବା ସ୍ମାରକପତ୍ରରେ ସେମାନେ କେନ୍ଦ୍ରାପଡା ଜିଲା ଆଳି ନିର୍ବାଚନ ମଣ୍ଡଳୀରେ ଏମ୍‌ଜିଏନ୍‌ଆରଇଜିଏସ୍ ଦୁର୍ନୀତିର ପର୍ଦ୍ଦାଫାଶ କରିଥିବା ଅନୁସୂଚିତ ଜାତିର ଯୁବକଙ୍କୁ ସରପଞ୍ଚ ଓ ତାଙ୍କ ପୁଅର ଆକ୍ରମଣ ଏବଂ ଜଗତସିଂହପୁର ଜିଲାରେ ଅନୁସୂଚିତ ଜାତିର ଯୁବକଙ୍କ ଉପରେ ଅତ୍ୟାଚାର କରିଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବଦଳରେ ଅଭିଯୋଗକାରୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ପ୍ରସଙ୍ଗରେ ପୋଲିସର ଭୂମିକାକୁ ନିନ୍ଦା କରିଥିଲେ। ଏହାସହ ରାଜ୍ୟରେ ଦଳିତମାନଙ୍କୁ ସୁରକ୍ଷା ପ୍ରଦାନ କରିବା ଏବଂ କେନ୍ଦ୍ରାପଡା, ଜଗତସିଂପୁର ଜିଲାର ଅଧିକାରୀମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିବା ଜଣାପଡିଛି। ସ୍ମାରକପତ୍ର ପ୍ରଦାନ ସମୟରେ ପର୍ଯ୍ୟବେକ୍ଷକ ଭାବେ ଅନୁସୂଚିତ ଜାତି ମୋର୍ଚ୍ଚାର ଦେବଗଡ଼ ଜିଲା ପ୍ରଭାରୀ ପରିକ୍ଷୀତ ଛତର ଯୋଗଦେଇଥିଲେ।

### ନେହେରୁ ଯୁବକେନ୍ଦ୍ର ତରଫରୁ ସୁସ୍ଥ ଦୌଡ କାର୍ଯ୍ୟକ୍ରମ

ସୁନ୍ଦରଗଡ଼, ୨୩।୮(ଡି.ଏନ୍.ଏ.)

ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ସୁନ୍ଦରଗଡ଼ ଜିଲା ନେହେରୁ ଯୁବ କେନ୍ଦ୍ର ତରଫରୁ ସୁସ୍ଥ ଦୌଡ କାର୍ଯ୍ୟକ୍ରମ ଆସନ୍ତା ୪ ତାରିଖ ଅନୁଷ୍ଠିତ ହେବ। ଏନେଇ ସୋମବାର ନେହେରୁ ଯୁବ କେନ୍ଦ୍ର ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚିତ କରାଯାଇଛି। ଜିଲା ଯୁବ ଅଧିକାରୀ କେ.ଭି ଉଜ୍ଜଳ ଏବଂ ସମସ୍ତ ଅଧିକାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମ୍ମିଳନୀରେ କୁହାଯାଇଛି ଯେ, ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ସରକାରଙ୍କ ପକ୍ଷରୁ ବର୍ଷବ୍ୟାପି ସାରା ଦେଶରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବାବେଳେ ଆସନ୍ତା ୪ତାରିଖ ସ୍ଥାନୀୟ ସରକାରୀ ମହାବିଦ୍ୟାଳୟରେ ସୁସ୍ଥ ଦୌଡ ସକାଳ ୯ରୁ ଆରମ୍ଭ ହେବ। କୋଭିଡ କଟକଣା ଯୋଗୁ ସୀମିତ ସଂଖ୍ୟକ ଯୁବତୀ ଯୁବକଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

### ଧାନବିଲ ଭିତରୁ ୨ଟି ଗଳିତ ମୃତଦେହ ଜବତ

ସୁନ୍ଦରଗଡ଼,୨୩।୮(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ସର୍ଗିପାଲି ଫାଣ୍ଡି ଅନ୍ତର୍ଗତ କଟୁଆଳିବାଗ ନିକଟ ଏକ ଧାନ ବିଲ ମଧ୍ୟରୁ ପୋଲିସ ୨ ଜଣ ଯୁବକଙ୍କ ଗଳିତ ମୃତଦେହ ସୋମବାର ଜବତ କରିଛି। ସେମାନଙ୍କ ପରିଚୟ ମିଳିପାରିନାହିଁ। ମୃତଦେହ ଉଦ୍ଧାର କରି ପୋଲିସ ଅପମୃତ୍ୟୁ ମାମଲା (ନଂ.୩୪/୨୦୨୧)ରୁଜୁ କରିଛି। କେଉଁ କାରଣରୁ ମୃତ୍ୟୁ ଘଟିଛି, ସେନେଇ ପୋଲିସ ଅଧିକ ତଦନ୍ତ କରୁଛି।

# ମା' ମଙ୍ଗଳା କ୍ଲବ ବିଜୟୀ

**ତ୍ରିଦିବସୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ**



ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ କରାଯାଉଛି।

ଦେବଗଡ଼,୨୩।୮(ଡି.ଏନ.ଏ.)

ବାରକୋଟ ବ୍ଲକ ରଙ୍ଗେଇ ପଞ୍ଚାୟତ ଶିରୋଡିହି (ସାନ) ଗ୍ରାମ ମା'ମଙ୍ଗଳା କ୍ଲବ ଆନୁକୂଲ୍ୟରେ ଗ୍ରାମ ପଡିଆଠାରେ ସୋମବାରଠାରୁ ଆରମ୍ଭ ହୋଇଥିବା ତ୍ରିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଆୟୋଜିତ ଶିରୋଡିହି (ସାନ) ଗ୍ରାମ ମା' ମଙ୍ଗଳା କ୍ଲବ ବଡକଟା, ସୁନ୍ଦରଗଡ ଫୁଟବଲ ଦଳକୁ ୧-୦ ଗୋଲରେ ପରାସ୍ତ କରିଥିଲା। ମ୍ୟାଚକୁ ରେଫରୀ ଭାବେ ବସନ୍ତ କୁମାର ପାତ୍ର, ବାବୁଲି ଓ ମୁରଲି ପରିଚାଳନା କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଧର୍ମେନ୍ଦ୍ର ଦେବତା, ସମ୍ମାନିତ ଅତିଥି ଭାବେ ବାରକୋଟ ବ୍ଲକ ବିଜେଡି ସଭାପତି ହୀରାଲାଲ ସାହୁ ଯୋଗଦାନକରି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ଆୟୋଜକ ଶିରୋଡିହି (ସାନ) ଗ୍ରାମ ମା' ମଙ୍ଗଳା କ୍ଲବର ପ୍ରକାଶ କିଡୋ, ପିଣ୍ଟୁ ଟପନ, ସୁଶାନ୍ତ କୁଲୁ, ରଞ୍ଜିତ ଲୁଗୁନ, ସୀତାରାମ ବାଙ୍କିରାଙ୍କ ସମେତ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଭାଜପାରେ ଯୋଗଦେଲେ ବଡ଼ଗାଁ ବ୍ଲକ ଅଧ୍ୟକ୍ଷା

**ବଡ଼ଗାଁ ବ୍ଲକର ୪ ସମିତି ସଭ୍ୟା ବି ଭାଜପାରେ ମିଶିଲେ**

ସୁନ୍ଦରଗଡ଼, ୨୩।୮ (ଡି.ଏନ୍.ଏ.)



ଭାଜପାରେ ଯୋଗଦେଇଥିବା ବ୍ଲକ ଅଧ୍ୟକ୍ଷା ଓ ୪ ସମିତି ସଭ୍ୟା।

ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ୩ପ୍ରମୁଖ ରାଜନୈତିକ ଦଳ ନିଜର ସାଙ୍ଗଠନିକ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହ ରଣକୌଶଳ ଆରମ୍ଭ କରିଛନ୍ତି। ସୋମବାର ସୁନ୍ଦରଗଡ଼ ଜିଲା ଭାଜପା (ଭାରତୀୟ ଜନତା ପାର୍ଟି) କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ତଳସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବଡ଼ଗାଁ ବ୍ଲକର ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜ ଭାଜପାରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଛନ୍ତି। ତାଙ୍କ ସହିତ ସେହି ବ୍ଲକର ଇତମା ପଞ୍ଚାୟତ ସମିତି ସଭ୍ୟା ପୁଷ୍ପଲତା ସାହୁ, ଦାଣ୍ଡଜମିରା ପଞ୍ଚାୟତ ସମିତି ସଭ୍ୟା ସୌଦାମିନୀ ହାହା, ପାମରା ପଞ୍ଚାୟତ ସମିତି ସଭ୍ୟ ନନ୍ଦିନୀ ସିଂ, ଫୁଲବାରୀ ସମିତି ସଭ୍ୟା ସନ୍ତୋଷୀ ଚାନ୍ଦ ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଭାଜପା ସାଙ୍ଗଠନିକ ଜିଲା ସଭାପତି ତଥା ତଳସରା ବିଧାୟକ ଭବାନୀ ଶଙ୍କର ଭୋଇ ଭାଜପାରେ ଯୋଗଦେଇଥିବା ବଡ଼ଗାଁ ବ୍ଲକ ଅଧ୍ୟକ୍ଷା ଓ ୪ଜଣ ସମିତି ସଭ୍ୟାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଭାରତୀୟ ଜନତା ପାର୍ଟିର ନୀତି ଆଦର୍ଶ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକାଭିମୁଖୀ ଗରିବ କଲ୍ୟାଣକାରୀ ଯୋଜନା, ଦେଶ ହିତ ପାଇଁ ନେଉଥିବା ଅନେକ ଐତିହାସିକ ନିଷ୍ପତ୍ତି ତଥା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି ନଡ୍ଡାଙ୍କ ଦୃଢ ସଙ୍ଗଠନରେ ଅନୁପ୍ରାଣୀତ ହୋଇ ସେମାନେ ଭାଜପାରେ ଯୋଗଦେଇଥିବା କହିଛନ୍ତି। ଆଗାମୀ ଦିନରେ ବଡ଼ଗାଁ ବ୍ଲକରେ ଭାଜପା ସଙ୍ଗଠନ ଓ ମାତୃଶକ୍ତି ସଙ୍ଗଠନକୁ ତୃଣମୂଳସ୍ତରରେ ମଜବୁତ କରିବା ସହ ତ୍ରିସ୍ତରୀୟ ନିର୍ବାଚନରେ ଦଳକୁ ଭଲ ପ୍ରଦର୍ଶନ ଦେବ ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ର, କୃଷକ ମୋର୍ଚ୍ଚାର ରାଜ୍ୟ ସମ୍ପାଦକ ଉପାଧ୍ୟାୟ ପାଣିଗ୍ରାହୀ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଶାନ୍ତିଲତା ସରାଫ, ବରିଷ୍ଠ ଭାଜପା ନେତା ଭେଷଜ ରଥ, ପ୍ରତାପ ମହାପାତ୍ର, ପଦ୍ମନାଭ ପଣ୍ଡା, ଶିଶିର ରାଉତରାୟ, ମଣ୍ଡଳ ସଭାପତି ବାବୁଲି ଖରସେଲ, ହୀରାଧର ମାଝୀ, ସୁଜିତ ପଟେଲ, ଦେବେନ୍ଦ୍ର ଦାସ, ଅଖିଳ ବେହେରା, ଅଖିଳ ଦେଓ ଓ ଅଚ୍ୟୁତାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ଝାରସୁଗୁଡ଼ା ଅଫିସ:** ଲଖନପୁର ଥାନା ୪୯ନଂ. ଜାତୀୟ ରାଜପଥ ବାଣ୍ଡିପାହାଡ ନିକଟରେ ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ କୁତାଲୋଇ ଗ୍ରାମର ସରୋଜ ଭୋଇ(୩୦)। ଲଖନପୁର ଥାନା ପୋଲିସ୍ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଥାନା କେସ୍ (ନଂ୧୫୬/୨୧)ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ଓଆର୍୨୩ଡି-୬୩୯୪ନଂ ବାଇକ୍ ଜବତ କରିଛି। ସରୋଜ କୁତାଲୋଇ ଗ୍ରାମରୁ ଲଖନପୁର ଅଭିମୁଖେ ଆସୁଥିବାବେଳେ ଭାରସାମ୍ୟ ହରାଇ ତାଙ୍କ ବାଇକ୍ ଏକ ସିମେଣ୍ଟ ଖୁଣ୍ଟରେ ପିଟିହୋଇଥିଲେ। ଲଖନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସଂକ୍ଷେପରେ

### ଏନ୍ଏସ୍ସିବି କଲେଜର ଦ୍ୱିତୀୟ ଆଇକ୍ୟୁଏସି ସଭା

**ସମ୍ବଲପୁର,୨୩।୮ (ବ୍ୟୁରୋ):** ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜର ଦ୍ୱିତୀୟ ଆଇକ୍ୟୁଏସି ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷ ଡ. ଶ୍ୟାମ ଭୋଇ ସଭାପତିତ୍ୱ କରିଥିଲେ। ନେହୁ କେନ୍ଦ୍ରୀୟ ବିଦ୍ୟାଳୟ ସିଲଂର ପ୍ରଫେସର କେ.ସି. ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଡ. ବିଶ୍ୱମୋହନ ଜେନା ସଭା ସଂଯୋଜନା କରିଥିଲେ। ଭର୍ଚୁଆଲ ଜରିଆରେ ସୁଜିତ ପ୍ରଧାନ, ଏସ୍ ପୁରୋହିତଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଭିସୁଟ୍ କୁଳପତିଙ୍କ ସହ ଭାଜପା କର୍ମୀଙ୍କ ଆଲୋଚନା

**ସମ୍ବଲପୁର,୨୩।୮ (ବ୍ୟୁରୋ):** ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବଂଶୀଧର ମାଝିଙ୍କ ସହ ଭାଜପା କର୍ମୀ ଓ ନେତାମାନେ ସୋମବାର ଆଲୋଚନା କରିଛନ୍ତି। ଭିସୁଟର ଉପଯୁକ୍ତ ଶୈକ୍ଷିକ ବାତାବରଣ ଓ ଆନୁଷଙ୍ଗିକ ବ୍ୟବସ୍ଥାର ଉନ୍ନତି ପାଇଁ ପୂର୍ବତନ ଭାଜପା ରାଜ୍ୟ ସମ୍ପାଦକ ଗୋବିନ୍ଦ ପ୍ରସାଦ ଅଗ୍ରୱାଲ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ସୁପକାର, ଚଣ୍ଡି ଦାଶ, ପ୍ୟାରି ପୂଜାରୀ ଓ ମୁକେଶ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଲୋକମୁକ୍ତି ସଂଗଠନର ଦାବିପତ୍ର

**କୁଚିଣ୍ଡା,୨୩।୮ (ଡି.ଏନ.ଏ.):** ଲୋକମୁକ୍ତି ସଂଗଠନ ବାମରା କ୍ଷେତ୍ର ପକ୍ଷରୁ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ସଂଶୋଧିତ ନିୟମାବଳୀ ୨୦୧୨କୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ନେଇ ଉପଜିଲାପାଳ ତଥା ଅଧକ୍ଷ ଉପଖଣ୍ଡସ୍ତରୀୟ ଜଙ୍ଗଲ ଅଧିକାର କମିଟି, କୁଚିଣ୍ଡା ଓ ପ୍ରକଳ୍ପ ପ୍ରଶାସକ ଆଦିବାସୀ ଉନ୍ନୟନ ସଂସ୍ଥା, କୁଚିଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ, କୁଚିଣ୍ଡା ଉପଖଣ୍ଡ ବାମରା ତହସିଲ ସନ୍ନିଧାନର ପଶ୍ଚିମ ଅନୁସୂଚୀ ଅନୁଯାୟୀ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବନବାସୀମାନେ ଜୀବିକା ପାଇଁ ଜଙ୍ଗଲ ଉପରେ ନିର୍ଭରଶୀଳ। ଜଙ୍ଗଲ ଅଧିକାର ଆଇନ ୨୦୦୬, ୨୦୦୮ ମସିହାରୁ କାର୍ଯ୍ୟକାରୀ ହେଉଥିଲେ ସୁଦ୍ଧା ହଜାର ହଜାର ଆଦିବାସୀ ଓ ବନବାସୀ ଏଥିରୁ ବଞ୍ଚିତ ଅଛନ୍ତି। ଏହାର ସମାଧାନ ପାଇଁ ଲୋକମୁକ୍ତି ସଂଗଠନ କର୍ମକର୍ତ୍ତା ଦୁଇ ବିଭାଗୀୟ ଅଧିକାରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ସଂଗଠନ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାର ନିଷ୍ପତ୍ତି ହୋଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନ ଉପଦେଷ୍ଟା ଅନନ୍ତ, ସଂଯୋଜକ ଜିନିତ ସାମାଦ, ଗ୍ରେଗୋରୀ ସାମାଦ, ଅଶୋକ ମାଝି, ବାମରା ବ୍ଲକ ସଭାପତି ପାତ୍ର ବାଘ, ଶିବକୁ ଲାକ୍ରା, ବିଜୁ ବାଘ, ବନ କୁମାର ସୋରେଙ୍ଗ, ବିରଞ୍ଚି ଖଡିଆ, ଫୁଲଦେଓ ସାମାଦ ଯୋଗଦାନ କରିଥିଲେ।

### ଛାତ୍ରୀଛାତ୍ରଙ୍କୁ ପାଠ୍ୟପୁସ୍ତକ ବଣ୍ଟନ

**ସମ୍ବଲପୁର,୨୩।୮ (ବ୍ୟୁରୋ):** ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଠାକୁରପଡା ଅଞ୍ଚଳର ୨୫ ଛାତ୍ରୀଛାତ୍ରଙ୍କୁ ନୟନ ଫାଉଣ୍ଡେଶନ ପକ୍ଷରୁ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଛି। ଭାଜପା ଯୁବମୋର୍ଚ୍ଚା ସମ୍ବଲପୁର ଜିଲା ସଂଯୋଜକ ନରେଶ କୁମାର ଗୁରୁ ଅତିଥି ଭାବେ ଯୋଗଦେଇଥିଲେ। ଅନୁଷ୍ଠାନ ସଭାନେତ୍ରୀ ସଂଗୀତା ବେହେରା, ଉପସଭାନେତ୍ରୀ ନେନା ବେହେରା, ସମ୍ପାଦିକା ଲକ୍ଷ୍ମୀ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନର୍ସିଂହୋମ୍‌ରେ ଚିକିତ୍ସା ବେଳେ ମହିଳା ମୃତ

- ରୋଗୀଙ୍କ ରକ୍ତବର୍ଗ ପରୀକ୍ଷାକୁ ନେଇ ପୃଥକ୍ ରିପୋର୍ଟ
- ପୋଲିସରେ ଅଭିଯୋଗ କଲେ ଭାଇ

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା ଜିଲାର ନର୍ସିଂହୋମ୍‌ରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ରୋଗୀଙ୍କ ମୃତ୍ୟୁ ଘଟୁଥିବା ଅଭିଯୋଗ ହୋଇଆସୁଛି। ଗତ ୫ତାରିଖରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାବେଳେ ୧୮ଦିନ ପରେ ସମାନ ଚିତ୍ର ସାମ୍ନାକୁ ଆସିଛି। ଜିଲାରେ ଜଣେ ରକ୍ତହୀନତା ମହିଳାଙ୍କ ରକ୍ତବର୍ଗ ପରୀକ୍ଷା ପୃଥକ୍ ରିପୋର୍ଟକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ସମ୍ପୃକ୍ତା ମହିଳାଙ୍କୁ ଏକ ନର୍ସିଂହୋମ୍‌ରେ ରକ୍ତ ଦେବାବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ମୃତା ମହିଳା ହେଲେ ଦେବାଡିହି ଗ୍ରାମର ରୋହିତ କୁମାର ପାଣ୍ଡେଙ୍କ ସ୍ତ୍ରୀ ରମଣୀ (୬୨)। ଭୁଲ ରକ୍ତ ଦେବା ଯୋଗୁ ମହିଳାଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କ ଭାଇ କୁରେବଗା ଗ୍ରାମର ତୁଳାରାମ ନାୟକ ରବିବାର ରାତିରେ ଝାରସୁଗୁଡ଼ା ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ଷ୍ଟେଶନ୍ ଡାଏରି କରି ତଦନ୍ତ ଚଳାଇଛି।

ଏ ନେଇ ଆଇଆଇସି ସୁଚିସ୍ମିତା ମହାନ୍ତି କହିଛନ୍ତି, ଘଟଣା ସମ୍ପର୍କରେ ସିଡିଏମ୍ଓଙ୍କୁ ଜଣାଇ ଦିଆଯାଇଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ତଦନ୍ତ ରିପୋର୍ଟ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ। ଏ ନେଇ ସମ୍ପୃକ୍ତ ମୋତିଲାଲ ଯାଦବ ମେମୋରିଆଲ୍ ସମଲେଶ୍ୱରୀ ନର୍ସିଂହୋମ୍‌ର ମ୍ୟାନେଜର ଆନନ୍ଦ ପ୍ରଧାନ କହିଛନ୍ତି, ମହିଳାଙ୍କ ହିମୋଗ୍ଲୋବିନ୍ କମିଯାଇ ୩ ପଏଣ୍ଟ ରହିଥିଲା। ତାଙ୍କର ରକ୍ତବର୍ଗ ପରୀକ୍ଷା ପରେ ଓ’ ନେଗେଟିଭ୍ ରିପୋର୍ଟ ଆସିଥିଲା। ଏହି ବର୍ଗର ରକ୍ତ ବ୍ଲଡ୍ ବ୍ୟାଙ୍କରୁ ଆସିବା ପରେ ତାଙ୍କୁ ଦିଆଯାଇଥିଲା । ଭୁଲ ରକ୍ତ ପାଇଁ ତାଙ୍କର ମୃତ୍ୟୁ ହୋଇନାହିଁ। ମାତ୍ରାଧିକ ରକ୍ତହୀନତା ପାଇଁ ମହିଳାଙ୍କ ମୃତ୍ୟୁ ହୋଇଛି ବୋଲି ସେ କହିଛନ୍ତି। ମୃତା ମହିଳାଙ୍କ ଭାଇଙ୍କ ଅଭିଯୋଗରୁ ଜଣାପଡିଛି ତାଙ୍କ ଭଉଣୀ ଗତ ଗୁରୁବାର ଅସୁସ୍ଥ ଅନୁଭବ କରିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ତାଙ୍କ ଅସୁସ୍ଥତାର କାରଣ ରକ୍ତହୀନତା ବୋଲି ଜଣାପଡିଥିଲା। ପରିବାର ତରଫରୁ ରକ୍ତବର୍ଗ ପରୀକ୍ଷା କରାଯିବାରୁ ରିପୋର୍ଟ ବି’ ନେଗେଟିଭ୍ ଆସିଥିଲା। ସେମାନେ ତାଙ୍କୁ ଚିକିତ୍ସା ପାଇଁ ସମଲେଶ୍ୱରୀ ନର୍ସିଂହୋମ୍‌ରେ ଗତ ଶୁକ୍ରବାର ଭର୍ତ୍ତି କରିଥିଲେ। ନର୍ସିଂହୋମ୍ ତରଫରୁ ପୁଣି ରକ୍ତବର୍ଗ ପରୀକ୍ଷା କରାଯିବା ପରେ ଓ’ ନେଗେଟିଭ୍ ରିପୋର୍ଟ ଆସିଥିଲା। ଏହି ରିପୋର୍ଟ ଆଧାରରେ ମହିଳାଙ୍କୁ ବ୍ଲଡ୍ ଦିଆଯାଇଥିଲା। ବ୍ଲଡ୍ ଦେବା ସମୟରେ ମହିଳା ଜଣଙ୍କ ଅଧିକ ଅସୁସ୍ଥ ହୋଇପଡିଥିଲେ। ବ୍ଲଡ୍ ଦେବା ବନ୍ଦ କରାଯିବାରୁ ମହିଳା ସୁସ୍ଥ ଅନୁଭବ କରିଥିଲେ। ପୁଣି ଦ୍ୱିତୀୟ ଥର ବ୍ଲଡ୍ ଦିଆଯିବା ପରେ ପୂର୍ବଭଳି ସେ ଅସୁସ୍ଥ ଅନୁଭବ କରି କିଛି ସମୟ ପରେ ମୃତ୍ୟୁବରଣ କରିଥିଲେ।

ଉଲ୍ଲେଖଯୋଗ୍ୟ ଗତ ୫ତାରିଖରେ ସ୍ୱାସ୍ଥ୍ୟକର୍ମୀ ଭରତ ଚନ୍ଦ୍ର ସାହୁ(୩୯) ସଡକ ଦୁର୍ଘଟଣାରେ ଆହତ ହୋଇ ସଞ୍ଜୀବନୀ ନର୍ସିଂହୋମ୍‌ରେ ଗୋଡ ଅସ୍ତ୍ରୋପଚାର ପାଇଁ ଭର୍ତ୍ତି ହୋଇଥିଲେ। ଡାକ୍ତର ତାଙ୍କୁ ନିଶା ଇଞ୍ଜେକ୍ସନ ଦେବା ପରେ ସେ ଅସୁସ୍ଥ ହୋଇପଡିଥିଲେ। ତାଙ୍କୁ ସେଠାରୁ ବୁର୍ଲା ମେଡିକାଲ୍‌କୁ ପଠାଇ ଦିଆଯାଇଥିଲା। ଡାକ୍ତର ସେଠାରେ ରିସିଭ୍ ଡେଥ୍ ଘୋଷଣା କରିଥିଲେ। ମୃତକଙ୍କ ବଡଭାଇ ବିଳାସ ମାତ୍ରାଧିକ ନିଶା ଇଞ୍ଜେକ୍ସନ ଦେବା ଫଳରେ ତାଙ୍କ ଭାଇଙ୍କ ମୃତ୍ୟୁ ହୋଇଛି ବୋଲି ଅଭିଯୋଗ କରିଥିଲେ। ୧୮ଦିନ ବିତିଯାଇଥିଲେ ମଧ୍ୟ ମୃତ ସ୍ୱାସ୍ଥ୍ୟକର୍ମୀଙ୍କ ପରିବାରକୁ ନ୍ୟାୟ ମିଳିନାହିଁ ।

## ଛୁରାମାଡ଼ରେ ପରିବାରର ୪ ଆହତ

**ବ୍ରଜରାଜନଗର,୨୩।୮ (ଡି.ଏନ.ଏ.)**


ଦୁଇ ଆହତ ବ୍ୟକ୍ତି

ଓରିଏଣ୍ଟ ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ବସ୍ତିରେ ସୋମବାର ଗୋଟିଏ ପରିବାରର ୪ଜଣଙ୍କୁ ଛୁରା ମାଡ଼ ହୋଇଛି। ସମସ୍ତେ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ଅଭିଯୋଗ ପରେ ଓରିଏଣ୍ଟ ଥାନା ଓ ବ୍ରଜରାଜନଗର ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁଯାୟୀ ଉକ୍ତ ସାହିରେ ରାଜେନ୍ଦ୍ର ସାଏ ଓ ସୁଜିତ ସାଏ ପଡୋଶୀ ଭାବେ ରହନ୍ତି। ପାରିବାରିକ ସମ୍ପର୍କ ଥିବାରୁ ମାନସିକ ଅନଗ୍ରସର ସୁଜିତଙ୍କ ସାନଭାଇ ଅଧିକାଂଶ ସମୟ ରାଜେନ୍ଦ୍ରଙ୍କ ଘରକୁ ଯାଇ କୌଣସି ଜିନିଷ ମାଗିଥାନ୍ତି। ବାରମ୍ବାର ଏଭଳି ଘଟଣା ନେଇ ରାଜେନ୍ଦ୍ରଙ୍କ ପରିବାର ଅତିଷ୍ଠ ତାଙ୍କୁ ଆସିବା ପାଇଁ ବାରଣ କରିଥିଲେ। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ସୁଜିତ ଅନ୍ୟ କେତେଜଣ ଯୁବକଙ୍କ ସହ ସୋମବାର ତାଙ୍କ ଘରକୁ ଯାଇଥିଲେ। ରାଜେନ୍ଦ୍ର ଓ ସୁଜିତଙ୍କ ମଧ୍ୟରେ ବଚସା ହେବାରୁ ରାଜେନ୍ଦ୍ରଙ୍କ ବୋହୂ ମୁନି ଦେବୀ, ପୁଅ ରାଜା (୨୦) ଓ ସମ୍ପର୍କୀୟ ମାମୁ ବ୍ରଜମୋହନ ଗୁପ୍ତା (୪୨) ଆସି ସୁଜିତଙ୍କୁ ଅଟକାଇଥିଲେ। ସୁଜିତ ସମସ୍ତଙ୍କୁ ଛୁରାମାଡ କରି ଫେରାର ହୋଇଯାଇଥିଲେ। ସମସ୍ତ ଆହତଙ୍କୁ ମଣ୍ଡଲିଆ ସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଏ ନେଇ ପୋଲିସ ୧୧୭/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ବୃକ୍ଷରୋପଣ ପ୍ରହସନ: ଯତ୍ନ ଅଭାବରୁ ନଷ୍ଟ ହେଉଛି

**ସମ୍ବଲପୁର,୨୩।୮ (ବ୍ୟୁରୋ)**

ବର୍ଷା ଆରମ୍ଭ ହେବା ପରେ ବିଭିନ୍ନ ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କମ୍ପାନୀ, ପ୍ରଶାସନ ତଥା ବନ ବିଭାଗ ପକ୍ଷରୁ ଚାରା ରୋପଣ କରାଯାଇଥାଏ। କମ୍ପାନୀଗୁଡିକ ସିଏସ୍ଆର ଅନୁଦାନ ଖର୍ଚ୍ଚ କରୁଥିବାବେଳେ ବନ ବିଭାଗକୁ ଏଥିପାଇଁ ସ୍ୱତନ୍ତ୍ର ଅନୁଦାନ ଆସିଥାଏ। ଏଥିରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କଠାରୁ ଆରମ୍ଭ କରି ରାଜନୈତିକ ବ୍ୟକ୍ତିବିଶେଷ, ସମାଜର ପ୍ରତିଷ୍ଠିତ ବ୍ୟକ୍ତି ଯୋଗଦିଅନ୍ତି। ଏପରି କି ଫଟୋ ଉତ୍ତୋଳନ କରି ସାମାଜିକ ଗଣମାଧ୍ୟମରେ ପ୍ରଚାରପ୍ରସାର କରନ୍ତି। ହେଲେ ଚାରା ରୋପଣ ପରେ ଯତ୍ନ ନେବାରେ ଅବହେଳା କରନ୍ତି। ତେଣୁ ଲଗାଯାଇଥିବା ଗଛ ନଷ୍ଟ ହୋଇଯାଉଛି। ସୁରକ୍ଷା ବାଡ ନ ଦେବାରୁ କେଉଁଠି ଗୋରୁ ଖାଉଥିବା ମଧ୍ୟ ଦେଖାଯାଏ। ବିଗତ ବର୍ଷର ଚାରା ଦେଖାଯାଉ ନ ଥିବାବେଳେ ସେହି ସ୍ଥାନରେ ପୁଣି ବୃକ୍ଷ ରୋପଣ କରାଯାଉଛି। ଏସବୁ ଦେଖିଲେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପ୍ରହସନ ପାଲଟିଛି ବୋଲି ସାଧାରଣରେ ମତପ୍ରକାଶ ପାଉଛି।



ସୁରକ୍ଷା ବାଡ ନ ଥିବାରୁ ରାସ୍ତାପାର୍ଶ୍ୱରେ ଏକ ଗଛକୁ ଗାଈ ଖାଉଛନ୍ତି।

ବନ ବିଭାଗର ଜଣେ ଅଧିକାରୀ କହିଛନ୍ତି, ଗଛ ଲଗାଇବା ସମୟରେ ଅତି କମ୍‌ରେ ୨ ମିଟର ବ୍ୟବଧାନ ରହିବା ଉଚିତ। ବଡ ଗଛ ପାଇଁ ୨ ଫୁଟ୍ ଗଭୀର ଓ ୨ ଫୁଟ୍ ଚଉଡା, ଫୁଲ ଜାତୀୟ ଗଛ ପାଇଁ ୨ ଫୁଟ୍ ଗଭୀର ଓ ଦେଢ ଫୁଟ୍ ଚଉଡା ଗାତ ଖୋଳିବା ଆବଶ୍ୟକ। ଲଗାଇବା ପୂର୍ବରୁ ଗାତରେ ଖତ କିମ୍ବା ୫୦ ଗ୍ରାମ ସାର ଓ ପୋକ ଦମନ ପାଇଁ ୫ ଗ୍ରାମ ଗାମାକ୍ସିନ ଦେବା କଥା। ଚାରା ରୋପଣ ପରେ ଖୋଳାଯାଇଥିବା ମାଟିକୁ ଭଲଭାବେ ପୋତିବା ଆବଶ୍ୟକ। ନଚେତ ଗଛ ମୂଳେ ପାଣି ଜମି ମରିଯିବା ସମ୍ଭାବନା ରହିଥାଏ। ଅତିକମରେ ଚାରାକୁ ୩ବର୍ଷ ପାଇଁ ଯତ୍ନ ନେବାକୁ ପଡିଥାଏ। ଏହି ପ୍ରଣାଳୀ ଅନୁସରଣ କରାଯାଉ ନ ଥିବାରୁ ଅଧିକାଂଶ ଗଛ ମରିଯାଇଥାଏ ବୋଲି ସେ କହିଥିଲେ।

## ଶିକ୍ଷା, ଶିକ୍ଷକ ମଙ୍ଗଳ କମିଟିର ବୈଠକ

**ଅମରପାଲି,୨୩।୮ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପର ଦୁର୍ଗା ମନ୍ଦିର ପରିସରରେ ଶିକ୍ଷା ଓ ଶିକ୍ଷକ ମଙ୍ଗଳ କମିଟିର ତ୍ରୟୋମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ତଥା ପୂର୍ବତନ ଜିଲା ଶିକ୍ଷାଧୀଶ ବାଳଗୋପାଳ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ଶିକ୍ଷା ଜିଲା ଅନ୍ତର୍ଗତ ଦିବଙ୍ଗତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପୂର୍ବତନ ଶିକ୍ଷକମାନଙ୍କର ପେନସନ ପାଇବା ସକାଶେ ବିଶେଷ ହଇରାଣ ହରକତ ହେଉଥିବାରୁ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିପାଇଁ ଜିଲା ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବା ପାଇଁ ସଭାରେ ସ୍ଥିର ହୋଇଥିଲା। ଏତଦ୍‌ବ୍ୟତୀତ ଉଲୁଣ୍ଡା ବିଇଓଙ୍କ କାର୍ଯ୍ୟାଳୟରେ ଅବସରପ୍ରାପ୍ତ ଶିକ୍ଷକମାନଙ୍କର ଏସଇପି ପୁନଃନିର୍ଦ୍ଧାରଣ ବ୍ୟବସ୍ଥା କାର୍ଯ୍ୟକାରୀ ହେବାରେ ବିଳମ୍ବ ଘଟୁଥିବାରୁ ସଭାରେ କ୍ଷୋଭ ପ୍ରକାଶ ପାଇଥିଲା।

## କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧନା


ଜଣେ କୋଭିଡ୍ ଯୋଦ୍ଧାଙ୍କୁ ମୁଖ୍ୟଅତିଥି ମାନପତ୍ର ପ୍ରଦାନ କରୁଛନ୍ତି।

**ଝାରସୁଗୁଡ଼ା ଅଫିସ,୨୩।୮**

ଝାରସୁଗୁଡ଼ା ପୁରୁଣାବସ୍ତିରେ ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ନବ ଯୁବକ ସଂଘର ମିଳିତ ଉଦ୍ୟମରେ ସୋମବାର କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ବିକାଶ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିର ଉଦ୍‌ଘାଟନ କରିଥିଲେ। ଝାରସୁଗୁଡା ପୌର ନିର୍ବାହୀ ଅଧିକାରୀ ଯୋଗେନ୍ଦ୍ର ମାଝି ଓ ଝାରସୁଗୁଡା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଚିକିତ୍ସାଧିକାରୀ ଡା. ସୁପ୍ରଭା ବାରିକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବକସଂଘ ସଭାପତି ଅଶୋକ କୁମାର ମହାପାତ୍ର ଅତିଥିଙ୍କ ପରିଚୟ ଦେଇଥିବାବେଳେ ପୂର୍ବତନ ନଗରପାଳ ହରିଶ ଗଣତ୍ରା ମଞ୍ଚ ପରିଚାଳନା କରିଥିଲେ। ଏହି ମଞ୍ଚରେ ଜଣେ ଡାକ୍ତର, ୨ ଏଏନ୍ଏମ୍,୧୩ ଅଙ୍ଗନୱାଡି କର୍ମୀ, ୧୨ ଆଶାକର୍ମୀ ଓ ୨ ସ୍ୱେଚ୍ଛାସେବୀଙ୍କୁ କୋଭିଡ୍ ଯୋଦ୍ଧା ଭାବେ ଆୟୋଜକଙ୍କ ତରଫରୁ ମାନପତ୍ର ସହ ଉପଢୌକନ ପ୍ରଦାନ କରାଯାଇଥିଲା । ଏହି ଶିବିରରେ ସମୁଦାୟ ୨୧୭ଜଣଙ୍କୁ କୋଭିଡ୍ ଟିକା ଦିଆଯାଇଥିଲା। ଆୟୋଜକଙ୍କ ତରଫରୁ ମନରଞ୍ଜନ ମହାପାତ୍ର, ନରେଶ ଶତପଥୀ, ପ୍ରବୋଧ ପଣ୍ଡା, ଲିଙ୍ଗରାଜ ମହାପାତ୍ର, ସୌରଭ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ ।

## ହୀରାକୁଦରେ ବିଦେଶୀ ମଦଦୋକାନକୁ ବିରୋଧ

### ଅଧୀକ୍ଷକଙ୍କୁ ଦାବିପତ୍ର

**ସମ୍ବଲପୁର,୨୩।୮ (ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ହୀରାକୁଦଠାରେ ଏକ ନୂତନ ବିଦେଶୀ ମଦ ଦୋକାନ ଖୋଲାଯିବାକୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ସୋମବାର ସେମାନେ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି। ସେମାନେ ଦର୍ଶାଇଛନ୍ତି, ମଦ ଦୋକାନ ଖୋଲିବା ପାଇଁ ଚଳିତବର୍ଷ ନୂତନ ଭାବେ ଲାଇସେନ୍ସ ପ୍ରଦାନ କରାଯାଇଛି। ଦୋକାନ ଖୋଲିଲେ ଝାଙ୍କରପଡା, ଶକ୍ତିନଗର ସମେତ ଆଖପାଖ ଅଞ୍ଚଳବାସୀଙ୍କୁ ସମସ୍ୟା ହେବ।


ସମ୍ବଲପୁର ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ହୀରାକୁଦବାସୀ।

ନିକଟରେ ଦୁର୍ଗା ମନ୍ଦିର, ଏକ ଘରୋଇ ଆଇଟିଆଇ କଲେଜ, ହୀରାକୁଦ ଡିଗ୍ରୀ କଲେଜ ରହିଛି। ହିଣ୍ଡାଲ୍‌କୋ କମ୍ପାନୀକୁ ପ୍ରତିଦିନ ଶତାଧିକ ଟ୍ରକ୍ ଯିବାଆସିବା କରୁଛନ୍ତି। ଏହି ସ୍ଥାନରେ ମଦ ଦୋକାନ ଖୋଲିଲେ ଗାଡିଗୁଡିକ ଅଟକି ରହିବ। ମଦ ଦୋକାନ ସମ୍ମୁଖରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବ। ତେଣୁ ମଦ ଦୋକାନ ନ ଖୋଲିବାକୁ ସେମାନେ ଦାବି କରିଥିଲେ। ଅନୀଳ କୁମାର ସାହୁ, ଉମା ଶଙ୍କର ଗୌଡ, ମାନସ ମହାନ୍ତି, ପି.କେ. ସିଂ, ସରୋଜ କୁମାର ନାଏକ, ଅଶୋକ ଅଗ୍ରୱାଲ ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।

## ସମସ୍ୟା ସମାଧାନ ପାଇଁ ବିକାଶ ଅଭିଯାନର ଦାବି

### କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟ

**କୁଚିଣ୍ଡା,୨୩।୮ (ଡି.ଏନ.ଏ.)**

କୁଚିଣ୍ଡା ଉପଖଣ୍ଡ ଚିକିତ୍ସାଳୟରେ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସୋମବାର କୁଚିଣ୍ଡା ବିକାଶ ଅଭିଯାନର କର୍ମକର୍ତ୍ତା ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରମୁଖ ଦାବି ମଧ୍ୟରେ ନିରାମୟ ଔଷଧ ଦୋକାନ, ରକ୍ତଭଣ୍ଡାର, ମଳମୂତ୍ର ପରୀକ୍ଷାଗାର ୨୪ଘଣ୍ଟା ଖୋଲା ରଖିବା, ନିରାମୟରେ ଆବଶ୍ୟକ ଔଷଧ ମହଜୁଦ ରଖିବା, ଇସିଜି ଟେଷ୍ଟ ୨୪ ଘଣ୍ଟା କରିବା, ଆବଶ୍ୟକ ସର୍ଜରୀ ଡାକ୍ତର, ଫାର୍ମାସିଷ୍ଟ, ଲାବୋରେଟୋରି ଟେକ୍‌ନିସିଆନ, ଇସିଜି, ଅଲଟ୍ରାସାଉଣ୍ଡ ଅପରେଟର ଯୋଗାଇଦେବା ଅନ୍ୟତମ। ଏହାର ସମାଧାନ ନ ହେଲେ ଆନ୍ଦୋଳନ ପନ୍ଥା ଅବଲମ୍ବନ କରିବେ ବୋଲି ଡାକ୍ତରଖାନା ସୁପରିଣ୍ଟେଣ୍ଡେଣ୍ଟ ସୁବୋଧ କୁମାର ନାୟକ ଓ ମ୍ୟାନେଜର ଶିବନୀ ପାଣିଗ୍ରାହୀଙ୍କ ସହ ଆଲୋଚନା କରିଥିଲେ। ବିକାଶ ଅଭିଯାନ ଆବାହକ ଗଜେନ୍ଦ୍ର ଭୋଇ, ବରିଷ୍ଠ ଓକିଲ ପ୍ରମୋଦ ଛୁରିଆ, ଖବରଦାତା ଗଗନ ଶର୍ମା, ବ୍ୟବସାୟୀ ସଂଗଠନ ସଭାପତି ଗଣେଶ ଅଗ୍ରୱାଲ, ଆଇନଜୀବୀ ସରିତା ଶର୍ମା, ଶିକ୍ଷାବିତ୍ ଗଗନ ପଣ୍ଡା, ସାମାଜିକ କର୍ମୀ ଜଗଦୀଶ ଖଣ୍ଡେଲୱାଲ, ଖବରଦାତା ସଞ୍ଜୟ ମିଶ୍ର, ତପନ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ସୁରକ୍ଷାକୁ ଗୁରୁତ୍ୱ ଦିଆଯିବ

### ରାଉରକେଲା ଇସ୍ପାତ କାରଖାନା

**ସମ୍ବଲପୁର,୨୩।୮ (ବ୍ୟୁରୋ)**

ସେଲ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ସଡକ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। କାରଖାନା ମଧ୍ୟରେ ସଡକ ସୁରକ୍ଷା ନିୟମ ଉଲ୍ଲଂଘନକାରୀଙ୍କୁ ସତର୍କ କରିବା ନେଇ ଇଞ୍ଜିନିୟରିଂ ବିଭାଗ ସଚେତନତା ଅଭିଯାନ ଜାରି ରଖିଛି। ଗାଡି ଚଳାଚଳ କରୁଥିବା ସମୟରେ ଚାଳକମାନଙ୍କୁ ସଜାଗ କରିବାକୁ ଯାଞ୍ଚ ମଧ୍ୟ କରାଯାଉଛି। କାରଖାନା କର୍ମଚାରୀ ଓ ଅଧିକାରୀମାନେ ପ୍ଲାକାର୍ଡ ଓ ବ୍ୟାନର ମାଧ୍ୟମରେ ସଡକ ସୁରକ୍ଷାର ବାର୍ତ୍ତା ପ୍ରସାର କରୁଛନ୍ତି। ଗତ ୨୦ ତାରିଖରେ ଡିଜାଇନ ବିଭାଗ ନିକଟ ପ୍ଲେଟ ମିଲ ବିଭାଗ ପକ୍ଷରୁ ସୁରକ୍ଷା ଅଭିଯାନ ହୋଇଥିଲା। ବିଭାଗର ଜିଏମ୍ ଇନ୍‌ଚାର୍ଜ ଦେବାଶିଷ ସରକାର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏଥିରେ ପ୍ଲେଟ ମିଲ ବିଭାଗ ସୁରକ୍ଷା ଅଧିକାରୀ, କର୍ମଚାରୀ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଓ କାର୍ମୀକ ବିଭାଗର ପ୍ରତିନିଧିମାନେ ସାମିଲ ଥିଲେ। ପ୍ଲେଟ ମିଲ ବିଭାଗ ଡିଜିଏମ୍ ତଥା ଡିଏସ୍‌ପି ଜେ.ପି. ମଲ୍ଲିକ ପରିଚାଳନା କରିଥିଲେ। ଅଗଷ୍ଟ ୧୭ ତାରିଖ ମଧ୍ୟ ମୁଖ୍ୟ ଫାଟକ ଫ୍ଲାଏଓଭର ଓ ଡିଜାଇନ ବିଲ୍ଡିଂ ମଧ୍ୟରେ ହୋଇଥିବା ସଡକ ସୁ ରକ୍ଷା ଅଭିଯାନର ଗୁଣବତ୍ତା ସିଜିଏମ ଆତିଶ ଚନ୍ଦ୍ର ସରକାର ନେତୃତ୍ୱ ନେଇଥିଲେ। ଆରଆଣ୍ଡସି ଲାବରେଟୋରି ବିଭାଗୀୟ ସୁରକ୍ଷା ଅଧିକାରୀଙ୍କ ସମେତ ୩୫ ଜଣ କର୍ମଚାରୀ, ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଓ କର୍ମଚାରୀ ଭାଗ ନେଇଥିଲେ। ଆର୍ଆଣ୍ଡସି ଲାବରେଟୋରି ଜିଏମ୍ ତଥା ଡିଏସ୍‌ପି ପି. ସତ୍ୟନାରାୟଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସେଲ୍ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ଆୟୋଜିତ ସଡକ ସୁରକ୍ଷା ଅଭିଯାନ ।

## କେନାଲ ମରାମତି କଲେ ଚାଷୀ

### ଜରୁରୀ କାମ କରିବା ଆମର କର୍ତ୍ତବ୍ୟ: ନିର୍ବାହୀଯନ୍ତ୍ରୀ

**ସମ୍ବଲପୁର,୨୩।୮ (ବ୍ୟୁରୋ)**

ସମ୍ବଲପୁର ଶାସନ କେନାଲ ହୁମା ଟେଲ ଡିଷ୍ଟ୍ରିବ୍ୟୁଟାରି (ଶାଖା କେନାଲ) ମରାମତି କରି ଭୋଇପାଲି ଗ୍ରାମର ଚାଷୀମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଭାଙ୍ଗିଯାଇଥିବା କେନାଲ କାନ୍ଥ ମରାମତି ପାଇଁ ସେମାନେ ନିଜ ଖର୍ଚ୍ଚରେ ବାଲି, ସିମେଣ୍ଟ, ଗେଟ ସଂଗ୍ରହ କରିବା ସହ ଓ ଶ୍ରମ ଦାନ କରି କାର୍ଯ୍ୟ ଶେଷ କରିଛନ୍ତି।

ଚାଷୀ ସୁଧିର ପାଣିଗ୍ରାହୀ କହିଛନ୍ତି, ପ୍ରାୟ ଏକସପ୍ତାହ ହେବ କେନାଲ କାନ୍ଥ ଭାଙ୍ଗି ଯାଇଥିଲା। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ହେଲେ ସେମାନେ ମରାମତି କଲେ ନାହିଁ। ଦିନକୁ ଦିନ ଚାଷ ନଷ୍ଟ ହେବାକୁ ଲାଗିଥିଲା। କିଛି ରୁଆ ଧାନ ପାଣି ଅଭାବରୁ ନଷ୍ଟ ହେବାକୁ ବସିଥିବାବେଳେ ରୁଆ କାର୍ଯ୍ୟ ହୋଇ ପାରୁନାହିଁ। ତେଣୁ ଆମେ ମରାମତି କରିବାକୁ ଚିନ୍ତା କରିଥିଲୁ। ଗ୍ରାମରେ ବୈଠକ କରାଯାଇଥିଲା। ସାମର୍ଥ୍ୟ ଅନୁସାରେ ଚାଷୀ ଦେଇଛନ୍ତି। ଆହୁରି ଅନେକ ସ୍ଥାନରେ ଏଭଳି ବିପଦସଙ୍କୁଳ ଭାବେ କେନାଲ ରହିଥିବାରୁ ତାହା ମରାମତି କରିବାର ଆବଶ୍ୟକ ରହିଛି। ସୂଚନାଯୋଗ୍ୟ, ସମ୍ବଲପୁର ମହାନଗର ନିଗମ ଅଧୀନ ୪୦ନଂ. ୱାର୍ଡରେ ଭୋଇପାଲି ଗ୍ରାମ ରହିଛି। ହୀରାକୁଦ ଜଳଭଣ୍ଡାରରୁ କେନାଲରେ ପାଣି ଯାଇ ରବି ଓ ଖରିଫ ଚାଷ ହୋଇଥାଏ। ଏବେ ବର୍ଷା ଅଭାବରୁ ଚାଷୀମାନେ କେନାଲ ପାଣି ଉପରେ ନିର୍ଭର କରୁଛନ୍ତି। ବୁରୋମାଲ-ଭୋଇପାଲି କେନାଲ ଭୋଇପାଲି ଗ୍ରାମ ନୂଆପଡା ନିକଟରେ କଂକ୍ରିଟ କାନ୍ଥ ଭାଙ୍ଗିଯାଇଛି। ୨ ମିଟର କେନାଲ ଭାଙ୍ଗି ଯାଇଥିବାବେଳେ ଅନେକ ସ୍ଥାନରେ କଂକ୍ରିଟ ଫାଟି ପାଣି ନଷ୍ଟ ହେଉଛି। ପାଣି ପ୍ରବାହ ନ ହେବାରୁ ତଳି ଅଞ୍ଚଳର ପ୍ରାୟ ୫୦ରୁ ୬୦ ଏକର ଜମି ଚାଷ ପ୍ରଭାବିତ ହୋଇଛି। ଏ ସମ୍ପର୍କରେ ନିର୍ବାହୀଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି, ଚାଷୀମାନେ କେନାଲ ମରାମତି କରିଥିବାରୁ ସାଧୁବାଦ ଜଣାଉଛି। ହେଲେ ଏହା ଆମ ବିଭାଗର କାମ। ମୋ ପାଖକୁ ସୂଚନା ଆସିଥିଲେ ସଙ୍ଗେ ସଙ୍ଗେ ମରାମତି କରାଯାଇଥାନ୍ତା। ଏଭଳି ଜରୁରୀ କାମ ପାଇଁ ଆମେ ଗୁରୁତ୍ୱ ଦେଇଥାଉ। କେଉଁ କାରଣରୁ ସ୍ଥାନୀୟ ଜେଇ ଓ ପାଣି ପଞ୍ଚାୟତ ପକ୍ଷରୁ ମରାମତି କରାଗଲା ନାହିଁ ତାହାର ତଦନ୍ତ କରିବେ ବୋଲି କହିଥିଲେ।


କେନାଲ କାନ୍ଥ ମରାମତି କରୁଛନ୍ତି ଚାଷୀମାନେ।